

ଓଟିଟିରୁ ପରଦାକୁ ଫେରିବେ କ୍ୟାଟ୍ରିନା

▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-345 ♦SATURDAY ♦13 JUNE 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୪୫ ♦ଶନିବାର ♦୧୩ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


ଆସିବ ନାହିଁ ବାର୍ଦ୍ଧକ୍ୟ

## ଔଷଧର ପ୍ରଥମ ମାନବ ପରୀକ୍ଷଣ ଆରମ୍ଭ

■ ବୋଷ୍ଟନ, ୧୨।୬ (ଏଜେନ୍ସି): ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ଐତିହାସିକ ସଫଳତା ସ୍ୱରୂପ ବାର୍ଦ୍ଧକ୍ୟ ଅବସ୍ଥାକୁ ଓଲଟାଇ ଦେଉଥିବା (ରିଭର୍ସ-ଏଜିଂ) ଏକ ପରୀକ୍ଷାମୂଳକ ଔଷଧର ପ୍ରଥମ ମାନବ ପରୀକ୍ଷଣ ଆରମ୍ଭ ହୋଇଛି। ଆମେରିକାର ବୋଷ୍ଟନ ସ୍ଥିତ ବାୟୋଟେକ୍ ଷ୍ଟାର୍ଟଅପ୍ 'ଲାଇଫ୍ ବାୟୋସାଇନ୍ସେସ୍' ପକ୍ଷରୁ ଗ୍ଲୁକୋମା ରୋଗରେ ପୀଡ଼ିତ ଜଣେ ବ୍ୟକ୍ତିଙ୍କ ଆଖିର କଳାଡୋଳାରେ ଏହି ସେଲୁଲାର୍ ରିପ୍ରୋଗ୍ରାମିଂ ଇଞ୍ଜେକ୍ସନ ପ୍ରୟୋଗ କରାଯାଇଛି। ବାର୍ଦ୍ଧକ୍ୟ ଯୋଗୁଁ ଦୁର୍ବଳ ହୋଇପଡ଼ିଥିବା



ସକ୍ରିୟ ହେବ ଦୁର୍ବଳ ଓ ମୃତ ଜୀବକୋଷ

କୋଷଗୁଡ଼ିକୁ ପୁନର୍ଜୀବିତ ଏବଂ ସକ୍ରିୟ କରିବା ଏହି ପରୀକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ। ବୈଜ୍ଞାନିକମାନେ ଆସନ୍ତା ୬ ମାସ ପର୍ଯ୍ୟନ୍ତ ଏହାର ପ୍ରଭାବ ଏବଂ ପାର୍ଶ୍ୱ ପ୍ରତିକ୍ରିୟା ଉପରେ ନଜର ରଖିବେ। ଏହି ଚିକିତ୍ସା ପଦ୍ଧତିରେ ପ୍ରଥମେ ରୋଗୀଙ୍କ ଆଖିରେ ଏକ ସିଙ୍ଗଲ୍ ଜିନ୍ ଥେରାପି ଇଞ୍ଜେକ୍ସନ ଦିଆଯାଇଛି। ଏହାପରେ କିଛି ସପ୍ତାହ ପାଇଁ ଏକ ସ୍ୱତନ୍ତ୍ର ଆଣ୍ଟିବାୟୋଟିକ୍ ଔଷଧ ଦିଆଯିବ, ଯାହା ଶରୀର ଭିତରେ ଥିବା ତିନୋଟି ଚିକିତ୍ସା ଜିନ୍‌କୁ ସକ୍ରିୟ କରି କୋଷଗୁଡ଼ିକୁ ପୁନର୍ଜୀବିତ କରିବାରେ ସାହାଯ୍ୟ କରିବ। ▶ପୃଷ୍ଠା-୭

ସରକାରୀ କୋଠାରେ ଭୟଙ୍କର ଅଗ୍ନିକାଣ୍ଡ

## ଜଳିଗଲା ୪,୦୦୦ ଇଭିଏମ୍; ଷଡ଼ଯନ୍ତ୍ର ଆଶଙ୍କା

■ କୋଲକାତା, ୧୨।୬ (ଏଜେନ୍ସି): ପଶ୍ଚିମବଙ୍ଗର କୋଲକାତାସ୍ଥିତ ଆଲିପୁର ଅଞ୍ଚଳରେ ଥିବା ଏକ ୯ ମହଲା ସରକାରୀ ଅଟ୍ଟାଳିକାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୪,୦୦୦ ଇଭିଏମ୍ ସମ୍ପୂର୍ଣ୍ଣ ଭାବେ ପୋଡ଼ି ନଷ୍ଟ ହୋଇଯାଇଛି। ରାଜ୍ୟ ଅଗ୍ନିଶମ ଓ ଜରୁରୀକାଳୀନ ସେବା ମନ୍ତ୍ରୀ କୌଶିକ ଚୌଧୁରୀ ଏହି ଘଟଣା ପଛରେ ଷଡ଼ଯନ୍ତ୍ରର ଆଶଙ୍କା ପ୍ରକଟ କରିଥିବାବେଳେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦକ୍ଷିଣ କୋଲକାତାର ଆଲିପୁରସ୍ଥିତ ଏହି ଅଟ୍ଟାଳିକାରେ ଦକ୍ଷିଣ ୨୪ ପ୍ରଗଣା



ମାମଲା ରୁଜୁ କରି ପୁଲିସର ତଦନ୍ତ ଆରମ୍ଭ

ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ସରକାରୀ ବିଭାଗ ରହିଥିଲା। ମନ୍ତ୍ରୀ ଶ୍ରୀ ଚୌଧୁରୀଙ୍କ ଅନୁଯାୟୀ, ନଷ୍ଟ ହୋଇଥିବା ଇଭିଏମ୍ ଗୁଡ଼ିକ ଗତ ବିଧାନସଭା ନିର୍ବାଚନରେ ୧୦ଟି ନିର୍ବାଚନ ମଣ୍ଡଳୀରେ ବ୍ୟବହୃତ ହୋଇଥିଲା। ତେବେ ଗତକାଲି ଏଗୁଡ଼ିକରେ କୌଣସି ଅଜଣା କାରଣରୁ ନିଆଁ ଲାଗିଥିଲା। ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବାହିନୀକୁ ପ୍ରାୟ ୨୪ ଘଣ୍ଟା ସମୟ ଲାଗିଥିଲା। ନିଆଁ ପ୍ରଥମେ ଦ୍ୱିତୀୟ ଓ ତୃତୀୟ ମହଲାରେ ଦେଖାଯାଇଥିଲା, କିନ୍ତୁ ଚତୁର୍ଥ, ପଞ୍ଚମ ଓ ▶ପୃଷ୍ଠା-୭

ସଞ୍ଜୟ ଓ ଗେହଲଟ୍‌ଙ୍କ ଟିପ୍ପଣୀ ପରେ ଚର୍ଚ୍ଚା ଘନୀଭୂତ

# ଗଠନ ହେବ ଅଖଣ୍ଡ କଂଗ୍ରେସ !

■ ନୂଆଦିଲ୍ଲୀ, ୧୨।୬ (ଏଜେନ୍ସି): ବିଭିନ୍ନ ସମୟରେ ମୂଳ କଂଗ୍ରେସରୁ ଭିନ୍ନ ହୋଇ ଅନେକ ଦଳ ଗଠନ ହୋଇଛି। କିଛି ଦଳ ଜାତୀୟସ୍ତରରେ ନିଜର ଆଧିପତ୍ୟ ଜାରି ରଖିଛନ୍ତି ଓ କିଛି ଆଞ୍ଚଳିକସ୍ତରରେ ଅଟକି ଯାଇଛି। ପଶ୍ଚିମବଙ୍ଗ ବିଧାନସଭାରେ ମମତା ବାନାର୍ଜୀଙ୍କ ତୃଣମୂଳର ବିପର୍ଯ୍ୟୟ ପରେ

**ମମତା ଓ ଶରଦଙ୍କ ଉପରେ ସାରା ଦେଶର ନଜର**

କଂଗ୍ରେସରେ ମମତାଙ୍କ ଦଳ ବିଲୀନ ହେବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଶରଦ ପାୱାରଙ୍କ ଏନ୍‌ସିପି ମଧ୍ୟ ପୁନର୍ବାର ମୂଳ କଂଗ୍ରେସରେ ବିଲୀନ ହେବ ବୋଲି ଆଲୋଚନା ଚାଲିଛି। ଯଦିଓ ବିଭିନ୍ନ ପ୍ରସଙ୍ଗ, ରାଜନୈତିକ ପଟିଆରା, ନେତୃତ୍ୱ ଦ୍ୱନ୍ଦ୍ୱ ଏ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି; ତଥାପି ଶିବସେନା (ଉଦ୍ଧବ) ନେତା



ସଞ୍ଜୟ ରାଉତ ଓ ବରିଷ୍ଠ କଂଗ୍ରେସ ନେତା ଅଶୋକ ଗେହଲଟ୍‌ଙ୍କ ଟିପ୍ପଣୀ କଂଗ୍ରେସର ଏକତ୍ରୀକରଣ ଚର୍ଚ୍ଚାକୁ ଘନୀଭୂତ କରିଛି।

ଶ୍ରୀ ରାଉତ କହିଛନ୍ତି ଯେ କଂଗ୍ରେସରୁ ବାହାରି ଅଲଗା ଗଠନ ହୋଇଥିବା ଦଳଗୁଡ଼ିକ ପୁଣି କଂଗ୍ରେସ ସହ ମିଶିଯିବା ଉଚିତ। ବିଜେପି ବିରୋଧରେ ଏକ ଶକ୍ତିଶାଳୀ ବିକଳ୍ପ ତିଆରି କରିବାକୁ ହେଲେ ବିରୋଧୀ ଶକ୍ତିର ଏକତା ଆବଶ୍ୟକ ବୋଲି ଉଲ୍ଲେଖ କରି ସେ ତୃଣମୂଳ, ଏନ୍‌ସିପି ଆଦି ଦଳର ନାମ ଉଲ୍ଲେଖ କରିଛନ୍ତି। ସେହିପରି ଗେହଲଟ୍ କହିଛନ୍ତି ଯେ କଂଗ୍ରେସରୁ ଅଲଗା ହୋଇ ଗଠିତ ହୋଇଥିବା ଆଞ୍ଚଳିକ ଦଳମାନେ ପୁଣି ମୂଳ ଦଳକୁ ଫେରିବା ଉଚିତ ଏବଂ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ସ୍ୱୀକାର କରିବା ଦରକାର। ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ, ଶରଦ ପାୱାରଙ୍କ ଏନସିପି, ୱାଇଏସଆର କଂଗ୍ରେସ ଭଳି ଅନେକ ଦଳ ବିଭିନ୍ନ ସମୟରେ ମୂଳ କଂଗ୍ରେସରୁ ବିଚ୍ଛିନ୍ନ ହୋଇ ଅଲଗା ଦଳର ମାନ୍ୟତା ପାଇଛନ୍ତି। ମାତ୍ର ଆଜି ମଧ୍ୟ ଏହି ଦଳଗୁଡ଼ିକ ସହ କଂଗ୍ରେସ ଶବ୍ଦ ସଂଯୋଗ ରହିଛି।

ତେବେ କଂଗ୍ରେସର ଏହି ଦଳଗୁଡ଼ିକର ବିଲୀନ ପଦ୍ଧତି ଏତେ ସହଜ ହେବ ନାହିଁ ବୋଲି ରାଜନୈତିକ ବିଶ୍ଳେଷକ ମନେ କରୁଛନ୍ତି। ଏହି ଦଳଗୁଡ଼ିକ କେବଳ ରାଜନୈତିକ ▶ପୃଷ୍ଠା-୭

# ଓଡ଼ିଶା ଛୁଇଁଲା ମୌସୁମୀ

ଏଥର ଉତ୍ତର ଓଡ଼ିଶା ପଟୁ ରାଜ୍ୟ ପ୍ରବେଶ



■ ଭୁବନେଶ୍ୱର, ୧୨।୬ (ସମିସ): ଓଡ଼ିଶା ଛୁଇଁଛି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ଚଳିତ ବର୍ଷ ଉତ୍ତର ଓଡ଼ିଶାରୁ ମୌସୁମୀ ରାଜ୍ୟକୁ ପ୍ରବେଶ କରିଥିବା ବେଳେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହୋଇଛି। ଆସନ୍ତା ୨-୩ ଦିନ ମଧ୍ୟରେ ମୌସୁମୀ ରାଜ୍ୟର ଅନ୍ୟ କିଛି ଅଞ୍ଚଳକୁ ମଧ୍ୟ ଅଗ୍ରସର ହେବା ନେଇ ସମ୍ଭାବନା ରହିଛି।

**ଲଘୁଚାପ ଯୋଗୁଁ ୧୭ ପରେ ବଢ଼ିବ ବର୍ଷା**

ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ରାଜ୍ୟର ବହୁତ କମ୍ ଅଞ୍ଚଳକୁ ମୌସୁମୀ ପ୍ରବେଶ କରିଛି। ପାରାଦୀପ, ବାଲେଶ୍ୱର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନ, ଭଦ୍ରକ ଓ ମୟୂରଭଞ୍ଜର କିଛି ସ୍ଥାନ ଦେଇ ମୌସୁମୀ ଅଗ୍ରସର ହୋଇଛି। ଓଡ଼ିଶାର ଅନ୍ୟ ଜିଲ୍ଲାଗୁଡ଼ିକୁ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ସ୍ଥିତି ଅନୁକୂଳ ରହିଛି। ଆସନ୍ତା ୨ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଭାରି ବର୍ଷାର ସମ୍ଭାବନା ରହିଛି। ଏହି କ୍ରମରେ ଶନିବାର ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଆଦି ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି ରବିବାର ମଧ୍ୟ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି କେନ୍ଦ୍ର କହିଛି।

ଅନ୍ୟପକ୍ଷରେ ଓଡ଼ିଶାକୁ ମୌସୁମୀ ସ୍ପର୍ଶ କରିଥିଲେ ହେଁ ବର୍ତ୍ତମାନ ଆଶାନୁରୂପ ବର୍ଷା ହେବନାହିଁ ବୋଲି ପାଣିପାଗବିଜ୍ଞାନୀମାନେ ମତ ଦେଇଛନ୍ତି। ୧୭ ତାରିଖ ପରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ମୌସୁମୀକୁ ଅଧିକ ସକ୍ରିୟ କରାଇବ ଓ ଏହାପରେ ବର୍ଷା ହେବ ବୋଲି ଆକଳନ କରାଯାଇଛି। ତେବେ ଚଳିତ ବର୍ଷ ଏଲ୍-ନିନୋ ସକ୍ରିୟ ହୋଇ ସାରିଥିବାରୁ ମୌସୁମୀ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ଆଇଏମ୍‌ଡି ସମେତ ବିଶ୍ୱସ୍ତରରେ ପାଣିପାଗ ସଂସ୍ଥା କହିଛନ୍ତି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ ଏକ ଶକ୍ତିଶାଳୀ ବା 'ସୁପର ଏଲ୍ ନିନୋ' ଓଡ଼ିଶା ପାଇଁ କେବେ ବି ବଡ଼ ବିପର୍ଯ୍ୟୟ ହେବନାହିଁ। ତେବେ ରାଜ୍ୟବାସୀ ଓ ସରକାର ସଠିକ୍ ସମୟରେ ସତର୍କ ହେବା ଦରକାର। ଜଳବାୟୁ ସୂଚନା ସହିତ କୃଷି, ଜଳସମ୍ପଦ ପରିଚାଳନା, ପୁଷ୍ଟିସାଧନ, ରୋଜଗାର ସୃଷ୍ଟି ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଏକାଠି ଯୋଡ଼ି ପଦକ୍ଷେପ ନେଲେ ରାଜ୍ୟର ସମ୍ଭାବ୍ୟ କ୍ଷୟକ୍ଷତିକୁ ବହୁ ପରିମାଣରେ ରୋକାଯାଇପାରିବ। ୨୦୨୬-୨୭ର ଏହି ସମ୍ଭାବ୍ୟ ଏଲ୍ ନିନୋ ପରିସ୍ଥିତିରେ ଆତଙ୍କିତ ନ ହେବା ପରିବର୍ତ୍ତେ ଏଥିପାଇଁ ପୂର୍ବ ପ୍ରସ୍ତୁତି କଲେ ମୁକାବିଲା କରାଯାଇ ପାରିବ ବୋଲି ସେ କହିଛନ୍ତି।

ବିଜେପି ସରକାରକୁ ୨ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# କେଜିରୁ ପିଜି ପାଠପଢ଼ା ସମ୍ପୂର୍ଣ୍ଣ ମାଗଣା

- ୨ ବର୍ଷରେ ରୂପାୟନ ହୋଇଛି ୧୨୧ ଯୋଜନା ଓ କାର୍ଯ୍ୟକ୍ରମ
- ୩ ବର୍ଷରେ ନିଯୁକ୍ତ ହେବେ ୪୫ ହଜାର ଶିକ୍ଷକ
- ୪ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳଯୋଗାଣ
- ୩.୫ ଲକ୍ଷ ପରିବାରଙ୍କୁ ମିଳିବ ପକ୍କା ଘର
- ୩ ଜିଲ୍ଲାରେ ଶୀଘ୍ର ସ୍ଥାପନ ହେବ ମେଡିକାଲ କଲେଜ



■ ଭୁବନେଶ୍ୱର, ୧୨।୬ (ସମିସ): ଆମ ସରକାର ଶିକ୍ଷାକୁ ପ୍ରକୃତ ଅର୍ଥରେ ଦେୟମୁକ୍ତ ଓ ସାର୍ବଜନୀନ କରିବା ପାଇଁ ଚାହୁଁଛନ୍ତି। ଏଥିପାଇଁ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ସଂପୂର୍ଣ୍ଣ ଦେୟମୁକ୍ତ କରାଯିବ। ଶିକ୍ଷା କ୍ଷେତ୍ରରେ ଏପରି ଏକ ପଦକ୍ଷେପ ସାରା ଦେଶରେ ପ୍ରଥମଥର ପାଇଁ ଓଡ଼ିଶାରେ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟରେ ବିଜେପି ସରକାରକୁ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଶୁକ୍ରବାର ସ୍ଥାନୀୟ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଗତ ୨ ବର୍ଷର ସଫଳତା ଓ ଆଗାମୀ ବର୍ଷରେ ସରକାରଙ୍କ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ୨ ବର୍ଷରେ ଆମ ସରକାରଙ୍କ ପଦକ୍ଷେପ ଯୋଗୁଁ ବିକାଶ ଓ ସଶକ୍ତିକରଣ କ୍ଷେତ୍ରରେ ଦୃଶ୍ୟମାନ ପରିବର୍ତ୍ତନ ଆସିଛି। ଆମର ନୀତି ହେଉଛି, ବିକାଶର ସୁଫଳରେ ସମସ୍ତେ ଭାଗୀଦାର। ଗତ ୨ ବର୍ଷରେ ଆମେ ୧୨୧ ଟି ନୂଆ ଯୋଜନା, କାର୍ଯ୍ୟକ୍ରମ ଘୋଷଣା କରିଛୁ। ୨୦୨୭ ଶେଷ ସୁଦ୍ଧା ସବୁ ▶ପୃଷ୍ଠା-୭

## ନିଟ୍ (ୟୁଜି) ପରୀକ୍ଷାର୍ଥୀଙ୍କୁ ମିଳିବ ଅତିରିକ୍ତ ୧୫ ମିନିଟ୍

■ ନୂଆଦିଲ୍ଲୀ, ୧୨।୬ (ଏଜେନ୍ସି): ଜୁନ ୨୧ ତାରିଖରେ ହେବାକୁ ଥିବା ଡାକ୍ତରୀ ପ୍ରବେଶିକାରେ ପରୀକ୍ଷାର୍ଥୀମାନଙ୍କ ସୁବିଧା ପାଇଁ କିଛି ନୂଆ ବ୍ୟବସ୍ଥା ଲାଗୁ କରାଯାଇଛି। ପରୀକ୍ଷା ସମୟକୁ ୧୫ ମିନିଟ୍ ଅଧିକ ଅର୍ଥାତ୍ ୧୯୫ ମିନିଟ୍ କରାଯାଇଛି। ଦିନ ୨ଟାରୁ ସନ୍ଧ୍ୟା ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ଉପସ୍ଥାନ ପଞ୍ଜିକରଣ, ଦସ୍ତଖତ ଓ ଅନ୍ୟାନ୍ୟ ପ୍ରଶାସନିକ



କାର୍ଯ୍ୟରେ ପରୀକ୍ଷାର୍ଥୀଙ୍କ ସମୟ ନଷ୍ଟ ନ ହେବା ପାଇଁ ଏହି ଅତିରିକ୍ତ ୧୫ ମିନିଟ୍ ବ୍ୟବସ୍ଥା କରାଯାଇଛି। ସେହିପରି ପ୍ରଶ୍ନପତ୍ରରେ ରଫ୍ କାମ ପାଇଁ ଥିବା ପୃଷ୍ଠା ସଂଖ୍ୟାକୁ ଦୁଇରୁ ବଢ଼ାଇ ଚାରି କରାଯାଇଛି। ପୂର୍ବରୁ ସମସ୍ତ ରଫ୍ ପୃଷ୍ଠା ଶେଷ ଭାଗରେ ରହୁଥିଲା। ଏବେ ଦୁଇଟି ପୃଷ୍ଠା ନିର୍ଦ୍ଦେଶାବଳୀ ପରେ ଏବଂ ଅନ୍ୟ ଦୁଇଟି ପ୍ରଶ୍ନପତ୍ରର ଶେଷରେ ରଖାଯିବ। ସଂସ୍ଥା କହିଛି, ଏହି ପରିବର୍ତ୍ତନ ବିଶେଷକରି ଗଣନା, ଚିତ୍ର ଅଙ୍କନ ଓ ଟିପ୍ପଣୀ ଲେଖିବାରେ ସହାୟକ ହେବ।

ବିଜେପି ବିଧାୟକଙ୍କ ବିରୋଧରେ ସାଂଘାତିକ ଅଭିଯୋଗ

## ଚର୍ଚ୍ଚିତ ସରପଞ୍ଚ ଚାମେଲିଙ୍କୁ ଦୁଷ୍କର୍ମ ଧମକ

■ କେନ୍ଦ୍ରାପଡ଼ା/ମହାକାଳପଡ଼ା, ୧୨।୬(ସମିସ): ଶାସକ ବିଜେପି ଦଳର ନେତ୍ରୀ ତଥା କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ପଞ୍ଚାୟତର ଚର୍ଚ୍ଚିତ ସରପଞ୍ଚ ଚାମେଲି ଓଝାଙ୍କୁ ଦିଆଯାଇଛି ଦୁଷ୍କର୍ମ ଧମକ। ଛବିରାଣୀ ପରି ତାଙ୍କୁ ଦୁଷ୍କର୍ମ କରାଯିବ ବୋଲି ସ୍ଥାନୀୟ ବିଜେପି ବିଧାୟକଙ୍କ ଲୋକମାନେ ତାଙ୍କୁ ଧମକ ଦେଇଥିବା ସାଂଘାତିକ ଅଭିଯୋଗ କରିଛନ୍ତି ଚାମେଲି। ଏ ସଂକ୍ରାନ୍ତରେ ସେ ସିଧା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତାଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି। ବିଜେପି ବିଧାୟକ ଓ ସ୍ଥାନୀୟ ବିଧାୟକ ତାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି। ଏପରିକି ସେ ବିଧାୟକଙ୍କ 'ଆଶା' ପୂରଣ କରିବାରେ ଅମଙ୍ଗ ହେବାରୁ ଆକ୍ରୋଶର ଶିକାର ହୋଇଥିବା ମଧ୍ୟ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ସରଗରମ ହୋଇଛି ରାଜ୍ୟ ରାଜନୀତି। ଖୋଦ ଶାସକ ବିଜେପିର ଜଣେ କର୍ମୀ ତଥା ନିର୍ବାଚିତ ମହିଳା ଜନ ପ୍ରତିନିଧିଙ୍କୁ ଶାସକ ଦଳର ବିଧାୟକ ଓ ବିଡ଼ିଓଙ୍କ ଉତ୍ପୀଡ଼ନକୁ ନେଇ ବିଜେଡି ଓ କଂଗ୍ରେସ ସରକାରଙ୍କ ଉପରେ ବର୍ଷିଛନ୍ତି। ପ୍ରଶାସନ ଓ ସରପଞ୍ଚ ସଂଘ ଏହି ଘଟଣାକୁ ନେଇ ମୁହାଁମୁହିଁ ହୋଇଛନ୍ତି। ତାଙ୍କୁ ପୁଲିସ ▶ପୃଷ୍ଠା-୭

**ଦଳୀୟ କର୍ମୀ ଭାବରେ ନ୍ୟାୟ ଭିକ୍ଷା କରି ମୁଖ୍ୟମନ୍ତ୍ରୀଙ୍କୁ ଲେଖିଲେ ଚିଠି**



- ବିଡିଓ ଓ ପୁଲିସ ଅଭିଯୋଗ ଆଧାରରେ ଚାମେଲିଙ୍କ ବିରୋଧରେ ମାମଲା
- ଚମେଲିଙ୍କୁ ସରପଞ୍ଚ ସଂଘର ସମର୍ଥନ, ସରକାରଙ୍କୁ କରିବ ଅସହଯୋଗ
- ସରକାରଙ୍କୁ ଘେରିଲା ବିଜେଡି, ଥାନା ସମ୍ମୁଖରେ କଂଗ୍ରେସର ପ୍ରତିବାଦ ଆଜି

ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା

## ଫେରାର୍ ପ୍ରେମିକ ମୟୂରଭଞ୍ଜରୁ ଗିରଫ

■ କଟକ/ବାରିପଦା, ୧୨।୬ (ସମିସ): କାଠଯୋଡ଼ି ନଦୀରୁ ମୟୂରଭଞ୍ଜ ଉଦଳା ଅଞ୍ଚଳର ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ



ଉଦ୍ଧାର ଘଟଣାରେ ପୁଲିସକୁ ସଫଳତା ମିଳିଛି। ଆଜି କମିଶନରେଟ୍ ପୁଲିସର ୨ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ମୟୂରଭଞ୍ଜର ବିଶୋଇ ଅଞ୍ଚଳରୁ ଚନ୍ଦ୍ରିକାଙ୍କ ପ୍ରେମିକ ଓଏଏସ୍ ଭୀମସେନ୍ ଟୁଡୁଙ୍କୁ ଗିରଫ କରିଛି। ସେ ଘଟଣା ପରଠାରୁ ଫେରାର୍ ଥିଲେ। ଗିରଫଦାରୀକୁ ଏଡ଼ାଇବା ପାଇଁ ସେ ପୂର୍ବରୁ ହାଇକୋର୍ଟରେ ଆଗୁଆ ଜାମିନ୍ ଆବେଦନ କରିଥିବା ବେଳେ କୌଣସି ସୁଫଳ ମିଳି ନ ଥିଲା। ଚନ୍ଦ୍ରିକାଙ୍କ ମା' ବାରଙ୍ଗ ଥାନାରେ ଭୀମସେନ୍‌ଙ୍କ ନାଁରେ ଏତଲା ଦେଇଥିବା ବେଳେ ପୁଲିସ ଗତ ୮ ତାରିଖରୁ ବିଭିନ୍ନ ଅଞ୍ଚଳରେ ଚଢ଼ଉ ଜାରି ରଖିଥିଲା। ▶ପୃଷ୍ଠା-୭

ରାଜ୍ୟ କ୍ୟାବିନେଟରେ ୮ ପ୍ରସ୍ତାବକୁ ମଞ୍ଜୁରୀ

## ୬୪ଟି ସ୍ଥାନର ସଂଶୋଧିତ ନାମକୁ ଅନୁମୋଦନ

- ବନ୍ଦ ପଡ଼ିଥିବା ସମବାୟ ସୂତାକଳ ବକେୟା ଦେୟ ହେବ ପରିଶୋଧ, ୨୦୦ କୋଟି ମଞ୍ଜୁର
- ଓଡ଼ିଶା ହସ୍ତଶିଳ୍ପ ଅମଲା ପଦବୀ ସଂଖ୍ୟା ୧୧୧କୁ ବୃଦ୍ଧି
- ନିର୍ଦ୍ଧାରିତ ସମୟ ମଧ୍ୟରେ ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ ନକଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ



■ ଭୁବନେଶ୍ୱର, ୧୨।୬ (ସମିସ): ବ୍ରିଟିଶ ଶାସନ କାଳରୁ ସରକାରୀ ରେକର୍ଡରେ ଥିବା ଓଡ଼ିଶାର ବହୁ ସ୍ଥାନର ବିକୃତ ଇଂରାଜୀ ବନାନ ବଦଳିବ। ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ରାଜ୍ୟର ୬୪ଟି ସ୍ଥାନର ନାମ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ରାଜ୍ୟ କ୍ୟାବିନେଟର ୪୨ତମ ବୈଠକରେ ୬ଟି ବିଭାଗର ମୋଟ ୮ ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ନୂତନ ସରକାର ଗଠନ ପରଠାରୁ ଆଜି ସୁଦ୍ଧା ଆହୂତ କ୍ୟାବିନେଟ ବୈଠକରେ ମୋଟ ୩୦୧ଟି ନିଷ୍ପତ୍ତି ନିଆଯାଇଥିବା ନେଇ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀଙ୍କ ସୂଚନା ଅନୁଯାୟୀ, ବନ୍ଦ ପଡ଼ିଥିବା ସମବାୟ ସୂତାକଳର ବକେୟା ଦେୟ ପରିଶୋଧ ପରିଶୋଧ ପାଇଁ ପ୍ରଥମ ପର୍ଯ୍ୟାୟରେ ୨୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥାକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହାଦ୍ୱାରା ବନ୍ଦ ପଡ଼ିଥିବା ପ୍ରାୟ ୨୬୧.୨ ଏକର ଜମିର ଆଇନଗତ ବିବାଦ ସମାଧାନ ହୋଇ ତାହା ଇଡକୋକୁ ହସ୍ତାନ୍ତର ହୋଇପାରିବ। ସେଠାରେ ବ୍ୟାପକ ନିଯୁକ୍ତି ସୃଷ୍ଟି କରୁଥିବା ନୂଆ ନୂଆ ବୟନ ଓ ପୋଷାକ ଶିଳ୍ପ ପ୍ରତିଷ୍ଠା ହେବ। ଓଡ଼ିଶାର ପାରମ୍ପରିକ ▶ପୃଷ୍ଠା-୭

## ଅଘୋଷିତ ବିଦ୍ୟୁତ କାଟ୍ ଓ ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ ଦାବି

# ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କିଶୋରନଗର, ୧୨।୬(ସମିସ)




ଅଘୋଷିତ ବିଦ୍ୟୁତ କାଟ୍ ଓ ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ ଦାବିରେ ଶୁକ୍ରବାର ଅଲ୍ ଇଣ୍ଡିଆ ବିଦ୍ୟୁତ ଉପଭୋକ୍ତା ସଂଘ (ଏଆଇଇସିଏ) ପକ୍ଷରୁ ବିଦ୍ୟୁତ ଉପଭୋକ୍ତାଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଘନ ଘନ ବିଦ୍ୟୁତ କାଟ ବନ୍ଦ, ସ୍ମାର୍ଟ ମିଟର ଲଗାଇବା ବନ୍ଦ, ଲଗାଯାଇଥିବା ସ୍ମାର୍ଟ ମିଟର ଅବିଳମ୍ବେ ପ୍ରତ୍ୟାହାର, ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ବିଦ୍ୟୁତ ମାଗଣାରେ ପ୍ରଦାନ, ଅତିରିକ୍ତ ସୁରକ୍ଷା ଜମା ଆଦାୟ ଓ ବିଦ୍ୟୁତ ଶୁଳ୍କ ବୃଦ୍ଧି ବନ୍ଦ, ଟାଇମ୍ ଅଫ ଡେ ଟାରିଫ୍ (ଦିନର ଭିନ୍ନ ଭିନ୍ନ ସମୟ ପାଇଁ ଭିନ୍ନ ବିଦ୍ୟୁତ ଶୁଳ୍କ) ବାତିଲ, ଟ୍ରାନ୍ସଫର୍ମର ଅଚଳ ହେଲେ ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟକ୍ଷମ କରିବା, ଉପଭୋକ୍ତାଙ୍କ ଉପରେ ଜୁଲମ ବନ୍ଦ, ବିଦ୍ୟୁତ ସେବାର ଘରୋଇକରଣ ବନ୍ଦ, ମିଟର ଭଡ଼ା ଦେୟ ଶେଷ ହେବା ପରେ ଆଦାୟ ବନ୍ଦ, ବିଦ୍ୟୁତ ସଂଶୋଧନ ବିଲ୍-୨୦୨୫ ପ୍ରତ୍ୟାହାର ଆଦି ଦାବି କରାଯାଇଛି। ସଂଘ ପକ୍ଷରୁ ଧୌରାପାଲିସ୍ଥିତ ବିଦ୍ୟୁତ ସବ୍‌ଷ୍ଟେସନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଆଇଇସିଏର ଜିଲ୍ଲା ଆବାହକ ତୀର୍ଥବାସୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘର ରମେଶ ଲୁହା, ଯୋଗୀନ୍ଦ୍ର ବିଶ୍ୱାଳ, ଗୌରଚନ୍ଦ୍ର ସାହୁ, ରମଣୀ ରଞ୍ଜନ ପ୍ରଧାନ, ପୀତାମ୍ବର ପ୍ରଧାନ, ଲକ୍ଷ୍ମଣ ବେହେରା, ଅସିତ୍ ମୁଣ୍ଡା, ରବୀନ୍ଦ୍ର ସାହୁ, ସଚ୍ଚିଦାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ଘନ ଘନ ବିଦ୍ୟୁତ କାଟ୍‌କୁ ତୀବ୍ର ନିନ୍ଦା କରିଥିଲେ। ବାମୁର ବିଦ୍ୟୁତ୍ ସେକ୍ସନ କନିଷ୍ଠ ଯନ୍ତ୍ରୀଙ୍କ ପକ୍ଷରୁ ସବ୍‌ଷ୍ଟେସନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ରାଜ୍ୟ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଉପଭୋକ୍ତାଙ୍କ ନ୍ୟାଯ୍ୟ ଦାବି ପୂରଣ କରା ନ ଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

**କଣିହାଁ:** ଏଆଇଇସିଏ କଣିହାଁ ବ୍ଲକ ଶାଖା ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଟିପିସିଓଡିଏଲ କଣିହାଁ ସେକ୍ସନ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏଆଇଇସିଏର ସର୍ବଭାରତୀୟ କମିଟି ସଦସ୍ୟ ପ୍ରହ୍ଲାଦ ଚନ୍ଦ୍ର ସାହୁ ଏଥିରେ ଯୋଗଦେଇ କହିଲେ ଯେ ଘରୋଇ ବିଦ୍ୟୁତ୍ କମ୍ପାନୀମାନଙ୍କ ଲାଭର ପାହାଡ଼ ସୃଷ୍ଟି କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କ ସ୍ୱାର୍ଥରେ ଉପଭୋକ୍ତାଙ୍କ ବିରୋଧରେ ଆଇନ ପରିବର୍ତ୍ତନ କରୁଛନ୍ତି। ଦାବି ହାସଲ ପାଇଁ ଉପଭୋକ୍ତାମାନେ ମେଳି ହୋଇ ଶକ୍ତିଶାଳୀ ଆନ୍ଦୋଳନ ଗଢ଼ି ତୋଳିବାକୁ ସେ ଆହ୍ୱାନ ଦେଇଥିଲେ। ଶେଷରେ ୧୦ ଦଫା ସମ୍ବଳିତ ଦାବିପତ୍ର ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କନିଷ୍ଠ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଆନ୍ଦୋଳନରେ ତାଳଚେର ପରିବେଶ ସୁରକ୍ଷା ସମିତି ଆବାହକ ପଦ୍ମଚରଣ ସାମଲ, ଉପଭୋକ୍ତା ବିଜୟ କୁମାର ସାହୁ, ଶରତ ଚନ୍ଦ୍ର ସାହୁ, ବିଚ୍ଛନ୍ଦ ନାଏକ, ଗଗନ ବିହାରୀ ସାହୁ, ପଞ୍ଚାନନ ବେହେରା, ଚୌଧୁରୀ ସାହୁ, ପ୍ରତାପ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

● ଷ୍ଟାଫ୍ ନର୍ସ ନିଯୁକ୍ତିରେ ଅନିୟମିତତା ଘଟଣା

## କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ବିଜେଡିର ବିକ୍ଷୋଭ

ଅନୁଗୋଳ, ୧୨।୬(ସମିସ): ତାଳଚେର ପବିତ୍ର ମୋହନ ପ୍ରଧାନ ସରକାରୀ ଚିକିତ୍ସାଳୟରେ ଷ୍ଟାଫ୍ ନର୍ସ ନିଯୁକ୍ତିରେ ହୋଇଥିବା ବ୍ୟାପକ ଦୁର୍ନୀତି ଓ ଅନିୟମିତତାର ପର୍ଦ୍ଦାଫାସ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର ଅନୁଗୋଳ ଜିଲ୍ଲା ବିଜେଡି ପକ୍ଷରୁ ବିଶାଳ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲ୍ଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ



ଆୟୋଜିତ ଏହି ଆନ୍ଦୋଳନରେ ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ପୂର୍ବତନ ବିଧାୟକ ମୁକେଶ ପାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବବିତା ପ୍ରଧାନ, ରାଜ୍ୟ ସମ୍ପାଦକ ବିପ୍ଳବ ଜେନା, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତଙ୍କ ସମେତ ବହୁ ଜନପ୍ରତିନିଧି, ଦଳୀୟ ପଦାଧିକାରୀ ଓ କର୍ମୀ ଯୋଗଦେଇଥିଲେ। ବିକ୍ଷୋଭ ଶୋଭାଯାତ୍ରା ପରେ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରି ଘଟଣାର ନିରପେକ୍ଷ ତଦନ୍ତ, ଦୁର୍ନୀତିର ପର୍ଦ୍ଦାଫାସ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

## ସହରାଞ୍ଚଳ ଜନସମ୍ପର୍କ ସମ୍ମିଳନୀ

ଅନୁଗୋଳ, ୧୨।୬(ସମିସ): ଅନୁଗୋଳ ପୌରପାଳିକା ସଭାକକ୍ଷରେ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସହରର ବହୁ ଆଇନଜୀବୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଅଂଶଗ୍ରହଣ କରିଥିଲେ। ଅନୁଗୋଳ ସ୍ୱୟଂଶାସିତ



ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁ, ଅଧ୍ୟାପକ ସୁଶାନ୍ତ କୁମାର ପ୍ରଧାନ, ପ୍ରଭାତ କୁମାର ସିହ୍ନା, ଆଇନଜୀବୀ ପ୍ରଦୀପ କୁମାର ଦେବତା, ପ୍ରଦୀପ ପ୍ରଧାନ, ଦିଲୀପ ଦାସଙ୍କ ସମେତ ସାମାଜିକ କର୍ମୀ ଆଦ୍ୟାଶ୍ଳୋକ ମିଶ୍ର, ବିଦେଶୀ ନାୟକ, ସତ୍ୟସୁନ୍ଦର ଦାସ, ହରିନାରାୟଣ ମୋଦି, ଡ. ଭରତ ପ୍ରଧାନ ତଥା ବହୁ ବରିଷ୍ଠ ନାଗରିକ ଯୋଗଦେଇ ନିଜ ମତାମତ ରଖିବା ସହ ସହର ସମସ୍ୟା ଉପରେ ଆଲୋକପାତ କରିଥିଲେ। ନିର୍ବାହୀ ଅଧିକାରୀ ତ୍ରିପାଠୀ ସହରର ଆଲୋକୀକରଣ ବ୍ୟବସ୍ଥା, ନୂତନ ଡ୍ରେନ୍ ବ୍ୟବସ୍ଥା, ଭୂତଳ ବିଦ୍ୟୁତ୍ ତାର ପରିବହନ ବ୍ୟବସ୍ଥା, ଅତ୍ୟାଧୁନିକ ଗୋଶାଳା, କୁକୁର ଶାଳା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ନିଜ ଅଭିମତ ରଖିଥିଲେ। କାର୍ଯ୍ୟାଳୟର ବରିଷ୍ଠ ସହାୟକ ଶୁଭାଶିଷ ମିଶ୍ର ସହଯୋଗ କରିଥିଲେ।

## ମହିଳାଙ୍କୁ ଲକ୍ଷେ ଟଙ୍କାରେ ବିକ୍ରି ଅଭିଯୋଗ



ବଣ୍ଡରପାଳ, ୧୨।୬(ସମିସ): ବଣ୍ଡରପାଳ ଥାନା ସାଆନ୍ତରାପୁର ପଞ୍ଚାୟତ ବଳଣ୍ଡା ଗ୍ରାମର ଅଜୟ ବେହେରାଙ୍କ ସ୍ତ୍ରୀ ବନିତା ବେହେରା (୪୫) ଗତ ୮ ମାସ ହେଲା ନିଖୋଜ ଥିବା ୨୦୨୫ ଡିସେମ୍ବର ୨୨ରେ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଅଙ୍ଗାରବନ୍ଧ ଗ୍ରାମର ଜଣେ ମହିଳା ବନିତାଙ୍କୁ ଚାକିରିରେ ରଖାଇଦେବାକୁ କହି ଭୁବନେଶ୍ୱର ନେଇଥିଲେ। କିନ୍ତୁ ପରେ ବନିତା ଏକ ନମ୍ବରରୁ ତାଙ୍କ ପୁଅ ଶୁଭମ୍ ପାଖକୁ ବାରମ୍ବାର ଫୋନ କରି ତାଙ୍କୁ ଉଦ୍ଧାର କରିବାକୁ କହିଥିଲେ। ଏ ନେଇ ଶୁକ୍ରବାର ଶୁଭମ୍ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମୋବାଇଲ ନମ୍ବରକୁ ଟ୍ରାକିଂ କରିବାରୁ ବନିତା ମଧ୍ୟପ୍ରଦେଶ ଇନ୍ଦୋର ସହର ଅଶୋକନଗରରେ ଥିବା ଜଣାପଡ଼ିଛି। ଫୁଲପଡ଼ାର ଜଣେ ବ୍ୟକ୍ତି ବନିତାଙ୍କୁ ୧.୨୦ ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିବା ଶୁଭମ ଅଭିଯୋଗ କରିଛନ୍ତି। ଖୁବଶୀଘ୍ର ଏକ ଟିମ୍ ଗଠନ କରି ଇନ୍ଦୋର ପଠାଯିବ ବୋଲି ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂ କହିଛନ୍ତି।

## ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ



କିଶୋରନଗର, ୧୨।୬(ସମିସ): ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ପଞ୍ଚାୟତ ଧଣ୍ଡାତୋପା ମିଶ୍ର ଆମ୍ବତୋଟାରେ ଠାକୁରଗଡ଼ ପଞ୍ଚାୟତ ବିଜେଡି ପକ୍ଷରୁ କର୍ମୀ ସମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ବିଜେପି ସରକାରରର ବିଫଳତା, ଦରଦାମ ବୃଦ୍ଧି, ନାରୀ ଅତ୍ୟାଚାର, ନିର୍ବାଚନ ଇସ୍ତାହାର ପୂରଣ ନ କରିବା ଉପରେ ଆଲୋଚନା ହୋଇଥିଲା। ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ଥିବାରୁ ଦଳର ସଂଗଠନକୁ ଦୃଢ଼ କରିବା, ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା, କର୍ମୀମାନେ ନିଜ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ଆଦି ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ନୂତନ ପଞ୍ଚାୟତ ଉପସଭାପତି ଭାବେ ମନୋରଞ୍ଜନ ସାହୁ ଓ ସହସମ୍ପାଦକ ଭାବେ ପ୍ରଶାନ୍ତ ପ୍ରଧାନଙ୍କୁ ଚୟନ କରାଯାଇଛି। ମୁଖ୍ୟଅତିଥି ଭାବେ ଠାକୁରଗଡ଼ ସରପଞ୍ଚ ଚାରୁଲତା ମିଶ୍ର, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ମନୋରଞ୍ଜନ ସାହୁ, ପଞ୍ଚାୟତ ସଭାପତି ପ୍ରାଣବନ୍ଧୁ ସାହୁ, ସମ୍ପାଦକ ସନ୍ତୋଷ ବିଶ୍ୱାଳ ଯୋଗଦେଇଥିଲେ। ସକ୍ରିୟ କର୍ମୀ ସୌରଭ ମିଶ୍ର, ପବିତ୍ର ସାହୁ, ସୁରେଶ ଚନ୍ଦ୍ର ସାହୁ, ଦୁଷ୍ମନ୍ତ ପ୍ରଧାନ, ବିଶ୍ୱେଶ୍ୱର ରାଉତ, ବିଭୁପ୍ରସାଦ ସେନାପତି, ବିଜୟ କୁମାର ସାହୁ, ନୀଳକଣ୍ଠ ରାଉତ, ସତ୍ୟବ୍ରତ ସେନାପତି, ସନ୍ତୋଷ ସାହୁ, ପ୍ରବୀଣ ବିଶ୍ୱାଳ, କପିଳ ସ୍ୱାଇଁଙ୍କ ସମେତ ତିନିଶହରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ। ବରିଷ୍ଠ କର୍ମୀ ମନୋଜ ରାଉତ ଧନ୍ୟବାଦ ଦେଇଥିଲେ।

## ନର୍ସ ନିଯୁକ୍ତି ଦୁର୍ନୀତିର ସିବିଆଇ ତଦନ୍ତ ଦାବି



ତାଳଚେର, ୧୨।୬(ସମିସ): ତାଳଚେର ପବିତ୍ର ମୋହନ ମେଡିକାଲ୍‌ରେ ଷ୍ଟାଫ୍ ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ମହାଦୁର୍ନୀତିର ସିବିଆଇ ତଦନ୍ତ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବରଖାସ୍ତ ଦାବି କରାଯାଇଛି। ମହାନଦୀ କୋଇଲା ଶ୍ରମିକ କଂଗ୍ରେସ୍ ପକ୍ଷରୁ ରାଜକିଶୋର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଅଛି ଯେ ମେଡିକାଲ୍ ପାଇଁ ୬୫୩ ଜଣ ସ୍ୱାସ୍ଥ୍ୟକର୍ମୀ ଓ ଷ୍ଟାଫ୍‌ନର୍ସଙ୍କୁ ରାଜ୍ୟ ସରକାର ଏଜେନ୍ସି ମାଧ୍ୟମରେ ନିଯୁକ୍ତି ଦେଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ୯୧ ଜଣ ଷ୍ଟାଫ ନର୍ସଙ୍କ ସାର୍ଟିଫିକେଟ୍ ଯାଞ୍ଚ କରାଯିବାରୁ ୬୦ ଜଣ ଜାଲ୍ ପ୍ରମାଣପତ୍ର ମାଧ୍ୟମରେ ନିଯୁକ୍ତି ପାଇଥିବା ପ୍ରମାଣ ମିଳିଛି। ସମସ୍ତ ୬୫୩ କର୍ମଚାରୀଙ୍କ ସାର୍ଟିଫିକେଟ୍ ଯାଞ୍ଚ ହେଲେ ଆହୁରି ଅଧିକ ଜାଲ୍ ସାର୍ଟିଫିକେଟ୍‌ରେ ନିଯୁକ୍ତି ପାଇଥିବା ସନ୍ଦେହ କରାଯାଉଛି। ଏହି ଦୁର୍ନୀତିରେ ଲିପ୍ତ ରହି ଲୋକଙ୍କ ଜୀବନ ସହ ଖେଳ ଖେଳିଥିବାରୁ ଏହାର ସିବିଆଇ ତଦନ୍ତ କରିବାକୁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ମହାନଦୀ କୋଇଲା ଶ୍ରମିକ କଂଗ୍ରେସ୍ ରାଜରାସ୍ତାକୁ ଓହ୍ଲାଇବ ଓ ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା, କଂଗ୍ରେସ୍ ବିଧାୟକ ଦଳ ନେତା, ଓଡ଼ିଶା ପିସିସି ସଭାପତିଙ୍କୁ ପ୍ରେରଣ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ କୀର୍ତ୍ତିରଞ୍ଜନ ବିଶୋଇ, ଦାଶରଥି ସାହୁ, କାଳିଆ ସାହୁ, ବିଭୂତି ସାହୁ, ମିହିର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ଯ୍ୟରୁ ଛଟେଇ ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର




ତାଳଚେର, ୧୨।୬(ସମିସ): ବର୍ଷେ କି ଦୁଇବର୍ଷ ନୁହେଁ ଦୀର୍ଘ ୬ବର୍ଷ ଧରି ରୋଗୀଙ୍କୁ ସେବା ଯୋଗାଇ ଦେଇଥିବା ୭ଜଣ ଠିକା କର୍ମଚାରୀଙ୍କୁ ବିନା ନୋଟିସ୍‌ରେ ଛଟେଇ କରାଯାଇଥିବା ଅଭିଯୋଗ ହୋଇଛି। ବିରଜା ସିକ୍ୟୁରିଟି ସର୍ଭିସ୍ ପକ୍ଷରୁ ୨୦୨୦ରୁ ୭ଜଣଙ୍କୁ ତାଳଚେର ସରକାରୀ ମଣ୍ଡାପାଳ ଡାକ୍ତରଖାନାରେ ହେଲ୍ପ ଡେସ୍କରେ ଠିକା କର୍ମଚାରୀଭାବେ ନିଯୁକ୍ତ କରାଯାଇଥିଲା। ସେମାନେ ସୂଚାରୁରୂପେ ସେବା ଯୋଗାଇ ଦେଉଥିଲେ। ଏପରିକି, କରୋନା ସମୟରେ ଜୀବନକୁ ବାଜି ଲଗାଇ କର୍ତ୍ତବ୍ୟ କରୁଥିଲେ। ମାତ୍ର ଉକ୍ତ କମ୍ପାନୀର ଟେଣ୍ଡର ସରିଯିବା ପରେ ମା' ଶାରଳା ସ୍ୱୟଂସହାୟକ ଗୋଷ୍ଠୀ ଏହି ଟେଣ୍ଡର ହାତେଇ ୭ ଜଣଙ୍କୁ କାର୍ଯ୍ୟରୁ ଛଟେଇ କରିଛି। ଏ ନେଇ ଶୁକ୍ରବାର ସେମାନେ ଉପଜିଲ୍ଲାପାଳ ଆଶିଷରଞ୍ଜନ ସାହୁଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ଦେବା ସହ ଦୁଃଖ ଜଣାଇଥିଲେ। ଏ ସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ପଚାରିବାରୁ ଏହାକୁ ବିଚାରକୁ ନେଇ ସମାଧାନ ଦିଗରେ କାର୍ଯ୍ୟ କରାଯିବ ବୋଲି କହିଛନ୍ତି। ସିଡିଏମଓଙ୍କୁ ପାଚରିବାରୁ ଏଥିରେ ଆମର କୌଣସି ସମ୍ପୃକ୍ତ ନାହିଁ, ଯିଏ ଟେଣ୍ଡର ନେଇଛି ସେ ତାଙ୍କ କଥା ବୁଝିବେ ବୋଲି କହି କଥାକୁ ହାଲୁକା ଭାବେ ନେଇଥିଲେ।

## ଶୋଇଥିବାବେଳେ ଯୁବକଙ୍କ ମୃତ୍ୟୁ

କଣିହାଁ, ୧୨।୬(ସମିସ): କଣିହାଁ ଥାନା ତାଳପଦା ଗ୍ରାମର ଜଣେ ଯୁବକଙ୍କ ରହସ୍ୟଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବେନ୍ଦ୍ର ନାଥ (୩୨)। ଶୁକ୍ରବାର ମଧ୍ୟାହ୍ନ ପରେ ଦେବେନ୍ଦ୍ର ଘରେ ଶୋଇଥିଲେ। ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ନାହାକ (୨୨) ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ପରେ ପରିବାର ଲୋକେ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଲକ୍ଷ୍ମୀପ୍ରିୟା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି ରମଣୀ ରଞ୍ଜନ ଦଳେଇ କହିଛନ୍ତି।

## ମାନସିକ ସ୍ୱାସ୍ଥ୍ୟ ପାଇଁ ଅନୁଗୋଳ ପୁଲିସର ପଦକ୍ଷେପ

● ଡିପିଓରେ ଚାପ ପରିଚାଳନା କର୍ମଶାଳା




ଅନୁଗୋଳ, ୧୨।୬(ସମିସ): ପୁଲିସ କର୍ମଚାରୀଙ୍କ ମାନସିକ ସୁସ୍ଥତା ଓ ଚାପ ପରିଚାଳନା ପାଇଁ ଅନୁଗୋଳ ପୁଲିସ ପକ୍ଷରୁ ଶୁକ୍ରବାର ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ)ରେ ଏକ ଓରିଏଣ୍ଟେସନ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅନୁଗୋଳ ମନସ୍ତାତ୍ତ୍ୱିକ ବିଶେଷଜ୍ଞମାନେ ପୁଲିସ କର୍ମଚାରୀଙ୍କୁ ମାନସିକ ସ୍ୱାସ୍ଥ୍ୟ, ଚାପ ପରିଚାଳନା ଏବଂ ମାନସିକ ସ୍ଥିରତା ବୃଦ୍ଧି ଉପରେ ମାର୍ଗଦର୍ଶନ କରିଥିଲେ। ଦୈନନ୍ଦିନ କାର୍ଯ୍ୟରେ ଚାପ କିପରି କମ୍ କରିବେ ଏବଂ ମାନସିକ ଭାରସାମ୍ୟ କିପରି ବଜାୟ ରଖିବେ ସେ ନେଇ ପରାମର୍ଶ ଦେଇଥିଲେ। କର୍ମଶାଳାରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଶତାଧିକ ପୁଲିସ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ



ଅନୁଗୋଳ, ୧୨।୬(ସମିସ): ଶିଶୁ ଶ୍ରମିକ ପ୍ରଥା ନିରାକରଣ ଏବଂ ଶିଶୁମାନଙ୍କ ଅଧିକାର ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶୁକ୍ରବାର ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲ୍ଲାର ସମସ୍ତ ବ୍ଲକର ବିଭିନ୍ନ ହୋଟେଲ, ଢାବା, ଗ୍ୟାରେଜ, ହାଟ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନ ପରିଭ୍ରମଣ କରିବ। ଶିଶୁ ଶ୍ରମିକ ପ୍ରଥାର କୁପ୍ରଭାବ, ଶିକ୍ଷାର ଗୁରୁତ୍ୱ ଏବଂ ପ୍ରତ୍ୟେକ ଶିଶୁଙ୍କ ପାଇଁ ସୁରକ୍ଷିତ ତଥା ସୁନିଶ୍ଚିତ ଶୈଶବ ପ୍ରଦାନରେ ସମାଜର ସାମୂହିକ ଦାୟିତ୍ୱ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବ। କାର୍ଯ୍ୟକ୍ରମରେ ଯୁଗ୍ମ ଶ୍ରମ ଆୟୁକ୍ତ କୁବେର ବେହେରା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇ, ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଦେବପ୍ରସାଦ ମହାନ୍ତି, ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ରଙ୍କ ସମେତ ଆଠମଲ୍ଲିକ, କିଶୋରନଗର, ବଣ୍ଡରପାଳ ଓ ତାଳଚେରର ସହକାରୀ ଶ୍ରମ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ନଦୀରୁ ଉଦ୍ଧାର



କଣିହାଁ, ୧୨।୬(ସମିସ): ସମଲ ଥାନା ଶିଲିଙ୍ଗ (ପବିତ୍ରନଗର) ନିକଟ ବ୍ରାହ୍ମଣୀ ନଦୀରୁ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ସକାଳେ ଉଦ୍ଧାର କରାଯାଇଛି। ମୃତକ ହେଲେ ଶିଲିଙ୍ଗ ଗ୍ରାମର ମିଡୁ ଦେହୁରୀ (୩୬)। ଗୁରୁବାର ସକାଳ ପ୍ରାୟ ୮ଟାରେ ମିଡୁ ମାଛ ଧରିବା ପାଇଁ ନଦୀକୁ ଯାଇଥିଲେ। ତେବେ ଦୀର୍ଘସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଖବର ପାଇ କଣିହାଁ ଅଗ୍ନିଶମ ବାହିନୀ ହାବିଲଦାର ସୁଜିତ ମିଶ୍ରଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଚଳାଇଥିଲେ। ଦିଲେଶ୍ୱର ବେହେରା, ବାପୁଜୀ ବିଶ୍ୱାଳ, ଦେବେନ୍ଦ୍ର ବାଳା ଓ ଏସ୍‌କେ ଜେନାଙ୍କ ସହଯୋଗରେ ଶୁକ୍ରବାର ସକାଳ ପ୍ରାୟ ୯ଟାରେ ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରିଛି ତଦନ୍ତ ଆରମ୍ଭ କରିଥିବା ଥାନା ଆଇଆଇସି ମୃଣାଳ କାଲୋ କହିଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ନଗିରା ଓ ବରଡିହ ପଞ୍ଚାୟତରେ ବିଧାୟକଙ୍କ ସମୀକ୍ଷା

ପାଲଲହଡ଼ା, ୧୨।୬(ସମିସ): ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ପାଲଲହଡ଼ା ବ୍ଲକ ନଗିରା ଓ ବରଡିହ ପଞ୍ଚାୟତରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ଗ୍ରାମାଞ୍ଚଳରେ ଚାଲିଥିବା ରାସ୍ତା, ପାନୀୟ ଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷିକ୍ଷେତ୍ରର ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଅଧିକାରୀମାନଙ୍କଠାରୁ ତଥ୍ୟ ସଂଗ୍ରହ କରିଛନ୍ତି। ଲୋକଙ୍କ ସମସ୍ୟା ଓ ଆବଶ୍ୟକତାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




ନଗିରା ପଞ୍ଚାୟତରେ ଆୟୋଜିତ ବୈଠକରେ ଗ୍ରାମବାସୀ ପାନୀୟ ଜଳ ସମସ୍ୟା, ରାସ୍ତାର ଉନ୍ନତି, ବିଦ୍ୟୁତକରଣ ଓ ବିଭିନ୍ନ ସରକାରୀ ଯୋଜନାର ରୂପାୟନ ସମ୍ପର୍କରେ ଦାବି ଉଠାଇଥିଲେ। ବିଧାୟକ ଏହି ସମସ୍ତ ସମସ୍ୟା ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବରଡିହ ପଞ୍ଚାୟତ ସମୀକ୍ଷା ବୈଠକରେ ମଧ୍ୟ ଅଞ୍ଚଳର ବିକାଶ କାର୍ଯ୍ୟ ଓ ଜନସାଧାରଣଙ୍କ ସମସ୍ୟା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଗ୍ରାମୀଣ ସଡ଼କ, ପାନୀୟ ଜଳ ଓ କୃଷି ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିକାଶ କାର୍ଯ୍ୟରେ କୌଣସି ଅବହେଳା ବରଦାସ୍ତ କରାଯିବ ନାହିଁ ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ପ୍ରମୋଦ ସ୍ୱାଇଁ, ସହକାରୀ ବିଡିଓ ବୀରେନ୍ଦ୍ର ଜେନା, ନଗିରା ସରପଞ୍ଚ ପିତନ ବାରିକ, ବରଡିହ ସରପଞ୍ଚ କପି ଦେହୁରୀ, ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଦାଶରଥି ପାଣିଙ୍କ ଜୟନ୍ତୀ ପାଳିତ

କଣିହାଁ, ୧୨।୬(ସମିସ)




ତାଳଚେର ପ୍ରଜାମଣ୍ଡଳର ପଞ୍ଚସଖାମାନଙ୍କ ମଧ୍ୟରୁ ଅନ୍ୟତମ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ 'ବହ୍ନିପୁତ୍ର' ଦାଶରଥି ପାଣିଙ୍କ ଜୟନ୍ତୀ ଉତ୍ସବ ଗୁରୁବାର ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ଅସ୍ଥାୟୀ କାର୍ଯ୍ୟାଳୟରେ ପାଳିତ ହୋଇଛି। ଟ୍ରଷ୍ଟ ସଭାପତି ବିନାୟକ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଥମେ ସ୍ୱର୍ଗତ ପାଣି ଓ ସ୍ୱାଧୀନତା ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସାହିତ୍ୟିକ, କବି ତଥା ଗାଳ୍ପିକ ସିଦ୍ଧିପ୍ରସାଦ ସାହୁ କହିଥିଲେ ଯେ, ଦାଶରଥି ସ୍ୱାଧୀନତା ସଂଗ୍ରାମ ସମୟରେ କଟକ ଜେଲରେ ବନ୍ଦୀ ଥିବା ବେଳେ ବ୍ରିଟିଶ ପାର୍ଲାମେଣ୍ଟ ସଦସ୍ୟା ଆଗାଥା ହାରିସନ ତାଳଚେର ସୀମାବର୍ତ୍ତୀ ବ୍ରିଟିଶ ଶାସିତ ଅନୁଗୋଳ ଅଞ୍ଚଳର ବିଭିନ୍ନ ହିଜରତ ଶିବିର ପରିଦର୍ଶନ କରି ପ୍ରଜାମାନଙ୍କ ଦୁର୍ଦ୍ଦଶା ଦେଖି ବ୍ୟଥିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ କଟକ ଜେଲରେ ବନ୍ଦୀ ଥିବା ଦାଶରଥି ପାଣି ଓ ମାଗୁଣି ଚନ୍ଦ୍ର ପ୍ରଧାନଙ୍କୁ ଭେଟିଥିଲେ। ସେ ସମୟରେ ହାରିସନ କହିଥିଲେ, ଆପଣଙ୍କ ଧର୍ମ ଓ ଦେଶର ରାଜା ଯଦି ଆପଣମାନଙ୍କ ଉପରେ ଏପରି ଅତ୍ୟାଚାର କରନ୍ତି, ତାହା ଆମ କଳ୍ପନାର ବାହାରେ। ଏହାର ଉତ୍ତରରେ ଦାଶରଥି କହିଥିଲେ, ଆମ ଦେଶୀୟ ରାଜାମାନେ ଆପଣଙ୍କ ଇଂରେଜ ସରକାରଙ୍କ ଛତ୍ରଛାୟାରେ ରହି ଆମ ଉପରେ ଏପରି ଅତ୍ୟାଚାର କରୁଛନ୍ତି। ଆପଣମାନେ ଏ ଦେଶ ଛାଡ଼ି ଚାଲିଗଲେ ଆମେ ଶାନ୍ତିରେ ରହିପାରିବୁ। ଏହି ନିର୍ଭୀକ ଉତ୍ତର ହାରିସନଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା ଏବଂ ସେ ବ୍ରିଟିଶ ପାର୍ଲା।ମେଣ୍ଟରେ ଭାରତର ସ୍ୱାଧୀନତା ସପକ୍ଷରେ ଦୃଢ଼ ମତ ଉପସ୍ଥାପନ କରିଥିଲେ ବୋଲି ସାହୁ କହିଥିଲେ। ଦାଶରଥିଙ୍କ ତେଜସ୍ୱୀ ବ୍ୟକ୍ତିତ୍ୱ ଓ ନିର୍ଭୀକତା ପାଇଁ ତାଙ୍କୁ 'ବହ୍ନିପୁତ୍ର' ଭାବେ ଅଭିହିତ କରାଯାଇଥିବା ସେ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଶିଶୁ ସାହିତ୍ୟିକ ନିର୍ଭୟ କୁମାର ପାଣି ଦାଶରଥିଙ୍କ ବୀରତ୍ୱ ଓ ସଂଗ୍ରାମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଟ୍ରଷ୍ଟ ସମ୍ପାଦକ କ୍ଷୀରସିନ୍ଧୁ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଂଗ୍ରାମୀଙ୍କ ପୌତ୍ର ସ୍ମୃତିରଞ୍ଜନ ପାଣି, ସମାଜସେବୀ ଦେବେନ୍ଦ୍ର ବାରିକ, ଶିବପ୍ରସାଦ ରାଉତ, ହୃଷୀକେଶ ସାହୁ, ସାମ୍ବାଦିକ କଷ୍ଟୁଚରଣ ସାମଲ, ସୁଧାଂଶୁ ଶେଖର ସାହୁଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

ସକାଳ THE SAKALA



## କଲ୍ୟାଣ ବିଭାଗରେ ପଦୋନ୍ନତି ନାହିଁ

# ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଭରସାରେ ଚାଲିଛି ୯ଟି ଉଚ୍ଚ ବିଦ୍ୟାଳୟ

ରାୟଗଡ,୧୨।୬(ସମିସ): ରାୟଗଡ ଜିଲ୍ଲା ଠାରୁ ଆରମ୍ଭ କରି ସମଗ୍ର ଓଡିଶାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧିନସ୍ଥ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ବିଦ୍ୟାଳୟଗୁଡିକରେ ପ୍ରାୟ ୨୦୦ଟି ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଡିପିସି ବୈଠକ ହେଉ ନ ଥିବାରୁ ଉକ୍ତ ଉଚ୍ଚ ବିଦ୍ୟାଳୟଗୁଡିକରେ ଟିଜିଟି ଶିକ୍ଷକଶିକ୍ଷୟତ୍ରୀମାନେ ଭାରପ୍ରାପ୍ତ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଫଳରେ ବିଭାଗ ଦ୍ୱାରା ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତ ହେବାରେ ବିଳମ୍ବତା ଯୋଗୁଁ ଶିକ୍ଷକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ନିକଟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବହୁ ସଂଖ୍ୟାରେ ପ୍ରଧାନ ଶିକ୍ଷକ ପଦବୀ ପୂରଣ ପାଇଁ ବିଭାଗୀୟ ଘୋଷଣା ହୋଇଛି। କିନ୍ତୁ କଲ୍ୟାଣ ବିଭାଗର ଦୀର୍ଘ ୪ ବର୍ଷ ହେଲା ପ୍ରଧାନ ଶିକ୍ଷକ ପଦବୀ ପୂରଣ ହେବାରେ ବିଳମ୍ବ ଘଟୁଛି। ଅବିଭକ୍ତ କୋରାପୁଟ ଜିଲ୍ଲାରେ କଲ୍ୟାଣ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରହୁଥିଲେ ମଧ୍ୟ ପ୍ରଧାନଶିକ୍ଷକମାନଙ୍କ ଡିପିସି ବୈଠକ ଡାକି ଖାଲି ପଡିଥିବା ପଦବୀ ପୂରଣ କରିବାରେ ମଧ୍ୟ ବିଳମ୍ବ ଘଟୁଥିବା ଦେଖିବାକୁ ମିଳୁଛି। ବିଭାଗୀୟ ତଥ୍ୟ ପ୍ରକାରେ ରାୟଗଡ ଜିଲ୍ଲାର ଚନ୍ଦ୍ରପୁର ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କପାପଦର ଉଚ୍ଚ ବିଦ୍ୟାଳୟ, ଡମ୍ବସରା ଉଚ୍ଚ ବିଦ୍ୟାଳୟ, ରବାଡି ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅତଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଅଂଟାମଡା ଉଚ୍ଚ ବିଦ୍ୟାଳୟ, ଡଙ୍ଗାସିଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ହାଟମୁନିଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ଗୁଡାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭଳି ୯ଟି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଥିବା ଜଣାପଡିଛି। ରାୟଗଡ ଜିଲ୍ଲାରେ ୪୪ଗୋଟି ଉଚ୍ଚ ବିଦ୍ୟାଳୟ ରହିଥିବା ବେଳେ ୩୫ଟି ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ଅଛନ୍ତି। ତେବେ ଖାଲି ପଡିଥିବା ୯ଟି ବିଦ୍ୟାଳୟରେ ପଦବୀ ପୂରଣ ପାଇଁ ବିଭାଗ କାହିଁକି ପଦକ୍ଷେପ ଗ୍ରହଣ କରୁ ନାହିଁ ଏବଂ ଜିଲ୍ଲାରେ ମଧ୍ୟ ଆଶ୍ରମ ଓ ସେବାଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦୋନ୍ନତି ଦିଆଯାଉ ନାହିଁ,ଟିଜିଟି ପଦବୀଗୁଡିକ ଖାଲି ପଡିଥିବାରୁ ଡିପିସି କରିବା ନେଇ ଜିଲ୍ଲାପାଳଙ୍କୁ ବାରମ୍ବାର କଲ୍ୟାଣ ଶିକ୍ଷକ ସଂଘ ପକ୍ଷରୁ ଦୃଷ୍ଟି ଆର୍କଷଣ କରାଯାଇଥିଲା। ଯାହାକି ଆଜି ପର୍ଯ୍ୟନ୍ତ ପୂରଣ ହୋଇ ନ ଥିବାରୁ ଶିକ୍ଷକ ମହଲରେ ଅସନ୍ତୋଷ ସୃଷ୍ଟି କରୁଛି। ଆସନ୍ତା ଜୁନ ୧୫ ତାରିଖ ସୁଦ୍ଧା ରାଜ୍ୟ ସରକାର ସମସ୍ତ ବିଭାଗର ବଦଳି ଓ ପଦୋନ୍ନତି କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ରାୟଗଡ ଜିଲ୍ଲାର କଲ୍ୟାଣ ବିଭାଗରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଫଳରେ ଚଳିତ ଶିକ୍ଷାବର୍ଷରେ ଶିକ୍ଷାଦାନରେ ବାଧାପ୍ରାପ୍ତ ହୋଇପାରେ ବୋଲି ଆଶଙ୍କା କରାଯାଇଛି । ଦୀର୍ଘ ବର୍ଷ ଧରି ପ୍ରଧାନଶିକ୍ଷକ ପଦବୀ ପୂରଣ କରିବାରେ ବିଳମ୍ବତାକୁ ନେଇ କଲ୍ୟାଣ ବିଭାଗର ଏଭଳି ଅଜବ ନୀତି ଯୋଗୁଁ କଥା ଏବେ ପଦାରେ ପଡି ହାଟରେ ଗଡୁଛି। ତୁରନ୍ତ ଡିପିସି ବୈଠକ କରାଯାଇ ସମସ୍ତ ଉଚ୍ଚ ବିଦ୍ୟାଳୟମାନଙ୍କରେ ଖାଲି ପଡିଥିବା ପ୍ରଧାନଶିକ୍ଷକ ପଦବୀ ପୂରଣ କରିବାକୁ ଏବେ ସାଧାରଣରେ ଦାବି ହେଉଛି। ତେବେ ଏ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତି ଅସୀମା ରାଓଙ୍କ ପ୍ରତିକ୍ରିୟା ନେବାରୁ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ପଦୋନ୍ନତି ବିଭାଗ ଦ୍ୱାରା ହେବାକୁ ଥିବା ବେଳେ ରାୟଗଡ ଜିଲ୍ଲାରେ ଖୁବଶୀଘ୍ର ଡିପିସି ବୈଠକ ଅନୁଷ୍ଠିତ ହେବ ବୋଲି କହିଛନ୍ତି।

ପ୍ରକାଶ ଥାଉ କି, ରାୟଗଡ ଜିଲ୍ଲାରେ କଲ୍ୟାଣ ବିଭାଗ ଅଧୀନରେ ୭ଟି ଉଚ୍ଚ ମାଧମିକ ବିଦ୍ୟାଳୟ, ୪୪ଗୋଟି ଉଚ୍ଚ ବିଦ୍ୟାଳୟ, ୩୪ଗୋଟି ଆଶ୍ରମ ବିଦ୍ୟାଳୟ, ୫୮ଗୋଟି ସେବାଶ୍ରମ,୨ଗୋଟି ଆବାସିକ ସେବାଶ୍ରମ, ୩ଗୋଟି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଏବଂ ଗୋଟିଏ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟକୁ ମିଶାଇ ମୋଟ ୧୪୯ଟି ବିଦ୍ୟାଳୟ ରହିଥିବା ବେଳେ ସମସ୍ତ ବିଦ୍ୟାଳୟରେ ମୋଟ ୫୨୯୪୪ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି।

## ● ଅଟୋ ଉପରେ ଭାଙ୍ଗି ପଡିଲା ଗଛ

# ଅଳ୍ପକେ ବର୍ତ୍ତିଲେ ୩ ଯାତ୍ରୀ



ରାୟଗଡ,୧୨।୬(ସମିସ):ଆଜି ଅପରାହ୍ନରେ କାଳବୈଶାଖି ପ୍ରଭାବରେ ରାୟଗଡ ଠାରୁ କେରେଡା ମୁଖ୍ୟ ରାସ୍ତା ମଧ୍ୟରେ ଏକ ଚଳନ୍ତା ଅଟୋ ଉପରେ ଗଛ ପଡ଼ିଯାଇଥିଲା। ପ୍ରେମନଗର ନିକଟରେ ଅଟୋ ଉପରେ ଏହି ଗଛ ପଡିବା ବେଳେ ତିନି ଜଣ ଯାତ୍ରୀ ଅଳ୍ପକେ ରକ୍ଷା ପାଇଛନ୍ତି। ଅଟୋଟି ରାୟଗଡରୁ ଆନ୍ଧ୍ର ପ୍ରଦେଶର ପାର୍ବତୀପୁରମକୁ ଯାଉଥିଲା। ଆଜି କାଳବୈଶାଖିର ପ୍ରଭାବ ଜେମାଦେଇପେଣ୍ଠ, ବାଇ ସିଂ, ପ୍ରେମ ନଗର ଠାରେ ଦେଖିବାକୁ ମିଳିଥିଲା। କାଳବୈଶାଖି ପ୍ରଭାବରେ କିଛି ଲୋକଙ୍କ ଟିଣ ଛପର ଉଡ଼ି ଯାଇଥିବା ସୂଚନା ମିଳିଛି। ଗଛ ପଡି କିଛି ସମୟ ପାଇଁ ସୀମାନ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଜମାଦେଇପେଣ୍ଠ ସରପଞ୍ଚ ସେଠାରେ ପହଞ୍ଚି ରାଜସ୍ୱ ନିରୀକ୍ଷକଙ୍କୁ ଏନେଇ ଅବଗତ କରିଥିଲେ। ବର୍ତ୍ତମାନ ଯାତାୟତ ସ୍ୱାଭାବିକ ହୋଇଥିବା ଜଣାପଡିଛି।

# କାଳବୈଶାଖୀରେ ଭାଙ୍ଗିଲା ଘର, ଗଛ

ଉମରକୋଟ,୧୨।୬ (ସମିସ):

କାଳ ବୈଶାଖୀର ତାଣ୍ଡବରେ ଜନଜୀବନ ଅସ୍ତବ୍ୟସ୍ତ। ପ୍ରବଳ ପବନ ଓ ବର୍ଷା ଯୋଗୁଁ ଗଛ ଉପୁଡ଼ି ଘର ଉପରେ ପଡ଼ି ଘର ଭାଙ୍ଗିଥିବା ବେଳେ ଅନେକ ସ୍ଥାନରେ ରାସ୍ତା ଅବରୋଧ ହୋଇଛି। ବିଦ୍ୟୁତ ସେବା ମଧ୍ୟ ବନ୍ଦ ରହିଥିଲା। ନବରଙ୍ଗପୁର ଜିଲ୍ଲା । ଉମରକୋଟ ବ୍ଲକ ରେ ଆଜି ସକାଳ ୫ ଘଣ୍ଟା ସମୟରେ ହଠାତ ବର୍ଷା, ପବନ ମାଡି ଆସିଲା । ଯାହାକି ଅନେକ କ୍ଷୟକ୍ଷତି ଘଟାଇଛି। ପ୍ରବଳ ପବନରେ ବହୁ ଗଛ ଉପୁଡ଼ି ପଡ଼ି ଘର ଉପରେ ପଡ଼ିଥିବାରୁ ଉମରକୋଟ ବ୍ଲକ କୋପେନା ପଞ୍ଚାୟତ ମାଳି ପାରା ଗ୍ରାମର ଗଣେଶ ହାଲବାଙ୍କ ଘର ଉପରେ ଏକ ବିରାଟ ତେନ୍ତୁଳି ଗଛ ପଡ଼ିଯାଇଥିଲା। ସୌଭାଗ୍ୟ ବଶତଃ ଏହି ଘଟଣାରେ କାହାରି କୌଣସି କ୍ଷତି ହୋଇନାହିଁ। ଆଜବେଷ୍ଟ ଘର ହୋଇଥିବାରୁ ଘରଟି ସମ୍ପୂର୍ଣ ନଷ୍ଟ ହୋଇଯାଇଛି। ସେହିପରି କୋପେନା ଗ୍ରାମରେ ମଧ୍ୟ ଗଛ ପଡି କାହା କାହାର କାନ୍ଥ ପାଚେରୀ ଭାଙ୍ଗି ଯାଇଛି। କାଳ ବୈଶାଖୀର ଏହି କ୍ଷୟକ୍ଷତିରେ ଅନେକ ଲୋକ ପ୍ରଭାବିତ ହୋଇଛନ୍ତି। ଘର ଉପରେ ଗଛ ପଡିବା ଖବର ପାଇ ଅଗ୍ନିଶମ ବିଭାଗ ତରଫରୁ କେନ୍ଦ୍ର ଅଧିକାରୀ ଭାଗିରଥି ବାଣୁଆ, ଅଗ୍ନି ଯୋଧା ଯୋଦୁମଣି କୋକ, ଦଶରଥ ସାହୁ, ଟଙ୍କ ସୁନା, ରୁକମଣ ବୁଡେକ, ଆକାଶ ହରିପାଲ ପ୍ରମୁଖ ପହଞ୍ଚି ଘର ଉପରେ ପଡିଥିବା ଗଛ ଗୁଡିକୁ କାଟି ସଫା କରିଥିଲେ।



# ରାଜସ୍ୱ, ଶିକ୍ଷା ବିଭାଗ ଅମଲାଙ୍କ ବଦଳି

ରାୟଗଡ, ୧୨।୬(ସମିସ): ଗୋଟିଏ ସ୍ଥାନରେ ୩ବର୍ଷ ପୂରଣ କରିଥିବା ରାଜସ୍ୱ ଓ ଶିକ୍ଷା ବିଭାଗର ଅମଲାଙ୍କର ବଦଳି ନିର୍ଦ୍ଦେଶନାମା ଜାରି ହୋଇଛି। କରିଛନ୍ତି ଜିଲ୍ଲାପାଳ ଅଶୁତୋଷ କୁଲକର୍ଣୀ। ବଦଳି କ୍ଷେତ୍ରରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣୀଙ୍କ କଡା ନିର୍ଦ୍ଦେଶ ଅଛି ଯେ କୌଣସି ବଦଳି ଆଦେଶ ପରିବର୍ତ୍ତନ ହେବ ନାହିଁକିମ୍ବା ବଦଳି ହୋଇଥିବା କର୍ମଚାରୀ ମାନଙ୍କୁ ତାଙ୍କ ସହ ଏନେଇ ସାକ୍ଷାତ ପାଇଁ ବାରଣ କରାଯାଇଛି। ଯେହେତୁ ଖୁବ ଶୀଘ୍ର ଶିକ୍ଷା ବର୍ଷା ଆରମ୍ଭ ହେଉଛି । ଶିକ୍ଷା ବିଭାଗ ଏବଂ ରାଜସ୍ୱ ବିଭାଗର ନିର୍ଦ୍ଦେଶନାମା ଦ୍ୱାରା କର୍ମଚାରୀ ମାନେ ତାଙ୍କ ନୂତନ ସ୍ଥାନରେ ନିଜର ପିଲାମାନଙ୍କୁ ବିଦ୍ୟାଳୟରେ ଜଏନ କରିପାରିବେ ବୋଲି କୁହାଯାଇଛି । ବଦଳି ଆଦେଶରେ ରାୟଗଡା ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ସେକ୍ସନ ଅଫିସର ମାୟାଧର ଶବରଙ୍କୁ ଗୁଣପୁର ତହସିଲ ହୋଇଥିବା ବେଳେ ଗୁଣପୁର ତହସିଲରେ କାର୍ଯ୍ୟରତ ଭି ଅରୁଣା କୁମାରୀଙ୍କୁ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟକୁ ବଦଳି ହୋଇଛି। ସେହିଭଳି ୩୮ ଜଣ ବରିଷ୍ଠ ରାଜସ୍ୱ ସହାୟକଙ୍କୁ ବଦଳି ହୋଇଥିବା ବେଳେ ୫ ଜଣ କନିଷ୍ଠ ରାଜସ୍ୱ ସହାୟକଙ୍କୁ ବଦଳି ହୋଇଛି। ସେହିଭଳି କଲ୍ୟାଣସିଂହପୁର ଡେପୁଟେସନରେ ଯାଇଥିବା ବରିଷ୍ଠ ରାଜସ୍ୱ ସହାୟକ ମୋନାଲିସା ଗୌଡଙ୍କୁ ଡେପୁଟେସନ୍ କ୍ୟାନସଲ ହୋଇ ପୁଣି ରାୟଗଡା ବଦଳି ହୋଇଛି। ସେହିଭଳି ଶିକ୍ଷା ବିଭାଗରେ ୨୯ ଜଣ କନିଷ୍ଠ ସହାୟକଙ୍କ ବଦଳି ହୋଇଥିବା ବେଳେ ୫ଜଣ ସେକ୍ସନ ଅଫିସର ଏବଂ ୬ ଜଣ ବରିଷ୍ଠ ସହାୟକଙ୍କୁ ଜିଲ୍ଲା ଶିକ୍ଷାଅଧିକାରୀ ଆଜି ବଦଳି ନିର୍ଦ୍ଦେଶ ବାହାର କରିଛନ୍ତି। କେତେକ କର୍ମଚାରୀଙ୍କ ଆଉ ଅବସର ପାଇଁ ଏକ ବର୍ଷ ରହିଥିବା ବେଳେ ସେମାନଙ୍କୁ ମଧ୍ୟ ବଦଳି କରାଯାଇଥିବା ଦେଖିବାକୁ ମିଳିଛି।

# ଥାନା ଅଧିକାରିଣୀଙ୍କ ଦୁର୍ବ୍ୟବହାର ଅଭିଯୋଗ, ଥାନା ଆଗରେ ଉତ୍ତେଜନା

କଲ୍ୟାଣସିଂହପୁର,୧୨।୬(ସମିସ): ରାୟଗଡା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକର ଶିକରପାଇ ଠାରେ ଥାନା ଅଧିକାରିଣୀଙ୍କ ଦୁର୍ବ୍ୟବହାରର ଯୋଗୁଁ ଥାନା ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଛି। ଥାନା ଅଧିକାରିଣୀ କଳ୍ପନା ବେହେରା ଦୁର୍ବ୍ୟବହାର କରୁଥିବା ଅଭିଯୋଗ କରି ଥାନା ସାମ୍ନାରେ ସିକରପାଇ ଗାଁ ଲୋକେ ଏକଜୁଟ ହୋଇଥିଲେ। ଖବର ପାଇ ରାୟଗଡ଼ା ଏସ୍‌ଡିପିଓ ଗୌର ହରି ସାହୁ ଓ ଚାନ୍ଦିଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁ କଲ୍ୟାଣସିଂହପୁର ଥାନାରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିବା ଦେଖିବାକୁ ମିଳିଛି। ଗାଁ ଲୋକଙ୍କ କହିବା ଅନୁଯାୟୀ ସିକରପାଇ ଠାରେ ରେଳ ବିଭାଗ ତରଫରୁ ହେଉଥିବା କାମ ଯୋଗୁଁ ଗାଁଦେଇ ଗାଡି ଗୁଡିକ ଯାଉଥିବାରୁ ବିଭିନ୍ନ ସମୟରେ ରାସ୍ତା ଉପରେ ଧୂଳି ଉଡ଼ିବା ସହ ରାସ୍ତା ଜାମ୍ ହେଉଛି। ଲୋକେ ରାସ୍ତା ଉପରେ ପାଣି ପକାଇବା ପାଇଁ କହିଥିଲେ। ଏହାକୁ ନେଇ କିଛି ଗାଡିକୁ ଲୋକମାନେ ଅଟକାଇ ଥିଲେ। ଏହା ପରେ ପୁଲିସ୍ ଅଧିକାରୀ କଳ୍ପନା ବେହେରା ପହଞ୍ଚି ବାରମ୍ବାର ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏହାକୁ ନେଇ ଶିକରପାଇ ଲୋକେ ଥାନା ସାମ୍ନାରେ ଉତ୍ତେଜନା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।



# ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କ ବିୟୋଗରେ ଶୋକ

ଗୁଣପୁର, ୧୨।୬(ସମିସ): ରାୟଗଡ଼ ଜିଲ୍ଲା ଗୁଣପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗୋଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଶବର ସାଂସ୍କୃତିକ ସଂଘ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛି। ସେ ଶବର ସାଂସ୍କୃତିକ ସଂଘର ଜଣେ ହିତାକାଂକ୍ଷୀ ଓ ସକ୍ରୀୟ ସଦସ୍ୟ ଥିଲେ। ତାଙ୍କର ବିୟୋଗ ସଂଘ ପାଇଁ ଅପୂରଣୀୟ କ୍ଷତି ବୋଲି ଏସ୍‌ଡିସି ଅଧ୍ୟକ୍ଷ ବିଦ୍ୟାଧର ଶବର କହିଛନ୍ତି। ସଭାପତି ଚକ୍ରପାଣି ଶବର ଓ ସଂଘର ଉପଦେଷ୍ଟା ତଥା ରାୟଗଡ଼ା ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିଦ୍ୟାଧର ଶବର ମଧ୍ୟ ଶୋକ ପ୍ରକାଶ କରି ସମାଜ ପାଇଁ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ଆର.ଜି ମହାବିଦ୍ୟାଳୟର ପ୍ରତିଷ୍ଠାତା ରାମମୂର୍ତ୍ତି ଗମାଙ୍ଗଙ୍କ ପରଲୋକରେ କଲେଜ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇ ତାଙ୍କର ବିୟୋଗ ଆଞ୍ଚଳିକ ରାଜନୀତି ଓ ଶିକ୍ଷା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି ଉଲ୍ଲେଖ କରାଯାଇଛି। ବିଭିନ୍ନ ଦଳର ବରିଷ୍ଠ ଜନନାୟକ, ସାଂସଦ ଏବଂ ବିଧାୟକମାନେ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

# ୩୭୦ ଲିଟର ଦେଶୀ ମଦ ଜବତ



ନନ୍ଦପୁର, ୧୨।୬ (ସମିସ): ଅବକାରୀ ବିଭାଗ ପକ୍ଷରୁ ଅବୈଧ ମଦ କାରବାର ବିରୋଧରେ ଚଢ଼ଉ ଜାରି ରହିଛି। ଗୁରୁବାର ନନ୍ଦପୁର ଅବକାରୀ ରେଞ୍ଜ, ନନ୍ଦପୁର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ, କୋରାପୁଟ ମୋବାଇଲ୍ ସ୍କ୍ୱାଡ୍ ଏବଂ ଆନ୍ଧ୍ର ପ୍ରଦେଶ ଅବକାରୀ ବିଭାଗର ମିଳିତ ସହଯୋଗରେ ପାଡୁଆ ଥାନା ଅନ୍ତର୍ଗତ ପଣସପୁଟ, ଅଣ୍ଡରୁଗୁଡା ଓ ସୁଡୁପ ଅଞ୍ଚଳରେ ବ୍ୟାପକ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ଅବୈଧ ଭାବେ ପ୍ରସ୍ତୁତ ହେଉଥିବା ପ୍ରାୟ ୪,୦୦୦ ଲିଟର ମହୁଲ ପୋଚ ନଷ୍ଟ କରାଯିବା ସହ ୩୭୦ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଥିଲା। ଘଟଣାସ୍ଥଳରୁ କୌଣସି ଅଭିଯୁକ୍ତ ଧରାପଡ଼ି ନଥିବାରୁ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ଅଜଣା ମାମଲା ରୁଜୁ କରାଯାଇଛି। ଅବୈଧ ମଦ ପ୍ରସ୍ତୁତି ଓ ଚୋରା ଚାଲାଣ ରୋକିବା ପାଇଁ ଆଗାମୀ ଦିନରେ ମଧ୍ୟ ଏଭଳି ମିଳିତ ଚଢ଼ାଉ ଜାରି ରହିବ ବୋଲି ନନ୍ଦପୁର ଅବକାରୀ ଥାନା ଅଧିକାରୀ ରାଜୁ କୁମାର ଖିଟି ସୂଚନା ଦେଇଛନ୍ତି।

# ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ବଣ୍ଟନ



ନନ୍ଦାହାଣ୍ଡି,୧୨।୬(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅଧିନସ୍ଥ ୧୩୫ ଅଙ୍ଗନୱାଡି କର୍ମୀଙ୍କୁ ଶୁକ୍ରବାର ଏକ କାର୍ଯ୍ୟକ୍ରମ ଆୟୋଜନ କରି ମୋବାଇଲ ବଣ୍ଟନ କରାଯାଇଛି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ତହସିଲ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମୋବାଇଲ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ସାଂସଦ ଇଂ. ବଳଭଦ୍ର ମାଝୀ ଓ ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀଶଙ୍କର ମାଝୀ ଯୋଗ ଦେଇଥିଲେ। କିଛି ଅଙ୍ଗନବାଡି କର୍ମୀଙ୍କ ନିକଟରେ ଆଣ୍ଡ୍ରଏଡ୍ ମୋବାଇଲ ସେଟ୍ ନଥିବାରୁ ବିଭିନ୍ନ ଅନଲାଇନ୍ କାମ କରିବାରେ ଅସୁବିଧା ହେଉଥିଲା। ଏହି ସମସ୍ୟାରୁ ମୁକ୍ତି ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ଅଙ୍ଗନବାଡି କର୍ମୀଙ୍କୁ ଆଣ୍ଡ୍ରଏଡ୍ ମୋବାଇଲ ସହ ଚାର୍ଜର ଓ ମୋବାଇଲ ବ୍ୟାଗ୍ ପ୍ରଦାନ କରାଯାଇଛି। ଏଣିକି ଅନଲାଇନ୍ କାମ ସୁଗମ ହୋଇପାରିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। କାର୍ଯ୍ୟକ୍ରମକୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଭାପତିତ୍ୱ କରିଥିବା ବେଳେ ଅନ୍ୟାନ୍ୟ ସମ୍ମାନିତ ଅତିଥି ରୂପେ ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ, ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଜଗଦୀଶ ଚନ୍ଦ୍ର ବିଷୋୟୀ, ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ର ଦାସ ମହାନନ୍ଦିଆ ଓ ଅତିରିକ୍ତ ତହସିଲଦାର ବିଶ୍ୱଜିତ୍ କର୍କରା ଉପସ୍ଥିତ ରହିଥିଲେ।

# ସାମ୍ବାଦିକଙ୍କ ସହଯୋଗ; ସାଇବର ଠକେଇରୁ ବର୍ତ୍ତିଲେ ଯୁବକ

ନନ୍ଦପୁର,୧୨।୬ (ସମିସ):

ପୁଲିସ, ସାମାଜିକ ଅନୁଷ୍ଠାନ ପକ୍ଷରୁ ସାଇବର ଠକେଇ ଉପରେ ସଚେତନତା ପରେ ସଚେତନତା କରାଯାଉଥିଲେ ମଧ୍ୟ ଏହି ମାୟା ଜାଲରେ ଛୋଟରୁ ବଡ଼ ପର୍ଯ୍ୟନ୍ତ ଅନେକ ଫସି ଯାଉଛନ୍ତି । ନିକଟରେ ଜଣେ ବ୍ୟବସାୟୀ ସାଇବର ଠକେଇର ବଡ ଧରଣର ଶିକାର ହୋଇଛନ୍ତି। ଶୁକ୍ରବାର ଗ୍ରାମାଞ୍ଚଳର ଜଣେ ନିରୀହ ଯୁବକ ଏହି ଜାଲରେ ଫସୁ ଫସୁ ଖସି ଯାଇଛନ୍ତି। ସୂଚନା ଅନୁସାରେ, ନନ୍ଦପୁର ସଦର ମହକୁମା ଅନ୍ତର୍ଗତ ମୁଦୁଲି ପୁଟ ଗ୍ରାମର ମୋହନ ମୁଦୁଲିଙ୍କୁ ଦିନ ଦ୍ୱିପହରରେ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ତମର କେଶ ଅଛି ଟଙ୍କା ୫ ହଜାର ଦିଅ, ନ ହେଲେ ତମ ଘରର ସମସ୍ତଙ୍କୁ ଜେଲ ହେବ। ନିରୀହ ଯୁବକ ଜଣଙ୍କ ଭୟଭୀତ ହୋଇ ମୁଦୁଲି ପୁଟ ଗ୍ରାମରୁ ନନ୍ଦପୁର ସହରକୁ ଆସିଥିଲେ ଫୋନ୍ କରିଥିବା ବ୍ୟକ୍ତିଙ୍କୁ ଫୋନ୍ ପେ'ରେ ଟଙ୍କା ପଠାଇବାକୁ । ଠିକ୍ ସେତିକି ବେଳେ ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରାଙ୍କ ସହ ଯୁବକଙ୍କର ଭେଟ ହୋଇଥିଲା। କଥା ବାର୍ତ୍ତା ସମୟରେ ପୁଣି ସାଇବର ଠକର ଫୋନ୍ ଆସିଥିଲା । ହେଲେ ହିନ୍ଦୀ ଭାଷାରେ ସାଇବର ଠକ୍ କଥା ହେଉଥିଲା। ଯୁବକ ଜଣଙ୍କ ଏ ସମ୍ପର୍କରେ ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରାଙ୍କୁ କହିବା ପରେ ତୁରନ୍ତ ନନ୍ଦପୁର ଥାନା ଏସ୍‌ଆଇ ବେଦବର ସାହୁଙ୍କୁ ଯୋଗାଯୋଗ କରି ଫୋନ୍ ନମ୍ବରକୁ ଟ୍ରାକ୍ କରାଯାଇଥିଲା। ହେଲେ ସାଇବର ଠକ ଜଣକ ପୁଲିସ୍‌ର ସ୍କାନରରେ ଆସିଥିବା ଜାଣି ଫୋନ୍ ସୁଇଚ୍ ଅପ୍ କରି ଦେଇଥିଲା । ପରେ ଯୁବକ ଜଣକ ଆଶ୍ୱସ୍ତି ପ୍ରକାଶ କରି ଘରକୁ ଫେରିଥିଲେ। ଏ ନେଇ ସଚେତନ ରହିବାକୁ ଜନସାଧାରଣଙ୍କୁ ଅପିଲ କରିଛନ୍ତି ଆଇଆଇସି ତ୍ରିନାଥ ତୋଟା ପାଡିଆ।



# କାଶୀପୁର ତହସିଲ କାର୍ଯ୍ୟାଳୟରେ ଘରଡିହ ପଟ୍ଟା ବଣ୍ଟନ



କାଶୀପୁର,୧୨।୬(ସମିସ): ରାୟଗଡା ଜିଲ୍ଲା କାଶୀପୁର ତହସିଲ କାର୍ଯ୍ୟାଳୟ ପରିସରରେ ଆଜି ଜଙ୍ଗଲ ଜମି ଅଧିକାର ଶିରୋନାମା ଓ ଘରଡିହ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାଶୀପୁର ତହସିଲଦାର ଅନୁପମ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର କାର୍ତ୍ତିକ ଦୋରା, ବିନୋଦ ଶବରଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜଙ୍ଗଲରେ ବସବାସ କରୁଥିବା ଆଦିବାସୀ, ପାରମ୍ପରିକ ଜଙ୍ଗଲବାସୀ ଏବଂ ଗ୍ରାମାଞ୍ଚଳରେ ଭୂମିହୀନ ଥିବା ପରିବାରଙ୍କୁ ସ୍ଥାୟୀ ସ୍ଥାନ ଓ ଜମିର ମାଲିକାନା ପ୍ରଦାନ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ହେଉଛି ଏହାର ମୁଖ୍ୟ ଉଦେଶ୍ୟ। ଏହି କାର୍ଯ୍ୟକ୍ରମରେ କାଶୀପୁର ତହସିଲ ତରଫରୁ ୫୦ଟି ଜଙ୍ଗଲ ଜମି ଅଧିକାର ଶିରୋନାମା ଓ ୫୦ଟି ଘରଡିହ ପଟ୍ଟା ବଣ୍ଟନ କରାଯାଇଛି। କାଶୀପୁର ତହସିଲ ଅନ୍ତର୍ଗତ ଶଙ୍କରଡା ଗ୍ରାମ ପଞ୍ଚାୟତର ଗୋବରଘାଟି ଗ୍ରାମର ୫୦ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଅଧିକାର ଅଧିନିୟମ ଅନୁସାରେ ଚିରନ୍ତର ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ୫୦ଟି ଆଦିବାସୀ ପରିବାରଙ୍କୁ ବଣ୍ଟନ କରାଯାଇଛି। ଏଥିସହ ଓଡ଼ିଶା ସରକାରଙ୍କ ଘରଡିହ ଜମି ବଣ୍ଟନ ଯଥା ବସୁନ୍ଧରା ଯୋଜନାରେ କାଶୀପୁର ରାଜସ୍ୱ ମଣ୍ଡଳ ଅନ୍ତର୍ଗତ ଚନ୍ଦ୍ରଗିରୀ ଗ୍ରାମପଞ୍ଚାୟତର ଦଣ୍ଡାବାଡ ଗ୍ରାମର ୩୦ ଘରଡିହହୀନ ପରିବାରକୁ ଓ କୁଚେଇପଦର ରାଜସ୍ୱ ମଣ୍ଡଳ ଅନ୍ତର୍ଗତ କୁଗୁପୁଟ ଗ୍ରାମର ୩୦ ଜଣ ଘରଡିହହୀନ ପରିବାରକୁ ଘର ଡିହ ପଟ୍ଟା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଶୀପୁର ତହସିଲର ରାଜସ୍ୱ ପରିଦର୍ଶକ ଅକ୍ରୁର ଶବର, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ସହ ସମସ୍ତ ତହସିଲ କର୍ମଚାରୀ ଉପସ୍ଥିତ ଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ଡୁବାଗୁଡ଼ା ଗ୍ରାମବାସୀ



## ରାସ୍ତା, ପାନୀୟ ଜଳ ସମସ୍ୟା ଉତ୍କଟତର

ରାୟଗଡ,୧୨।୬(ସମିସ): ରାୟଗଡ ଜିଲ୍ଲା ବିଷମକଟକ ବ୍ଲକ୍ କୁମ୍ଭାରଢାମୁଣି ଗ୍ରାମ ପଞ୍ଚାୟତର ଡୁବାଗୁଡ଼ା ଗ୍ରାମରେ ଗ୍ରାମବାସୀଙ୍କ ପାଖରେ ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ଗମନାଗମନ, ପାନୀୟ ଜଳ ଠାରୁ ଆରମ୍ଭ କରି ଅଙ୍ଗନବାଡ଼ି କେନ୍ଦ୍ର ପର୍ଯ୍ୟନ୍ତ ସବୁଥିରେ ପ୍ରଶାସନର ଅବହେଳା ସ୍ପଷ୍ଟ ବାରି ହୋଇପଡୁଛି। ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗାଁକୁ ଯାତାୟାତ ପାଇଁ ନାହିଁ ଭଲ ରାସ୍ତା । ଫଳରେ ଆମ୍ବୁଲାନ୍ସ ଆସିବାରେ ବହୁ ଅସୁବିଧା ହେଉଥିବା କହିଛନ୍ତି ଗ୍ରାମବାସୀ। ଡୁବାଗୁଡ଼ା ଗ୍ରାମକୁ ଯିବା ଆସିବା ପାଇଁ ଏକ ଭଲ ପିଚୁ କିମ୍ବା ସିସି ରାସ୍ତାଟିଏ ନାହିଁ। ବର୍ଷା ଦିନେ ରାସ୍ତା ସମ୍ପୂର୍ଣ୍ଣ କାଦୁଅମୟ ହୋଇଯାଉଥିବାରୁ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ୪ କିଲୋମିଟର ଦୂର ଗଲାପରେ ରାସ୍ତା ପାଖକୁ ଯିବା ପାଇଁ ଆମ୍ବୁଲାନ୍ସ ଆସେ। ରୋଗୀମାନଙ୍କୁ ମେଡିକାଲ ନେବା ପାଇଁ ଆମ୍ବୁଲାନ୍ସ ମଧ୍ୟ ଗାଁକୁ ଆସିପାରୁ ନାହିଁ। ଫଳରେ ରୋଗୀଙ୍କୁ ବହୁ କଷ୍ଟରେ ମେଡିକାଲ ପହଞ୍ଚାଇବାକୁ ପଡୁଛି ବୋଲି କହିଛନ୍ତି ଗ୍ରାମବାସୀ। ସେହିପରି ଗାଁରେ କୌଣସି ଅଙ୍ଗନବାଡ଼ି କେନ୍ଦ୍ର ନ ଥିବାରୁ ୮ କିଲୋମିଟର ଦୂରକୁ ଯାଉଛନ୍ତି ପିଲାମାନେ। ଗ୍ରାମର ଛୋଟ ଛୋଟ ପିଲା ଏବଂ ଗର୍ଭବତୀ ମହିଳାମାନେ ସରକାରୀ ସୁବିଧା ଓ ଖାଦ୍ୟ (ଛତୁଆ) ପାଇବା ପାଇଁ ପ୍ରାୟ ୮ କିଲୋମିଟର ଦୂର ଅନ୍ୟ ଗ୍ରାମକୁ ଯିବାକୁ ବାଧ ହେଉଛନ୍ତି। ଏଥିସହିତ ଗ୍ରାମରେ ଛୋଟ ପିଲାଙ୍କ ଓଜନ ମାପିବା କିମ୍ବା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସେବା ମଧ୍ୟ ଠିକ୍ ଭାବେ ମିଳୁନାହିଁ ବୋଲି କହିଛନ୍ତି ଗ୍ରାମବାସୀ। ଗ୍ରୀଷ୍ମ ଋତୁରେ ପାନୀୟ ଜଳର ଘୋର ସଙ୍କଟ ରହିଛି ବୋଲି ଗ୍ରାମବାସୀ କହିଛନ୍ତି । ଗ୍ରୀଷ୍ମ ଦିନ ଆସିଲେ ଗ୍ରାମରେ ପିଇବା ପାଣିର ଘୋର ଅଭାବ ଦେଖାଦିଏ। ନଳକୂପ ଗୁଡ଼ିକ ଅଚଳ ହୋଇପଡୁଥିବାରୁ ପାନୀୟ ଜଳ ପାଇଁ ଲୋକଙ୍କୁ ଉହଲବିକଳ ହେବାକୁ ପଡ଼େ। ଅ ଏହି ସବୁ ସମସ୍ୟା ନେଇ ସ୍ଥାନୀୟ ବିଧାୟକ, ସାଂସଦ, ବିଡ଼ିଓ , ସିଡିପିଓ ଏବଂ ଜିଲ୍ଲାପାଳଙ୍କ ନିକଟରେ ବହୁବାର ଗୁହାରି କରାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ କେହି ଜଣେ ହେଲେ ନେତା କିମ୍ବା ଅଧିକାରୀ ଗାଁକୁ ଆସିନାହାନ୍ତି କିମ୍ବା କୌଣସି ପଦକ୍ଷେପ ନେଇନାହାନ୍ତି। ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଡୁବାଗୁଡ଼ା ଗ୍ରାମରେ ରାସ୍ତା ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା ଏବଂ ଏକ ସ୍ଥାୟୀ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ନ କଲେ, ଗ୍ରାମବାସୀ ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନ ବର୍ଜନ କରିବେ ଏବଂ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ବହଳଦା ତହସିଲରେ ବୃଦ୍ଧି ପାଉଛି କ୍ରସର ୟୁନିଟ୍

# ବଢୁଛି ପ୍ରଦୂଷଣ, ଦେଖାଯାଉଛି ସ୍ୱାସ୍ଥ୍ୟଗତ ସମସ୍ୟା

ରାଇରଙ୍ଗପୁର, ୧୨।୬ (ସମିସ)



ବାମନଘାଟି ଉପଖଣ୍ଡରେ ଲଘୁ ଖଣିଜ ଚୋରା ଚାଲାଣ ମାତ୍ରା ବୃଦ୍ଧି ପାଇବା ସହ ବେଆଇନ କ୍ରସର ସଂଖ୍ୟା ବୃଦ୍ଧି ପାଉଛି। ଯାହାକୁ ନେଇ ଦିନରାତି ଲଘୁ ଖଣିଜ ଚାଲାଣ କାରବାର ଖୁଲମଖୁଲା ଭାବେ ବୃଦ୍ଧି ପାଇବାରେ ଲାଗିଛି। ବହଳଦା ତହସିଲ ଅନ୍ତର୍ଗତ ଭଗାବନ୍ଦି ଗ୍ରାମ ନିକଟରେ ଏକାଧିକ କ୍ରସର ଚାଲିଛି। ଯେଉଁଥିରେ କି ଅନେକ ବେଆଇନ ଭାବେ ଚାଲିଛି। ଫଳରେ ସ୍ଥାନୀୟ ଗ୍ରାମରେ ପ୍ରଦୂଷଣର ମାତ୍ରା ବୃଦ୍ଧି ପାଉଛି। କ୍ରସର୍ ଧୂଳି ଧୂଆଁ ଯୋଗୁଁ ଗ୍ରାମବାସୀ ସ୍ୱାସ୍ଥ୍ୟଗତ ସମସ୍ୟାରେ ଆକ୍ରାନ୍ତ ହେଉଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହ ଅନ୍ୟାନ୍ୟ ଅନୁମତି ନ ଥାଇ ପ୍ରଶାସନର ନାକ ତଳେ ଖୁଲମଖୁଲା ଭାବେ କ୍ରସର ଚାଲିଛି। ଯାହାକି ଜନବସତିଠାରୁ ଅନତି ଦୂରରେ ବେଆଇନ ଭାବେ କାର୍ଯ୍ୟ କରୁଛି। କ୍ରସର ମାଲିକ ଅବାଧରେ ସ୍ଥାନୀୟ ଲୋକ ଓ ପ୍ରଶାସନିକ ଅଧିକାରୀଙ୍କୁ ହାତ କରି ଅବାଧରେ ଲଘୁ ଖଣିଜ ସମ୍ପଦ ଲୁଟ କରିଆସୁଛନ୍ତି। ଚୋରି ରୋକିବାକୁ ପ୍ରଶାସନ ପକ୍ଷରୁ ଖଣି, ରାଜସ୍ୱ, ବନ ଓ ପୁଲିସ ବିଭାଗକୁ ନେଇ ଏନଫୋର୍ସମେଣ୍ଟ ଟିମ୍ ଗଠନ ହୋଇଛି। ମାତ୍ର ଏହି ଟିମ୍ ସଠିକ୍ ଭାବେ କାମ କରୁ ନ ଥିବାରୁ ଏହାର ସୁଯୋଗରେ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଅବାଧରେ ଲୁଟ ହେଉଛି। ଏଥିପାଇଁ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିବାବେଳେ ଜଙ୍ଗଲ ଓ ପରିବେଶ ସନ୍ତୁଳନକୁ ଅନେକ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି।

କ୍ରସର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କନସେଣ୍ଟ ଟୁ ଅପରେଟ ନ ନେଇ ବେଧଡକ ଚାଲିଛି। ବେଆଇନ ପଥର କ୍ରସର ଚାଲିଥିବାରୁ ପ୍ରଦୂଷଣ ବଢୁଛି। ଏହି କ୍ରସର ମଧ ବାୟୁ ଓ ଜଳ ପ୍ରଦୂଷଣ କରିଚାଲିଥିଲେ ମଧ କିପରି ସିଟିଓ ବା କନସେଣ୍ଟ ଟୁ ଅପରେଟ ପାଇଲେ ତାହା ସନ୍ଦେହ ଘେରରେ। ପ୍ରଦୂଷଣ ରୋକିବା ପାଇଁ ସମସ୍ତ ବ୍ୟବସ୍ଥା କରିବା ପରେ ବିଭାଗ ପକ୍ଷରୁ ନିୟମିତ ଭାବେ ଯାଞ୍ଚ କରାଯାଏ। ପ୍ରଦୂଷଣ ରୋକିବା ପାଇଁ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା କରାଯାଇଥିଲେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଅନୁମତିପତ୍ର ମିଳିଥାଏ। କିନ୍ତୁ ବହଳଦା ତହସିଲ ଅନ୍ତର୍ଗତ ଭଗାବନ୍ଦି ଗ୍ରାମ ନିକଟରେ ଏକାଧିକ କ୍ରସର ଚାଲିଥିବାବେଳେ ଅନେକରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଅଧିକାରୀ ଓ ଖଣି ମାଲିକ ସଲାସୁତୁରା ପାଇଁ ତଦାରଖ ହେଉନାହିଁ। ଫଳରେ ପ୍ରଦୂଷଣ ମାତ୍ରା ବଢୁଥିବାବେଳେ ରାଜସ୍ୱ କମୁଛି। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ପଥରକୁ ଗୁଣ୍ଡ କରାଯିବା ସମୟରେ ପବନରେ ଧୂଳି ଉଡି ରାସ୍ତା, ଚାଷଜମି, ଗଛଲତାରେ ପଡୁଛି। କ୍ରସର ଚାଲିବା ସମୟରେ ପ୍ରଦୂଷଣ ନିୟନ୍ତ୍ରଣ ଅନୁଯାୟୀ ପାଣି ସିଞ୍ଚନ କରାଯାଉ ନ ଥିବା, କ୍ରସର ନିକଟରେ ପାଚେରି ନଳ ଥିବାରୁ ଧୂଳି ଉଡି ବାହାରକୁ ବ୍ୟାପୁଛି। ଏଥିସହିତ

> ▶▶ ପ୍ରଶାସନ ନାକ ତଳେ ଖୁଲମଖୁଲା ଚାଲିଛି କ୍ରସର
>
> ▶▶ ଦୈନିକ ଲୁଟ୍ ହେଉଛି କୋଟି କୋଟି ଟଙ୍କାର ରାଜସ୍ୱ

ବେଆଇନ ଭାବେ ଖଣି ଉତ୍ତୋଳନ କରି ବାହାରକୁ ଚାଲାଣ ମଧ ହେଉଛି। ଏହି କ୍ରସର ବନ୍ଦ କରା ନ ଗଲେ ସ୍ଥାନୀୟ ଗ୍ରାମବାସୀ ପ୍ରଦୂଷଣରେ ରୋଗାକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିବା ସମ୍ଭାବନା ରହିଛି। ଏ ନେଇ ପଦକ୍ଷେପ ଗ୍ରହଣ କରା ନ ଗଲେ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଅଧିକ ଲାଭ ଆଶାରେ ଓ ବିଦ୍ୟୁତ ବିଲ୍ ବଞ୍ଚାଇବା ପାଇଁ ନିୟମିତ ପାଣି ସିଞ୍ଚନ ବା ଉଚ୍ଚ ପାଚେରି ଆଦି ନିର୍ମାଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ସେହିପରି ବାୟୁ ପ୍ରଦୂଷଣ ରୋକିବା ପାଇଁ କ୍ରସର ଚାରି ପାଖରେ ସବୁଜ ବଳୟ ସୃଷ୍ଟି କରିବା ନିୟମ ଥିଲେ ହେଁ କରାଯାଇନାହିଁ। ଯେଉଁ କିଛି ଗଛ ଲଗାଯାଇଥିଲା ତାହା ରକ୍ଷଣବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଥିବାରୁ ଧୂଳି କ୍ରସର ବାହାରକୁ ଉଡୁଛି। ସର୍ବନିମ୍ନ ୧୨ ଫୁଟ ଉଚ୍ଚ ପାଚେରି ନିର୍ମାଣ କରିବା ପରେ କ୍ରସର ୟୁନିଟ ଅନୁମତି ମିଳିବା କଥା। ମାତ୍ର ବାୟୁ ପ୍ରଦୂଷଣ ନିରାକରଣ ବ୍ୟବସ୍ଥା କରାଯାଇନାହିଁ। କ୍ରସର ପାଇଁ ପଥର କେଉଁଠାରୁ ଆସିଲା, ତାହା ନିୟମିତ ତଦାରଖ ହେଉ ନ ଥିବାରୁ ଆଖପାଖ ଅଞ୍ଚଳରୁ ବେଆଇନ ଭାବେ ଚୋରାରେ ପଥର ଆଣି ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ରାଜସ୍ୱ ନିରୀକ୍ଷକ କେତେ ପଥର କେଉଁଠାରୁ ଆସିଲା ଓ କେତେ ବିକ୍ରି ହେଲା ନିୟମ ଅନୁଯାୟୀ ଷ୍ଟକ୍ ଯାଞ୍ଚ କରୁ ନ ଥିବାରୁ ଚୋରା କରାବାର ବଢୁଛି। ସ୍ଥାନୀୟ ଟ୍ରାକ୍ଟର ମାଧ୍ୟମରେ ଜଙ୍ଗଲ ପଥର ହୁଡି, ଜଙ୍ଗଲ ନଷ୍ଟ କରି ଏହି କ୍ରସରକୁ ପଥର ଚୋର ଚାଲାଣ କରୁଥିବା ଅଭିଯୋଗ ହୋଇଛି। ସଂରକ୍ଷିତ ଜଙ୍ଗଲରେ ବେଆଇନ ଖନନ ଯୋଗୁଁ ଜଙ୍ଗଲ ଜୀବଜନ୍ତୁଙ୍କ ଆଶ୍ରୟସ୍ଥଳ ନଷ୍ଟ ହୋଇଛି। ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକ ଜୀବନ ଜୀବିକା ହରାଇଛନ୍ତି। ବେଆଇନ ଭାବେ ଲୁଚାଛପାରେ ଚାଲିଥିବା କ୍ରସର ଯୋଗୁଁ ଜଳ ଓ ବାୟୁ ପ୍ରଦୂଷଣ ପାଇଁ ସ୍ଥାନୀୟ ଲୋକ ଅତିଷ୍ଠ ହୋଇପଡ଼ିଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି କ୍ରସର ୟୁନିଟ ଯାଞ୍ଚ କରି ବିନା ଅନୁମତିରେ ଚାଲୁଥିବା କ୍ରସର ବନ୍ଦ କରିବାକୁ ସାଧାରଣରେ ଦାବି ହୋଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବିନା ଅନୁମତିରେ କ୍ରସର ପ୍ରତିଷ୍ଠା ହୋଇଥିବାରୁ ପରିବେଶ ସୁରକ୍ଷା ଆଇନ ଏୟାର ଆକ୍ଟ ୧୯୮୧ ଓ ୱାଟର ଆକ୍ଟ ୧୯୭୪ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏହାକୁ ନେଇ ଭଞ୍ଜସେନା ପକ୍ଷରୁ ବିରୋଧ କରାଯାଇଛି। ଖଣି ମାଲିକ ଅନେକ ଲାଭବାନ ହେଉଥିବାବେଳେ ଆମ ପରିବେଶକୁ ନଷ୍ଟ କରୁଛନ୍ତି। ବେଆଇନ ଖଣି ଉତ୍ତୋଳନ ସହ ପ୍ରଦୂଷଣ ନିରାକରଣ ନେଇ ନିୟମ ପାଳନ କରୁନାହାନ୍ତି। ପ୍ରଶାସନ ଓ ଖଣି ମାଲିକଙ୍କ ସଲାସୁତୁରାରେ ଚାଲିଥିବାବେଳେ ଚଢଉ ପ୍ରକ୍ରିୟା ହେଉନାହିଁ। ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ ନ କଲେ ଭଞ୍ଜସେନା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ ଚେତାବନୀ ଦେଇଛନ୍ତି।

## ଆମ୍ବ ଗଛରୁ ପଡ଼ି ରାଜମିସ୍ତ୍ରିଙ୍କ ମୃତ୍ୟୁ

**ବାରିପଦା, ୧୨।୬ (ସମିସ):** ଆମ୍ବ ତୋଳିବାକୁ ଯାଇ ଗଛରୁ ଖସି ପଡ଼ି ରାଜମିସ୍ତ୍ରି ରମାକାନ୍ତ ଦଳେଇଙ୍କ ମୃତ୍ୟୁ ଘଟିଛି। ସେ ପରିବାର ସହିତ ବାରିପଦାରେ ଏକ ଭଡ଼ାଘରେ ରହୁଥିଲେ। ତାଙ୍କ ପୈତୃକ ଗ୍ରାମ ବାଲେଶ୍ୱର ଜିଲ୍ଲା ରେମୁଣା ଅଞ୍ଚଳରେ। ସ୍ଥାନୀୟ ବେଲଗଡ଼ିଆ ଅଞ୍ଚଳରେ ଆମ୍ବ ତୋଳିବା ପାଇଁ ଗଛକୁ ଚଢ଼ିଥିବାବେଳେ ଅସାବଧାନତାରୁ ଏହି ଦୁର୍ଘଟଣା ଘଟିଛି। ଏ ସମ୍ପର୍କରେ ବାରିପଦା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ପୁଲିସ ତଦନ୍ତ ଜାରି ରଖିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ରାଇରଙ୍ଗପୁର, ୧୨।୬(ସମିସ):** ବାଦାମପାହାଡ଼ ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ବାଦାମପାହାଡ଼ ଥାନା ଅନ୍ତର୍ଗତ ମୟୂରଦର ଗ୍ରାମର ଟିକା ହାଁସଦାଙ୍କ ପୁଅ ପିଥ (୧୮)। ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତ୍ୟଦେହ ଉଦ୍ଧାର ହୋଇଥିବାବେଳେ ଆତ୍ମହତ୍ୟା ସନ୍ଦେହ କରାଯାଉଛି। ପରିବାର ଲୋକ ଝୁଲନ୍ତା ମୃତଦେହକୁ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ବାଦାମପାହାଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।

## ତାଲା ବନ୍ଦ ଘରୁ ଚୋରି

**ରାଇରଙ୍ଗପୁର, ୧୨।୬ (ସମିସ):** ରରୁଆଁ ଥାନା ଅଞ୍ଚଳରେ ତାଲା ବନ୍ଦ ଘରୁ ୨୦ ଲକ୍ଷ ଟଙ୍କାର ଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ଏ ନେଇ ପାଣ୍ଡରଶୀଳ ଗ୍ରାମର ପିପୁନ ଭୋଳ ରରୁଆଁ ଥାନାରେ ଅଭିଯୋଗ କରିଛନ୍ତି। ସେ ଭଡ଼ା ସୂତ୍ରରେ ରହୁଥିବା ଘର ପାଖ ହୋଟେଲକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଦୁର୍ବୃତ୍ତମାନେ ଆଲମାରୀ ତାଲା ଭାଙ୍ଗି ସୁନା ଅଳଙ୍କାର ଚୋରି କରିଛନ୍ତି। ଯାହାର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ। ଏଥିସହିତ ୧ ଲକ୍ଷ ଟଙ୍କା ମଧ ଚୋରି କରିଛନ୍ତି। ଘରକୁ ଫେରି ଘଟଣା ବାବଦରେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସାନ୍ତାଳୀ, ମୁଣ୍ଡାରୀ, ହୋ ଓ ଭୂମିଜ ଭାଷାକୁ ଓଡ଼ିଶାର ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ଦାବି

**ବାରିପଦା, ୧୨।୬(ସମିସ):** ମାସାଆର୍ମୀ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଓଡ଼ିଶାର ଆଦିବାସୀ ସମାଜର ଭାଷା, ସଂସ୍କୃତି ଓ ପରିଚୟର ସୁରକ୍ଷା ନିମନ୍ତେ ସାନ୍ତାଳୀ, ମୁଣ୍ଡାରୀ, ହୋ ଓ ଭୂମିଜ ଭାଷାକୁ ଓଡ଼ିଶାର ଦ୍ୱିତୀୟ ରାଜ୍ୟ ଭାଷା ଭାବେ ମାନ୍ୟତା ପ୍ରଦାନ କରିବା ଦାବିରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଜନଶୁଣାଣି ପ୍ରକୋଷ୍ଠରେ ଅନଲାଇନ ମାଧ୍ୟମରେ ଏକ ସ୍ମାରକପତ୍ର ଦାଖଲ କରିଛନ୍ତି। ଓଡ଼ିଶାରେ ଲକ୍ଷାଧିକ ଆଦିବାସୀ ଲୋକ ସାନ୍ତାଳୀ, ମୁଣ୍ଡାରୀ, ହୋ ଓ ଭୂମିଜ ଭାଷାରେ କଥାବାର୍ତ୍ତା କରୁଥିବାବେଳେ ଏହି ଭାଷାଗୁଡ଼ିକ ସରକାରୀ ସ୍ତରରେ ଯଥାର୍ଥ ସମ୍ମାନ ଓ ବ୍ୟବହାରିକ ସ୍ୱୀକୃତି ପାଇପାରିନାହିଁ। ସାନ୍ତାଳୀ ଭାଷା ଭାରତୀୟ ସମ୍ବିଧାନର ଅଷ୍ଟମ ତାଲିକାରେ ସ୍ଥାନ ପାଇଥିଲେ ମଧ୍ୟ ରାଜ୍ୟ ସ୍ତରରେ ଏହାର ଉଚିତ ପ୍ରୟୋଗ ଓ ପ୍ରଚାର-ପ୍ରସାର ହୋଇପାରୁନାହିଁ। ସେହିପରି ମୁଣ୍ଡାରୀ, ହୋ ଓ ଭୂମିଜ ଭାଷା ମଧ୍ୟ ଆଦିବାସୀ ସମାଜର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ଅମୂଲ୍ୟ ଧରୋହର ହୋଇଥିଲେ ମଧ୍ୟ ସରକାରୀ ଅବହେଳାର ଶିକାର ହୋଇଆସୁଛି। ରାଜ୍ୟ ସଭାପତି ଶ୍ରୀ ମାରାଣ୍ଡି କହିଛନ୍ତି, ଓଡ଼ିଶାର ଆଦିବାସୀ ସମାଜର ଭାଷାଗତ ଅଧିକାରକୁ ସମ୍ମାନ ଦେବା ଓ ସମ୍ବିଧାନ ପ୍ରଦତ୍ତ ଭାଷା ସୁରକ୍ଷା ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ତୁରନ୍ତ ସାନ୍ତାଳୀ, ମୁଣ୍ଡାରୀ, ହୋ ଓ ଭୂମିଜ ଭାଷାକୁ ଓଡ଼ିଶାର ଦ୍ୱିତୀୟ ରାଜ୍ୟ ଭାଷା ଭାବେ ଘୋଷଣା କରିବା ଆବଶ୍ୟକ। ଏହାଦ୍ୱାରା ଶିକ୍ଷା, ପ୍ରଶାସନ, ନିଯୁକ୍ତି ଓ ସରକାରୀ କାର୍ଯ୍ୟକ୍ରମରେ ଏହି ଭାଷାର ବ୍ୟବହାର ବୃଦ୍ଧି ପାଇବ ଓ ଆଦିବାସୀ ସମାଜ ନିଜ ମାତୃଭାଷାରେ ସରକାରୀ ସେବା ପାଇବାର ସୁଯୋଗ ପାଇବେ। ଯଦି ରାଜ୍ୟ ସରକାର ଏହି ନ୍ୟାୟସଙ୍ଗତ ଦାବି ପ୍ରତି ଶୀଘ୍ର ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ଗଣଆନ୍ଦୋଳନ, ଜନଜାଗରଣ ଅଭିଯାନ ଓ ଗଣତାନ୍ତ୍ରିକ ଉପାୟରେ ବ୍ୟାପକ ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ମାସାଆର୍ମୀ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଦିବାସୀ ଭାଷା ଓ ପରିଚୟର ସୁରକ୍ଷା ପାଇଁ ଏହି ଲଢ଼େଇ ଆଗାମୀ ଦିନରେ ଅଧିକ ଜୋରଦାର ହେବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ନିପାଣିଆ ଗ୍ରାମରେ ପେସା ଗ୍ରାମସଭା



**ଠାକୁରମୁଣ୍ଡା, ୧୨।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଠାକୁରମୁଣ୍ଡା ପଞ୍ଚାୟତର ୩ ନମ୍ବର ୱାର୍ଡ ନିପାଣିଆ ଗ୍ରାମରେ ଶୁକ୍ରବାର ପେସା ଗ୍ରାମସଭା ଓ ପେସା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ସମାଜର ପାରମ୍ପରିକ ଅଧିକାର, ସୁଶାସନ ବ୍ୟବସ୍ଥା ଓ ପେସା ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ସଭାର ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ ଗ୍ରାମ ଦେହୁରୀ ରସାନନ୍ଦ ବାନ୍ଦିଆ ଗ୍ରାମର ପ୍ରବେଶ ପଥରେ ସ୍ଥାପିତ ପେସା ସୂଚିତ ଭାରତୀୟ ସମ୍ବିଧାନର ଧାରା-୨୪୪ ସମ୍ବଳିତ ପଥର ନିକଟରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ପରେ ଗ୍ରାମବାସୀଙ୍କ ଉପସ୍ଥିତିରେ ପେସା ସଚେତନତା ସଭା ଆରମ୍ଭ ହୋଇଥିଲା। ତୁରାମ ସିଂ ବାନ୍ଦିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗ୍ରାମ ମୁଖିଆ ବିଶ୍ୱନାଥ ବାନ୍ଦିଆଙ୍କ ସହ ମୁଖ୍ୟଅତିଥି ଭାବେ ପେସା ଡିଷ୍ଟ୍ରିକ୍ଟ କାଉନସିଲର ସମ୍ପାଦକ ଶ୍ରୀଧର ମୁର୍ମୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହସମ୍ପାଦକ ଶ୍ୟାମସୁନ୍ଦର ଟୁଡୁ, ଯୁଗ୍ମ ସମ୍ପାଦକ ରାମଚନ୍ଦ୍ର ହେମ୍ବ୍ରମ, ଲକ୍ଷ୍ମଣ ମାରାଣ୍ଡି, କୋ-ଅର୍ଡିନେଟର ବାଘରାୟ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ପେସା ଡିଷ୍ଟ୍ରିକ୍ଟ କାଉନସିଲର ସମ୍ପାଦକ ଶ୍ରୀଧର ମୁର୍ମୁ କହିଥିଲେ, ପେସା ଆଇନ ହେଉଛି ଆଦିବାସୀ ସମାଜର ଅଧିକାର, ପରମ୍ପରା, ସଂସ୍କୃତି ଓ ଜଳ-ଜଙ୍ଗଲ-ଜମିର ସୁରକ୍ଷା ପାଇଁ ଏକ ଶକ୍ତିଶାଳୀ ଆଇନଗତ ଅସ୍ତ୍ର। ପେସା ହିଁ ଆଦିବାସୀଙ୍କ ରକ୍ଷା କବଚ ଓ ପେସା ବିନା ଆଦିବାସୀ ସମାଜର ସୁରକ୍ଷା ସମ୍ଭବ ନୁହେଁ। ତେଣୁ ପ୍ରତ୍ୟେକ ଗ୍ରାମବାସୀ ପେସା ଆଇନ ସମ୍ପର୍କରେ ଅବଗତ ହୋଇ ଗ୍ରାମସଭାକୁ ସଶକ୍ତ କରିବା ପାଇଁ ଆଗେଇ ଆସିବା ଆବଶ୍ୟକ। ଏ ଅବସରରେ ନିପାଣିଆ ପେସା ଗ୍ରାମସଭାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ବିଜୟ ବାନ୍ଦିଆଙ୍କୁ ସଭାପତି, ଚାମ୍ପୁରୁ ବାନ୍ଦିଆଙ୍କୁ ଉପସଭାପତି, ରାମଲାଲ ବାନ୍ଦିଆଙ୍କୁ ସମ୍ପାଦକ, ଲକ୍ଷ୍ମଣ ବାଲିଆଙ୍କୁ ସହସମ୍ପାଦକ ଓ ଶୁଭମ ବାନ୍ଦିଆଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ନବନିର୍ବାଚିତ କର୍ମକର୍ତ୍ତା ଗ୍ରାମର ସାମଗ୍ରିକ ବିକାଶ ଓ ପେସା ଆଇନର ସଫଳ କାର୍ଯ୍ୟକାରିତା ପାଇଁ କାମ କରିବାକୁ ସଂକଳ୍ପ କରିଥିଲେ। ୱାର୍ଡ ମେମ୍ବର ପ୍ରମିଳା ଲୁଗୁନ, ଅମରେନ୍ଦ୍ର କୁଦାଦାଙ୍କ ସମେତ ବହୁ ଗ୍ରାମବାସୀ ଓ ପେସା ସମର୍ଥକ ଉପସ୍ଥିତ ଥିଲେ। ସମସ୍ତେ ପେସା ଆଇନର ସଠିକ୍ ପ୍ରୟୋଗ ଓ ଗ୍ରାମସଭାର ସଶକ୍ତୀକରଣ ଉପରେ ମତାମତ ରଖିଥିଲେ। ମନୋଜ ବାନ୍ଦିଆ ଧନ୍ୟବାଦ ଅର୍ପଣ କରିଥିଲେ। ନିପାଣିଆ ଗ୍ରାମରେ ଅନୁଷ୍ଠିତ ଏହି ପେସା ଗ୍ରାମସଭା ଆଦିବାସୀ ସମାଜ ମଧ୍ୟରେ ପେସା ଆଇନ ସମ୍ପର୍କିତ ସଚେତନତା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସ୍ଥାନୀୟ ଲୋକ ମତ ପ୍ରକାଶ କରିଛନ୍ତି।

## 'ବିକାଶର ଧାରା, ଓଡ଼ିଶା ସାରା' ଶୀର୍ଷକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର



**ବାରିପଦା, ୧୨।୬(ସମିସ):** ଓଡ଼ିଶା ସରକାରଙ୍କ ଦୁଇବର୍ଷର ସଫଳ ଶାସନ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମ 'ବିକାଶର ଧାରା, ଓଡ଼ିଶା ସାରା' ଅନ୍ତର୍ଗତ ଶୁକ୍ରବାର ବାରିପଦାସ୍ଥ ସହିଦ ସ୍ମୃତି ଭବନରେ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ରାଜ୍ୟ ସରକାରଙ୍କ ଗତ ଦୁଇବର୍ଷର ବିକାଶମୂଳକ ସଫଳତା, ସୁଶାସନ ଓ ଜନକଲ୍ୟାଣମୂଳକ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଆଲୋଚନାଚକ୍ରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସମାଜର ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ଶିକ୍ଷାବିତ ଅମିତାଭ ମିଶ୍ର, ଜିଲ୍ଲା ନିଯୁକ୍ତି ନିୟୋଜନ ଅଧିକାରୀ ଆଶିଷ ବସନ୍ତିଆ ଯୋଗଦେଇ ରାଜ୍ୟର ବିକାଶ ଯାତ୍ରା, ଜନମୁଖୀ ଶାସନ ବ୍ୟବସ୍ଥା, ଜନକଲ୍ୟାଣମୂଳକ ଯୋଜନାର ପ୍ରଭାବ ସମ୍ପର୍କରେ ନିଜର ମତାମତ ଉପସ୍ଥାପନ କରି ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ, ଜନକୈନ୍ଦ୍ରିକ ନୀତି ଓ ସମାବେଶୀ ବିକାଶ ଦୃଷ୍ଟିଭଙ୍ଗୀ ଫଳରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି କହିଛନ୍ତି। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମହିଳା ସଶକ୍ତିକରଣ, ଜନଜାତି କଲ୍ୟାଣ, ଭିତ୍ତିଭୂମି ବିକାଶ, ରୋଜଗାର ସୃଷ୍ଟି ଓ ଯୁବ ବିକାଶ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ରାଜ୍ୟର ସାମଗ୍ରିକ ବିକାଶକୁ ନୂତନ ଦିଗ ପ୍ରଦାନ କରିଛି। ଆଲୋଚନାଚକ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା, ଡିଜିଟାଲ୍ ଶାସନ ବ୍ୟବସ୍ଥା, ସ୍ୱଚ୍ଛ ଓ ଉତ୍ତରଦାୟୀ ପ୍ରଶାସନ, ମୌଳିକ ସେବାର ସମ୍ପ୍ରସାରଣ, ଦୁର୍ବଳ ବର୍ଗର ଉନ୍ନୟନ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଆଲୋକପାତ କରାଯାଇଥିଲା। ଅଂଶଗ୍ରହଣକାରୀ ଓଡ଼ିଶାର ବିକାଶ ଯାତ୍ରାକୁ ଆହୁରି ସୁଦୃଢ଼ କରିବା ଦିଗରେ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିବା ସହ ସମାଜର ସମସ୍ତ ବର୍ଗର ସକ୍ରିୟ ସହଭାଗିତାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ।

### ତିନିଦିନିଆ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଏ ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ସଫଳତା ଓ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ବଳିତ ସୂଚନାମୂଳକ ସାମଗ୍ରୀ ବିଭିନ୍ନ ବିଭାଗ ଦ୍ୱାରା ଷ୍ଟଲ୍ ଖୋଲାଯାଇ ପ୍ରଦର୍ଶିତ କରାଯାଇଥିଲା। ଉପସ୍ଥିତ ବ୍ୟକ୍ତିବିଶେଷ ଓଡ଼ିଶାର ବିକାଶ ଓ ସମୃଦ୍ଧି ଦିଗରେ ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ, ଯୁବ ପ୍ରତିନିଧି, ଛାତ୍ରଛାତ୍ରୀ ଓ ସମାଜର ବିଭିନ୍ନ ବର୍ଗର ବହୁ ସଂଖ୍ୟକ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଶାନ୍ତନୁ ନାୟକ ଧନ୍ୟବାଦ ଅର୍ପଣ କରିବା ସହିତ କାର୍ଯ୍ୟକ୍ରମର ସମାପନ ଘୋଷଣା କରିଥିଲେ। କାର୍ଯ୍ୟକ୍ରମ ୩ଦିନ ଧରି ଚାଲିବ।

## ମୟୂରଭଞ୍ଜରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

**ବାରିପଦା, ୧୨।୬(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଗ୍ୟାରେଣ୍ଟି 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରାଯାଇଛି। ଏ ନେଇ ବାରିପଦା ସହିଦ ସ୍ମୃତି ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା' ସହ ଏହି ଯୋଜନାର ମିଶ୍ରଣ ଫଳରେ ଏବେ ସମସ୍ତ ହିତାଧିକାରୀ ମୁଣ୍ଡପିଛା ୫ କିଲୋଗ୍ରାମ



ଅଧିକ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ପାଇବେ। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଉଦଳା ବିଧାୟକ ଭାସ୍କର ମଢେଇ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ଗରିବ, ଯୁବକ, କୃଷକ ଓ ମହିଳାଙ୍କ ବିକାଶ ପାଇଁ ପ୍ରତିବଦ୍ଧ। ସରକାରଙ୍କ ଏହି ଜନକଲ୍ୟାଣକାରୀ ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିସହ ଆସନ୍ତା ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଇରଙ୍ଗପୁର ଗସ୍ତରେ ଆସୁଥିବା ନେଇ ସେ ସୂଚନା ଦେଇଥିଲେ। ଏହି ଗସ୍ତ କାଳରେ ମୟୂରଭଞ୍ଜ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଯୋଗାଯୋଗ କ୍ଷେତ୍ରରେ କିଛି ବଡ଼ ବିକାଶମୂଳକ ପ୍ୟାକେଜ୍ ଘୋଷଣା ହେବାର ସମ୍ଭାବନା ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭାପତି ଡା ବୁଡାନ ମୁର୍ମୁ, ସାରସକଣା ବିଧାୟକ ଭାଦବ ହାଁସଦା, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଓ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଯୋଜନା ଫଳରେ ମୟୂରଭଞ୍ଜ ଜିଲ୍ଲାର ରିହାତି ଚାଉଳ ପାଉଥିବା ସମସ୍ତ ହିତାଧିକାରୀ ଉପକୃତ ହେବେ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ପଦୋନ୍ନତି ପାଇଥିବା ୭ ପୁଲିସ ସବଇନ୍ସପେକ୍ଟରଙ୍କ ବଦଳି

**ବାରିପଦା, ୧୨।୬(ସମିସ):** ରାଜ୍ୟ ପୁଲିସ ସଦର ମହକୁମା କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଆଦେଶନାମା ଅନୁଯାୟୀ ପୁଲିସ ଏଏସଆଇରୁ ପଦୋନ୍ନତି ପାଇଥିବା ମୟୂରଭଞ୍ଜ ଜିଲ୍ଲାର ୫ ଜଣଙ୍କ ବଦଳି ହୋଇଥିବାବେଳେ ଜିଲ୍ଲା ବାହାରୁ ଦୁଇଜଣ ଆସିଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ପ୍ରମୋଦ କୁମାର ଜେନାଙ୍କୁ ଦେଓଗଡ଼, ବାସନ୍ତୀ ସିଂଙ୍କୁ ଯାଜପୁର, ନିରଞ୍ଜନ ସୋରେନଙ୍କୁ ବାଲେଶ୍ୱର ଓ ହରେନ୍ଦ୍ର ନାଥ ନାଗ୍ରିଙ୍କୁ ପୁଲିସ କମିଶନରେଟଙ୍କୁ ବଦଳି କରାଯାଇଥିବାବେଳେ ଗୌରୀମଣି ସିଂଙ୍କୁ ପୁଣିଥରେ ମୟୂରଭଞ୍ଜରେ ଅବସ୍ଥାପିତ କରାଯାଇଛି। ସେହିପରି ବାଲେଶ୍ୱର ଜିଲ୍ଲାରୁ ଶମ୍ଭୁନାଥ ନାଏକ ଓ ଭଦ୍ରକ ଜିଲ୍ଲାରୁ ସୁନୀତା ହେମ୍ବ୍ରମଙ୍କୁ ମୟୂରଭଞ୍ଜକୁ ବଦଳି କରାଯାଇଛି।

### ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ

# ଜିଲ୍ଲାରେ ୧୫ ଦିନିଆ ସଚେତନତା ଅଭିଯାନର ଶୁଭାରମ୍ଭ

ବାରିପଦା, ୧୨।୬(ସମିସ)




ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ ମୟୂରଭଞ୍ଜ ଜିଲ୍ଲାରେ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ୧୫ ଦିନିଆ ସଚେତନତା ଅଭିଯାନ ଆଜି ଆରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଓ ସଚେତନତା ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସକାଳ ୮.୩୦ ଘଟିକା ସମୟରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ସଚେତନତା ଶୋଭାଯାତ୍ରା ବାରିପଦା ପୌରାଞ୍ଚଳର ପ୍ରମୁଖ ବଜାର ଅଞ୍ଚଳ ପରିକ୍ରମା କରି ସ୍ଥାନୀୟ ଛଉ ପଡ଼ିଆଠାରେ ଶେଷ ହୋଇଥିଲା। ଶୋଭାଯାତ୍ରା ମାଧ୍ୟମରେ ଶିଶୁ ଶ୍ରମ ନିରାକରଣ, ଶିକ୍ଷାର ଗୁରୁତ୍ୱ ଓ ଶିଶୁଙ୍କ ଅଧିକାର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପ ଶ୍ରମ ଆୟୁକ୍ତ ନରେନ୍ଦ୍ର ଗଇପାଇ, ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁହୁୟା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିହାରିକା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତା ବିଶ୍ୱାଳ, ବାରିପଦା ସହକାରୀ ଶ୍ରମ ଅଧିକାରୀ ପାନମଣି ସୋରେନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ଶ୍ରମିକ ସଂଗଠନର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି, ପୁଲିସ କର୍ମଚାରୀ ଓ ଅନ୍ୟାନ୍ୟ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଅଭିଯାନ ଅବଧି ମଧ୍ୟରେ ସଚେତନତା ରଥଟି ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ଶିଶୁ ଶ୍ରମର କୁପ୍ରଭାବ, ଶିକ୍ଷାର ଆବଶ୍ୟକତା ଓ ପ୍ରତ୍ୟେକ ଶିଶୁ ପାଇଁ ସୁରକ୍ଷିତ ଓ ସମ୍ମାନଜନକ ଶୈଶବ ସୁନିଶ୍ଚିତ କରିବା ନିମନ୍ତେ ସମାଜର ସାମୂହିକ ଦାୟିତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବ। ଶିଶୁ ଶ୍ରମ ମୁକ୍ତ ମୟୂରଭଞ୍ଜ ଗଠନ ପାଇଁ ଏହି ୧୫ ଦିନିଆ କାର୍ଯ୍ୟକ୍ରମ ଅଧିକ ବ୍ୟାପକ ଭାବେ ଚାଲିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ଏଥିସହିତ ଶିଶୁ ଶ୍ରମିକ ଚିହ୍ନଟ, ଉଦ୍ଧାର ଓ ପୁନର୍ବାସନ ପାଇଁ ସ୍ୱତନ୍ତ୍ର ଚଢ଼ଉ ଓ ଉଦ୍ଧାର ଅଭିଯାନ କରାଯିବ।

## ୧୬ରେ କରଞ୍ଜିଆରେ ମିଳିତ ଶୁଣାଣି ଶିବିର

**କରଞ୍ଜିଆ, ୧୨।୬(ସମିସ):** ପାଞ୍ଚପିଢ଼ ଉପଖଣ୍ଡ ଅଞ୍ଚଳର ସାଧାରଣ ଜନତାଙ୍କ ଅଭିଯୋଗ ଓ ସମସ୍ୟାର ତ୍ୱରିତ ସମାଧାନ ଉଦ୍ଦେଶ୍ୟରେ ଚଳିତ ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ୧୬ ତାରିଖରେ ଅନୁଷ୍ଠିତ ହେବ। ଏହି ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଆୟୋଜିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଉପଖଣ୍ଡ ଅଞ୍ଚଳର ଜନସାଧାରଣ ନିଜର ବିଭିନ୍ନ ସମସ୍ୟା, ଅଭିଯୋଗ ଓ ଦାବି ସମ୍ବନ୍ଧୀୟ ଆବେଦନପତ୍ର ନେଇ ଉକ୍ତ ଶୁଣାଣିରେ ଯୋଗଦେଇ ସିଧାସଳଖ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଉପସ୍ଥାପନ କରିପାରିବେ। ଏଥିପାଇଁ ଅଧିକରୁ ଅଧିକ ଲୋକ ଉପସ୍ଥିତ ରହି ଏହାର ସୁଯୋଗ ନେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଟ୍ରକ୍ ଧକ୍କାରେ ଅଟୋ ଚୁରମାର



ଆନନ୍ଦପୁର, ୧୨।୬ (ସମିସ): ମଧ୍ୟାହ୍ନରେ ଏକ ଅଜଣା ଟ୍ରକ ପାନୀୟଜଳ ନେଇ ଯାଉଥିବା ଅଟୋକୁ ଧକ୍କା ଦେଇ ଫେରାର୍ ହୋଇଯାଇଛି । ସ୍ଥାନୀୟ ଲୋକେ ଗୁରୁତର ଅଟୋ ଡ୍ରାଇଭରକୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଛନ୍ତି । ୨୦ ନଂ ଜାତୀୟ ରାଜପଥର ଗୋହିରା ନିକଟରେ ଘଟିଛି ଏଭଳି ଏକ ଦୁର୍ଘଟଣା । ପିଇବା ପାଣି ଜାର୍ ବୋଝେଇ କରି ଯାଉଥିବା ଏହି ଅଟୋକୁ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ୧୬ ଚକିଆ ଟ୍ରକ୍ ଧକ୍କାଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ଦୁର୍ଘଟଣାରେ ଅଟୋ ଡ୍ରାଇଭର ରାମଚନ୍ଦ୍ରପୁର ଥାନା ନୁଆଗାଁର ରାଜା ମଲ୍ଲିକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୟ ଲୋକେ ନେଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଖବରପାଇ ଘସିପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଭତ୍ତା ପାଇଁ ଯାଇଥିଲେ; ଜୀବନ ହାରିଲେ

ଆନନ୍ଦପୁର, ୧୨।୬ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ମଦନପୁର ଗ୍ରାମର ଜଣେ ବୃଦ୍ଧ ଭତ୍ତା ପାଇଁ ଘରୁ ବାହାରିଥିବା ବେଳେ ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ବୃଦ୍ଧ ଜଣକ ହେଉଛନ୍ତି ଶମ୍ଭୁନାଥ ଜେନା (୭୮) । ଗତକାଲି ଦିନ ସାଢେ ୧୨ଟା ବେଳେ ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ । ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ । ତାଙ୍କୁ ସଙ୍ଗେସଙ୍ଗେ ଆନନ୍ଦପୁର ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା । ଆଜି ଦିନ ଗୋଟାଏ ବେଳେ କଟକରେ ଦେହାନ୍ତ ହୋଇଛି । ମୃତଦେହ ପହଞ୍ଚିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ପରଲୋକରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ରୟାଲ କ୍ଲବ୍ ପକ୍ଷରୁ ସର୍ଟ ବାଉଣ୍ଡରୀ କ୍ରିକେଟ୍



ଯୋଡ଼ା, ୧୨।୬ (ସମିସ): ଯୋଡ଼ା ସହରର ଲକ୍ଷ୍ମୀ ପଡିଆଠାରେ ରୟାଲ କ୍ଲବ ଆନୁକୂଲ୍ୟରେ ଶାନ୍ତି କ୍ଲବ ସହଯୋଗରେ ଚାରିଦିନିଆ ସର୍ଟ ବାଉଣ୍ଡରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ଗୁରୁବାର ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର ଯୋଡ଼ା ନଗର ସଭାପତି ରଂଜିତ ମହାକୁଡ଼ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୋଡ଼ା ଏସସି ମୋର୍ଚ୍ଚା ଉପସଭାପତି ସଞ୍ଜୟ ପାତ୍ର, ସଂଖ୍ୟାଲଘୁ ସେଲ ଯୋଡ଼ା ସମ୍ପାଦକ ଅଫତାବ ଆଲମ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଏହା ୧୪ ତାରିଖ ଦିନ ଉଦଯାପିତ ହେବ ବୋଲି କ୍ଲବ ପକ୍ଷରୁ ଜଣାପଡିଛି । ଏହି ସର୍ଟ ବାଉଣ୍ଡରୀ କ୍ରିକେଟ ଖେଳ ଏବେ ଯୋଡ଼ା ଅଞ୍ଚଳରେ ଏକ ଟ୍ରେଣ୍ଡ ପାଲଟିଥିବା ବେଳେ ଯୁବ ପିଢ଼ି ଏବଂ ଦର୍ଶକଙ୍କୁ ବେଶ ଆକୃଷ୍ଟ କରୁଛି । ଏହି ଟୁର୍ଣ୍ଣାମେଣ୍ଟରେ ଯୋଡ଼ା, ବଡ଼ବିଲ, ଚମ୍ପୁଆ, କିରିବୁରୁ ଅଞ୍ଚଳର ମୋଟ ୧୬ଟି ଟିମ ଖେଳ ପ୍ରଦର୍ଶନ କରିବେ ବୋଲି କମିଟି ପକ୍ଷରୁ ଲକ୍ଷ୍ୟ କରାଯାଇଛି । କ୍ଲବ ପକ୍ଷରୁ ବିଜୟୀ ଦଳ, ଏବଂ ରନର୍ସ ଅପ ଟିମ, ମ୍ୟାନ ଅଫ ଦ ମ୍ୟାଚ, ମ୍ୟାନ ଅଫ ଦ ସିରିଜ ନିମନ୍ତେ ଟ୍ରଫି ସହ ଅର୍ଥ ରାଶି ପୁରସ୍କାର ରଖିଥିବା ଜଣାପଡ଼ିଛି ।

## ମତ୍ସ୍ୟ ବିଭାଗର ବ୍ଲକ୍‌ସ୍ତରୀୟ ସଚେତନତା କର୍ମଶାଳା

ତେଲକୋଇ, ୧୨।୬ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର କୃଷି ଓ ପରାମର୍ଶ କେନ୍ଦ୍ର ତରଡ଼ ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକଦିବସୀୟ ଉନ୍ନତ ମତ୍ସ୍ୟ ଚାଷ ତାଲିମ ଶିବିର ଓ ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ ଯୋଗ ଦେଇଥିବା ବେଳେ କେନ୍ଦୁଝରର ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ତଥା ଉପନିର୍ଦ୍ଦେଶକ ପ୍ରମୋଦ କୁମାର ରାଉତ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଶ୍ୱଭୂଷଣ ଘୋଷ, ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ବିରେନ୍ ନାଏକ, ସହକାରୀ ମତ୍ସ୍ୟ ଅଧିକାରୀ ମନୋଜ କୁମାର ବେହେରା, ସହକାରୀ ମତ୍ସ୍ୟ ଅଧିକାରୀ ବଂଶପାଳ ବାଲ୍ମୀକି ପାତ୍ର, ଏସଏଫଟିଏ ରଶ୍ମି ରଞ୍ଜିତା ପଣ୍ଡା ସମ୍ମାନିତ ଅତିଥି ଭାବେ ମତ ରଖିଥିଲେ । ମତ୍ସ୍ୟ ଚାଷ ଏକ ଲାଭ ଦାୟକ ଚାଷ, ସଠିକ ସମୟରେ ମାଛ ଚାଷୀମାନେ ଏହାକୁ ଗୁରୁତ୍ୱ ଦେଲେ ଆର୍ଥିକ ମାନଦଣ୍ଡ ନିଶ୍ଚିତ ଭାବେ ବୃଦ୍ଧି ଘଟିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଶିବିରରେ ବ୍ଲକର ଶତାଧିକ ସଂଖ୍ୟାରେ ମତ୍ସ୍ୟ ଚାଷୀ ଯୋଗ ଦେଇ ତାଲିମରେ ଅଂଶଗ୍ରହଣ କରିଥିଲେ ।

## ଲୁହାପଥର ଚୋରା ଚାଲାଣରେ ୨ ଗିରଫ

■ ଲୋଡର୍ ସହ ୨ ହାଇୱା, ବାଇକ୍ ଜବତ

ଯୋଡ଼ା, ୧୨।୬ (ସମିସ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ପିଢ଼ପୋଖରୀ ଅଞ୍ଚଳରେ ବେଆଇନ ଚୋରା ଲୁହାପଥର ଚାଲାଣ ବେଳେ ପୁଲିସ ଚଢ଼ଉ କରି ୨ ଜଣଙ୍କୁ ଗିରଫ କରିବା ସହ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି । ବାମେବାରୀ ଥାନାଧିକାରୀ ଝସକେତନ ଭୋଇଙ୍କ ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ପିଢ଼ପୋଖରୀ ନିକଟରେ ଚୋରା ଲୁହାପଥର ଚାଲାଣ ଚାଲିଥିବା ନେଇ ଖବର ମିଳିଥିଲା । ବାମେବାରୀ ପୁଲିସ କାଳିମାଟି ବନବିଭାଗ ସହାୟତାରେ ଆତର୍କିତ ଚଢ଼ଉ କରିଥିଲା । ଘଟଣାସ୍ଥଳରୁ ଓଡ଼ି-୦୯-ଏ-୭୭୬୦ ନମ୍ବର ଥିବା ଗୋଟିଏ ଲୋଡର, ଓଡ଼ି-୧୪-ଏଏ-୧୯୩୬ ଏବଂ ଓଡ଼ି-୦୯-ଏଡ଼ି-୧୨୮୭ ନମ୍ବରର ୨ ଟି ହାଇୱା ଏବଂ ଓଡ଼ି-୦୯-ଏଇ-୬୫୯୬ ନମ୍ବର ଗୋଟିଏ ମୋଟରସାଇକଲ ଜବତ କରାଯାଇଛି । ଅଭିଯୁକ୍ତମାନେ ହେଲେ କୋଇଡା ଅଞ୍ଚଳର ଗଣେଶ ଦେହୁରୀ ଏବଂ ବଡ଼ବିଲ ଶ୍ରୀରାମ ନଗରର ଏମ୍‌ଡି ଫର୍ମାନ । ଏନେଇ କେସ ନମ୍ବର ୧୪୮/୨୬ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

# କେନ୍ଦୁଝରର ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଗ୍ରାମସଭା

କେନ୍ଦୁଝର, ୧୨।୬ (ସମିସ)



କେନ୍ଦୁଝରରେ ନିର୍ମାଣ ହେବ ବାଇପାସ ରାସ୍ତା । ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ କେନ୍ଦୁଝର ସହରର ଚାରିପାଖେ ୬୦ ମିଟର ଚଉଡ଼ାର ୪ ଲେନ ରାସ୍ତା ଏବଂ ଉଭୟ ପାଶ୍ୱର୍ରେ ସର୍ଭିସ ରାସ୍ତା ନିର୍ମାଣ କରାଯିବ । ଜାତୀୟ ରାଜପଥ ୨୦ର ନେଙ୍କଡାଘରଠାରୁ ବାଇପାସ ରୋଡ ଜାତୀୟ ରାଜପଥ ୪୯ର ବେଲଦାଠାରେ ଏହି ନୂତନ ରାସ୍ତା ସଂଯୋଗ କରିବ । ପ୍ରସ୍ତାବିତ ବାଇପାସ ରାସ୍ତା ନିର୍ମାଣ ପାଇଁ ବେସରକାରୀ ଜମି ଅଧିଗ୍ରହଣ କରାଯିବ । ଏଥିପାଇଁ ୧୦ଟି ଗ୍ରାମରେ ଗ୍ରାମସଭା କରାଯାଉଛି । ପ୍ରଶାସନ ପକ୍ଷରୁ ଆଜି ସରପଞ୍ଚ ଅଞ୍ଜଳି ନାଏକଙ୍କ ସଭାପତିତ୍ୱରେ ଡିମ୍ବୋଠାରେ ୧.୭୫୬ ଏକର ଜମି ଅଧିଗ୍ରହଣ ନିମନ୍ତେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଭୂ-ଅର୍ଜନ ଅଧିକାରୀ (ସାଧାରଣ) ରିତେଶ କୁମାର ପଣ୍ଡା, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ସମ୍ବିତ କୁମାର ମହାନ୍ତି, ସଦର ବିଡିଓ ବିନୋଦଚନ୍ଦ୍ର ପଣ୍ଡା, ସଦର ତହସିଲଦାର ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଲୋକଙ୍କ ମତାମତ ଲିପିବଦ୍ଧ କରିଥିଲେ । ବେସରକାରୀ ଜମି ଅଧିଗ୍ରହଣ ପୂର୍ବରୁ ଲୋକଙ୍କ ମତାମତ ଗ୍ରାମ ସଭାରେ ନିଆଯାଇଥିଲା । କେନ୍ଦୁଝର ବାଇପାସ ପାଇଁ ଜମି ଦେବାକୁ ଲୋକମାନେ ସହମତି ଦେଇଥିଲେ । ଏଥିପୂର୍ବରୁ ଗତ ୧୦ ତାରିଖରେ କେନ୍ଦୁଝର ସଦର ତହସିଲ ନରଣପୁର ଗ୍ରାମପଞ୍ଚାୟତର ଅଲଣାପଦାଠାରେ ୨୩ ଡିସିମିଲ ଜମି ଏବଂ ୧୧ ତାରିଖ ଜଳଙ୍ଗଡିହି କ୍ଲବ ଘରଠାରେ ୩.୫୩୫ ଏକର ଜମି ଅଧିଗ୍ରହଣ ନିମନ୍ତେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ସରକାରଙ୍କ ବିସ୍ଥାପିତ ନୀତି ଅନୁଯାୟୀ ଜମିହରା ଲୋକଙ୍କୁ ଭୂଅର୍ଜନ ବାବଦକୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ । ପ୍ରଥମ ପର୍ଯ୍ୟାୟରେ ୬ଟି ସ୍ଥାନରେ ଗ୍ରାମସଭା ଅନୁଷ୍ଠିତ ହେବ । ପରେ ଆଉ ୪ଟି ଗ୍ରାମରେ ଗ୍ରାମସଭା ଅନୁଷ୍ଠିତ ହେବ । ଆସନ୍ତା ୧୭ ତାରିଖ ଡିମ୍ବୋ ପଞ୍ଚାୟତର ଡିମ୍ବୋ ବୈଠକ ଗୃହ, ୧୮ ତାରିଖ ଚକ ନିକଟ ବଉଳମାଳଠାରେ ଏବଂ ୧୯ ତାରିଖ ତେନ୍ତୁଳିନଣ୍ଡା କୀର୍ତ୍ତନ ମଣ୍ଡପଠାରେ ଗ୍ରାମସଭା ଅନୁଷ୍ଠିତ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଅବଗତି କରାଯାଇଛି ।

ସୂଚନାଯୋଗ୍ୟ ଯେ ୨୦ନଂ ଜାତୀୟ ରାଜପଥ ନେଙ୍କଡାଘରଠାରୁ ଡିମ୍ବୋ-ନେଲୁଙ୍ଗ ଦେଇ ୯ କିଲୋମିଟର ୪୦୯ ମିଟର ଲମ୍ବର ଏହି ବାଇପାସ ରାସ୍ତା ଝାରବେଲଦାଠାରେ ଜାତୀୟ ରାଜପଥ ୪୯ ସହିତ ସଂଯୋଗ ହେବ । ୩ଟି ପଞ୍ଚାୟତ ଦେଇ ଜାତୀୟ ରାଜପଥ ୨୦ରୁ ୪୯ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରିବ । ନରଣପୁର ପଞ୍ଚାୟତର ଜାମୁନାଳିଆ, ଜଳଙ୍ଗଡିହି, ଅଲଣାପଦା ଗ୍ରାମ ଦେଇ ରାସ୍ତା ନିର୍ମାଣ ହେବ । ଡିମ୍ବୋ ପଞ୍ଚାୟତର ଖୋଲପା, ତେନ୍ତୁଳିନଣ୍ଡା, ବାଇଗଣପଶି, ଡିମ୍ବୋ ଏବଂ ଚକ ଗ୍ରାମ ନେଲୁଙ୍ଗ ପଞ୍ଚାୟତର ନେଲୁଙ୍ଗ ପଞ୍ଚାୟତର ନେଲୁଙ୍ଗ ଓ ଝାରବେଲଦା ମୋଟ ୧୦ଟି ଗ୍ରାମ ଦେଇ ଏହି ରାସ୍ତା ନିର୍ମାଣ ହେବ । ବାଇପାସ ରାସ୍ତା ନିର୍ମାଣ ପରେ ଡିମ୍ବୋ ଓ ନେଲୁଙ୍ଗ ଅଞ୍ଚଳର ମଧ୍ୟ ଗୁରୁତ୍ୱ ବଢ଼ିଯିବ । ଏହି ରାସ୍ତା ନିର୍ମାଣ ପାଇଁ ୪୩୮ କୋଟି ଟଙ୍କା ଏବଂ ଜମି ଅଧିଗ୍ରହଣ ପାଇଁ ଅଲଗା ଅର୍ଥ ବ୍ୟୟବରାଦ କରାଯାଇଛି । ରାସ୍ତା ଓ କୋଠାବାଡି ବିଭାଗ କେନ୍ଦୁଝର ଡିଭିଜନ ପକ୍ଷରୁ ପ୍ରସ୍ତାବିତ ବାଇପାସ ରାସ୍ତାର ଡିପିଆର ସରକାରଙ୍କ ଦ୍ୱାରା ପ୍ରଶାସନିକ ଅନୁମୋଦନ ମିଳିଛି । ଏହି ରାସ୍ତାରେ ଭାରୀଯାନ ସମେତ ପ୍ରତିଦିନ ୧୨ ହଜାର ଯାନ ଚଳାଚଳ ରହିବାର କ୍ଷମତା ଅନୁଯାୟୀ ନିର୍ମାଣ କରାଯିବ । ଏହି ରାସ୍ତା ଉପରେ ୩ଟି ଭେହିକିଲ ଅଣ୍ଡରପାସ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି । ରାସ୍ତାରେ ଆଲୋକୀକରଣ ଓ ଜନସାଧାରଣଙ୍କ ନିରାପତ୍ତା ପାଇଁ ରାସ୍ତାର ଉଭୟ ପାଶ୍ୱର୍ରେ ୮ କୋଟି ଟଙ୍କା ବ୍ୟୟରେ ସୋଲାର ହାଇମାଷ୍ଟ ଲାଇଟ ଲଗାଯିବ । ରାସ୍ତା ଉପରେ ପଡୁଥିବା ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କାର୍ଯ୍ୟରେ ରୂପାନ୍ତରଣ କରିବା, ପ୍ରସ୍ତାବିତ ରାସ୍ତା ପାଇଁ ଗଛ କାଟିବା ପାଇଁ ଓ ରାସ୍ତାର ଉଭୟ ପାଶ୍ୱର୍ରେ ବୃକ୍ଷ ରୋପଣ କରିବା ପାଇଁ ୧୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ଏହି କାମ ପାଇଁ ଚୁକ୍ତି ହେବାର ୨୪ ମାସ ମଧ୍ୟରେ କାମ ସମାପ୍ତ ହେବ ଓ ରାସ୍ତା କାମ ପାଇଥିବା ସଂସ୍ଥା ୫ ବର୍ଷ ପର୍ଯ୍ୟନ୍ତ ରକ୍ଷାବେକ୍ଷଣ କାର୍ଯ୍ୟ କରିବ ।

▸▸ ଅସହ୍ୟ ତାତି ଓ ଗୁଳଗୁଳିରେ ଛାତ୍ରଛାତ୍ରୀ

## ଛୁଟି ଥିବା ଶାଳଣିଆଁ ବିଦ୍ୟାଳୟରେ ପୋଷାକ ବଣ୍ଟନ

ଆନନ୍ଦପୁର ୧୨।୬ (ସମିସ): ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ସରକାର ବିଦ୍ୟାଳୟକୁ ଛୁଟି କରିଦେଇଥିବା ବେଳେ ସକାଳ ପ୍ରାୟ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଶାଳଣିଆଁ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନକୁ ନେଇ ଅବିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଅସହ୍ୟ ତାପମାତ୍ରା ଓ ଗୁଳଗୁଳିରେ ଛାତ୍ରଛାତ୍ରୀମାନେ ବେହାଲ ହୋଇଥିବା ଘଟଣା ସାମନାକୁ ଆସିଛି । ଶିକ୍ଷାଧିକାରୀ ନିରବ କାହିଁକି ବୋଲି କେତେକ ଅବିଭାବକ ସ୍ୱର ଉଠାଇଛନ୍ତି । ଚଳିତବର୍ଷ ଅତ୍ୟଧିକ ଗରମ ଓ ଗୁଳୁଗୁଳି ସକାଶେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏପ୍ରିଲ ୨୫ ତାରିଖରୁ ସମସ୍ତ ସ୍କୁଲ କଲେଜ ବନ୍ଦ ରହିଛି । ସରକାରୀ ନିୟମାନୁସାରେ, ଜୁନ୍ ୧୭ ତାରିଖ ବିଦ୍ୟାଳୟଗୁଡ଼ିକ ଖୋଲିବାକୁ ନିୟମ ରହିଥିବାବେଳେ ପାଣିପାଗର ସୁଧାର ନଆସିଲେ ତାହା ଆଗକୁ ମଧ ଛୁଟି ହୋଇପାରେ ବୋଲି ମଧ ସୂଚନା ରହିଛି । ଗରମ ଓ ଗୁଲୁଗୁଳି ସତ୍ତ୍ୱେ ସରକାରଙ୍କ କେଉଁ ନିୟମ ଆଧାରରେ କୋମଳମତି ଛାତ୍ରଛାତ୍ରୀଙ୍କୁ ଦୀର୍ଘ ସମୟ ଅଟକାଇ ପୋଷାକ ବଣ୍ଟନ କରାଗଲା ବୋଲି ଅଭିଭାବକଙ୍କ ମହଲରେ ପ୍ରଶ୍ନ ଉଠିଛି । ଏନେଇ ଏବିଇଓ ପ୍ରମୋଦ ନାୟକଙ୍କୁ ଜଣାଇବାରୁ ସେ ତୁରନ୍ତ ଉକ୍ତ କ୍ଲଷ୍ଟରର ସିଆରସିସି ଜ୍ୟୋତିବ୍ରତ ସ୍ୱାଇଁଙ୍କୁ ଫୋନ୍ କରି ଜଣାଇଥିଲେ । ବିଇଓଙ୍କ ନିର୍ଦ୍ଦେଶ ଅନୁସାରେ ଆମେ ପୋଷାକ ବଣ୍ଟନ କରୁଛୁ ବୋଲି ସିଆରସିସି ଶ୍ରୀ ସ୍ୱାଇଁ ପ୍ରତିଉତ୍ତର ଦେଇଥିଲେ । ମୁଖ୍ୟ କଥା ହେଲା, ଗୁରୁବାର ଦିନ ସାଢ଼େ ଏଗାରଟାରୁ ଉର୍ଦ୍ଧ୍ୱ ସମୟ ଯାଏଁ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଚାଲିଥିଲା । ଏତେ ଗରମ ଓ ଗୁଲୁଗୁଳି ମଧ୍ୟରେ ପୋଷାକ ବଣ୍ଟନକୁ ଅନେକ ଅଭିଭାବକ ନାପସନ୍ଦ କରିଥିବା ବେଳେ ଏଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଅଭିଭାବକଙ୍କ ମହଲରେ



## ଗ୍ରାମାଞ୍ଚଳରେ ଭାସୁଛି ମଦ; ଥାନାରେ ମହିଳାଙ୍କ ପ୍ରତିବାଦ



ଆନନ୍ଦପୁର, ୧୨।୬ (ସମିସ): ଘସିପୁରା ଥାନାର ବିଭିନ୍ନ ଗ୍ରାମାଞ୍ଚଳରେ ଦେଶୀ ବିଦେଶୀ ମଦ କାରବାର ଅବାଧରେ ଚାଲିଛି । ଦିନକୁ ଦିନ ଏଥିପାଇଁ ସାମାଜିକ ବିଶୃଙ୍ଖଳା ବଢ଼ି ଚାଲିଥିବା ଅଭିଯୋଗ ହୋଇଛି । ଏହି କାରବାରକୁ ବିରୋଧ କରୁଥିବା ମହିଳା ସଂଗଠନ ଆଜି ଘସିପୁରା ଥାନାରେ ପ୍ରତିବାଦ କରି ବିହିତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି । ଦିନରାତି ଚାଲିଥିବା ନିଶା କାରବାର ରୋକିବା ପାଇଁ ଘସିପୁରା ଥାନାର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । ଦିନକୁ ଦିନ ଗାଁରେ ବଢୁଥିବା ବେଆଇନ ନିଶା କାରବାର ଓ ନିଶା ସେବନକୁ ନେଇ ଚିନ୍ତା ପ୍ରକାଶ କରି ଘସିପୁରା ଥାନାରେ ମହିଳାମାନେ ବ୍ୟବସାୟୀଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ । ଏନେଇ ସେମାନେ ଏକ ଲିଖିତ ଅଭିଯୋଗ ଦେଇ ପୁଲିସର ହସ୍ତକ୍ଷେପ ଲୋଡ଼ିଛନ୍ତି । ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଖଡ଼ବିଲି ଅଞ୍ଚଳରେ କିଛି ଅସାମାଜିକ ବ୍ୟକ୍ତି ବେଆଇନ ଭାବେ ନିଶାଦ୍ରବ୍ୟ ବିକ୍ରି କରୁଥିବା ବେଳେ ଯୁବପିଢ଼ି ଏହାର ଶିକାର ହେଉଛନ୍ତି । ନିଶା ସେବନ ଯୋଗୁଁ ପରିବାରିକ କଳହ, ସାମାଜିକ ବିଶୃଙ୍ଖଳା ଏବଂ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ କରିଛନ୍ତି ଗ୍ରାମର ମହିଳାମାନେ । ଏହାକୁ ରୋକିବା ପାଇଁ ତୁରନ୍ତ ଚଢ଼ଉ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି । ଅଭିଯୋଗପତ୍ର ଗ୍ରହଣ କରି ପୁଲିସ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଆଶ୍ୱାସନା ଦେଇଥିବା ଜଣାପଡ଼ିଛି ।

## ଶ୍ରୀଜଗନ୍ନାଥ ମନ୍ଦିରରେ ମିଳିଲା ଅନ୍ନପ୍ରସାଦ ସେବା



ଚମ୍ପୁଆ, ୧୨।୬ (ସମିସ): ଚମ୍ପୁଆସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆଜିଠାରୁ ଅନ୍ନପ୍ରସାଦ ସେବାର ଶୁଭାରମ୍ଭ ହୋଇଛି । ମନ୍ଦିର ପରିଚାଳନା କମିଟି ଓ ଦେବୋତ୍ତର ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି ସେବାରେ ବହୁ ସଂଖ୍ୟକ ଭକ୍ତ ଯୋଗଦେଇ ମହାପ୍ରଭୁଙ୍କ ପ୍ରସାଦ ସେବନ କରିଥିଲେ । ମନ୍ଦିର ପ୍ରାଙ୍ଗଣରେ ଭକ୍ତମାନେ ଏକାଠି ବସି ପତ୍ରରେ ପରିବେଷିତ ଅନ୍ନପ୍ରସାଦ ଗ୍ରହଣ କରିଥିଲେ । ଏହି ଅବସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବାବେଳେ ଜୟ ଜଗନ୍ନାଥ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଉଠିଥିଲା । ଦେବୋତ୍ତର ବିଭାଗ ଓ କମିଟି ପକ୍ଷରୁ କହିବାନୁସାରେ, ପ୍ରତିଦିନ ମାତ୍ର ୭୦ ଟଙ୍କାରେ ଭକ୍ତମାନଙ୍କୁ ଅନ୍ନପ୍ରସାଦ ଯୋଗାଇ ଦିଆଯିବ । "ଏହି ଅନ୍ନପ୍ରସାଦ ସେବା କାର୍ଯ୍ୟକ୍ରମକୁ ଦେବୋତ୍ତର ବିଭାଗ ଓ କମିଟି ପକ୍ଷରୁ ସୁଚାରୁ ଭାବେ ପରିଚାଳନା କରାଯାଇଥିଲା । ବିଭାଗୀୟ କର୍ମଚାରୀ ଓ ମନ୍ଦିର କମିଟିର ସଦସ୍ୟମାନେ ଭକ୍ତମାନଙ୍କ ସେବାରେ ନିୟୋଜିତ ରହିଥିଲେ । ଏହି ସେବା ଦ୍ୱାରା ଭକ୍ତମାନେ ମହାପ୍ରଭୁଙ୍କ ପ୍ରସାଦ ସହଜରେ ପାଇପାରିବେ ଓ ଧାର୍ମିକ ଭାବନା ଆହୁରି ସୁଦୃଢ଼ ହେବ ବୋଲି ଆୟୋଜକମାନେ କହିଛନ୍ତି ।

ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଏହି ଅନ୍ନପ୍ରସାଦ ସେବାରେ ସାମିଲ ହୋଇ ଆଶୀର୍ବାଦ ଲାଭ କରିଥିଲେ । ଏହି ପଦକ୍ଷେପକୁ ସମସ୍ତ ମହଲରେ ସ୍ୱାଗତ କରାଯାଇଛି ।

## ନିଶା କାରବାର ନିୟନ୍ତ୍ରଣ ବାହାରେ, ଚଢ଼ଉ କାଁ ଭାଁ

ଆନନ୍ଦପୁର, ୧୨।୬ (ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ନିଶାଦ୍ରବ୍ୟର ଅବାଧ କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି । ପୁଲିସ ପକ୍ଷରୁ ଚଢ଼ଉ କରାଯାଇ କେତେକ କ୍ଷେତ୍ରରେ ମଦ ଜବତ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଉଥିବା ବେଳେ ଅବକାରୀ ବିଭାଗ ଟେର ପାଉ ନଥିବା ଅଭିଯୋଗ ହେଉଛି । କେଉଁଠି ଚୋରା ମଦ ତ ପୁଣି କେଉଁଠି ଗଞ୍ଜେଇ ଓ ଧଳା ଜହର ବିକ୍ରି ଅବାଧରେ ଚାଲିଛି । ପଡ଼ୋଶୀ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର କେତେକ ବ୍ୟବସାୟୀ ଆସି ଆନନ୍ଦପୁର ଅଞ୍ଚଳରେ ନିର୍ଦ୍ଦିଷ୍ଟ ସ୍ଥାନରେ ଚୋରା ମାଦକ ଦ୍ରବ୍ୟ କାରବାର କରି ଚାଲି ଯାଉଛନ୍ତି । ବିଭାଗୀୟ ଅଧିକାରୀମାନେ ଟେର ପାଉନାହାନ୍ତି । ଜଣେ ଜଣେ ବ୍ୟକ୍ତିଙ୍କ ନାମରେ ଏକାଧିକ ମାମଲା ଥାଇ ମଧ ସେମାନେ ଜାମିନରେ ଆସି ପୁନଶ୍ଚ ସେହି କାରବାରରେ ଲିପ୍ତ ରହୁଛନ୍ତି । ସେଥିପାଇଁ ଥାନା ଓ ଅବକାରୀ ଥାନା ମଧ ରହିଥିଲେ ମଧ ତଦାରଖ କରୁ ନଥିବାରୁ ଚୋରା ବ୍ୟବସାୟରେ ପୂର୍ବ ଅବସ୍ଥା ଜାରି ରହିଛି । ଚଢ଼ଉ ନାମକୁମାତ୍ର ହେଉଛି । ଏହି କାରବାରରେ ଅନେକ କୋମଳମତି ଛାତ୍ର ମଧ ଶିକାର ହୋଇ ବାଟବଣା ହେଉ ଥିବାରୁ ଅଭିଭାବକ ମହଲରେ ଚିନ୍ତାର କାରଣ ହୋଇଛି । ଗ୍ରାମାଞ୍ଚଳରେ ପ୍ରତି ଦୋକାନରେ ପ୍ରତିଯୋଗିତା ଭାବେ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି । ଆନନ୍ଦପୁର ଥାନା ଅନ୍ତର୍ଗତ ପୁରୁଣାଘାଟି ଗ୍ରାମର ତପନ ହୋ ଚୋରା ବିଦେଶୀ ମଦ କାରବାର ଅଭିଯୋଗରେ ଗିରଫ ହୋଇଥିବା ବେଳେ ୧୫ ଲିଟର ୧୫୦ ମିଲି ଲିଟର ବିଦେଶୀ ମଦ ପୁଲିସ ଜବତ କରି ୧୭୪/୨୬ ନମ୍ବର ଏକ ମାମଲା ରୁଜୁ କରିଛି । ଅଭିଯୁକ୍ତ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି ।

**ପୁଲିସ ଜବତ କରୁଛି, ଅବକାରୀ ବିଭାଗ ପାଉନି**

# ପଞ୍ଚମ ଓଡ଼ିଶା ଗ୍ରାମ୍ୟ ମେଳା ଉଦ୍‌ଘାଟିତ




କେନ୍ଦୁଝର, ୧୨।୬ (ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆଠାରେ ପଞ୍ଚମ ଓଡିଶା ଗ୍ରାମ୍ୟ ମେଳା ଉଦଘାଟିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ କୁମାର ବଳ ମୁଖ୍ୟଅତିଥି ଭାବରେ ଉତ୍ସବକୁ ଉଦଘାଟନ କରିଥିଲେ । ଜୁନ୍ ୧୧ ତାରିଖରୁ ୨୪ ପର୍ଯ୍ୟନ୍ତ ଏହି ମେଳା ଅନୁଷ୍ଠିତ ହେବ । ଆମ ଗାଁ, ଆମ ମାଟି ଓ ଆମ ପରମ୍ପରାର ବାର୍ତ୍ତା ଦେଉଥିବା ଏହି ମେଳାରେ ହସ୍ତତନ୍ତ, ହସ୍ତଶିଳ୍ପ, ଘରୋଇ ଉପକରଣ, ବୈଦ୍ୟୁତିକ ଉପକରଣ ତଥା ବିଭିନ୍ନ ରାଜ୍ୟରୁ ଆସିଥିବା ଆଞ୍ଚଳିକ ପ୍ରସିଦ୍ଧ ଶାଢି ପୋଷାକ ଆଦିର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଷ୍ଟଲ୍ ମାନ ପ୍ରଦର୍ଶିତ ହେବ । ଗୃହସ୍ଥୀ ମସଲା ଷ୍ଟଲରେ ମସଲା ଉପରେ ଆକର୍ଷଣୀୟ ରିଆତି ମଧ ମିଳିବ ବୋଲି ସୂଚନା ମିଳିଛି । ଏଥିସହିତ ଛାତ୍ରଛାତ୍ରୀ ତଥା କେନ୍ଦୁଝରର ବିଭିନ୍ନ କଳାକାରଙ୍କ ନିମନ୍ତେ ପ୍ରତିଯୋଗିତା ମାନ ଅନୁଷ୍ଠିତ ହେବ । ରଜ ଉପଲକ୍ଷେ ଛୋଟ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାର ଦୋଳି ଗୁଡ଼ିକ ଏହି ମେଳାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବ ଓ ମେଳା ମଧ୍ୟକୁ ବୁଲି ଆସିବା ସହିତ ନିଜ ମନ ପସନ୍ଦର ସାମଗ୍ରୀ କିଣିନେବା ନିମନ୍ତେ ମେଳାର ଆବାହକ ସଞ୍ଜୟ କୁମାର ସାହୁ ଅନୁରୋଧ କରିଛନ୍ତି । ଉଦଘାଟନୀ ଉତ୍ସବରେ ୨୧ ନମ୍ବର ୱାର୍ଡ କାଉନସିଲର ହେମନ୍ତ କୁମାର ପତି ସମ୍ମାନିତ ଅତିଥି ଭାବେ ବକ୍ତବ୍ୟ ରଖିଥିଲେ ।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ପ୍ରସ୍ତୁତି



କେନ୍ଦୁଝର, ୧୨।୬ (ସମିସ): ଆସନ୍ତା ଜୁନ ୨୧ ତାରିଖ ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬କୁ ଜିଲ୍ଲାରେ ବ୍ୟାପକ ଓ ସଫଳତାର ସହ ପାଳନ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଓସୱାନ ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ ଏବଂ ବଡ଼ବିଲ ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି । ବ୍ଲକ ସ୍ତରରେ ସମ୍ପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏବଂ ଗ୍ରାମପଞ୍ଚାୟତ ସ୍ତରରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜନ କମିଟି ଗଠନ କରାଯିବ । ଜିଲ୍ଲା ଓ ବ୍ଲକ ଯୋଗ ମହୋତ୍ସବ ସମିତି ସହ ଆଲୋଚନା କରି ପ୍ରତି କାର୍ଯ୍ୟକ୍ରମ ପାଇଁ ପ୍ରମାଣିତ ଯୋଗ ପ୍ରଶିକ୍ଷକମାନଙ୍କୁ ନିୟୋଜିତ କରାଯିବ । ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ୪୫ ମିନିଟର 'ସାଧାରଣ ଯୋଗ ପ୍ରୋଟୋକଲ' ଅନୁଷ୍ଠିତ ହେବ । ଏହାପରେ ସମସ୍ତେ ଯୋଗ ଶପଥ ପାଠ କରିବେ । ପ୍ରତି ବ୍ଲକ ଏବଂ ପୌରପାଳିକା ସ୍ତରରେ ଅତିକମରେ ୨୦୦ ଜଣ ଏବଂ ପ୍ରତି ଗ୍ରାମପଞ୍ଚାୟତ ସ୍ତରରେ ଅତିକମରେ ୫୦ ଜଣ ଅଂଶଗ୍ରହଣକାରୀଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସଫଳ ଆୟୋଜନ ପାଇଁ ପ୍ରତି ବ୍ଲକ ଓ ପୌରପାଳିକାକୁ ୧୫,୦୦୦ ଟଙ୍କା ଏବଂ ପ୍ରତି ଗ୍ରାମପଞ୍ଚାୟତକୁ ୨,୦୦୦ ଟଙ୍କାର ପାଣ୍ଠି ପ୍ରଦାନ କରାଯିବ । ବୈଠକରେ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଯୋଗ ମହୋତ୍ସବ ସମିତିର ଜିଲ୍ଲା ସଂଯୋଜକ ମହେନ୍ଦ୍ର କୁମାର ସାହୁ, ଓଆରଏସ୍ ଜିଲ୍ଲା କ୍ରୀଡ଼ା ଅଧିକାରୀ, ସରୋଜ କୁମାର ମଲ୍ଲିକ, କେନ୍ଦୁଝର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ, ଜିଲ୍ଲା ମୁଖ୍ୟ ଶିକ୍ଷକ (ଯୋଗ ମହୋତ୍ସବ ସମିତି) ଦୁଃଶାସନ ମହାନ୍ତଙ୍କ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।





## ରୌପ୍ୟନଗରୀରେ ରଜ ପ୍ରସ୍ତୁତି

# କିଣାବିକା ଜୋର୍‌ଦାର୍: ମଲ୍‌ରେ ଅସମ୍ଭାଳ ଭିଡ଼






କଟକ, ୧୨।୬(ସମିସ)

ରୌପ୍ୟନଗରୀରେ ଆସନ୍ତା ୧୪ ତାରିଖଠାରୁ ରଜ ପର୍ବ ପାଳନ କରାଯାଇ ୧୬ ତାରିଖରେ ଶେଷ ହେବ। ଏଥିନିମନ୍ତେ ଏବେଠାରୁ ପୂର୍ବପ୍ରସ୍ତୁତି ଜୋରଦାର୍ ଦେଖିବାକୁ ମିଳିଲାଣି। ଓଡ଼ିଆଙ୍କ ଗଣପର୍ବ ରଜକୁ ଆଉ ମାତ୍ର ଦିନଟିଏ ବାକି ଥିବା ବେଳେ କଟକ ସହରରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟବସାୟୀ ପ୍ରତିଷ୍ଠାନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ବିଭିନ୍ନ ସପିଂମଲ୍, ସୌଖିନ ଦୋକାନ ଓ ଡ୍ରେସ୍ ଦୋକାନରେ ନୂଆ ପୋଷାକ, ପ୍ରସାଧନ ସାମଗ୍ରୀ ଓ ଘର ସଜାଇବା ସାମଗ୍ରୀରେ ଭରି ରହିଥିବା ବେଳେ କ୍ରେତାଙ୍କ ଭିଡ଼ ଦିନକୁ ଦିନ ବଢ଼ୁଛି। ସହରର ଗଳିକନ୍ଦିରୁ ଆରମ୍ଭ କରି ବଡ଼ ବଡ଼ ସପିଂମଲ୍ ପର୍ଯ୍ୟନ୍ତ ସବୁଠି ଭିଡ଼ ପରିଲକ୍ଷିତ ହେଉଛି। ଚୌଧୁରୀ ବଜାର, ବକ୍ସିବଜାର, ଦୋଳମୁଣ୍ଡାଇ, କଲେଜ ଛକ, ମାଲଗୋଦାମ, ବାଦାମବାଡ଼ି ଓ ଚଣ୍ଡୀଛକ ଅଞ୍ଚଳର ବଜାରଗୁଡ଼ିକରେ ଏବେ ଗ୍ରାହକଙ୍କ ଭିଡ଼ ଜମୁଛି। ବିଶେଷକରି ମହିଳା ଓ ଯୁବତୀମାନେ ନୂଆ ଶାଢ଼ି, ଡ୍ରେସ, ଅଳଙ୍କାର, ଚୁଡ଼ି ଓ ପ୍ରସାଧନ ସାମଗ୍ରୀ କିଣିବାରେ ବ୍ୟସ୍ତ ରହିଛନ୍ତି। ବିଭିନ୍ନ ବ୍ରାଣ୍ଡେଡ୍ ଶୋ'ରୁମ୍ ଓ ରେଡିମେଡ୍ ପୋଷାକ ଦୋକାନରେ ରଜ ଅବସରରେ ବିଶେଷ ରିହାତି ଘୋଷଣା କରାଯାଇଥିବାରୁ କ୍ରେତାଙ୍କର ସେଠାରେ ବେଶ୍ ଭିଡ଼ ଜମୁଥିବା ଦେଖାଯାଉଛି।

କେବଳ ପୋଷାକ ନୁହେଁ, ରଜ ପାନ ପାଇଁ ଆବଶ୍ୟକ ସାମଗ୍ରୀର ଚାହିଦା ମଧ୍ୟ ବଢ଼ିଛି। ପାନ ଦୋକାନଗୁଡ଼ିକରେ ପାନପତ୍ର, ସୁପାରି, ଗୁଆ, ମିଠା ମସଲା ଓ ବିଭିନ୍ନ ପ୍ରକାର ପାନ ସାମଗ୍ରୀ ମହଜୁଦ ଥିବା ଦେଖିବାକୁ ମିଳୁଛି। ରଜ ଅବସରରେ ପାନ ଖାଇବା ଓ ଖୁଆଇବାର ପରମ୍ପରା ଥିବାରୁ ଏହାର ବିକ୍ରି ମଧ୍ୟ ବଢ଼ିବ। ଅନ୍ୟପଟେ ଘରେ ଘରେ ପିଠାପଣା ପ୍ରସ୍ତୁତି ଜୋରଦାର ହେଉଛି। ପୋଡ଼ପିଠା, ମଣ୍ଡାପିଠା, ଆରିସା, କାକରା ଓ ଚକୁଳି ଭଳି ପାରମ୍ପରିକ ପିଠା ତିଆରି ପାଇଁ ଚାଉଳ, ଗୁଡ଼, ନଡ଼ିଆ ଓ ଘିଅ ଆଦି ସାମଗ୍ରୀ ଏବେଠାରୁ ଲୋକେ କିଣିଲେଣି। ସହରର ବିଭିନ୍ନ ମିଠା ଦୋକାନରେ ମଧ୍ୟ ରଜ ପାଇଁ ସ୍ୱତନ୍ତ୍ର ମିଠା ଓ ପିଠା ବିକ୍ରି ପାଇଁ ପ୍ରସ୍ତୁତି ଚାଲିଛି। ରଜ ପର୍ବର ଅନ୍ୟତମ ଆକର୍ଷଣ ଦୋଳି। କଟକ ସହରର ବିଭିନ୍ନ ସାହି, କଲୋନୀ ଓ ଉପକଣ୍ଠ ଅଞ୍ଚଳରେ ଦୋଳି ବାନ୍ଧିବା କାର୍ଯ୍ୟ କରାଯାଉଛି। ଗଛ ଡାଳରେ ରଙ୍ଗୀନ ରଶି ଓ ସାଜସଜା ସାମଗ୍ରୀ ବ୍ୟବହାର କରି ଦୋଳି ପ୍ରସ୍ତୁତ କରାଯାଉଛି। ଯୁବତୀ ଓ ପିଲାମାନେ ରଜ ଦିନ ଦୋଳି ଖେଳିବା ପାଇଁ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ସହରର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ରଜ ଉତ୍ସବ ଆୟୋଜନ ପାଇଁ ମଧ୍ୟ ପ୍ରସ୍ତୁତି ଚାଲିଛି। ରଜ ଗୀତ, ଲୋକନୃତ୍ୟ, ପୁଚି ଖେଳ, ଝୋଟି ପ୍ରତିଯୋଗିତା ଓ ଅନ୍ୟାନ୍ୟ ପାରମ୍ପରିକ କାର୍ଯ୍ୟକ୍ରମ ଆୟୋଜନ ନେଇ ଯୋଜନା କରାଯାଉଛି। କେତେକ ଅନୁଷ୍ଠାନ ପକ୍ଷରୁ ମହିଳାମାନଙ୍କ ପାଇଁ ରଜ କୁଇନ୍ ପ୍ରତିଯୋଗିତା ଓ ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ ହେବାକୁ ଥିବା ସୂଚନା ମିଳିଛି। ରଜ ପର୍ବକୁ ନେଇ ସହରବାସୀଙ୍କ ମଧ୍ୟରେ ଏକ ଭିନ୍ନ ଉତ୍ସାହ ଦେଖାଦେଇଛି। ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ପର୍ବକୁ ନେଇ ବେଶ୍ ଖୁସି ଅଛନ୍ତି। ଆଧୁନିକତାର ପ୍ରଭାବ ମଧ୍ୟରେ ମଧ୍ୟ ରଜର ପାରମ୍ପରିକତା ଓ ସାଂସ୍କୃତିକ ମହତ୍ତ୍ୱକୁ ଅକ୍ଷୁଣ୍ଣ ରଖିବା ପାଇଁ ସହରବାସୀଙ୍କ ଆଗ୍ରହ କମି ନଥିବା ଦେଖିବାକୁ ମିଳୁଛି।

## ସାହିତ୍ୟିକ ଓ ପ୍ରଶାସକ ଜଗନ୍ନାଥ ପ୍ରସାଦ ଦାସଙ୍କୁ ଶ୍ରଦ୍ଧାଞ୍ଜଳି



**କଟକ, ୧୨।୬(ସମିସ):** ସଂଧ୍ୟାରେ ସାରଳା ଭବନରେ ପ୍ରଖ୍ୟାତ ସାହିତ୍ୟିକ ଓ ପ୍ରଶାସକ ଜଗନ୍ନାଥ ପ୍ରସାଦ ଦାସଙ୍କର ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡକ୍ଟର ଇଂ ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି, କଥାକାର ତରୁଣ କୁମାର ସାହୁ, ଶିଶୁ ସାହିତ୍ୟିକ ଡକ୍ଟର ସୁନାମଣି ରାଉତ, ସାହିତ୍ୟିକ ଉମାଶଙ୍କର ମିଶ୍ର, କବି ପ୍ରସନ୍ନ କୁମାର ଜେନା, ସଂଗଠକ ସରୋଜ କୁମାର ସିଂହ, ବ୍ରହ୍ମାନନ୍ଦ ମହାନ୍ତି, ଡକ୍ଟର ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ବସନ୍ତ କୁମାର ସାହୁ, ନିବାସଚନ୍ଦ୍ର ମିଶ୍ର, ସେକ କମୁରୁଦ୍ଦିନ, ସଂଯୁକ୍ତା ବେହେରା ସାରସ୍ୱତ ଜଗତକୁ ଜଗନ୍ନାଥ ପ୍ରସାଦ ଦାସଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସଭାପତି ଡକ୍ଟର ସ୍ୱାଇଁ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଓଡିଆ ସାହିତ୍ୟର ସଫଳ ସ୍ରଷ୍ଟା ଭାବେ ଜଗନ୍ନାଥ ପ୍ରସାଦ ଦାସଙ୍କ କୀର୍ତ୍ତି ସୁଦୂରପ୍ରସାରୀ। ଆଗଧାଡିର ଜଣେ ସଫଳ ଲେଖକ ଓ ସୁଦକ୍ଷ ପ୍ରଶାସକ ଭାବେ ସୁବିଦିତ। ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ଶୋକ ପ୍ରସ୍ତାବ ଆଗତ କରିଥିଲେ। କାର୍ଯ୍ୟକ୍ରମକୁ ପୂର୍ଣ୍ଣ ପଟ୍ଟନାୟକ ଓ ବ୍ରଜକିଶୋର ବେଉରା ପରିଚାଳନା କରିଥିଲେ।

## କବି ନନ୍ଦକିଶୋର ସାମଲଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ



**କଟକ, ୧୨।୬(ସମିସ):** ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ଖ୍ୟାତନାମା ସାହିତ୍ୟସ୍ରଷ୍ଟା କବି ନନ୍ଦକିଶୋର ସାମଲଙ୍କ ଜୟନ୍ତୀ ସମାରୋହ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ମୁଖ୍ୟବକ୍ତା ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି, ସମ୍ମାନିତ ବକ୍ତା ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ନନ୍ଦକିଶୋରଙ୍କ ସ୍ମୃତିଚାରଣ କରିଥିଲେ। ସଭା ପରିଚାଳନା କରିଥିଲେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ବିଶିଷ୍ଟ ଶିକ୍ଷାବିତ୍ ଅକ୍ଷୟ ଷଡ଼ଙ୍ଗୀ। ମାହାଙ୍ଗା ବିକାଶ ପରିଷଦର ସଂଯୋଜକ ଡକ୍ଟର ଅଶୋକ କୁମାର ରାଉତ, କର୍ପୋରେଟର ଗଗନ କୁମାର ଓଝା, ପନ୍ନଗ ଭୂଷଣ ଦାସ, ସୁଶୀଲ କୁମାର ସ୍ୱାଇଁ ଏବଂ ସାହିତ୍ୟିକ ତଥା ବହୁ ବୁଦ୍ଧିଜିବୀ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସ୍ୱର୍ଗତ ନନ୍ଦକିଶୋର ସାମଲଙ୍କ ପୁତ୍ର ସୁକୁମାର ସାମଲ।

## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ କାର୍ଡ ବଣ୍ଟନ ଏବଂ ପୋଷଣ ଅଭିଯାନରେ ସ୍ମାର୍ଟଫୋନ୍




**କଟକ, ୧୨।୬(ସମିସ):** ଓଡ଼ିଆବଜାରସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଉଦଘାଟନ ସହ ପୋଷଣ ଅଭିଯାନ ଅଧୀନରେ ସ୍ମାର୍ଟ ଫୋନ ବଣ୍ଟନର ଶୁଭାରମ୍ଭ କରାଯାଇଛି। ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ ବଣ୍ଟନ କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ସମ୍ଭାଷଣ ପ୍ରଦାନ ପୂର୍ବକ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଏବଂ ଲୋକାଭିମୁଖୀ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ବରେଣ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ କମିଟିର ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଛବି ମଲ୍ଲିକ, ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ଯୋଗଦେଇଥିଲେ। ମହିଳା ଏବଂ ଶିଶୁ ବିକାଶ ବିଭାଗର 'ପୋଷଣ ଯୋଜନା' ଅଧୀନରେ ମହିଳାଙ୍କୁ ୧୦ଟି ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଉପସ୍ଥିତ ୫ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଏହି ଅବସରରେ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଚୌଧୁରୀ ହେମନ୍ତ କୁମାର ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ହିତାଧିକାରୀଙ୍କୁ ଶୀଘ୍ର ଭତ୍ତା ପ୍ରଦାନ ଦାବିକଲା ଜିଲ୍ଲା କଂଗ୍ରେସ



**କଟକ, ୧୨।୬(ସମିସ):** କଟକ ଜିଲ୍ଲାରେ ସାମାଜିକ ସୁରକ୍ଷା ପେନସନ ଯୋଜନାରେ ପଞ୍ଜିକୃତ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମଙ୍କୁ ତିନି ମାସର ଭତ୍ତା ମିଳି ନଥିବାରୁ ସେମାନେ ଦୁଃଖରେ କାଳାତିପାତ କରୁଛନ୍ତି। ଅସହ୍ୟ ଖରା ଗରମରେ ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ନିରାଶ ହେବା ସହ ବହୁ ଦୁଃଖ କଷ୍ଟରେ ଚଳୁଛନ୍ତି। ଏଭଳି ସ୍ଥିତିରେ ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରିବାକୁ କଟକ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଏହି ଅବସରରେ କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ କଟକ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ଶ୍ରୀ ଦାସଙ୍କ ସହିତ ବରିଷ୍ଠ କଂଗ୍ରେସ୍ ନେତା ବିଶ୍ୱଜିତ୍ ଦାସ, ଜିଲ୍ଲା କଂଗ୍ରେସ ବରିଷ୍ଠ ଉପସଭାପତି ରାମଚନ୍ଦ୍ର ଗୋଛାୟତ, ପ୍ରଶାନ୍ତ ବେହେରା, ନଳିନୀ ଉଦଗାତା, ବ୍ଲକ ସଭାପତି ସୀତାକାନ୍ତ ପଣ୍ଡା ଓ ଆଶୁତୋଷ ବରାଳ, ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ଜେଠୀ, ବିପନ ପଶାୟତ ଓ ସୁକାନ୍ତ ନନ୍ଦ, ଜିଲ୍ଲା ଅନୁସୂଚିତ ଜାତି ସେଲ ଅଧ୍ୟକ୍ଷ ପ୍ରତାପ ମଲ୍ଲିକଙ୍କ ସମେତ ଇଲୁ ସିଂହ, ଦୁର୍ଗାଶଙ୍କର ଦାସ, ପ୍ରଦ୍ୟୁମ୍ନ ଖଟାଇ, ନିର୍ମଳ ସାମଲ, ନିହାର ରଞ୍ଜନ ନନ୍ଦ, ବରିଷ୍ଠ କର୍ମୀ ମଧୁସୂଦନ ସେନାପତି, ଅନୀଲ ଦାସ, ନାଜମିର ହୁସେନ ଖାନ୍, ଦିଲ୍ଲୀପ ସାମଲ, ଆଲୋକ ଜେନା, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମଙ୍ଗୁଳିରେ ଜଳିଗଲା ମାଲବାହୀ ଟ୍ରକ୍



**ଟାଙ୍ଗୀ, ୧୨।୬(ସମିସ):** ୧୬ ନମ୍ବର ଜାତୀୟ ରାଜପଥ ମଙ୍ଗୁଳିରେ ଛିଡ଼ା ଥିବା ଏକ ମାଲବାହୀ ଟ୍ରକ ଶୁକ୍ରବାର ମଧ୍ୟାହ୍ନରେ ଜଳିଯାଇଛି। କାର୍ବାଇଡ ବୋଝେଇ ଏହି ଟ୍ରକ୍ ମଙ୍ଗୁଳି ନିକଟରେ ପ୍ରବଳ ଖରାରେ ଛିଡ଼ା ହୋଇଥିବା ସମୟରେ କୌଣସି ମତେ ନିଆଁ ଲାଗି ଟ୍ରକଟି ସମ୍ପୂର୍ଣ୍ଣ ଜଳିଯାଇଛି। ଖବରପାଇ ଚୌଦ୍ୱାର ଦମକଳ ଗାଡ଼ି ନିଆଁ ଲିଭାଇ ନପାରିବାରୁ କଟକରୁ ଅନ୍ୟ ଏକ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ତଦନ୍ତ ପରେ କାରଣ ସ୍ପଷ୍ଟ ହେବ ବୋଲି ଅଗ୍ନିଶମ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି।

## ପ୍ରଫେସର ମନୋରମା ମହାପାତ୍ରଙ୍କ ଜୟନ୍ତୀ



**କଟକ, ୧୨।୬(ସମିସ):** ବିଶିଷ୍ଟ ସାରସ୍ୱତ ସାଧିକା ସମାଜର ପୂର୍ବତନ ସମ୍ପାଦକ ପ୍ରଫେସର ଡ଼ଃ ମନୋରମା ମହାପାତ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଲୋକ ସେବକ ଯୁବ ମଣ୍ଡଳ ପକ୍ଷରୁ ଜଗତପୁରସ୍ଥିତ ତ୍ରିନାଥ ସାହିର ଗୋପବନ୍ଧୁ ଶିକ୍ଷା କେନ୍ଦ୍ରଠାରେ ସାଧାରଣ ସମ୍ପାଦକ ସମ୍ପାଦକ ଡଃ ପ୍ରଭାସ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ କବିତା ପାଠ ଉତ୍ସବ ଓ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ସମାଜସେବୀ ସୁଶାନ୍ତ ପାତ୍ର ଯୋଗଦେଇ ମନୋରମାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କବି ଡଃ ବୈଜୟନ୍ତୀ ଶତପଥୀ, ମିରା ବେଉରା ତଥା ବ୍ୟଙ୍ଗ କବି ଲକ୍ଷ୍ମୀଛଡା ଓ ଅନ୍ୟମାନେ କବିତା ପାଠ କରିଥିଲେ। ମହେଶ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ୟାସ୍ ସିଲିଣ୍ଡର୍ ଚୋରି

**କଟକ, ୧୨।୬(ସମିସ):** ରାସ୍ତାକଡରୁ ଏଲପିଜି ସିଲିଣ୍ଡର ଚୋରି ନେଇ ମଧୁପାଟଣା ଥାନାରେ ଅଭିଯୋଗ ହୋଇଛି। ଘରକୁ ଘର ଏଲପିଜି ଟାଙ୍କି ଡେଲିଭରି କରୁଥିବା ରାଜାବଗିଚା ବଢେଇ ସାହିର ପ୍ରତାପ ମୁଦୁଲି ଏନେଇ ଥାନାରେ ଏତଲା ଦେଇଛନ୍ତି। ପ୍ରତାପ ଏତଲାରେ ଦର୍ଶାଇଛନ୍ତି ଯେ ନିର୍ଦ୍ଦିଷ୍ଟ ଏକ ଗ୍ୟାସ ବିତରଣ ସଂସ୍ଥାରେ ସେ ଡେଲିଭରି ବଏ ଭାବେ କାର୍ଯ୍ୟ କରୁଛନ୍ତି। ଶୁକ୍ରବାର ସକାଳ ପ୍ରାୟ ସାଢେ ୯ଟାରେ ସେ ନିଜର ଲୁନା ଗାଡିରେ ୫ଟି ଗ୍ୟାସ ଭର୍ତ୍ତି ଟାଙ୍କୀ ନେଇ କଲ୍ୟାଣନଗର ସାଇ ମନ୍ଦିର ଗଳିକୁ ଯାଇଥିଲେ। ସେଠାରେ କିଛି ସମୟ ପରେ ଫେରି ଦେଖିଲେଯେ ଗାଡିରେ ଲଦା ହୋଇଥିବା ୪ଟା ଟାଙ୍କିରୁ ଗୋଟିଏ ନାହିଁ। ପାଖରେ ଲାଗିଥିବା ଏକ ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ଚୋରି ବିଷୟ ସ୍ପଷ୍ଟ ହୋଇଥିଲା। ୨ ଜଣ ବ୍ୟକ୍ତି ଏକ ବାଇକରେ ଆସି ତାଙ୍କ ଗାଡିରୁ ଗ୍ୟାସ ଟାଙ୍କୀ ନେଇ ପଳାଉଥିବାର ଦୃଶ୍ୟ ସିସିଟିଭିରେ ରେକର୍ଡ ହୋଇଛି। ଏନେଇ ପ୍ରମାଣ ଭାବେ ସେ ସିସିଟିଭି ଫୁଟେଜ କ୍ଲିପକୁ ପୁଲିସକୁ ପ୍ରଦାନ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଜାରି ରଖିଛି।

## ରିଲିଜ୍ ହେଲା 'ଛକି ଶୂନ'

## ପ୍ରିମିୟର ଶୋ'ରେ ଦର୍ଶକଙ୍କ ଉତ୍ସାହ

**କଟକ, ୧୨।୬(ସମିସ):** ରଜ ପର୍ବ ଆସିଲେ ଓଡ଼ିଆ ଚଳଚ୍ଚିତ୍ରପ୍ରେମୀଙ୍କ ମଧ୍ୟରେ ନୂଆ ଫିଲ୍ମକୁ ନେଇ ଉତ୍ସାହ ବଢ଼ିଯାଏ। ଏହି ପରମ୍ପରାକୁ ଜାରି ରଖି ଚଳିତ ବର୍ଷ ରଜ ଅବସରରେ ମୁକ୍ତିଲାଭ କରିଛି ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ ଅଭିନୀତ ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ଛକି ଶୂନ'। ଫିଲ୍ମଟିର ପ୍ରିମିୟର ଶୋ' କଟକସ୍ଥିତ ବୃନ୍ଦାବନ ସିନେମା ହଲ୍‌ରେ ଅନୁଷ୍ଠିତ ହୋଇଥିବା ବେଳେ ସିନେମା ହଲ୍ ପରିସର ଦର୍ଶକଙ୍କ ଭିଡ଼ରେ ଉତ୍ସବମୁଖର ହୋଇଉଠିଥିଲା। ଫିଲ୍ମର କାହାଣୀ, ନିର୍ମାଣ ଶୈଳୀ ଓ ପ୍ରଚାର ପ୍ରସାର ମଧ୍ୟ ଦର୍ଶକଙ୍କୁ ପ୍ରେକ୍ଷାଳୟମୁଖୀ କରିବାରେ ସଫଳ ହୋଇଛି। 'ଛକି ଶୂନ' ଫିଲ୍ମଟି ଆମରା ଷ୍ଟୁଡିଓ ଓ ଏସଏମ୍ ଏଣ୍ଟରଟେନମେଣ୍ଟ ପ୍ରେଜେଣ୍ଟ୍ସ୍ ୨୯ ଟୁ ନାଇନ୍ ଫିଲ୍ମସ୍'ର ମିଳିତ ସହଯୋଗରେ ନିର୍ମିତ ହୋଇଛି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଯୁବ ନିର୍ଦ୍ଦେଶକ ମାନସ ପଡ଼ିହାରୀ। ସେ ଏହାର କାହାଣୀ ମଧ୍ୟ ରଚନା କରିଛନ୍ତି। ଫିଲ୍ମର ପ୍ରଯୋଜନା କରିଛନ୍ତି, ଜାଗୃତି, ଅନୁଭବ, ଶୁଭମ୍ ମହାନ୍ତି ଓ ନବୀନ ଭଣ୍ଡାରୀ। ଫିଲ୍ମର ପ୍ରଚାର ପ୍ରସାର ଓ କ୍ରିଏଟିଭ୍ ହେଡ୍ ଭାବେ ପ୍ରଣୟ ଜେଠୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ଫିଲ୍ମରେ ଅନୁଭବଙ୍କ ସହ ସମ୍ଭାବନା ମହାନ୍ତି, ଅଭିଷେକ ପଣ୍ଡା, ଦିବ୍ୟା ମହାନ୍ତି, ଚୌଧୁରୀ ଜୟପ୍ରକାଶ ଦାସ, ସୁକୁମାର ଟୁଡୁ, ସୁକାନ୍ତ ରଥ, ନିତୁ ସିଂ, ବିଜିନୀ ମିଶ୍ର, ଉଦିତ ଗୁରୁ, ତାପସ ସରଘରିଆ, ଜିତୁ ମଙ୍ଗରାଜ, ବିନ୍ଦୁ, ରାକା, ଦିପୁ ଓ ସୁଜିତ ପ୍ରମୁଖ କଳାକାର ନିଜ ନିଜ ଚରିତ୍ରରେ ଦର୍ଶକଙ୍କ ମନ ଜିତିବାକୁ ପ୍ରୟାସ କରିଛନ୍ତି। ରଜ ପର୍ବ ସମୟରେ ଓଡ଼ିଆ ସିନେମା ପ୍ରତି ଦର୍ଶକଙ୍କ ଭାବନା ସବୁବେଳେ ସ୍ୱତନ୍ତ୍ର ରହିଥାଏ। ପରିବାର ସହ ସିନେମା ଦେଖିବାର ପରମ୍ପରା ମଧ୍ୟରେ 'ଛକି ଶୂନ' ଏକ ଆକର୍ଷଣୀୟ ଉପହାର ଭାବେ ସାମ୍ନାକୁ ଆସିଛି।

## ଗହଣା ଦୋକାନରୁ ସୁନା ମୁଦି ଲୁଟ୍ ଘଟଣାର ପର୍ଦ୍ଦାଫାସ

# ଅଭିଯୁକ୍ତ ଗିରଫ; ୧୮ଟି ସୁନା ମୁଦି ଜବତ

କଟକ, ୧୨।୬(ସମିସ)

ଲାଲବାଗ ଥାନା ପୁଲିସ ଏକ ସୁନା ଲୁଟ୍ ମାମଲାର ପର୍ଦ୍ଦାଫାସ କରି ଅଭିଯୁକ୍ତକୁ ଗିରଫ କରିବା ସହ ଲୁଟ୍ ହୋଇଥିବା ସମସ୍ତ ସୁନା ଅଳଙ୍କାର ଜବତ କରିଛି। ସିଡିଏ ସେକ୍ଟର-୬ ଅଞ୍ଚଳର ବାସିନ୍ଦା ତଥା ଗହଣା ବ୍ୟବସାୟୀ ବିଶ୍ୱନାଥ କର୍ମକାରଙ୍କ ଅଭିଯୋଗ ଆଧାରରେ ଲାଲବାଗ ଥାନାରେ କେସ୍ ନମ୍ବର-୧୯୩/୨୦୨୬ ରୁଜୁ ହୋଇଥିଲା। ତଦନ୍ତ ସମୟରେ ଅଭିଯୁକ୍ତଙ୍କ ପରିଚୟ ଓ ଅବସ୍ଥାନ ସମ୍ପର୍କରେ ବିଶ୍ୱସନୀୟ ସୂଚନା ମିଳିବା ପରେ ପୁଲିସ ଚଢ଼ଉ କରି ରାଜୁ ଓରଫ ରାଜେଶ ରାଉତ (୩୨)ଙ୍କୁ ଗିରଫ କରିଥିଲା। ସେ ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ରଇସିମିଳି ଗ୍ରାମର ବୋଲି ଜଣାପଡ଼ିଛି।

ଅଭିଯୋଗ ଅନୁସାରେ, ଗତ ୧୧ ଜୁନ ରାତି ପ୍ରାୟ ୮ଟା ବେଳେ ଜଣେ ଅଜଣା ବ୍ୟକ୍ତି ଗ୍ରାହକ ସାଜି ତାଙ୍କ ଗହଣା ଦୋକାନକୁ ଆସିଥିଲେ। ବିଶ୍ୱନାଥ ଏବଂ ତାଙ୍କ ମାମୁ ସୁନା ମୁଦି ଦେଖାଉଥିବା ବେଳେ ଅଭିଯୁକ୍ତ ହଠାତ୍ ତାଙ୍କୁ ଧକ୍କା ଦେଇ ୧୮ଟି ସୁନା ମୁଦି ଥିବା ବାକ୍ସ ଧରି ଫେରାର ହୋଇଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇବା ପରେ ଲାଲବାଗ ଥାନା ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ଏଥିପାଇଁ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା। ବୈଷୟିକ ଓ ଗୁପ୍ତ ସୂଚନା ସଂଗ୍ରହ କରି ଅଭିଯୁକ୍ତଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ଅଭିଯୁକ୍ତଙ୍କୁ ପଚରାଉଚରା ଏବଂ ତଲାସି ବେଳେ ତାଙ୍କ ନିକଟରୁ ଲୁଟ୍ ହୋଇଥିବା ସମସ୍ତ ୧୮ଟି ସୁନା ମୁଦି ଜବତ କରାଯାଇଥିଲା। ଜବତ ସୁନା ମୁଦିଗୁଡ଼ିକର ମୋଟ ଓଜନ ପ୍ରାୟ ୫୯.୪୫ ଗ୍ରାମ ହୋଇଥିବା ବେଳେ ସେଗୁଡ଼ିକୁ ଅଭିଯୋଗକାରୀ ଚିହ୍ନଟ କରିଥିଲେ। ଉକ୍ତ ସୁନା ଅଳଙ୍କାର ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ତାଙ୍କର ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚ କରାଯାଇଛି। ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ରାଜୁଙ୍କୁ ଚୌଦ୍ୱାର ଜେଲ୍ ପଠାଇ ଦିଆଯାଇଛି।




## ଚଣ୍ଡୀ ମନ୍ଦିର ନବୀକରଣକୁ ସୂଚାରୁରୂପେ ଶେଷ କରିବାକୁ ମିଳିତ ବୈଠକ

**କଟକ, ୧୨।୬(ସମିସ):** ଚଣ୍ଡୀ ମନ୍ଦିର ନବୀକରଣ କାର୍ଯ୍ୟକୁ ସୂଚାରୁରୂପେ ଶେଷ କରିବା ପାଇଁ କଟକ ନଗର ଜିଲ୍ଲା କଂଗ୍ରେସ କମିଟିର ପ୍ରତିନିଧି ଦଳ, ଓବିସିସି ବିଭାଗର ବିଭାଗୀୟ ବରିଷ୍ଠ ଅଧିକାରୀ, ମନ୍ଦିରର ମୁଖ୍ୟ ପୂଜକ ଓ ଅନ୍ୟମାନଙ୍କ ସହ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ନଗର ଜିଲ୍ଲା କଂଗ୍ରେସ କମିଟିର ପ୍ରତିନିଧିମଣ୍ଡଳୀ, ଓବିସିସିର ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, ବିଶେଷଜ୍ଞ, ମନ୍ଦିରର ମୁଖ୍ୟ ପୂଜକ ଓ ଅନ୍ୟ ସେବାୟତଙ୍କ ସହ ବସିଥିବା ବୈଠକରେ ମନ୍ଦିରର ନିର୍ମାଣ ଓ ନବୀକରଣ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ନିର୍ବାହୀ ଯନ୍ତ୍ରୀଙ୍କ ସହ ବିଶେଷଜ୍ଞ ମନ୍ଦିର ଉପରକୁ ଯାଇ କ୍ଷତିଗ୍ରସ୍ତ ଦଧିନଉତି ଓ ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକ ଅନୁଧ୍ୟାନ କରିଥିଲେ। ମନ୍ଦିରରେ ବାକି ରହିଥିବା କାମଗୁଡିକ ସହ ପୂର୍ଣ୍ଣାଙ୍ଗ ନିର୍ମାଣ କାର୍ଯ୍ୟ ଆସନ୍ତା ସେପ୍ଟେମ୍ବର ୨୫ ତାରିଖ ସୁଦ୍ଧା ନିଶ୍ଚିତ ରୂପେ ସାରିବାକୁ ବିଭାଗୀୟ ଅଧିକାରୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ନଗର କଂଗ୍ରେସ କମିଟି ର ସଭାପତି ଶାନ୍ତାୟନ ମିଶ୍ର ଚଣ୍ଡୀ ମା'ଙ୍କର ୧୬ଶ ଉପଚାର ପୂଜା ଓ ପରେ ପରେ ନବରାତ୍ର ପୂଜା ଆସନ୍ତା ଅକ୍ଟୋବର ୪ରୁ ଆରମ୍ଭ ହେଉଥିବାରୁ ମନ୍ଦିରର ପୂର୍ଣ୍ଣାଙ୍ଗ ନିର୍ମାଣ କାର୍ଯ୍ୟ ସରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। କଟକ ନଗର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରତିନିଧିମଣ୍ଡଳୀରେ ପିସିସି ସାମାଜିକ ଗଣମାଧ୍ୟମର ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ବିଶ୍ୱନାଥ ଶତପଥୀ, ବରଦା ପ୍ରସନ୍ନ ସାହୁ, ହିମାଂଶୁ ରାଉତ୍, ନଗର ଜିଲ୍ଲା ଯୁବ କଂଗ୍ରେସ ର ସଭାପତି ବିପ୍ଳବ ଶିଳାଦିତ୍ୟ, ଜଗନ୍ନାଥ ସାହୁ, ଜ୍ଞାନେସ୍ମୁ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲାସ୍ତରୀୟ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ

ଯାଜପୁର, ୧୨।୬ (ସମିସ)



ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଜି 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ ହୋଇଛି। ଯାଜପୁରରେ ସଂସ୍କୃତି ଭବନଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀଗଣ ଏବଂ ଜନସାଧାରଣ ଯୋଗ ଦେଇଥିଲେ। ଏହି ଯୋଜନାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ମାସିକ ମୁଣ୍ଡପିଛା ଅତିରିକ୍ତ ୫ କିଲୋ ଚାଉଳ ବଣ୍ଟନ କରାଯିବ। ପୂର୍ବରୁ କେବଳ ୫ କିଲୋ ଚାଉଳ ମିଳୁଥିବା ବେଳେ ଏଣିକି ଏପ୍ରିଲ ୨୦୨୬ରୁ ପ୍ରତି ମାସରେ ମୁଣ୍ଡପିଛା ୧୦ କିଲୋ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ। ଏହି ଯୋଜନା ଅଧୀନରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ- ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ସମସ୍ତ ଯୋଗ୍ୟ ରାସନ କାର୍ଡଧାରୀଙ୍କୁ ସେମାନଙ୍କ ନିୟମିତ ପ୍ରାପ୍ୟ ବ୍ୟତୀତ ମାସିକ ହିତାଧିକାରୀ ପିଛା ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ବିନା ମୂଲ୍ୟରେ ବଣ୍ଟନ କରାଯିବ। ଉତ୍ସବ ଅବସରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିଲା। ଏଥିସହ ମହିଳା ଏବଂ ଶିଶୁ ବିକାଶ ବିଭାଗର 'ପୋଷଣ ଯୋଜନା' ଅଧୀନରେ ଅଙ୍ଗନବାଡ଼ି କର୍ମଚାରୀ, ସୁପରଭାଇଜରମାନଙ୍କୁ ସଶକ୍ତ ଓ ଡିଜିଟାଲ୍ ଦୁନିଆ ସହ ଯୋଡ଼ିବା ପାଇଁ ୧୦ଟି ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ଗତ ଦୁଇ ବର୍ଷରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ସଫଳତାକୁ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ଏକ ଡକ୍ୟୁମେଣ୍ଟାରୀ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଯାଜପୁର ଜିଲ୍ଲାର ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀମାନେ ମଧ୍ୟ ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ, ମାର୍କେଟ ଇନ୍ସପେକ୍ଟର, ସମାଜସେବୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର



**କଯାଁଗୋଲା/ମଙ୍ଗଳପୁର, ୧୨।୬ (ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ପରିସରରେ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ଡିସିଏମ୍‌ଓ, ପିଏଚ୍‌ଓ ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶ କ୍ରମେ ଏହି ଶିବିର ଆୟୋଜନ କରାଯାଇଥିଲା। ଗର୍ଭବତୀ ମହିଳା, ଥାଲାସେମିଆ ଓ ରକ୍ତହୀନତା ରୋଗୀଙ୍କ ଜୀବନ ରକ୍ଷା ପାଇଁ ଆବଶ୍ୟକ ରକ୍ତ ସଂଗ୍ରହ କରିବା ଏହି ଶିବିର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଡିପିଏଚ୍‌ଓ ଡାକ୍ତର ଗୋପାଳ ଚନ୍ଦ୍ର ମଲ୍ଲିକ, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରିଣୀ ଡା. ଅମିତ୍ରା ପ୍ରୀତମ ମଲ୍ଲ ଏବଂ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ମିଳିତ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିପିଏମ୍ ମିହିର ରଞ୍ଜନ ନାୟକ, ଜନସ୍ୱାସ୍ଥ୍ୟ ଅଧିକାରିଣୀ ବନିତା ଦାଶ, ଫାର୍ମାସିଷ୍ଟ ବିଜ୍ଞାନ ରଞ୍ଜନ ରାୟ, ବିଏଏମ୍ ଅଜୟ କୁମାର କର, ବିଡିଏମ୍ ମୁକୁନ୍ଦ ଚନ୍ଦ୍ର ନାୟକ, ରେଡିଓଗ୍ରାଫର ଚନ୍ଦନ ପତି, ଗଦାଧର ସାହୁଙ୍କ ସହ ସମସ୍ତ ମେଡିକାଲ ଓ ଆଶା କର୍ମୀ, ସାନିଟାରୀ ଓ ସୁରକ୍ଷା କର୍ମଚାରୀ ଉପସ୍ଥିତ ଥିଲେ। ଏହି ରକ୍ତଦାନ ଶିବିରରେ ୪୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ହୃଦ୍‌ଘାତରେ ବୃଦ୍ଧଙ୍କ ମୃତ୍ୟୁ

**ଦାନଗଦି/ ଟମକା, ୧୨।୬ (ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ଚିତ୍ରୀ ପଞ୍ଚାୟତର ନୂଆଁଗା ଗ୍ରାମର କରୁଣାକର ସାହୁଙ୍କ (୭୧) ହୃଦ୍‌ଘାତ ଜନିତ ମୃତ୍ୟୁ ହୋଇଯାଇଛି। ସୂଚନା ମୁତାବକ କରୁଣାକର ତାଙ୍କର ଭତ୍ତା ଟଙ୍କା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସାଇକଲ ଯୋଗେ ଫେରିବା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ପଡ଼ିଯାଇଥିଲେ। ତାଙ୍କ ପୁଅ ଖବରପାଇ ତୁରନ୍ତ ଘଟଣାସ୍ଥଳକୁ ଯାଇ ତାଙ୍କୁ ଉଦ୍ଧାର କରି ଦାନଗଦୀ ଗୋଷ୍ଠୀ କେନ୍ଦ୍ରକୁ ନେଇ ଯାଇଥିଲେ। ଚିକିତ୍ସିତ ହେବା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶବ ବ୍ୟବଚ୍ଛେଦ କରାଯିବା ପରେ ତାଙ୍କ ଗାଁ ଶ୍ମଶାନରେ ଶବସତ୍କାର କରାଯାଇଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

**ଯାଜପୁର, ୧୨।୬ (ସମିସ):** ବଡ଼ସୁଆର ପଞ୍ଚାୟତ ମୁରଲୀଧର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୦ ମସିହା ବ୍ୟାଚ ଛାତ୍ରଛାତ୍ରୀଙ୍କର ସମ୍ମିଳନୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁରୁ କିଶୋର ଚନ୍ଦ୍ର ନାୟକ, କପିଳ ଚରଣ ପଳାଇ, ବିଶ୍ୱନାଥ ତ୍ରିପାଠୀ, ଅନିରୁଦ୍ଧ ତ୍ରିପାଠୀ, ସୁରେନ୍ଦ୍ର କୁମାର ଦୋବାଇ, ଅନନ୍ତ ଚରଣ ବିଶ୍ୱାଳ ପ୍ରମୁଖଙ୍କୁ ପୁରାତନ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମାଧବା ନନ୍ଦ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦାମୋଦର ନନ୍ଦ, ଦେବୀ ପ୍ରସନ୍ନ ଧଳ ଗୁରୁବନ୍ଦନା ଗାନ କରିଥିଲେ। ଏଥିରେ ବିଦ୍ୟାଧର ପ୍ରଦାନ, ଅମୂଲ୍ୟ ଦାଶ, ରବି ଓଝା, ସୌଦାମିନୀ ଧଳ, ଦମୟନ୍ତୀ ଧଳ, ପ୍ରଫୁଲ୍ଲ ସାମଲ, ପ୍ରଭାତ ଧଳ, ଜୋସ୍ନାମୟୀ ଧଳ, ଶରତ ଜେନା, ପୂର୍ଣ୍ଣମାସୀ ପାଢ଼ୀ, ସୁଷମା ନାଥ, ପ୍ରେମଲତା ପଲେଇ, ପ୍ରସନ୍ନ କର, ପ୍ରସନ୍ନ ନାଥ, ଦିବାକର ପରିଡ଼ା, କବିତା ବିଶ୍ୱାଳ, ସଂଯୁକ୍ତା ନାୟକ, ପ୍ରତାପ ବିଶ୍ୱାଳ, ନରୋତ୍ତମ ମିଶ୍ର, ଅକ୍ଷୟ ସ୍ୱାଇଁ, ବିପିନ ନାଥ, ହେମନ୍ତ ଓଝା, ସାରଥୀ ଜେନା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ପ୍ରଭାତ ଦାଶ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସଙ୍ଗୀତ ଗୁରୁ ବିଶ୍ୱନାଥ ରାଉତଙ୍କ ସ୍ମୃତିସଭା



**ଧର୍ମଶାଳା, ୧୨।୬ (ସମିସ):** ଧର୍ମଶାଳା ବ୍ଲକ କ୍ଷେତ୍ରପାଳ ପଞ୍ଚାୟତ ସିଦ୍ଧିପୁର ଗ୍ରାମର ସଙ୍ଗୀତ ଗୁରୁ ବିଶ୍ୱନାଥ ରାଉତଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ କାହ୍ନୁଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଇଂ. ଯଦୁନାଥ ମହାପାତ୍ର, ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲ, ଅଭିମନ୍ୟୁ ଧଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ଦେବତା, ଗଣେଶ୍ୱର ପରିଡ଼ା, ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ପରିଚାଳକ ସଦାନନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଗୋପୀନାଥ ମହାପାତ୍ର, ଅଧ୍ୟାପକ ବିଜୟ କେତନ ସାମଲ, ଆଇନଜୀବୀ ଶ୍ୟାମପ୍ରସାଦ ଦାଶ, ବିପିନି ବିହାରୀ ସ୍ୱାଇଁ, ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ, ଶିବରାମ ସାହୁ, ଯୁବ ସମାଜସେବୀ ରାକେଶ ନାୟକ, ଅମୀୟ କୁମାର ପରିଡ଼ା, ବିବେକାନନ୍ଦ ଜେନା, ଗଣେଶ୍ୱର ଦାସ, ମନୋରଞ୍ଜନ କର, ସୁଶ୍ରୀ ତ୍ରିଷ୍ଣା, ଶଶୀକାନ୍ତ ସାମଲ, ସୁବ୍ରତ ଜେନା ସାମନ୍ତ, ଶ୍ରୀନାଥ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ 'ବିଶ୍ୱବୀଣା' ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସାନପୁଅ ଶୁଭେନ୍ଦୁ ରାଉତ ଅତିଥିମାନଙ୍କୁ କୃତଜ୍ଞତା ଜଣାଇଥିଲେ।

## ସୁରକ୍ଷା ବାଡ଼ରେ ପିଟିହେଲା କାର୍

**ପାଣିକୋଇଲି, ୧୨।୬ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଥାନା ନିକଟରେ ଆଜି ଅପରାହ୍ନରେ ବର୍ଷା ହେଉଥିବା ବେଳେ ଭାରସାମ୍ୟ ହରାଇ ଏକ କାର୍ ଡିଭାଇଡରେ ଚଢ଼ି ସୁରକ୍ଷା ବାଡ଼ରେ ଧକ୍କା ଖାଇ ଦୁର୍ଘଟଣା ହୋଇଥିଲା। କାର୍‌ଟିର (ଓଡି୦୨ବିଏକସ ୧୫୮୬) ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲା। ଖବର ପାଇ ପୁଲିସ ଓ ରାଜପଥ ପାଟ୍ରୋଲିଂ ସେଠାରେ ପହଞ୍ଚି ଚାଳକକୁ ଉଦ୍ଧାର କରିବା ସହ ଘଟଣାସ୍ଥଳେ ତଦନ୍ତ ଜାରି ରଖିଛି।

### ଆତ୍ମହତ୍ୟା ଉଦ୍ୟମ

## ଗଛ ଡାଳରେ ଶୋଇଥିବା ମହିଳା ଉଦ୍ଧାର

**ପାଣିକୋଇଲି, ୧୨।୬ (ସମିସ):** ଜଣେ ଇଟାଭାଟିର ମହିଳା ଶ୍ରମିକ ଆତ୍ମହତ୍ୟା କରିବାକୁ ବରଗଛରେ ଚଢ଼ି ଡାଳରେ ଶୋଇଥିବା ବେଳେ ଖବର ପାଇ ପାଣିକୋଇଲି ପୁଲିସ ତାକୁ ଉଦ୍ଧାର କରି ପରିବାର ଜିମା ଦେଇଛି। ପ୍ରକାଶଯେ ମୟୂରଭଞ୍ଜ ଜିଲ୍ଲା ଜାମପୋଶି ରାମଡଙ୍ଗା ଡୁବୁରୀ ଗ୍ରାମର ରାମ ମୁଣ୍ଡାଙ୍କ ସ୍ତ୍ରୀ ସାବିତ୍ରୀ କାଣ୍ଡିଆ ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର ଡିକେଡି ଇଟା ଭାଟିରେ ଶ୍ରମିକ ଭାବେ କାର୍ଯ୍ୟ କରେ। ଘରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ପରେ ମହିଳା ଶ୍ରମିକ ଜଣଙ୍କ ନିଶାସକ୍ତ ହୋଇ ନିକଟରେ ଥିବା ଏକ ବରଗଛ ଡାଳ ଉପରେ ଚଢ଼ି ଶୋଇଥିଲା। ପରିବାର ଲୋକେ ଯେତେ ଡାକିଲେ ବି ସେ ଗଛରୁ ନ ଓହ୍ଲାଇ ଆତ୍ମହତ୍ୟା କରିବାର ଧମକ ଦେଇଥିଲା। ଏନେଇ ସେଠାକାର ଲୋକେ ପୁଲିସ ସହାୟତା ଲୋଡିଥିଲେ। ପାଣିକୋଇଲି ପୁଲିସ ଘଟଣାସ୍ଥଳେ ପହଞ୍ଚି ଲୋକମାନଙ୍କ ସହାୟତାରେ ଗଛରୁ ତାକୁ ଉଦ୍ଧାର କରି ତାଙ୍କ ପରିବାର ଜିମା ଦେଇଥିଲେ। କିଛି ସମୟ ପାଇଁ ଉକ୍ତ ମହିଳାଙ୍କ ନାଟକ ସମସ୍ତଙ୍କୁ ନାକେଦମ କରିଥିଲା। ଥାନାଧିକାରୀ ରଞ୍ଜିତ ମହାନ୍ତି, ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ, ସୁମିତ କୁଜୁର, ଏଏସଆଇ ସୋମନାଥ ରାଉତ ପ୍ରମୁଖ ସଦଳବଳେ ଉଦ୍ଧାର କାର୍ଯ୍ୟ କରିଥିଲେ।

## ମଦ ଦୋକାନ ପ୍ରତିବାଦରେ ଦାବିପତ୍ର ପ୍ରଦାନ



**ଯାଜପୁର, ୧୨।୬ (ସମିସ):** ପ୍ରସ୍ତାବିତ ସରକାରୀ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଆଙ୍କୁଲାଠାରେ ଖୋଲାଯିବା ବିରୋଧରେ ଚାଷୀ ବଞ୍ଚାଓ ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଣସା ପଞ୍ଚାୟତର ପ୍ରମୁଖ ସ୍ଥାନରେ ଏକ ମଦ ଦୋକାନ ଖୋଲାହେବାକୁ ଯାଉଛି। ପଣସା ପଞ୍ଚାୟତର ଲୋକମାନେ ସାଧାରଣତଃ କୃଷି ଉପରେ ବର୍ଷ ସାରା ନିର୍ଭର କରିଚଳନ୍ତି। କୃଷି କାର୍ଯ୍ୟ କରି ଯେଉଁ ଅର୍ଥ ରୋଜଗାର କରନ୍ତି ସେଇ ଅର୍ଥରେ ସେମାନଙ୍କର ଜୀବିକା ନିର୍ବାହ କରିବା ସହିତ ପିଲାମାନଙ୍କର ସ୍ୱପ୍ନକୁ ସାକାର କରନ୍ତି। ଯଦି ଏଭଳି ଜାଗାରେ ମଦର ପେଣ୍ଠସ୍ଥଳି ହେବ। ଏଠାରେ କୃଷକ କୃଷି କାର୍ଯ୍ୟରୁ ରୋଜଗାର ହେଉଥିବା ଅର୍ଥ ସେମାନେ ମଦରେ ଖର୍ଚ୍ଚ କରିଦେବେ। ସେମାନଙ୍କର ପିଲାଙ୍କର ଭବିଷ୍ୟତ ଅନ୍ଧାର ହୋଇଯିବ। ମଦପିଇ ଘରେ ଓ ବାହାରେ ନାନାଦି ଅଘଟଣ ଘଟାଇବେ। ଏହାର ଆଖପାଖରେ ମଠ, ମନ୍ଦିର, ସ୍କୁଲ, ହୋମିଓପାଥି ଡାକ୍ତରଖାନା ଏବଂ ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା ହେଉଛି। ଦେଶ ବିଦେଶରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ମାନେ ଏଠାରେ ଡାକ୍ତରୀ ପାଠ୍ୟକ୍ରମରେ ଶିକ୍ଷାଗ୍ରହଣ କରୁଛନ୍ତି। ଏଠାରେ ଲୋକ ମାନେ ମଦପିଇ ମେଡିକାଲକୁ ଆସୁଥିବା ରୋଗୀ ଓ ଛାତ୍ରଛାତ୍ରୀଙ୍କୁ ଅପବ୍ୟବହାର କରିବେ। ଯଦି ଏଠାରେ ସରକାରୀ ବିଦେଶୀ ମଦ ଦୋକାନ ଖୋଲନ୍ତି ତେବେ ଏଠାକାର ପରିବେଶ ଅସାନ୍ତ ହୋଇଯିବ। ଏଣୁ ଏହି ପଞ୍ଚାୟତର ଆଙ୍କୁଲା ଗ୍ରାମରେ ଖୋଲାଯିବାକୁ ଥିବା ଠିପିବନ୍ଦ ସରକାରୀ ମଦ ଦୋକାନ ଖୋଲିବା ପାଇଁ ଅନୁମତି ନ ଦେବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରାଯାଇଛି।

### ଧର୍ମଶାଳା ଡିଫା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ୟଙ୍ଗ ଉତ୍କଳ କ୍ଲବ୍ କଟକ ଚାମ୍ପିଅନ



**ଧର୍ମଶାଳା, ୧୨।୬ (ସମିସ):** ଧର୍ମଶାଳା ଫୁଟବଲ ଆସୋସିଏସନ ପକ୍ଷରୁ ବାଣୀପୀଠ ପଡ଼ିଆରେ ଗତ ୬ ତାରିଖରୁ ଚାଲିଥିବା ୨୮ତମ ଓ ଅଷ୍ଟମ ରଞ୍ଜିତ ସ୍ୱାଇଁ ଡିଫାକପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଫାଇନାଲ ମ୍ୟାଚ୍ ୟଙ୍ଗ ଉତ୍କଳ କ୍ଲବ କଟକ ଓ ପ୍ରତାପ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ୟଙ୍ଗ ଉତ୍କଳ କ୍ଲବ କଟକ ୪-୨ ଗୋଲରେ ପ୍ରତାପ କ୍ଲବ କଟକକୁ ପରାସ୍ତ କରି ଚଳିତ ବର୍ଷ ପାଇଁ ଚାମ୍ପିଅନ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ ପ୍ରତାପ କ୍ଲବ କଟକର ରାକେଶ ଜେନା ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତିୟାର୍ଦ୍ଧରେ ୟଙ୍ଗ ଉତ୍କଳ କ୍ଲବର ବାବୁନି ଦାସ ଗୋଟିଏ ଗୋଲ ଦେଇ ଖେଳକୁ ସମାନ ସ୍ଥିତିକୁ ନେଇ ଆସିଥିଲେ। ଫଳରେ ଆଜିର ଖେଳ ଅମୀମାଂଶିତ ଭାବେ ସମାପ୍ତ ହୋଇଥିବା ବେଳେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଟାଇବ୍ରେକରରେ ୟଙ୍ଗ ଉତ୍କଳ କ୍ଲବ କଟକ ପ୍ରତାପ କ୍ଲବକୁ ୪-୨ ଗୋଲ କରି ଚଳିତ ବର୍ଷ ଚାମ୍ପିଅନ ହୋଇଛି। ଆଜିର ମ୍ୟାଚରେ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ। ଡିଫା କ୍ଲବର ସଭାପତି ପ୍ରମୋଦ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଚହଟା ସରପଞ୍ଚ ସୁମିତ୍ରା ସ୍ୱାଇଁ, ସମିତିସଭ୍ୟା ସସ୍ମିତା ନାୟକ ଯୋଗଦେଇଥିଲେ। ଏହି ଅବସରରେ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ୟଙ୍ଗ ଉତ୍କଳ କ୍ଲବର ତୁଷାର କୁମାର ସାହୁ ଓ ମ୍ୟାନ୍ ଅଫ ଦି ସିରିଜ ଭାବେ ୟଙ୍ଗ ଉତ୍କଳ କ୍ଲବର ଗଣେଶ୍ୱର ସେଠୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ଲବର ସମ୍ପାଦକ ପ୍ରବୋଧ କୁମାର ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ଚନ୍ଦ୍ରମଣି ପଣ୍ଡିତ ଧନ୍ୟବାଦ ଦେଇଥିଲେ। ଆଜିର ମ୍ୟାଚକୁ ଜ୍ୟୋତି ରଞ୍ଜନ ସ୍ୱାଇଁ ରେଫରୀ ଭାବେ ପରିଚାଳନା କରିଥିବା ବେଳେ ସେକ୍ ସଲିମ ଅହମ୍ମଦ ଓ ଚିତ୍ତରଞ୍ଜନ ଓଝା ଲାଇନମ୍ୟାନ ଭାବେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ଶୈଳେଶ ପାଣି ଦାୟିତ୍ୱ ତୁଲାଇଥିଲେ।

## ଶିଶୁ ଶ୍ରମିକ ବିଲୋପ ପାଇଁ ବିଶେଷ କାର୍ଯ୍ୟକ୍ରମ



**ଯାଜପୁର, ୧୨।୬ (ସମିସ):** ଜିଲ୍ଲାରେ ଶିଶୁ ଶ୍ରମିକ ବିଲୋପ ପାଇଁ ଶ୍ରମ ବିଭାଗ ପକ୍ଷରୁ ୧୫ ଦିନିଆ ବିଶେଷ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ କମିଶନର ଶିବଶଙ୍କର ମିଶ୍ର, ଯାଜପୁର ପ୍ରଭାଗୀୟ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ, ଯାଜପୁର ଜିଲ୍ଲା ଶ୍ରମ ଅଧିକାରୀ ସୁଧୀର ସାହୁ ପ୍ରମୁଖ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଏହି ରଥ ସମଗ୍ର ଜିଲ୍ଲା ବୁଲି ଶିଶୁ ଶ୍ରମିକ ନିୟୋଜନ ବିରୋଧରେ ସଚେତନତା ସୃଷ୍ଟି କରିବ ଏବଂ ଏହି ପ୍ରଥା ବିଲୋପ କରିବା ପାଇଁ ଏକ ବାର୍ତ୍ତା ଦେବାକୁ ଚେଷ୍ଟା କରାଯିବ। ଏହାସହ ଏକ ସଚେତନତା ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ମେଡିକାଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ରାଲିରେ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତି, ସମସ୍ତ ସହକାରୀ ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସାଧାରଣ ଜନତା, ନିର୍ମାଣ ଶ୍ରମିକ, ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ପ୍ରମୁଖ ସାମିଲ ହୋଇଥିଲେ। ଏହାସହ ଆଗକୁ ଶିଶୁ ଶ୍ରମିକ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇ ଉକ୍ତ କମିଟି ସଦସ୍ୟଙ୍କ ମତାମତ ଅନୁସାରେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯିବ। ଶିଶୁ ଶ୍ରମିକ ନିୟୋଜିତ କରିଥିବା ବିଭିନ୍ନ ସଂସ୍ଥାମାନଙ୍କରେ ଚଢ଼ଉ କରାଯାଇ ମାଲିକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଯେକୌଣସି କାମରେ ନିୟୋଜିତ କରିବା ଏକ ଦଣ୍ଡନୀୟ ଅପରାଧ ଏବଂ ଏପରି ଘଟଣା ଦୃଷ୍ଟିଗୋଚର ହେଲେ ତୁରନ୍ତ ଶ୍ରମ କାର୍ଯ୍ୟାଳୟ, ଥାନା କିମ୍ବା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ସହକାରୀ ଶ୍ରମ ଅଧିକାରୀ ଦେବାଶିଷ ଜେନା, ସୁଶ୍ରୀ ସଙ୍ଗୀତା ସ୍ୱାଇଁ, ସୌମ୍ୟସୁନ୍ଦର ରାଉତରାୟ, ରଚନା ସେଠୀ, ଅଭିଜିତ ଜୟପ୍ରକାଶ ପ୍ରଧାନ, ଶତାବ୍ଦୀକା ନାୟକ, ଶତରୂପା ସାହୁ, ନୀଳିମା କୁମାରୀ ନାୟକ ଯୋଗ ଦେବା ସହିତ କର୍ମଚାରୀ ସତ୍ୟଜିତ ବାରିକ, ନାରାୟଣ ଚନ୍ଦ୍ର ନନ୍ଦ, ପ୍ରକାଶ କୁମାର ଜେନା, ପ୍ରସନ୍ନ କୁମାର ନାୟକ, ସନ୍ତୋଷ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ନିଶାମୁକ୍ତ ଓଡ଼ିଶା ଘୋଷଣା ଦାବିରେ ଗଣଧାରଣା




**ଦଶରଥପୁର, ୧୨।୬ (ସମିସ):** ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ଦଶରଥପୁର ଶାଖା କମିଟି ପକ୍ଷରୁ ରାଜ୍ୟ ଅଭିଯାନର ଆହ୍ୱାନ କ୍ରମେ ଶୁକ୍ରବାର ଦଶରଥପୁର ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯିବା ସହ ପ୍ରତିବାଦ କରାଯାଇଥିଲା। ଶାଖାର ସଭାପତି ଦୁର୍ଗାଚରଣ ବାରିକଙ୍କ ନେତୃତ୍ୱରେ ଏକ ସଭା ହୋଇଥିଲା। ସମ୍ପାଦକ ମଳୟ କୁମାର ପଣ୍ଡା ଏହି ନିଶାମୁକ୍ତ ଅଭିଯାନର ଆଭିମୁଖ୍ୟ ବାବଦରେ ସୂଚନା ପ୍ରଦାନ କରିଥିବା ବେଳେ ବରିଷ୍ଠ ସଭ୍ୟ ବିଜୟାନନ୍ଦ ମହାନ୍ତି, ବାବାଜୀ ଚରଣ ବାରିକ, ଚନ୍ଦ୍ରଶେଖର ଦାସ, ଗୋଲାପି ଜେନା, ବିଶ୍ୱମ୍ବର ନାୟକ, ଭରତ ବାରିକ ଓ ବିରଞ୍ଚି ନାରାୟଣ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଅକ୍ଟୋବର ୧ ତାରିଖ ସୁଧା ରାଜ୍ୟ ସରକାର ଓଡ଼ିଶାକୁ 'ନିଶାମୁକ୍ତ ଓଡ଼ିଶା' ଘୋଷଣା ନ କଲେ ଗାନ୍ଧୀ ଜୟନ୍ତୀ ୨ ତାରିଖଠାରୁ ସାରାରାଜ୍ୟରେ ଆମରଣ ଅନଶନ ଚାଲୁ ରହିବ ବୋଲି ନିଷ୍ପତି ନିଆଯାଇଛି। ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ସହ ବିଭିନ୍ନ ସ୍ଲୋଗାନ ଦିଆଯାଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏବିଡିଓ ତ୍ରିଲୋଚନ ସେଠୀଙ୍କୁ କମିଟି ପକ୍ଷରୁ ପ୍ରଦାନ କରାଯାଇଥିଲା।

# ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ ଅଭିଯାନ

ଯାଜପୁର, ୧୨।୬ (ସମିସ)




ଜିଲ୍ଲାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନ କାର୍ଡ ବଣ୍ଟନ ପ୍ରକ୍ରିୟାକୁ ଶତପ୍ରତିଶତ ସଫଳ କରିବା ପାଇଁ ଯାଜପୁର ଜିଲ୍ଲାପାଳ ଏକ ଜରୁରୀକାଳୀନ ସମୀକ୍ଷା ବୈଠକ କରିଛନ୍ତି। ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଅଡିଟୋରିୟମଠାରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ଜିଲ୍ଲା ଓ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ କର୍ମଚାରୀ, ସମସ୍ତ କମନ ସର୍ଭିସ ସେଣ୍ଟର ଭିଏଲ୍‌ଇ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୩୦ ଜୁନ୍ ୨୦୨୬ ସୁଦ୍ଧା ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ୧୦୦ ପ୍ରତିଶତ କାର୍ଡ ବଣ୍ଟନ ଶେଷ କରିବା ପାଇଁ ଜିଲ୍ଲାପାଳ ଏକ ମାଇକ୍ରୋ-ଆକ୍ସନ ପ୍ଲାନ ଜାରି କରିବା ସହ ସମସ୍ତଙ୍କ ପାଇଁ ଦୈନିକ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୧୮ ଦିନର ଜରୁରୀକାଳୀନ ଅଭିଯାନ ରିପୋର୍ଟ ଅନୁଯାୟୀ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୫, ୬୯, ୮୦୧ଟି ଫିଜିକାଲ୍ ଆୟୁଷ୍ମାନ ଜନ ଆରୋଗ୍ୟ କାର୍ଡ ବଣ୍ଟନ ହେବା ବାକି ଅଛି ଏବଂ ୭୪, ୭୯୦ଟି ବୟୋ ବନ୍ଦନ କାର୍ଡ ଜେନେରେସନ କରିବାକୁ ବାକି ରହିଛି। ଏହି ବଡ଼ ବ୍ୟବଧାନକୁ ପୂରଣ କରିବା ପାଇଁ ୧୨ ଜୁନ୍‌ରୁ ୩୦ ଜୁନ୍ ପର୍ଯ୍ୟନ୍ତ (ମୋଟ ୧୮ କାର୍ଯ୍ୟକାରୀ ଦିବସରେ) ଏକ ସ୍ୱତନ୍ତ୍ର ଅଭିଯାନ ଚାଲିବ। ଯେଉଁଥିରେ ପ୍ରତିଦିନ ଜିଲ୍ଲାରେ ୩୧୬୫୫ ଫିଜିକାଲ୍ କାର୍ଡ ବଣ୍ଟନ ବାଧ୍ୟତାମୂଳକ କରାଯାଇଛି। ଜିଲ୍ଲାର ୩୧୧ ଗ୍ରାମ ପଞ୍ଚାୟତ ଓ ୱାର୍ଡରେ ଥିବା ୭୬୮ ଜଣ ସକ୍ରିୟ ଭିଏଲ୍‌ଇ ଏବଂ ପ୍ରତ୍ୟେକ ଆଶା କର୍ମୀ ପ୍ରତିଦିନ ଅତିକମରେ ୪୧ଟି କାର୍ଡ ବଣ୍ଟନ ନିଶ୍ଚିତ କରିବେ ଏବଂ ଆଶା ଓ ଏଏନ୍‌ଏମ୍ ମାନେ ହିତାଧିକାରୀମାନଙ୍କୁ ସଚେତନ କରି କମନ ସର୍ଭିସ ସେଣ୍ଟର କ୍ୟାମ୍ପକୁ ଆଣିବେ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ସେକ୍ଟର ସ୍ୱାସ୍ଥ୍ୟ ସୁପରଭାଇଜର ଓ ସିଏଚଓ ମାନେ ଦୈନିକ ୨୫୦ରୁ ୪୦୦ କାର୍ଡ ବଣ୍ଟନର ଯାଞ୍ଚ କରିବେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜରମାନେ ବିଡିଓଙ୍କ ସହ ସମନ୍ୱୟ ରକ୍ଷା କରି କୌଣସି ବି ସର୍ଭର କିମ୍ବା ଲଜିଷ୍ଟିକ୍ ସମସ୍ୟାକୁ ୨୪ ଘଣ୍ଟା ମଧ୍ୟରେ ସମାଧାନ କରିବେ। କେତେକ ବ୍ଲକରେ ମନ୍ଥର ପ୍ରଗତି ଏବଂ ବହୁ ସଂଖ୍ୟାରେ ତ୍ରୁଟିପୂର୍ଣ୍ଣ କାର୍ଡ ଥିବାରୁ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ କଡ଼ା ଚେତାବନୀ ଦେଇଛନ୍ତି। ଯଦି କୌଣସି ଭିଏଲଇ ଲଗାତାର ୭୨ ଘଣ୍ଟା ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାରେ ବିଫଳ ହୁଅନ୍ତି, ତେବେ ତୁରନ୍ତ ତାଙ୍କର ବ୍ଲକ ଅଥୋରାଇଜେସନ/ଲାଇସେନ୍ସ ବାତିଲ କରାଯିବ। କ୍ଷେତ୍ର ସ୍ୱାସ୍ଥ୍ୟକର୍ମୀମାନେ ଲୋକଙ୍କୁ କ୍ୟାମ୍ପକୁ ଆଣିବାରେ ଅବହେଳା କଲେ, ସେମାନଙ୍କର ଚଳିତ ମାସର ସମସ୍ତ ମାସିକ ପ୍ରୋତ୍ସାହନ ରାଶି ବନ୍ଦ କରିଦିଆଯିବ ବୋଲି କଡ଼ା ନିର୍ଦ୍ଦେଶ ଦିଆଯାଇଛି।

୩ ଦିନ ମଧ୍ୟରେ ଯେଉଁ ସେକ୍ଟର ବା ବ୍ଲକ ୮୫ ପ୍ରତିଶତ ଲକ୍ଷ୍ୟ ହାସଲ କରିପାରିବ ନାହିଁ, ସେଠାକାର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ 'କାରଣ ଦର୍ଶାଅ' ନୋଟିସ୍ ଦିଆଯିବା ସହ ସେମାନଙ୍କ ବାର୍ଷିକ ଚରିତ୍ର ପଞ୍ଜିକାରେ ନେଗେଟିଭ୍ ଏଣ୍ଟ୍ରି କରାଯିବ। ପ୍ରଶାସନ ପକ୍ଷରୁ ଦୁଇଟି ସମାନ୍ତରାଳ ବ୍ୟବସ୍ଥା (ଲଜିଷ୍ଟିକ୍ସ ଓ ମୋବିଲାଇଜେସନ ଟ୍ରାକ୍) ଜରିଆରେ ଏହି କାର୍ଯ୍ୟର ତଦାରଖ କରାଯାଉଛି। ପ୍ରତିଦିନ ଅପରାହ୍ନ ୫ଟା ସୁଦ୍ଧା କ୍ଷେତ୍ରସ୍ତରରୁ ତଥ୍ୟ ସଂଗ୍ରହ କରାଯାଇ ସନ୍ଧ୍ୟା ୭.୩୦ ସୁଦ୍ଧା ବ୍ଲକ ନେଟୱର୍କ ମାଧ୍ୟମରେ ଜିଲ୍ଲା ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟକୁ ରିପୋର୍ଟ ପଠାଯିବ। ଏହି ସଂଗୃହିତ ରିପୋର୍ଟକୁ ପ୍ରତିଦିନ ରାତିରେ ଜିଲ୍ଲାପାଳ ନିଜେ ବ୍ୟକ୍ତିଗତ ଭାବେ ସମୀକ୍ଷା କରିବେ। ଜିଲ୍ଲାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ସେବାର ସୁଫଳ ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ପଦକ୍ଷେପ ନିଆଯାଇଛି।

# ଘରେ ନିଆଁ ଲାଗି ଜଣେ ଗୁରୁତର

ପାରାଦୀପ,୧୨।୬(ସମିସ): ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତର ବାଲିଡିଆ ଗ୍ରାମରେ ରୋଷେଇ ଗ୍ୟାସ ଲିକ୍ ହେବାରୁ ଏକ ଭଡ଼ା ଘରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁ ଦ୍ରୁତ ଗତିରେ ବ୍ୟାପିଯିବାରୁ ଘର ଭିତରେ ଥିବା ଯୁବକ ଜିତେନ୍ଦ୍ର ପଣ୍ଡା ଗୁରୁତର ଭାବେ ପୋଡ଼ିଯାଇଥିଲେ। ଜିତେନ୍ଦ୍ରଙ୍କ ଘର ଯାଜପୁର ଜିଲ୍ଲାରେ ହୋଇଥିବା ବେଳେ ସେ ବାଲିଡିଆ ଗ୍ରାମରେ ଏକ ଭଡ଼ା ଘରେ ରହି ପାରାଦୀପର ଏକ ଶିଳ୍ପ ସଂସ୍ଥାରେ କାର୍ଯ୍ୟରତ ଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲା। ଗୁରୁତର ଅବସ୍ଥାରେ ଥିବା ଜିତେନ୍ଦ୍ରଙ୍କୁ ଉଦ୍ଧାର କରି ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏବଂ ପରେ ଅଧିକ ଚିକିତ୍ସା ପାଇଁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଗ୍ୟାସ ଲିକ୍ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଆହତ ବ୍ୟକ୍ତି ଜଗତସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

# ବିଜେଡି ଯୁବ ଛାତ୍ର ସମାବେଶ ପାଇଁ ବୈଠକ

ବାଲିକୁଦା,୧୨।୬(ସମିସ): ବାଲିକୁଦା ବ୍ଲକ ଅମ୍ବାଶଳ କଲ୍ୟାଣୀ ମଣ୍ଡପ ପରିସରରେ ବାଲିକୁଦା ଯୁବ ଛାତ୍ର ପକ୍ଷରୁ ଆସନ୍ତା ସମାବେଶ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ସଭାପତି ଶୁଭେନ୍ଦୁ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ନିର୍ଦ୍ଦେଶକ ସରୋଜ କୁମାର ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ରାମଚନ୍ଦ୍ର ମହାନ୍ତି, ନରୋତ୍ତମ ରାଉତ, ମାଳମରିଚିପୁର ଉନ୍ନୟନ ପରିଷଦ ସଭାପତି ସୁବାସ ନାୟକ, ଜିଲ୍ଲା ଯୁବ ସଭାପତି ଆଦିତ୍ୟ ନନ୍ଦନ ଦାସ, ରାଜ୍ୟ ସମ୍ପାଦକ କମଳାକାନ୍ତ ମହାପାତ୍ର, ଜିଲ୍ଲା ସମ୍ପାଦକ ସଞ୍ଜୟ ପାଳ, ଛାତ୍ର କାର୍ଯ୍ୟକାରୀ ସଭାପତି ରାଜକିଶୋର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ନ୍ୟମାନଙ୍କ ମଧ୍ୟରେ ଅମ୍ବାଶଳ ସରପଞ୍ଚ ଆଲୋକ ସ୍ୱାଇଁ, ଗୌରାଙ୍ଗ ଚରଣ ଦାସ, ହରିଶ୍ଚନ୍ଦ୍ର ଶତପଥୀ, ବାହାରଣା ସରପଞ୍ଚ ମାନସ ରଞ୍ଜନ ପରିଡା, ଛାତ୍ର ନେତା ରଶ୍ମି ରଞ୍ଜନ କୁଆଁର, ଲିପୁ ଦାସ, ଅଭିନାଶ ମୁଦୁଲି, ବାବୁ ନାଥ, ଆକାଶ ମହାନ୍ତି, ପ୍ରକାଶ ଦଳାଇ, ସତ୍ୟଜିତ ପରିଡା, ମାନସ ମଲ୍ଲିକଙ୍କ ସହ ଶତାଧିକ ଯୁବ ଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ପ୍ରଶିକ୍ଷଣ ଶିବିର



ନାଉଗାଁ,୧୨।୬(ସମିସ): ନାଉଗାଁ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଏକ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ବ୍ଲକ କୃଷି ଅଧିକାରିଣୀ ଯୋଗସ୍ମିତା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ପ୍ରଶିକ୍ଷଣ ଶିବରରେ ନାଉଗାଁ ବ୍ଲକର ୧୬ଟି ପଞ୍ଚାୟତରେ ଥିବା କମନ ସର୍ଭିସ ସେଣ୍ଟରର ପରିଚାଳକ ଓ କୃଷକ ସାଥିମାନଙ୍କୁ ନେଇ କୃଷକ ରେଜିଷ୍ଟ୍ରି ସମ୍ବନ୍ଧରେ ଏହି ଦିନିକିଆ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ କମନ ସର୍ଭିସ ସେଣ୍ଟର ଜିଲ୍ଲା ସଂଯୋଜକ ଦୀପକ କୁମାର ଦାସ ଉପସ୍ଥିତ ରହି କିଭଳି ଭାବେ ପଞ୍ଚାୟତରେ କୃଷକ ମାନଙ୍କର କୃଷକ ଡିଜିଟାଲ ଅଧୀନରେ ଏଗ୍ରିଷ୍ଟାକ କୃଷକ ପଞ୍ଜୀକରଣକୁ ଶୀଘ୍ର ତ୍ୱରାନ୍ୱିତ କରିବା ଏବଂ କୃଷକମାନଙ୍କୁ ଏହି ପଞ୍ଜୀକରଣ ଫାଇଦା ଓ ଏହାର ସୁବିଧା ବିଷୟରେ ବୁଝାଇବା ପାଇଁ ଶ୍ରୀ ଦାସ ସେଣ୍ଟର ପରିଚାଳକମାନଙ୍କୁ ପରାମର୍ଶ ଦେଇଥିଲେ।

# ପାରାଦୀପ ବେଳାଭୂମିରେ ଜମୁଛି ରଜ ମହୋତ୍ସବ

ପାରାଦୀପ,୧୨।୬(ସମିସ): ପାରାଦୀପ ବେଳାଭୂମିରେ ଚାଲିଥିବା ରଜ ମହୋତ୍ସବର ଆଜି ଥିଲା ୧୦ମ ସନ୍ଧ୍ୟା। ଆଜି ସନ୍ଧ୍ୟାରେ ଖଚାଖଚ ଭିଡ଼ ଦେଖିବାକୁ ମିଳିଥିଲା ବେଳେ ଶୁକ୍ରବାର ଆମିଷ ବାର ହେତୁ ଫାଷ୍ଟଫୁଡ ଷ୍ଟଲରେ ବେଶ ଗହଳି ଚହଳି ରହିଥିଲା। ଆସନ୍ତାକାଲି ଠାରୁ ରଜ ତିନିଦିନ ଅଧିକ ଗହଳି ଲାଗି ରହିବା ନେଇ ଆଶା କରାଯାଉଛି। ଅଧିକ ଭିଡ଼କୁ ନେଇ ପୁଲିସ ପ୍ରଶାସନ ସଜାଗ ରହିଥିବା ଜଣାପଡିଛି। ରଜ ତିନିଦିନ ପାରାଦୀପ ସମୁଦ୍ର ବେଳାଭୂମିରେ ଆୟୋଜିତ ଏହି ଉତ୍ସବରେ ବହୁ ଅନ୍ତେବାସୀ ରଜ ପର୍ବର ମଜା ନେବେ। ଘର କରଣା ସାମଗ୍ରୀ ଷ୍ଟଲ ଠାରୁ ଆରମ୍ଭ କରି ରଜ ପାଇଁ ଡ୍ରେସ ଓ ଶାଢ଼ି ଷ୍ଟଲ ଗୁଡିକ ଆଜି





ବହୁ ଭିଡ଼ ଜମିଥିଲା। ସନ୍ଧ୍ୟାରେ ମେଳା ଭିତରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ସମସ୍ତଙ୍କ ମନ ଜିଣିଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ନୂଆ ନୂଆ ସ୍ଥାନୀୟ ନୃତ୍ୟ ପରିବେଷଣକୁ ପ୍ରାଧାନ୍ୟ ଦିଆଯିବା ସହିତ ବଛା ବଛା ଆଟିଷ୍ଟିଙ୍କୁ ଗୀତ ଗାଇବାର ସୁଯୋଗ ଦିଆଯାଉଛି। ଆଉ ୫ ଦିନ ଏହି ରଜ ମହୋତ୍ସବ ଚାଲିବ ବୋଲି ଆୟୋଜକ ତୁଳସୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାମୋଦ୍ୟୋଗ ବୋର୍ଡ, ହସ୍ତଶିଳ୍ପ ଓ ସ୍ୱୟଂ ସହାୟକ ମହିଳାମାନଙ୍କ ପକ୍ଷରୁ ବହୁ ଷ୍ଟଲ ଲାଗିଛି।। ତୁଳସୀ ୱେଲଫେୟାର ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି ରଜ ମହୋତ୍ସବ ପାରାଦୀପ ବାସୀଙ୍କ ମନ ଜିଣିବାକୁ ସକ୍ଷମ ହୋଇପାରିଛି।

# 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ



ଜଗତସିଂହପୁର,୧୨।୬(ସମିସ)

ରାଜ୍ୟର ଗରିବ ଓ ନିଷ୍ପେଷିତ ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଓଡ଼ିଶା ସରକାର ଏକ ଐତିହାସିକ ପଦକ୍ଷେପ ସ୍ୱରୂପ "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜଗତସିଂହପୁର ସହରର ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ମେଗା କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଏହି ଯୋଜନା ମାଧ୍ୟମରେ ଗରିବ ପରିବାରଗୁଡ଼ିକୁ ମୁଣ୍ଡ ପିଛା ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ଯୋଗାଇ ଦିଆଯିବ। ଏହି ଯୋଜନାରେ ଜଗତସିଂହପୁର ଜିଲ୍ଲାରେ ୨,୫୮,୭୬୯ ପରିବାରର ମୋଟ ୮,୭୪,୪୯୩ ହିତାଧିକାରୀ ଉପକୃତ ହେବେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇଥିଲେ। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ସଭାପତି ଜିଲ୍ଲା ପରିଷଦ ମନୋଜ କୁମାର ଭୋଇ, ଅଧ୍ୟକ୍ଷା ପୌର ପରିଷଦ ଅର୍ଚ୍ଚନା ସିଂହ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ୧୦ ଜଣ ହିତାଧିକାରୀଙ୍କୁ ଡମି ରାସନ କାର୍ଡ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ହିତାଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ଜିତ୍ରାୟ ଚରଣ ଟୁଡୁ ପ୍ରାରମ୍ଭିକ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଚକ୍ରଧରପୁରରେ ମଦମୁକ୍ତ ଅଭିଯାନ

# ମହିଳାଙ୍କ ଶପଥ; ଘରୁ ଆରମ୍ଭ ହେବ ସଚେତନତା



ପାରାଦୀପ,୧୨।୬(ସମିସ): ପାରାଦୀପଲକ୍ ଥାନା ଅନ୍ତର୍ଗତ ଚକ୍ରଧରପୁର ଗ୍ରାମରେ ମଦମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଓ ମଦମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଦେବଦୂତ ସଡ଼କ ବାହିନୀର ସଭାପତି ପଙ୍କଜ କୁମାର ତରାଇ ଏବଂ ସମାଜସେବୀ ପ୍ରଭାତ କୁମାର ବେହେରା ଯୋଗଦେଇ ମହିଳାମାନଙ୍କୁ ସଡ଼କ ସୁରକ୍ଷା ଓ ନିଶାମୁକ୍ତ ଜୀବନ ସମ୍ପର୍କରେ ସଚେତନ କରିଥିଲେ। ବକ୍ତାମାନେ କହିଥିଲେ ଯେ, ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ଅନେକ ଲୋକ ବିନା ହେଲମେଟରେ ଗାଡ଼ି ଚଳାଇବା ଏବଂ ନିଶାସକ୍ତ ଅବସ୍ଥାରେ ବାଇକ୍ ଚାଳନା କରିବା ଭଳି ଅସାବଧାନତା କାରଣରୁ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଶେଷ କରି କଟକ-ପାରାଦୀପ ରାସ୍ତାରେ ଘଟୁଥିବା ଅନେକ ଦୁର୍ଘଟଣା ପଛରେ ମଦ୍ୟପାନ ଓ ବେପରୁଆ ଗାଡ଼ି ଚାଳନା ଏକ ପ୍ରମୁଖ କାରଣ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଚକ୍ରଧରପୁର ଗ୍ରାମର ଅବିନାଶ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪୦ରୁ ଅଧିକ ମହିଳା ଯୋଗଦେଇଥିଲେ। ସମସ୍ତେ ନିଜ ନିଜ ପରିବାରରୁ ମଦମୁକ୍ତ ଅଭିଯାନ ଆରମ୍ଭ କରିବା ସହ ଗ୍ରାମରେ ମଦ ବିରୋଧୀ ସଚେତନତା ସୃଷ୍ଟି କରିବାକୁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ବିଜୟଲକ୍ଷ୍ମୀ ଦଳାଇ, କଳ୍ପନା ମହାପାତ୍ର, ସରୋଜିନୀ ସାହୁ, ସୁମନ ମିଶ୍ରଙ୍କ ସମେତ ଗ୍ରାମର ବହୁ ମହିଳା ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

# ବାଲିକୁଦାରେ ବିଜେଡିର କର୍ମୀ ସମ୍ମିଳନୀ





ବାଲିକୁଦା,୧୨।୬(ସମିସ): ବାଲିକୁଦା ବ୍ଲକ କୁସୁପୁର ପଞ୍ଚାୟତ ଦଣ୍ଡାବେଦୀ ଠାରେ ବିଜେଡି ପକ୍ଷରୁ ବ୍ଲକ ସଭାପତି ରତ୍ନାକର ନାୟକଙ୍କ ସଭାପତିତ୍ୱରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟଅତିଥି ଭାବେ ଭାବେ ବିଧାୟକ ଶାରଦା ପ୍ରସନ୍ନ ଜେନା, ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ, ସରପଞ୍ଚ ପ୍ରତିମା ମହୁରୀ, ସମିତିସଭ୍ୟା ପ୍ରତିନିଧି ବ୍ରଜବନ୍ଧୁ ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାଖାଲ ଚନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ହାତୀ, ପଞ୍ଚାୟତ ବିଜେଡି ସଭାପତି ଯୋଗେଶ୍ୱର ମଙ୍ଗଳ, ବିଜୟ ସ୍ୱାଇଁ, ସୁରେଶ ଚନ୍ଦ୍ର ସ୍ୱାଇଁ, ପୁରୁଷୋତ୍ତମ ମଣ୍ଡଳ, ତାପସ ସ୍ୱାଇଁଙ୍କ ସମେତ ଅନେକ ବିଜେଡି ନେତା ଯୋଗ ଦେଇଥିଲେ। ଏହି ସଭାରେ ବିଧାୟକ ଶ୍ରୀ ଜେନା ରାଜ୍ୟରେ ଥିବା ବିଜେପି ସରକାର ଏକ ଭ୍ରଷ୍ଟାଚାର ସରକାର ଓ ଏହା ମହିଳାମାନଙ୍କୁ ଅସମ୍ମାନ କରୁଥିବା ସରକାର। ମିଥ୍ୟା ପ୍ରତିଶୃତି ଦେଇ କ୍ଷମତାକୁ ଆସିବା ପରେ ଭତ୍ତା ଓ ସୁଭଦ୍ରା ଯୋଜନାରେ ମହିଳା ମାନଙ୍କୁ ପ୍ରତାରଣା କରିଥିବା ବେଳେ କଟନୀ ଛଟନୀରେ ଚାଷୀଙ୍କୁ ଲୁଟ କରିଛି। ପ୍ରତ୍ୟକ ଦିନ ହତ୍ୟା, ଧର୍ଷଣ ଅତ୍ୟାଚାର ବୃଦ୍ଧି ପାଉଥିବା ବେଳେ ଏହି ସରକାର ନାରୀକୁ ସୁରକ୍ଷା ଦେବାରେ ବିଫଳ। ଖଣି ପାଣି ସବୁ ଲୁଟ କରୁଥିବା ବେଳେ ଏସ୍‌ଆଇଆର ନାମରେ ବିଜେଡି କର୍ମୀଙ୍କ ଭୋଟର ତାଲିକାରୁ ନାମ କାଟି ଦେଉଛି। ଏଣୁ ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ସମର୍ଥନ କରିବାକୁ କର୍ମୀଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପଞ୍ଚାୟତ ବିଜେଡିର ଦିଲ୍ଲୀପ ଦଳପତି, ପୁରୁଷୋତ୍ତମ ମଣ୍ଡଳ, ବାସୁଦେବ ମାଇତିଙ୍କ ସମେତ ବହୁ ବିଜେଡି କର୍ମୀ ସହଯୋଗ କରିଥିଲେ।

# ସାମାଜିକ କର୍ମୀ ରବି ମହାନ୍ତିଙ୍କ ସ୍ମୃତିସଭା



ଜଗତସିଂହପୁର,୧୨।୬(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗହ୍ମାପୁର ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ତଥା ଗାନ୍ଧିବାଦୀ ଚିନ୍ତାଧାରାର ବ୍ୟକ୍ତିତ୍ୱ ରବି ମହାନ୍ତିଙ୍କ ଏକାଦଶାହ ସ୍ମୃତିସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲା ଖାଉଟି ଅଦାଲତର ସଭାପତି ପ୍ରଭାତ କୁମାର ପାଢ଼ୀ, ଅଧ୍ୟାପକ ପ୍ରକାଶ ମହାନ୍ତି, ସମବାୟବିତ ଲିଙ୍ଗରାଜ ମଲ୍ଲ, ବାଗ୍ମୀ ଅରୁଣ ଦାସ, ସାମାଜିକ କର୍ମୀ ଗୋବିନ୍ଦ ଓଝା, ଶିକ୍ଷାବିତ ନିକୁଞ୍ଜ ବିହାରୀ ଭଞ୍ଜ ଏବଂ ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ କର୍ମମୟ ଜୀବନ, ସାମାଜିକ କାର୍ଯ୍ୟ ଏବଂ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଏଭଳି ଜଣେ ବ୍ୟକ୍ତିଙ୍କ ନିଧନ କେବଳ ଗହ୍ମାପୁର ନୁହେଁ, ସମଗ୍ର ଜଗତସିଂହପୁର ଜିଲ୍ଲା ପାଇଁ ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ବସନ୍ତ କୁମାର ବେହେରା, ଶିକ୍ଷାବିତ ସରୋଜ କୁମାର ଦ୍ୱିବେଦୀ, ସମାଜସେବୀ ଗୟାଧର ମହାନ୍ତି, ସଂଗ୍ରାମୀ ନାରାୟଣ ଭୋଳ, ସାମ୍ବାଦିକ ତନ୍ମୟ ପଣ୍ଡା, ପଣ୍ଡିତ ସୁରେନ୍ଦ୍ର ଦାଶ, କବୟିତ୍ରୀ ପ୍ରତିଭାରାଣୀ ରାୟ, ସରକାରୀ ଓକିଲ ନୃସିଂହ ଚରଣ ବାରିକ, ଉତ୍କଳ ସର୍ବୋଦୟ ମଣ୍ଡଳ ସମ୍ପାଦକ ରମାକାନ୍ତ ମଣ୍ଡଳ, ସୁନାଭଉଣୀର ସହ-ସମ୍ପାଦିକା ବିଜୟିନୀ ମହାପାତ୍ର, ସଂଗ୍ରାମୀ ସ୍ନେହାଂଶୁ ଜେନା, ପୂର୍ବତନ ସରପଞ୍ଚ ବିଜନ ମହାପାତ୍ର, ଶିକ୍ଷାବିତ ଅଜୟ ବରାଳ, ସରୋଜ ନାୟକ, ସନ୍ତୋଷ ସାହୁ, ଶିକ୍ଷକ ନେତା ତଥା ଶିକ୍ଷାବିତ ବନମାଳୀ ମହାରଣା, ସାମ୍ବାଦିକା ଲୀଲନ ପାଢ଼ୀ, ରାଜ୍ୟ ବରିଷ୍ଠ ସାମ୍ବାଦିକ ସଙ୍ଘର ସଭାପତି କାହ୍ନୁ ନନ୍ଦ, ସାମ୍ବାଦିକ ବେଣୁଧର ନାୟକଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମାରର ସଦ୍‌ଗତି କାମନା କରିବା ସହ ତାଙ୍କର ଗୁଣଗାନ କରିଥିଲେ। ସେ ଥିଲେ ବହୁଗୁଣର ଅଧିକାରୀ ବୋଲି ମତପ୍ରକାଶ ପାଇଥିଲା।

# ୧୪୦ ଗ୍ରାମ ବ୍ରାଉନ ସୁଗର ଜବତ; ୩ ଗିରଫ

ଜଗତସିଂହପୁର,୧୨।୬(ସମିସ): ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ପକ୍ଷରୁ ଜଗତସିଂହପୁର ଥାନା ଅନ୍ତର୍ଗତ ସିଂହାରପୁର ଗ୍ରାମର ସିଂସାହି ବସ୍ତିରେ ଚଢ଼ଉ କରାଯାଇ ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୧୦୦ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଛି। ସିଂସାହି ବସ୍ତିର ମହିଳାମାନଙ୍କ ଅଭିଯୋଗକୁ ଆଧାର କରି ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ ସିଂ ସାହିରେ ଥିବା ଯୁବକ ସଂଘ ଘର ନିକଟରେ ଚଢ଼ଉ କରିଥିଲେ। ସେଠାରୁ ଅଭିଯୁକ୍ତ ରାଜା ସିଂକୁ ଅଟକ ରଖି ତଲାସ କରିବାରେ ତାଙ୍କ ପାଖରୁ ୫୨ ଗ୍ରାମର ବ୍ରାଉନସୁଗର ଜବତ ହୋଇଥିଲା। ତାଙ୍କୁ ଜେରା କରି ତାଙ୍କର ସହଯୋଗୀ ସେହି ଗ୍ରାମର ସଞ୍ଜୟ ସିଂକୁ ବସ୍ତିରୁ ଗିରଫ କରିବା ସହ ତାଙ୍କ ପାଖରୁ ୪୮ ଗ୍ରାମର ବ୍ରାଉନସୁଗର ଜବତ କରିଥିଲେ। ସେହିପରି ଅନ୍ୟ ଏକ ଘଟଣାକ୍ରମେ ତିର୍ତ୍ତୋଲ ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ସ୍ମିତା ପଣ୍ଡାଙ୍କ ନେତୃତ୍ୱରେ ଆଉ ଏକ ଟିମ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଶାରଳା ମନ୍ଦିର ରାସ୍ତାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ୪୦ ଗ୍ରାମର ବ୍ରାଉନସୁଗର ଜବତ କରିଛନ୍ତି। ଅଭିଯୁକ୍ତ ଜଣକ ଏକ ସ୍କୁଟିରେ ବ୍ରାଉନସୁଗାର ଆଣି ଶାରଳା ମନ୍ଦିର ନିକଟକୁ ବିକ୍ରି କରିବା ପାଇଁ ଆସୁଥିବା ବେଳେ ଦୂରରୁ ଥାନା ଗାଡିକୁ ଦେଖି ଖସିଯିବା ପାଇଁ ଚେଷ୍ଟା କରୁଥିବା ବେଳେ ଅବକାରୀ ବିଭାଗର କର୍ମଚାରୀମାନେ ଗୋଡ଼ାଇ ଗୋଡ଼ାଇ ଧରିଥିଲେ। ତଲାସି ପରେ ତାଙ୍କ ପାଖରୁ ୪୦ ଗ୍ରାମର ବ୍ରାଉନସୁଗାର ସହ ଅଭିଯୁକ୍ତ ବ୍ୟବହାର କରୁଥିବା ସ୍କୁଟିକୁ ଜବତ କରିଥିଲେ। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ତିର୍ତ୍ତୋଲ ଥାନା କୁଟିଲ ଗ୍ରାମ ଦୟାଲପୁରର ଦୁର୍ଗାପ୍ରସାଦ ଦାସ (୩୪)। ସମସ୍ତ ଅଭିଯୁକ୍ତମାନଙ୍କୁ ଜଗତସିଂହପୁର ଜିଲ୍ଲା ଦୌରାଜଜଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଆଜିର ଏହି ଚଢ଼ଉରେ ଭ୍ରାମ୍ୟମାଣ ସଂସ୍ଥାର ସବ୍‌ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ, ଏଏସ୍‌ଆଇ ସନ୍ତୋଷ ନାୟକ, କନଷ୍ଟେବଳ ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ, ଶୁଭଶ୍ରୀ ବିଶ୍ୱାଳ, ତିର୍ତ୍ତୋଲ ଅବକାରୀ ଥାନାର କନଷ୍ଟେବଳ ଦୀନବନ୍ଧୁ ସେଠୀ, ବର୍ଷାରାଣୀ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଓ ପଦଯାତ୍ରାର ଶୁଭାରମ୍ଭ





ଜଗତସିଂହପୁର,୧୨।୬(ସମିସ): ଜଗତସିଂହପୁର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଓ ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ସଚେତନତା ରଥ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଉକ୍ତ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ, ପୌରପାଳିକା, ବାଣିଜ୍ୟ ସଂସ୍ଥା ଓ ଜନବହୁଳ ସ୍ଥାନ ଗୁଡିକରେ ସଚେତନତା ସୃଷ୍ଟି କରିବା ସହିତ ଜଗତସିଂହପୁର ଜିଲ୍ଲାକୁ କିଭଳି ଶିଶୁ ଶ୍ରମିକ ମୁକ୍ତ କରାଯାଇପାରିବ ଏବଂ ଶିଶୁ ମାନଙ୍କର ଅଧିକାର, ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ନିଯୋଜନରେ ଦଣ୍ଡବିଧାନ ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ବାବା ଆନନ୍ଦ ରଞ୍ଜନ ଦାସ, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ଶିବନାରାୟଣ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ସ୍ମୃତିରେଖା ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ, ଶାନ୍ତନୁ କୁମାର ବ୍ରହ୍ମା, ଅର୍ଚ୍ଚିତା ସାହୁ, ଦେବାଶିଷ ମିଶ୍ର ଓ ମହାଶ୍ୱେତା ସ୍ୱାଇଁ, ସହକାରୀ ଶ୍ରମ ଅଧିକାରୀ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଜିଲ୍ଲାର ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ।

# ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସ ନିବାରଣ ସଚେତନତା ଶିବିର

ଜଗତସିଂହପୁର,୧୨।୬(ସମିସ)



ଆଜି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ କାର୍ଯ୍ୟାଳୟ, ଜଗତସିଂହପୁରର ମିଳିତ ଆନୁକୂଲ୍ୟରେ ଏରସମା ବ୍ଲକର ନାରଦିଆ ଏବଂ ଭିତର ଅନ୍ଧାରୀ ଗ୍ରାମରେ ଗୁଣିଗାରେଡ଼ି ଏବଂ ଅନ୍ଧବିଶ୍ୱାସ ନିବାରଣ ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ତଥା ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଡାହାଣୀ ପ୍ରଥା ଭଳି ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ବିରୋଧରେ ଜନ ଜାଗରଣ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାରେ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ଞାନେନ୍ଦ୍ର ଲେଙ୍କା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୂର୍ଯ୍ୟ ପ୍ରକାଶ ସାମନ୍ତସିଂହାର, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଭବ ଦାସ, ମହିଳା ବିକାଶ ସଂଘର ସଭାପତି ମିନତୀ ଲେଙ୍କା, ସରପଞ୍ଚ ଭୁବନେଶ୍ୱର ମାଝୀ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ସମସ୍ୟା ହେଲେ ଗୁଣିଗାରେଡ଼ି, ଝଡାଫୁଙ୍କାରେ ବିଶ୍ୱାସ ନ କରି ନିକଟସ୍ଥ ଡାକ୍ତରଖାନା ଯିବା ଉଚିତ ବୋଲି ଲୋକମାନଙ୍କୁ ସଚେତନ କରିଥିଲେ। ଏହାସହ ଡାହାଣୀ ବୋଲି କିଛି ନାହିଁ ଏବଂ ଡାହାଣୀ ପ୍ରଥାରେ ମହିଳାଙ୍କୁ ନିର୍ଯାତନା ଦେବା ଏକ ଅମାନବୀୟ ଘଟଣା ବୋଲି କହିବା ସହ ବର୍ତ୍ତମାନର ବିଜ୍ଞାନ ଯୁଗରେ ଏସବୁ ଅନ୍ଧବିଶ୍ୱାସରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ ଓ ଅନ୍ଧବିଶ୍ୱାସର କୁପରିଣାମ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ମୌଳିକ ସୁବିଧା ଏବଂ ଭିତ୍ତିଭୂମିର ବିକାଶ ସହ ଆମ ଚିନ୍ତା ଚେତନାରେ ମଧ୍ୟ ବିକାଶର ଆବଶ୍ୟକତା ରହିଛି। ଏହାସହ ବ୍ଲକ୍ କଳା ସଂସ୍କୃତି ସଂଘର କଳାକାର ରଶ୍ମିରେଖା ବେହେରା ଓ ସାଥୀ ଏବଂ ନାରାୟଣ ସାହୁ ଓ ସାଥୀ ମାନେ ଅନ୍ଧବିଶ୍ୱାସ ନିବାରଣ ସମ୍ବନ୍ଧୀୟ ଏକ ଆକର୍ଷଣୀୟ ପାଲା ପରିବେଷଣ କରି ସଚେତନତା ବାର୍ତ୍ତା ଦେଇଥିଲେ। ସ୍ଲୋଗାନ ପ୍ଲାକାର୍ଡ ମାଧ୍ୟମରେ ମଧ୍ୟ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଶିବିରରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ, ପ୍ରାୟ ଦୁଇ ଶହ ଗ୍ରାମବାସୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଆଶା ଓ ଅଙ୍ଗନବାଡ଼ି କର୍ମୀ, ବ୍ଲକ କର୍ମକର୍ତ୍ତା ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମକର୍ତ୍ତା ଦିବାକର ପାତ୍ର, ପରିକ୍ଷୀତ ପଟ୍ଟନାୟକ ଓ ଚିନ୍ମୟ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାରାଦୀପ ରିଫାଇନରୀରେ ଅନ୍‌ସାଇଟ୍ ଡିଜାଷ୍ଟର ଡ୍ରିଲ୍

ପାରାଦୀପ,୧୨।୬(ସମିସ): ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ଆଜି ଏକ ଲେବୁଲ-୨ ମକ୍‌ଡ୍ରିଲ୍ (ଅନ୍‌ସାଇଟ୍ ଡିଜାଷ୍ଟର ଡ୍ରିଲ୍) ଆୟୋଜନ କରାଯାଇଥିଲା ଯେଉଁଥିରେ ରିଫାଇନରୀ ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରିଥିଲା। ପାରାଦୀପ ରିଫାଇନରୀର ଅନୁମୋଦିତ ଇମରର୍ଜେନ୍ସି ରେସପନସ୍ ଆଣ୍ଡ ଡିଜାଷ୍ଟର୍ ମ୍ୟାନେଜମେଣ୍ଟ ପ୍ଲାନ୍ ଅନୁଯାୟୀ ଏହି ଡ୍ରିଲ୍ କାର୍ଯ୍ୟକାରୀ କରାଯାଇଥିଲା। ଇଆର୍‌ଡିଏମ୍‌ପି ଡିଟରଙ୍କ ଉପସ୍ଥିତିରେ ଏହି ମକ୍‌ଡ୍ରିଲ୍‌ଟି କରାଯାଇଥିଲା। ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ। ପାରାଦୀପ ରିଫାଇନରୀର ପଲିପ୍ରୋପିଲିନ (ପିପି) ୟୁନିଟରୁ ପ୍ରୋପିଲିନ ଲିକେଜ ହୋଇ ଅଗ୍ନିକାଣ୍ଡ ଘଟିଲେ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ମକଡ୍ରିଲ୍‌ଟି ଆଧାରିତ ଥିଲା। ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ।



ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା।

## ବ୍ରହ୍ମବରଦା ରାସ୍ତା ଶୋଚନୀୟ

# ସାମାନ୍ୟ ବର୍ଷାରେ ରାସ୍ତା ମଝିରେ ଆଣ୍ଠୁଏ ପାଣି

ବ୍ରହ୍ମବରଦା, ୧୨।୬(ସମିସ)

ବରୁଆଁ ବାଲିଚନ୍ଦ୍ରପୁର ରାସ୍ତା ବ୍ରହ୍ମବରଦା ବ୍ୟାଙ୍କ ଛକ ଠାରୁ ମାଛ ମାର୍କେଟ ପର୍ଯ୍ୟନ୍ତ ଏବେ ଦିନକୁ ଦିନ ଶୋଚନୀୟ ହେବାକୁ ଲାଗିଛି। ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ବର୍ଷା ଜଳ ଉଛୁଳୁଛି। କୌଣସି ଡ୍ରେନେଜ ସୁବିଧା ନଥିବାରୁ ବର୍ଷା ଜଳ ନିଷ୍କାସନ ହୋଇ ନପାରି ରାସ୍ତାରେ ଦୀର୍ଘ ଦିନ ଧରି ପାଣି ଜମିରହୁଛି। ଫଳରେ ଗ୍ରାମବାସୀ ଯିବାଆସିବା କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ବ୍ରହ୍ମବରଦା ବ୍ୟାଙ୍କ ଛକ ଗ୍ରାମର ଏକ ପ୍ରମୁଖ ବ୍ୟବସାୟ ସ୍ଥଳୀ ହୋଇଥିବା ବେଳେ ଏଠାରେ ଷ୍ଟେଟ୍ ବ୍ୟାଙ୍କ, ଏଟିଏମ୍ ସେଣ୍ଟର ଓ ଛୋଟବଡ ଦୋକାନ ସହ ବହୁ ବ୍ୟବସାୟୀକ ପ୍ରତିଷ୍ଠାନମାନ ରହିଛି। ଯେଉଁ ଦୃଷ୍ଟିରୁ ରାତି ପାହିଲେ ଉକ୍ତ ରାସ୍ତା ଦେଇ ବଜାରକୁ ଦୈନିକ ଲୋକେ ଯିବାଆସିବା କରିଥାନ୍ତି। ହେଲେ ସାମାନ୍ୟ ବର୍ଷା ଯୋଗୁଁ ରାସ୍ତା ଉପରେ ଦୁର୍ଗନ୍ଧଯୁକ୍ତ ଜଳ ଦୀର୍ଘ ଦିନ ଧରି ଜମି ରହୁଥିବା ହେତୁ ଲୋକେ ଆଣ୍ଠୁଏ ଲେଖା ଅପରିଷ୍କାର ପାଣିରେ ପଶି ଏବେ ଯିବାଆସିବା କରୁଛନ୍ତି। ନର୍ଦ୍ଦମା ପାଣିରେ ଯିବାଆସିବା କରିବା ଦ୍ୱାରା ନାନା ପ୍ରକାରର ଚର୍ମ ରୋଗ ହେବାର ଆଶଙ୍କା ବଢୁଛି। ଏହାଛଡା ବ୍ରହ୍ମବରଦା ଏକ ଜନବହୁଳ ଅଞ୍ଚଳ ସହ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାରୁ ଦୈନିକ ଉକ୍ତ ରାସ୍ତା ଦେଇ ଜିଲ୍ଲା ତଥା ଜିଲ୍ଲା ବାହାର ଅଞ୍ଚଳର ବ୍ୟବସାୟୀ ଏଠାକୁ ଆସିଥାନ୍ତି। ଏହି ରାସ୍ତା ଦେଇ ଯିବା ଆସିବା କରିବା ସମୟରେ ଅକାରଣରେ ବହୁବାର ଦୁର୍ଘଟଣାର ଶିକାର ହେଉଥିବା ନଜରକୁ ଆସିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ଗୃହ ନିର୍ମାଣ ହେବା ଫଳରେ ଜଳ ନିଷ୍କାସନ ଠିକ୍ ଭାବରେ ହୋଇପାରିଲା ନାହିଁ। ଯାହା ଫଳରେ ଦୀର୍ଘ ଦିନ ଧରି ରାସ୍ତାରେ ବର୍ଷା ଜଳ ଲହଡ଼ି ମାରୁଛି। ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଣୁ ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜ ନିର୍ମାଣ କରିବାରୁ ଗ୍ରାମବାସୀ ଦାବି କରିଛନ୍ତି।

## ମିଳୁନି ଭତ୍ତା ଟଙ୍କା, ବିଡିଓଙ୍କୁ ଦାବିପତ୍ର

ଦାନଗଦି/ସୁକିନ୍ଦା, ୧୨।୬(ସମିସ): ଭତ୍ତା ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛି କଂଗ୍ରେସ। ଦାନଗଦି ବ୍ଲକ କଂଗ୍ରେସ କମିଟି ଓ ସୁକିନ୍ଦା ବ୍ଲକ କଂଗ୍ରେସ ପକ୍ଷରୁ ଭିନ୍ନ ଭିନ୍ନ ଭାବେ ଭତ୍ତା ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ଦାବି କରିଛନ୍ତି। ସୂଚନା ଅନୁସାରେ, ଜାତୀୟ ସାମାଜିକ ସୁରକ୍ଷା ଅଧୀନରେ ଦାନଗଦି ବ୍ଲକରେ ୫୬୬୩ ଜଣ ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଗତ ୩ ମାସ ହେଲା ଭତ୍ତା ଟଙ୍କା ଦିଆଯାଇନାହିଁ। ସେହିପରି ସୁକିନ୍ଦା ବ୍ଲକର ୬୨୨୦ ଜଣ ହିତାଧିକାରୀ ଭତ୍ତା ପାଇନାହାନ୍ତି। ଏହି ସହାୟତା ରାଶି ହିଁ ସେମାନଙ୍କ ଔଷଧ, ରାସନ ଓ ନିତ୍ୟ ଖର୍ଚ୍ଚର ଏକମାତ୍ର ସାହାରା। ଭତ୍ତା ଟଙ୍କା ବନ୍ଦ ହେବା ଫଳରେ ସେମାନଙ୍କ ଜୀବନଧାରଣ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ଆଗକୁ ରଜ ପର୍ବ ଥିବା ବେଳେ ପାଖରେ ଚଳିବାକୁ ଟଙ୍କାଟିଏ ନାହିଁ। ଏଭଳି ସ୍ଥଳେ ରଜ ପୂର୍ବରୁ ବକେୟା ୩ ମାସର ଭତ୍ତା ଟଙ୍କା ଏକକାଳୀନ ପ୍ରଦାନ କରିବା ସହ ଆଗକୁ ନିୟମିତ ଭାବେ ଭତ୍ତା ଟଙ୍କା ପ୍ରଦାନ କରିବାକୁ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶଶକ୍ତୀକରଣ ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ବ୍ଲକ ସଭାପତି ମଦନ ମୋହନ ଖୁଣ୍ଟିଆ, ଗୋପୀନାଥ ଧିର, ହରେକୃଷ୍ଣ ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ପାତ୍ର, ସୁବାସ ନାୟକ, ମଳୟ ପାତ୍ର, ଅଜୟ ମଲିକ, ପଙ୍କଜ ଲୋଚନ ଭୂୟାଁ, ରାଜ୍ୟ ମହିଳା ସମ୍ପାଦିକା ସ୍ୱର୍ଣ୍ଣଲତା ବାନରା, ସ୍ୱପ୍ନା ବେହୁରା, ଦୟାନିଧି ପଲେଇ, ଉମାକାନ୍ତ ଜେନାମଣି ମହେନ୍ଦ୍ର ଦାସଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଶିଶୁ ଶ୍ରମ ନିରୋଧ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୧୨।୬(ସମିସ): ଶିଶୁ ଅଧିକାର ସୁରକ୍ଷା ଏବଂ ନାଲସା (ଶିଶୁଙ୍କ ଉପଯୋଗୀ ଆଇନଗତ ସେବା ଏବଂ ସେମାନଙ୍କ ସୁରକ୍ଷା) ଯୋଜନା, ୨୦୨୪ ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ସହିତ 'ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ' କାଞ୍ଚିଆପାଳ ଅନ୍ତର୍ଗତ ମହାପୁରୁଷ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଏବଂ ଆଜିର ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ ଯେ ଶିଶୁ ଶ୍ରମିକ ପ୍ରଥା ହେଉଛି ଜାତୀୟ ବିକାଶର ମୁଖ୍ୟ ପ୍ରତିବନ୍ଧକ। ଶିଶୁଟିଏ କାମ କରିବା ପାଇଁ ନୁହେଁ, ବରଂ ପାଠ ପଢ଼ି ଦେଶର ଭବିଷ୍ୟତ ଗଢ଼ିବା ପାଇଁ ଜନ୍ମ ହୋଇଥାଏ। ମୁଖ୍ୟ ବକ୍ତା ଭାବେ ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ ଦାସ ଆଲୋଚନା କରିଥିଲେ ଯେ ଭାରତରେ ଶିଶୁ ଶ୍ରମିକ ପ୍ରସଙ୍ଗ, ଆଇନ ଏବଂ ନୀତି ଅନୁଯାୟୀ, ପିଲାମାନଙ୍କୁ ନିଯୁକ୍ତି ଦେବା ଏକ କଠୋର ଅପରାଧ। ନିଯୁକ୍ତିଦାତାମାନଙ୍କୁ ୬ ମାସରୁ ୨ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ତଥା ଜୋରିମାନା ଦେବାକୁ ପଡ଼ିପରେ। ପୁନରାବୃତ୍ତି ଅପରାଧୀମାନଙ୍କୁ ୩ବର୍ଷ ପର୍ଯ୍ୟନ୍ତ ଅଧିକ ଜେଲଦଣ୍ଡ ହୋଇପାରେ। ବହ୍ନିଶିଖା ବିଶ୍ୱାଳ, ପ୍ରତିପକ୍ଷ ଓକିଲ ଏବଂ ନ୍ୟାୟ ରକ୍ଷକ, ଭଦ୍ରକ, ଆଶ୍ରମର, ସମ୍ପାଦକ, ନକୁଳ ଚରଣ ପାତ୍ର ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଗଣ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଏବଂ ଏକ ବିତର୍କ ପ୍ରତିଯୋଗିତା -ଶିଶୁ ଶ୍ରମିକ ଏକ ସାମାଜିକ ବ୍ୟାଧି ଉପରେ ପିଲାମାନଙ୍କର ବକ୍ତବ୍ୟ ଅତ୍ୟନ୍ତ ହୃଦୟ ସ୍ପର୍ଶୀ ଥିଲା ଶେଷରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିବା ପିଲାମାନଙ୍କୁ ପୁରସ୍କାର ସ୍ୱରୂପ ପୁସ୍ତକ ପ୍ରଦାନ କରାଯାଇ ସେମାନଙ୍କ ମନୋବଳକୁ ସାହସ ଯୋଗାଇବା ପାଇଁ ଏକ ପ୍ରୟାସ କରାଯାଇଥିଲା।




## କାଳିଆପାଣି ଉଚ୍ଚ ବିଦ୍ୟାଳୟରେ ଛାତ୍ର ସମ୍ମିଳନୀ

କାଳିଆପାଣି, ୧୨।୬(ସମିସ): ସୁକିନ୍ଦା ବ୍ଲକ କାଳିଆପାଣି ଉଚ୍ଚ ବିଦ୍ୟାଳୟର ୨୦୦୫ ବ୍ୟାଚର ସମ୍ମିଳନୀ ଯାଜପୁର ରୋଡ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆକାଶଜ୍ୟୋତି ମହାପାତ୍ର, ରିତା ମହାନ୍ତ, ରାଧାରାଣୀ ଓଝା, ଭୀମସେନ ପୂଜାରୀ, ବିଶ୍ୱଜିତ ବେହେରା, ଗୀତାଞ୍ଜଳି ପଣ୍ଡା, ଡା. ସ୍ୱୟଂସିଦ୍ଧା, ପରେଶ ବେହେରା, ଜୁୱେଲ ଜେନା, ବାବୁଲି ଦେହୁରୀ, ସଞ୍ଜୟ ଦାସ, ପିପିନା କାଣ୍ଡି ଓ ସୂର୍ଯ୍ୟ ନାରାୟଣ ନନ୍ଦ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ସ୍କୁଲ ଜୀବନର ସୁନେଲି ସ୍ମୃତିକୁ ପୁଣିଥରେ ଜୀବନ୍ତ କରିବା, ପୁରୁଣା ବନ୍ଧୁତ୍ୱକୁ ଆହୁରି ମଜବୁତ କରିବା ଏବଂ ଭବିଷ୍ୟତରେ ମଧ୍ୟ ଏଭଳି ଏକତା ଓ ସମ୍ପର୍କ ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ବନ୍ଧୁ ମିଳନ ଉତ୍ସବର ଆୟୋଜନ କରାଯାଇଥିଲା।

## ଐତିହାସିକ ଜଗୁସାଗର ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଦେଖିଲେ ମନ୍ତ୍ରୀ

ଧାମନଗର, ୧୨।୬(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ତଥା ସହରର ସଦର ମହକୁମା ଠାରେ ଐତିହାସିକ ବହୁ ପୁରାତନ ଜଗୁସାଗର ପୋଖରୀ ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଥିବା ବେଳେ ଗୁରୁବାର ଅଚାନକ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ଓ ଗୁଣବତ୍ତା ସମ୍ପର୍କରେ ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ମନ୍ତ୍ରୀ ନିର୍ମାଣ କାର୍ଯ୍ୟର ମାନ, ଯୋଜନାବଦ୍ଧ କାର୍ଯ୍ୟାନ୍ୱୟନ ଏବଂ ପ୍ରକଳ୍ପର ସାମଗ୍ରିକ ଅଗ୍ରଗତି ଉପରେ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉତ୍ତମ ମାନରେ ସମ୍ପନ୍ନ କରିବା ପାଇଁ ସେ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଐତିହ୍ୟର ସୁରକ୍ଷା ଓ ଜନସାଧାରଣଙ୍କ ସୁବିଧା ସରକାରଙ୍କ ପ୍ରାଥମିକତା ମଧ୍ୟରେ ରହିଛି। ଜଗୁସାଗର ପୋଖରୀର ନବୀକରଣ କେବଳ ଏକ ଉନ୍ନୟନମୂଳକ ପଦକ୍ଷେପ ନୁହେଁ, ବରଂ ଧାମନଗରର ଗୌରବମୟ ଐତିହ୍ୟକୁ ସଂରକ୍ଷଣ କରିବାର ଏକ ସାର୍ଥକ ପ୍ରୟାସ ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ। ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଜଗୁସାଗର ପୋଖରୀର ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧି ପାଇବା ସହ



### ଚତୁଃପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଦାବି

ସ୍ଥାନୀୟ ଲୋକଙ୍କ ପାଇଁ ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନ ଓ ଜନଉପଯୋଗୀ ସ୍ଥାନରେ ପରିଣତ ହେବ ବୋଲି ଆଶା କରାଯାଉଛି। ତେବେ ପୋଖରୀର ଚାରି ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଯଥାଶୀଘ୍ର ଉଚ୍ଛେଦ ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସ୍ଥାନୀୟ ଲୋକେ। ଧାମନଗରର ବିକାଶ ସହ ଏହାର ଐତିହ୍ୟକୁ ସୁରକ୍ଷିତ ରଖିବା ଦିଗରେ ଏଭଳି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି। ଏହି ପରିଦର୍ଶନ ସମୟରେ ମନ୍ତ୍ରୀଙ୍କ ସହିତ ସ୍ଥାନୀୟ ନେତା କୈଳାସ ମହାପାତ୍ରଙ୍କ ସମେତ ଅନ୍ୟ ନେତୃ ମଣ୍ଡଳୀ ଉପସ୍ଥିତ ଥିଲେ।

## ଜିଲ୍ଲାର ୨୦ ଆର୍‌ଆଇଙ୍କ ଅଦଳବଦଳ

● ଧାମନଗରରୁ ୪ଜଣଙ୍କ ବଦଳି

ଧାମନଗର, ୧୨।୬(ସମିସ): ଧାମନଗର ତହସିଲରେ କାର୍ଯ୍ୟରତ ଚାରି ଜଣ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କୁ ବଦଳି କରାଯାଇଛି। ସେମାନଙ୍କ ସ୍ଥାନରେ ଅନ୍ୟ ଚାରି ଜଣଙ୍କୁ ଧାମନଗର ତହସିଲକୁ ଅଣାଯାଇଅଛି। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକୁ ଭଦ୍ରକ ଜିଲ୍ଲାପାଳ ପାଳନ କରିଥିବା ବେଳେ ଗତ ୧୦ ତାରିଖ ଦିନ ଭଦ୍ରକ ଜିଲ୍ଲାର ୨୦ ଜଣ ରାଜସ୍ୱ ନିରୀକ୍ଷକଙ୍କୁ ବିଭିନ୍ନ ତହସିଲ କାର୍ଯ୍ୟାଳୟକୁ ବଦଳି କରିଛନ୍ତି। ଧାମନଗର ତହସିଲରେ କାର୍ଯ୍ୟରତ ସୁଶାନ୍ତ କୁମାର ମୁଦୁଲି ଓ ପ୍ରକାଶ କୁମାର ମଲ୍ଲିକଙ୍କୁ ଚାନ୍ଦବାଲି ତହସିଲକୁ ବଦଳି କରାଯାଇଥିବା ବେଳେ ସସ୍ମିତା ମହାପାତ୍ରଙ୍କୁ ବନ୍ତ ଏବଂ ଚୁଲବୁଲ ସିଂହଙ୍କୁ ଭଣ୍ଡାରିପୋଖରୀ ତହସିଲକୁ ବଦଳି କରାଯାଇଛି। ସେହିପରି ଅଙ୍କିତା ସୋରେନ ଭଦ୍ରକ ତହସିଲରୁ ଧାମନଗର ତହସିଲ କାୟର୍ଯାଳୟକୁ ବଦଳି କରାଯାଇଥିବା ବେଳେ କୃଷ୍ଣଚନ୍ଦ୍ର ଦାସ ଓ କାଣ୍ଡା ମାରାଣ୍ଡି ବାସୁଦେବପୁରରୁ ଧାମନଗର ଏବଂ ନୀଳମାଧବ ବାରିକ ଚାନ୍ଦବାଲି ରୁ ଧାମନଗର ତହସିଲକୁ ବଦଳି ହୋଇ ଆସିଛନ୍ତିଓ ସରକାରୀ କାର୍ଯ୍ୟାଳୟର ସୁପରିଚାଳନା ନିମନ୍ତେ ଏହି ବଦଳି କରାଯାଇଥିବା ବେଳେ ଆସନ୍ତା ଏକ ସପ୍ତାହ ମଧ୍ୟରେ ଦାୟିତ୍ୱ ହସ୍ତାନ୍ତର ଓ କାର୍ଯ୍ୟରେ ଯୋଗଦାନ କରିବା ପାଇଁ ନିର୍ଦ୍ଦେଶ ନାମରେ ଉଲ୍ଲେଖ କରାଯାଇଛି।

● ଥାନା ଅଧିକାରୀଙ୍କ ନିଆରା ଜନ୍ମଦିନ

# ୧୧୦ ୟୁନିଟ୍ ରକ୍ତ ସଂଗ୍ରହ, ଚାରାରୋପଣ

ବାସୁଦେବପୁର, ୧୨।୬(ସମିସ): ବାସୁଦେବପୁର ଭାରପ୍ରାପ୍ତ ଥାନା ଅଧିକାରୀ ନିଜର ଜନ୍ମ ଦିବସ ଏକ ରକ୍ତଦାନ ଶିବିର ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଭଦ୍ରକ ଏସ୍‌ପିଙ୍କ ଅନୁମତିକ୍ରମେ ଆଜି ବାସୁଦେବପୁର ଥାନା ପରିସରରେ ବୃକ୍ଷରୋପଣ ଓ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ଯୋଗଦେଇ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ, ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ବାସୁଦେବପୁର ଥାନା ଇନ୍ସପେକ୍ଟର ନିରୋଜ କୁମାର ସାମଲ ଯୋଗଦେଇ ଥିଲେ। ନିଜର ଜନ୍ମ ଦିବସକୁ ସେହି ବନ୍ଧୁଙ୍କ ଗହଣରେ ପାରମ୍ପରିକ କେକ୍ ମଧ୍ୟରେ ସୀମିତ ନରଖି ଥାନା ବଡ଼ବାବୁ ଅନ୍ୟମାନଙ୍କ ପାଇଁ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ସଭିଁଙ୍କ ମୁହଁରେ ହସ ଫୁଟାଇବାକୁ ବାସୁଦେବପୁର ଆରକ୍ଷୀ ବାହିନୀ ସହଯୋଗରେ ଆରମ୍ଭ ହୋଇଥିଲା ଏହି ପ୍ରୟାସ। ବାସୁଦେବପୁର ପୁଲିସ ଷ୍ଟେସନ ପରିସରରେ ଅନୁଷ୍ଠିତ ହୋଇଥିଲା ରକ୍ତଦାନ ଶିବିର। ଆଇଆଇସି ଶ୍ରୀ ସାମଲ ଓ ଏସ୍‌ଆଇ ଦେବୀପ୍ରସାଦ ଅଧିକାରୀ ମଧ୍ୟ ରକ୍ତଦାନ କରିଥିଲେ। ରକ୍ତଦାନ ଶିବିରରୁ ୧୧୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସମସ୍ତ ରକ୍ତଦାତାଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇ ଥିଲା। କୈଳାସ ଚନ୍ଦ୍ର ସାହୁ, ଯୁବନେତା ଉଦୟ ନାରାୟଣ ମଲ୍ଲିକ, କାଉନସିଲର୍ ଜଗବନ୍ଧୁ ଦାସ, ବିଜୟ ମହାନ୍ତି, ତୁହିଦ୍ ଖାଁ ପ୍ରମୁଖ ସହଯୋଗ କରିଥିଲେ।




## ବିଶ୍ୱ ଶିଶୁ ଶ୍ରମ ବିରୋଧ ଦିବସ

ଯାଜପୁର, ୧୨।୬(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ରସୁଲପୁର ବ୍ଲକ ଅନ୍ତର୍ଗତ ଜୟନ୍ତୀ ପାଠାଗାର ସହାୟତା ସଭାଗୃହରେ ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମ ବିରୋଧ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ପ୍ରାଧିକରଣ ସଚିବ ତଥା ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

ଅତିଥି ଆଲୋଚକ ଭାବେ ସହକାରୀ ଜିଲ୍ଲାପାଳ ମିସ୍ ଆଦ୍ୟାଶା ରାଉତ, ଯାଜପୁର ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ରାଧାନାଥ ନାୟକ, ପୁଲିସ ଅପରାଧ ଶାଖା ଅଧିକାରୀ ସୌମ୍ୟରଞ୍ଜନ ନାଥ ଦିବସର ମହତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମକୁ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି ସଞ୍ଚାଳନ କରିଥିଲେ। ପ୍ରାରମ୍ଭିକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ସନ୍ଧ୍ୟାରାଣୀ ସାହୁ ଓ ହେମଲତା ସେଠୀ। ଧନ୍ୟବାଦ ଅର୍ପଣ କରିଥିଲେ ଶରତ ଚନ୍ଦ୍ର ରାଉତ। କର୍ଯ୍ୟକ୍ରମ ପରିଚାଳନାରେ ପାଠାଗାର ସଭାପତି ସତ୍ୟସୁନ୍ଦର ସାହୁ, ସମ୍ପାଦକ ସରୋଜିନୀ ସାହୁ, ସଦସ୍ୟଗଣ ଓ ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ।

## ଓପିଏସ୍‌ସି ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା

ଦାନଗଦି/ ଟମକା, ୧୨।୬(ସମିସ): ଟମକା ଥାନା ଅନ୍ତର୍ଗତ ଯଆଁର ଗ୍ରାମର ତଥା ଦାନଗଦି ବ୍ଲକର ଗର୍ବ ଓ ଗୌରବ ଓପିଏସ୍‌ସି ପରୀକ୍ଷାରେ ୭୭ ତମ ରାଙ୍କିଂ ପାଇ ଯୋଗ୍ୟ ବିବେଚିତ ହୋଇଥିବା ସତ୍ୟବ୍ରତ ବଳଙ୍କୁ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ତାଙ୍କ ବାସଭବନ ଭେଟି ସମ୍ମାନିତ କରିଛନ୍ତି।

ଏଥି ସହିତ ତାଙ୍କର ଭବିଷ୍ୟତ ଆହୁରି ଉଜ୍ଜ୍ୱଳମୟ ହେଉ ବୋଲି ପ୍ରଭୁ ଜଗନ୍ନାଥଙ୍କ ନିକଟରେ କାମନା କରିଛନ୍ତି।

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ସେଠୀଙ୍କ ସ୍ମୃତିଚାରଣ ସଭା



ଭଦ୍ରକ, ୧୨।୬(ସମିସ): ଭଦ୍ରକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଜନନେତା ଅର୍ଜୁନ ଚରଣ ସେଠୀଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ରାଜନୈତିକ ନେତା ତାଙ୍କ ଜନସେବା ଓ ନେତୃତ୍ୱକୁ ସ୍ମରଣ କରିଥିଲେ। ଭଦ୍ରକ ସହିଦ ସ୍ମୃତି ଭବନ ପରିସରରେ ଅର୍ଜୁନ ଚରଣ ସେଠୀ ସ୍ମୃତି ସଂସଦ ପକ୍ଷରୁ ସଭାପତି ଡ ରବୀନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଭଦ୍ରକର ଜଣାଶୁଣା ଜନନେତା, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ପୂର୍ବତନ ସାଂସଦ ଏବଂ ପୂର୍ବତନ ବିଧାୟକ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜ୍ୟ ବିଜେପିର ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜିଲା ବିଜେପି ସଭାପତି ଭଗବାନ ପଣ୍ଡା, ବିଜେପି ନେତା ଅଜୟ ନାୟକ ପ୍ରମୁଖ ଯୋଗଦେଇ ଦିବଂଗତ ଆବାଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଅର୍ଜୁନ ଚରଣ ସେଠୀ କେବଳ ଜଣେ ଜନପ୍ରତିନିଧି ନୁହଁନ୍ତି, ସେ ଥିଲେ ଜନସାଧାରଣଙ୍କ ବିଶ୍ୱାସ, ଦୃଢ଼ ନେତୃତ୍ୱ ଏବଂ ନିଷ୍ଠାପର ଜନସେବାର ଏକ ଜୀବନ୍ତ ପ୍ରତୀକ। ତାଙ୍କ ଆଦର୍ଶ, କାର୍ଯ୍ୟ ଏବଂ ଜନକଲ୍ୟାଣ ପ୍ରତି ସମର୍ପିତ ଜୀବନ ସର୍ବଦା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସଭାରେ ଉପସ୍ଥିତ ବକ୍ତାମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପୂର୍ବରୁ ପୂର୍ବାହ୍ଣରେ ସାଳନ୍ଦୀ ଘଟଣାରେ ତିଳ ତର୍ପଣ କରାଯାଇଥିଲା।

## ଓଡ଼ିଶା ଶିକ୍ଷା ରତ୍ନ ସମ୍ମାନ ସମାରୋହ

# 'ମାନବିକତା ଶିକ୍ଷାର ମୂଳମନ୍ତ୍ର ହେବା ଉଚିତ'

ବ୍ୟାସନଗର, ୧୨।୬(ସମିସ)

ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଆୟୋଜିତ ଓ ବିକଳ୍ପ ଅନୁଷ୍ଠାନ, ତୁଳସୀ ଦେବୀ ଫାଉଣ୍ଡେସନ ଓ କୋରେଇ ଉନ୍ନୟନ ପରିଷଦର ମିଳିତ ସହଯୋଗରେ ବ୍ୟାସନଗର ସହରସ୍ଥିତ ହୋଟେଲ ରୟାଲ କଳିଙ୍ଗଠାରେ ଓଡ଼ିଶା ଶିକ୍ଷାରତ୍ନ ସମ୍ମାନ ସମାରୋହ ଓ ସ୍ମାର୍ଟ ପ୍ୟାରେଣ୍ଟିଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜାତୀୟ ମାନବାଧିକାର ଆୟୋଗର ସଦସ୍ୟ ଡ. ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ଶିକ୍ଷକମାନଙ୍କର ସମାଜ ଗଠନରେ ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିବା ସହ ମାନବିକତା ଶିକ୍ଷାର ମୂଳମନ୍ତ୍ର ହେବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ସବିତା ଆଚାର୍ଯ୍ୟ ଉପସ୍ଥିତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ଉପଦେଶ ଦେଇ କହିଥିଲେ ଯେପରି ନିଜ ପିଲାର ବବିଷ୍ୟତ ବିଷୟରେ ଚିନ୍ତା କରୁଛନ୍ତି ସେପରି ନିଜର ଛାତ୍ରଛାତ୍ରୀଙ୍କ ଗଢନ୍ତୁ। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଅଧ୍ୟକ୍ଷ ମନୋଜ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ଅର୍ଥନୀତି ବିଷାରଦ ତଥା ରୋଟାରୀ ନୀଳାଦ୍ରିର ଅଧ୍ୟକ୍ଷ ଅଭିଷେକ ମିତ୍ର ଓ କୋରେଇ ଉନ୍ନୟନ ପରିଷଦର ସଭାପତି ଶ୍ରୀଧର ଦାସ ଯୋଗ ଦେଇ ସେମାନଙ୍କର ମୂଲ୍ୟବାନ ମନ୍ତବ୍ୟ ରଖିଥିଲେ। ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟଙ୍କ ସଭାପତିତ୍ୱ କରି ସ୍ମାର୍ଟ ପ୍ୟାରେଣ୍ଟିଂ, ଶିକ୍ଷା ଅଧିକାର ଆଇନ ବିଷୟରେ ଉଲ୍ଲେଖ କରିଥିଲେ। ଆସନ୍ତା ଦିନରେ ଏହି ସଚେତନ କାର୍ଯ୍ୟକ୍ରମ ସାରା ରାଜ୍ୟରେ କରିବା ସହ ଶିକ୍ଷକ ମାନଙ୍କୁ ପ୍ରଶିକ୍ଷିତ କରି କିପରି ଅଭିଭାବକ ମାନେ ଆର୍ଥିକ ସନ୍ତୁଳିତ ରକ୍ଷା କରିପାରିବେ ଏହାଉପରେ ବ୍ୟାପକ କାଯ୍ୟକ୍ରମ ପାଇଁ ଘୋଷଣା କରାଯାଇଥିଲା। ବିକଶିତ ଓଡ଼ିଶା ତଥା ବିକଶିତ କୋରେଇ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଥିବା ସହ ଶିକ୍ଷାଦାନ କ୍ଷେତ୍ରରେ ଉତ୍କୃଷ୍ଟ ଯୋଗଦାନ ପାଇଁ ବିଭିନ୍ନ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ୬୫ଜଣ କୃତି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଓଡ଼ିଶା ଶିକ୍ଷା ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୋରେଇ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଆଲୋକ ଦାସ, ଉପଦେଷ୍ଟା ଡ. ଦୁଷ୍ମନ୍ତ ନାୟକ, ମଦନ ମୋହନ କର, ଗୌରପୁର ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ତୁଳସୀ ଦେବୀ ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ଚନ୍ଦ୍ରଶେଖର ଜେନା, ଟ୍ରଷ୍ଟି ମଦନ ମୋହନ ବେହେରା, ସନ୍ତୋଷ ବେହେରା, ଅକ୍ଷୟ ଜେନା ଓ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଯାଜପୁର ଜିଲ୍ଲା ସଂଯୋଜିକା ନିରୁପମା ମଲ୍ଲିକ ଓ ହ୍ୟୁମାନ ରାଇଟ୍ସ ଡିଫେଣ୍ଡର ଆହ୍ଲୁଲା ଗଣେଶ ରାଓଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।



## ସାପୁଆ ଡ୍ୟାମରୁ ଯୁବକଙ୍କ ମୃତଦେହ ଉଦ୍ଧାର ▸ ମାରି ଫିଙ୍ଗି ଦିଆଯାଇଥିବା ପରିବାର ପକ୍ଷରୁ ଅଭିଯୋଗ

ହିନ୍ଦୋଳ, ୧୨।୬(ସମିସ)

ରାସୋଳ ଥାନା ସାପୁଆ ଡ୍ୟାମରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କୁ ହତ୍ୟା କରି ଡ୍ୟାମରେ ଫିଙ୍ଗି ଦିଆଯାଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଘଟଣାର ତଦନ୍ତ କରି ସନ୍ଦେହରେ ୨ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପ୍ରେମଜନିତ କାରଣରୁ ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଛି।

ରସୋଳ ଥାନା ଚିତ୍ତଳପୁର ପଞ୍ଚାୟତ ବେଡ଼ା ଗ୍ରାମର ଦିଲୀପ ବିଶ୍ୱାଳଙ୍କ ପୁଅ ରାଜେନ୍ଦ୍ର ବିଶ୍ୱାଳ (୧୮), ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ହିନ୍ଦୋଳ ରୋଡ୍ ଫାଣ୍ଡି ଅଧୀନ ଗୋଡିଡିହି ଗ୍ରାମର ବିଶ୍ୱରଞ୍ଜନ ମହାରଣା ଓ ଏକଘରିକିଆ ଗ୍ରାମର ତନ୍ମୟ ବେହେରା ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ହିନ୍ଦୋଳ ଉପଖଣ୍ଡ ଦଣ୍ଡିରୀ ପଞ୍ଚାୟତ ସାପୁଆ ଡ୍ୟାମକୁ

**ସନ୍ଦେହରେ ୨ ଯୁବକ ଅଟକ**



ବୁଲିବାକୁ ଯାଇଥିଲେ। ସମସ୍ତେ ମିଶି ଗାଧୋଉଥିବା ବେଳେ ରାଜେନ୍ଦ୍ର ଡ୍ୟାମରେ ବୁଡ଼ିଯାଇଥିବା ନେଇ ଅନ୍ୟ ଦୁଇସାଙ୍ଗ ରସୋଳ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ରାଜେନ୍ଦ୍ରଙ୍କୁ ଉଦ୍ଧାରକରି ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ରାଜେନ୍ଦ୍ରଙ୍କ ଦୁଇ ସାଙ୍ଗଙ୍କୁ ଅଟକ ରଖି ପଚରାଉଚରା କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଓ ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ଅନ୍ୟପଟେ ଏହି ୩ ଜଣ ଡ୍ୟାମ୍‌କୁ ଯାଉଥିବା ସମୟରେ ତାଙ୍କ ସହ ଜଣେ ଯୁବତୀ ଥିବା ନେଇ ସ୍ଥାନୀୟଲୋକେ କହିଛନ୍ତି। ତେବେ ଘଟଣା ପରେ ଯୁବତୀ ଏମାନଙ୍କ ସହ ନ ଥିବାରୁ ଘଟଣାକୁ ନେଇ ସନ୍ଦେହ ଉପୁଜିଛି।

## 'ସ୍ୱଚ୍ଛ ପରିବେଶ ଆମ ଭଲ ଅଭ୍ୟାସରୁ ହିଁ ଗଢ଼ିଉଠେ'

**ଭୁବନ, ୧୨।୬(ସମିସ):** ପରିବର୍ତ୍ତନ ନିଜଠାରୁ ହିଁ ଆରମ୍ଭ ହୁଏ। ସ୍ୱଚ୍ଛ ପରିବେଶ ଆମ ଭଲ ଅଭ୍ୟାସରୁ ହିଁ ଗଢ଼ିଉଠେ। ବିଶ୍ୱ ପରିବେଶ ଦିବସ ଅବସରରେ ଭୁବନ ଏନ୍‌ଏସି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅଭିଯାନରେ ନିଷ୍ଠାପର ସ୍ୱଚ୍ଛସାଥୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ଉପସ୍ଥିତ ରହି ଭୁବନକୁ ସ୍ୱଚ୍ଛ, ସୁନ୍ଦର ଏବଂ ସବୁଜ ସହରରେ ପରିଣତ କରିବା ପାଇଁ ସଂକଳ୍ପ ନେଇଛନ୍ତି। ଏହି ଅବସରରେ ଘରକୁ ଘର ବୁଲି




ସଚେତନତା, ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ୍ କରି ରଖିବା ପାଇଁ ଲୋକଙ୍କୁ ବୁଝାଯାଇଥିଲା। ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକର ବ୍ୟବହାର ବନ୍ଦ କରିବା ଏବଂ କପଡ଼ା ବ୍ୟାଗ୍ ଆପଣେଇବାକୁ ଅନୁରୋଧ କରାଯାଇଥିଲା। ଦୈନନ୍ଦିନ ଜୀବନରେ ଭଲ ଅଭ୍ୟାସ ଗ୍ରହଣ କରି ପରିବେଶ ସୁରକ୍ଷା କରିବାକୁ ସମସ୍ତେ ଶପଥ ନେଇଥିଲେ। ଦିନକ ପାଇଁ ନୁହେଁ, ପ୍ରତିଦିନ ଆମ ଚାରିପାଖକୁ ସ୍ୱଚ୍ଛ ଓ ସବୁଜ ରଖିବାକୁ ଆହ୍ୱାନ ଦିଆଯାଇଛି।

## ଶିଶୁ ଶ୍ରମିକ ନିରାକରଣ ସଚେତନତା




**ଢେଙ୍କାନାଳ, ୧୨।୬(ସମିସ):** ଶିଶୁ ଚାଲାଣ ଓ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଶୋଭାଯାତ୍ରା ଆରମ୍ଭ ହେଇଥିଲା। କାର୍ଯ୍ୟକ୍ରମରେ ଏଡିଏମ୍, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ, ବିଶ୍ୱ ଯୁବକେନ୍ଦ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ରୋଜଗାର ଅଧିକାରୀ, ଚାଇଲ୍ଡ ହେଲ୍ପ ଲାଇନ, ୟୁନିସେଫ, ଏକଜୁଟ, ଆଭା ପ୍ରମୁଖ ଯୋଗଦେଇଥିଲା। ଏହି ଅବସରରେ ଶିଶୁ ଚାଲାଣ ଓ ଶିଶୁ ଶ୍ରମିକ ନିରାକରଣ ସଚେତନ ରଥ ଉଦଘାଟିତ ହୋଇଥିଲା। ଏହି ରଥ ଢେଙ୍କାନାଳ ସହର ବୁଲି ଲୋକଙ୍କୁ ସଚେତନ କରିବ।

## ନୂତନ ବସ୍ତ୍ର ଓ ସାନିଟାରୀ ପ୍ୟାଡ୍ ବଣ୍ଟନ



**ଢେଙ୍କାନାଳ, ୧୨।୬(ସମିସ):** ସାମାଜିକ ସାଂସ୍କୃତିକ ବିକାଶ ସଂଘ ପକ୍ଷରୁ ରଜ ଉପଲକ୍ଷେ କୁନି ପିଲାଙ୍କୁ ନୂତନ ବସ୍ତ୍ର ଓ ମହିଳାଙ୍କୁ ସାନିଟାରୀ ପ୍ୟାଡ୍ ବଣ୍ଟନ କରାଯାଇଛି। ଢେଙ୍କାନାଳ ସଦର ବ୍ଲକ ଭାପୁର ଗ୍ରାମର ଏହି ବସ୍ତିରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଋତୁସ୍ରାବ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ସମାଜସେବୀ ଶୁଭ ପଣ୍ଡା ଓ ସାମାଜିକ ସାଂସ୍କୃତିକ ବିକାଶ ସଂଘ କାର୍ଯ୍ୟକର୍ତ୍ତା ସୌମ୍ୟା ମିଶ୍ର ଓ ଗୁଡି ଶତପଥୀ ଉପସ୍ଥିତ ଥିଲେ। ସୁଦୀପା ମିଶ୍ର, ସୌମ୍ୟରଞ୍ଜନ ପାଢ଼ୀ, ବିଶ୍ୱଜିତ୍ ସେଠୀ ସହଯୋଗ କରିଥିଲେ।

## ବିଜେପିର ବିକାଶ ସଂକଳ୍ପ ସମାବେଶ

**ଭୁବନ, ୧୨।୬(ସମିସ):** କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଭୁବନସ୍ଥିତ ବୁଦ୍ଧେଶ୍ୱର ମନ୍ଦିର ପରିସରରେ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଏବଂ ଓଡ଼ିଶା ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଜେପି ପକ୍ଷରୁ ବିକାଶ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କ ଅଧ୍ୟକ୍ଷତା ଓ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ମାତୃପ୍ରସାଦ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି, ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟବକ୍ତା, ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା, ପର୍ଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ଅଶୋକ ମହାନ୍ତି, ଜିଲ୍ଲା ପ୍ରଭାରୀ ସ୍ମୃତି ପଟ୍ଟନାୟକ, ବରିଷ୍ଠ ନେତା ପ୍ରେମାନନ୍ଦ ଜେନା, ପ୍ରମୋଦ ନନ୍ଦ, ପବିତ୍ର ମୋହନ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା, ସୁଶାସନ ଓ ବିକାଶମୂଳକ କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବାଲିବୋ ସରପଞ୍ଚ ଶୁଭସ୍ମିଗ୍ଧା ବାରିକ, ଦିଘି ସରପଞ୍ଚ ପ୍ରବୋଧ ଦାସ ବିଜେପିରେ ଯୋଗ ଦେଇଥିଲେ।



## ପାନୀୟ ଜଳ ସମସ୍ୟା ▸ ଗରା, ବାଲ୍ଟି ଧରି ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ



ଢେଙ୍କାନାଳ, ୧୨।୬(ସମିସ): ହିନ୍ଦୋଳ ବ୍ଲକ ଗିରିଧର ପ୍ରସାଦ ପଞ୍ଚାୟତ ବଡ଼ବାହାଲ ଗ୍ରାମରେ ପାନୀୟ ଜଳ ସମସ୍ୟା ସମାଧାନ ନିମନ୍ତେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର ମହିଳା ଓ ପୁରୁଷମାନେ ଗରା ଓ ବାଲ୍ଟି ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏନେଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହି ଗ୍ରାମରେ ପ୍ରାୟ ୧୪୦ ପରିବାର ବାସ କରୁଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା କରାଯାଇ ନାହିଁ। ଗ୍ରାମରେ ଦୁଇଟି ନଳକୂପ ଥିଲେ ମଧ୍ୟ ସେଗୁଡ଼ିକ ଅଚଳ ହୋଇପଡ଼ିଛି। ଖୋଲା କୂଅ ପାଣି ପାନୀୟ ଉପଯୋଗୀ ହେଉ ନାହିଁ। ଦୂଷିତ ପାଣି ବ୍ୟବହାର କରି ଗ୍ରାମର ଅନେକ ଲୋକ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ପାନୀୟ ଜଳ ଯୋଗାଣ ପାଇଁ ବାରମ୍ବାର ସମ୍ପୃକ୍ତ ବିଭାଗ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରି ନାହିଁ। ଫଳରେ ଗ୍ରୀଷ୍ମଋତୁରେ ସମସ୍ୟା ଅଧିକ ଜଟିଳ ହୋଇଛି। ତୁରନ୍ତ ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ରାସ୍ତାରେ ଏକ ଫୁଟର ପାଣି



ଢେଙ୍କାନାଳ, ୧୨।୬(ସମିସ): ଢେଙ୍କାନାଳ ସହରର କୋରିଆଁ ବାଇପାସ ରାସ୍ତାର ଓଭରବ୍ରିଜ ଅଣ୍ଡରପାସ ରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଅସରାଏ ବର୍ଷା ହେଲେ ରାସ୍ତା ଉପରେ ଏକ ଫୁଟର ପାଣି ଜମି ରହୁଛି। ଯାହା ଫଳରେ ଲୋକମାନେ ବାଧ୍ୟ ହୋଇ ସେହି ପାଣି ଭିତରେ ଯାତାୟତ କରୁଛନ୍ତି। ସୁଚନା ଅନୁଯାୟୀ ଢେଙ୍କାନାଳ ସହର ଦେଇ ଯାଇଥିବା ୫୫ ନଂର ଜାତୀୟ ରାଜପଥର ପ୍ରମୁଖ ଛକ ଗୁଡ଼ିକରେ ଅଣ୍ଡରପାସ୍ ରାସ୍ତା ନିର୍ମାଣ କରାଯାଇଛି। ସେଗୁଡ଼ିକ ମଧ୍ୟରୁ କୋରିଆଁ ବାଇପାସ୍ ରାସ୍ତାରେ ନିର୍ମାଣ ହୋଇଥିବା ଓଭରବ୍ରିଜ ରାସ୍ତା ହେଉଛି ଗୋଟିଏ। ଅଣ୍ଡରପାସ୍ ରାସ୍ତା ନିର୍ମାଣ ମଧ୍ୟ ସରିଛି। ମାତ୍ର ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବର୍ଷା ହେଲେ ସେହି ଅଣ୍ଡରପାସ୍ ରାସ୍ତା ଉପରେ ଦୀର୍ଘଦିନ ଧରି ପାଣି ଜମି ରହୁଛି। ଯାତ୍ରୀମାନେ ସେହି ରାସ୍ତା ଦେଇ ଯାତାୟତ କରୁଥିବା ବେଳେ ଖାଲଖମା ଜାଣି ନପାରି ପଡ଼ିଯାଉଛନ୍ତି। ପାଣି ଭିତରେ କେତେକ ସ୍ଥାନରେ ଭଙ୍ଗା କାଚ ବୋତଲ ମଧ୍ୟ ଦେଖିବାକୁ ମିଳୁଛି। ଯାହା ଫଳରେ ଜଣେ ପଥଚାରୀ ଯିବା ଆସିବା କରିବା ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ମଧ୍ୟ ରହିଛି। ତେବେ ଏଥିପ୍ରତି ଜାତୀୟ ରାଜପଥ ପ୍ରାଧିକରଣ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଇ ରାସ୍ତାରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି।

## ରାସ୍ତା କଡ଼ରେ ଶୁଖିଲା ଗଛ, ପଥଚାରୀଙ୍କୁ ବିପଦ

ପରଜଙ୍ଗ, ୧୨।୬(ସମିସ): ପରଜଙ୍ଗ ବ୍ଲକ ଦେଇ ଯାଇଥିବା ବାରିହାପୁର ପରଜଙ୍ଗ ବାଇପାସ୍ ପୂର୍ତ୍ତ ବିଭାଗ ରାସ୍ତା ଅନ୍ତର୍ଗତ ଡିହୋଡଳ ଛକ ନିକଟରେ ବିଶାଳ ଶୁଖିଲା ଗଛ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ରାସ୍ତା ଦେଇ ବ୍ଲକ, ଥାନା, ତହସିଲ, ଅଦାଲତ, ମହାବିଦ୍ୟାଳୟ କୁ ସଂଯୋଗ ହୋଇଥିବାରୁ ଦୈନିକ ହଜାର ହଜାର ଲୋକ ଯାତାୟତ କରୁଥିବା ବେଳେ ଡିହୋଡଳ ନିକଟରେ ବିଶାଳ ଶୁଖିଲା ଗଛଟି ଦଣ୍ଡାୟମାନ ରହିଛି। ଗଛଟି ସମ୍ପୂର୍ଣ୍ଣ ରାସ୍ତା କଡ଼ରେ ଥିବାରୁ ତାହାର ଶାଖା ପ୍ରଶାଖା ରାସ୍ତା ଉପରେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଯେକୌଣସି ସମୟରେ ଗଛଟି ଭାଙ୍ଗିପଡ଼ିଲେ ଧନଜୀବନ ହାନି ହେବାର ଆଶଙ୍କା ରହିଛି। ଗଛଟି ଭାଙ୍ଗିଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲୋକଙ୍କ ଧନ ଜୀବନ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ବିପଦପୂର୍ଣ୍ଣ ବିଶାଳ ଶୁଖିଲା ଗଛଟିକୁ ବନ ବିଭାଗ ପକ୍ଷରୁ କାଟିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଶିଶୁ ଶ୍ରମିକ ନିରାକରଣ ପାଇଁ ସଚେତନତା ରଥ ଶୁଭାରମ୍ଭ

**ଢେଙ୍କାନାଳ, ୧୨।୬(ସମିସ):** ଶିଶୁ ଶ୍ରମିକ ନିରାକାରଣ ପାଇଁ ଜିଲ୍ଲାସ୍ତରୀୟ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ସଚେତନତା ଅଭିଯାନ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଜିଲ୍ଲାରେ ଶ୍ରମ ବିଭାଗ ତରଫରୁ ବ୍ୟାପକ ସଚେତନତା ନିମନ୍ତେ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ଆଇଏଏସ୍ ପ୍ରୋବେସନର ସୁଧା ଚୌହାନ, ଏଡିଏମ୍ ରମେଶ ଚନ୍ଦ୍ର ସେଠୀ, ଏବଂ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ଦ୍ୱାରା ସଚେତନତା ରଥ ଓ ଏକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉଦଘାଟିତ ହୋଇଥିଲା। ସଚେତନତା ରଥ ସମସ୍ତ ବ୍ଲକ, ଏନ୍‌ଏସି ଓ ପୌରାଞ୍ଚଳରେ ୧୫ ଦିନ ବ୍ୟାପୀ ଲୋକଙ୍କୁ ସଚେତନ କରିବ। ସଚେତନତା ଅଭିଯାନରେ ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଗୋଲେଖ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ଶ୍ରମ ଅଧିକାରୀ ତପନ କୁମାର ସୁତାର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସହକାରୀ ଶ୍ରମ ଅଧିକାରୀ ସଂଗ୍ରାମ ଦଲାଇ, ବୈଜୟନ୍ତୀମାଳା ମଲ୍ଲିକ, ନିବେଦିତା ସ୍ୱାଇଁ ଓ ଗଦାଧର ବେହେରା ଯୋଗଦଦେଇଥିଲେ।

## ଦେଶୀ ମଦ ସହ ଗାଡ଼ି ଜବତ, ୨ ଗିରଫ




**ଗଁଦିଆ, ୧୨।୬(ସମିସ):** ଗଁଦିଆ ପୋଲିସ ପେଟ୍ରୋଲିଙ୍ଗ କରୁଥିବା ସମୟରେ ତାକୁ ମିଳିଛି ଏକ ବଡ଼ ସଫଳତା ବେଆଇନ ଭାବରେ ଦେଶୀ ମଦ ନେଇ ଯାଉଥିବା ଏକ ଗାଡିକୁ ଜବତ କରିଛି। ପୋଲିସ ଠାରୁ ପ୍ରକାଶ ଯେ କଟକ ଜିଲ୍ଲା ଅନ୍ତର୍ଗତ ଆଠଗଡ଼ ଉପରସାହିର ଟୁଟୁ ଓଝା ୩୮ ବର୍ଷ ଏକ ସ୍ୱିଫ୍ଟ କାର ଯାହାର ନଂ ଓଡି ୦୭ କ୍ୟୁ ୦୫୩୫ରେ ୩୨୦ଲିଟର ଦେଶୀ ମଦ ନେଇ ଯାଉଥିବା ସମୟରେ ଢେଙ୍କାନାଳ ରୁ ଭୁବନ ମୁଖ୍ୟ ରାସ୍ତା ଉପରେ ଗଁଦିଆ ପୋଲିସ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଉକ୍ତ ଗାଡି ପୋଲିସ କୁ ଚକମା ଦେଇ ଖସି ଯିବାକୁ ଚେଷ୍ଟା କରୁଥିବା ସମୟରେ ପୋଲିସର ସନ୍ଦେହ ହେବାରୁ ଉକ୍ତ ଗାଡିକୁ ଧରିବାକୁ ଚେଷ୍ଟା କରୁଥିବା ବେଳେ ସାପୁଆଝର ନିକଟରେ ଉକ୍ତ ଗାଡିକୁ ଅଟକ ରଖି ଥାନାକୁ ଆଣିଥିଲା। ଉକ୍ତ ଗାଡ଼ିରେ ଥିବା ୩୨୦ଲିଟର ଦେଶୀ ମଦ ଶହ ଗାଡିକୁ ଜବତ କରି ଟୁଟୁ ଓଝା ଓ ଗାଡିଚାଳକ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଚନ୍ଦ୍ରଶେଖରପ୍ରସାଦ (ଝୁମ୍ପୁଡିଆ) ଗ୍ରାମର ସୁଶାନ୍ତ ଭୂୟାଁ ୩୯ ବର୍ଷ କୁ ଗିରଫ କରିବା ସହିତ କେସ ନଂ ୨୭୭/୨୬ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ବୋଲି ଗଁଦିଆ ଥାନ ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇ ପ୍ରକାଶ କରିଛନ୍ତି।

## କାଳବୈଶାଖୀ ତାଣ୍ଡବ, ଭାଙ୍ଗିଲା ଘର





**ପରଜଙ୍ଗ, ୧୨।୬(ସମିସ):** ପରଜଙ୍ଗ ଉପଖଣ୍ଡରେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଭାଙ୍ଗିଲା ଘର ଧନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପରଜଙ୍ଗ ପଞ୍ଚାୟତ ବୃନ୍ଦାବନପୁର ସାହିରେ କାଳବୈଶାଖୀ ବର୍ଷା ଯୋଗୁଁ ବିରାଟକାୟ ଦୁଇଟି ବୃକ୍ଷ ଭାଙ୍ଗି ଯାଇଥିଲା। ଫଳରେ ଉକ୍ତ ସାହିର କୈଳାସ ଚନ୍ଦ୍ର ସାହୁଙ୍କ ଘର ଉପରେ ପଡ଼ି ଆଂଶିକ କ୍ଷୟକ୍ଷତି ହେବା ସହ ପ୍ରଫୁଲ୍ଲ ସାହୁଙ୍କ ବାଇକ୍ ଭାଙ୍ଗି ଯାଇଥିଲା। ଦୁଇଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ଫଳରେ ରାସ୍ତାରେ ଯାତାୟାତ ଠପ୍ ହୋଇଥିଲା। ପରଜଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛକୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ପାନୀୟ ଜଳ ପାଇଁ ହରିପୁରବାସୀ ଉଦ୍ବେଳବିକଳ



**ହିନ୍ଦୋଳ, ୧୨।୬(ସମିସ):** ହିନ୍ଦୋଳ ବ୍ଲକ ଜରଡ଼ା ପଞ୍ଚାୟତ ହରିପୁର ଗ୍ରାମକୁ ପାଇପ ପାନୀୟ ଜଳ ଯୋଗାଣ ହେଉ ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହାର କୌଣସି ସୁଫଳ ହରିପୁର ଗ୍ରାମବାସୀ ପାଇପାରୁ ନ ଥିବା ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ ବୋଲି ପ୍ରକାଶ କରିଛନ୍ତି। ଗ୍ରାମକୁ ଜରଡ଼ା ଗ୍ରାମଠାରୁ ବସୁଧା ଏବଂ ମେଗା ପ୍ରକଳ୍ପ ପାଇପ ଲାଇନ ବହୁଦିନ ଧରି ବିଛା ଯାଇଥିବା ବେଳେ ବିଭାଗୀୟ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ପାଇଁ ଅଦ୍ୟାବଧି ଜଳାଯୋଗାଣ ହୋଇନାହିଁ। ଫଳରେ ଗ୍ରାମବାସୀ ବଡ଼ଯୋଡ଼ା ନାଳର ଅପରିଷ୍କାର ଜଳ ବ୍ୟବହାର କରି ବିଭିନ୍ନ ରୋଗରେ ପଡୁଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ହିନ୍ଦୋଳ ଉପଜିଲ୍ଲାପାଳ, ବିଡିଓ, ଗ୍ରାମୀଣ ଜଳଯୋଗଣ ଏବଂ ପରିମଳ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଗତ ୩ ତାରିଖ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏପରିକି ଉପଜିଲ୍ଲାପାଳ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ପତ୍ର ଲେଖି ୭ ଦିନ ମଧ୍ୟରେ ପଦକ୍ଷେପ ନେବା ସହ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତାହାର କୌଣସି ପ୍ରଭାବ ପଡ଼ି ନ ଥିବା ଜଣାପଡ଼ିଛି। ଶେଷରେ ଗ୍ରାମବାସୀ ଜରଡ଼ା ସରପଞ୍ଚଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଆସନ୍ତା ୧୫ ତାରିଖ ମଧ୍ୟରେ ଗ୍ରାମକୁ ପାନୀୟ ଜଳ ଯୋଗାଣ ନ ହେଲେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

## ଢେଙ୍କାନାଳରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

# ଉପକୃତ ହେବେ ୩,୦୧,୫୪୨ ହିତାଧିକାରୀ

ଢେଙ୍କାନାଳ, ୧୨।୬(ସମିସ)

ରାଜ୍ୟ ସରକାରଙ୍କ ପକ୍ଷରୁ ଖାଦ୍ୟ ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ ଆଜି ଢେଙ୍କାନାଳ ଜିଲ୍ଲା ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟରଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଘୋଷଣା କରିଛନ୍ତି ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍) ଅଧୀନରେ ଥିବା ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ପ୍ରତି ମାସ ମାଗଣାରେ ମୋଟ ୧୦ କିଲୋଗ୍ରାମ ଚାଉଳ ପାଇବେ।




ପୂର୍ବରୁ ମିଳୁଥିବା ଚାଉଳ ସହ ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ପ୍ରଦାନ କରାଯିବ। ଏହି ସମ୍ପ୍ରସାରିତ ଯୋଜନା ଦ୍ୱାରା ରାଜ୍ୟର ପ୍ରାୟ ୩.୨୮ କୋଟି ଲୋକ ଉପକୃତ ହେବେ। ଢେଙ୍କାନାଳ ଜିଲ୍ଲାରେ ଏହି ଯୋଜନା ଅଧୀନରେ ମୋଟ ୩, ୦୧, ୫୪୨ ହିତାଧିକାରୀ ଉପକୃତ ହେବେ। ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ପୌରାଧକ୍ଷା ଜୟନ୍ତୀ ପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲ୍ଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଜିଲ୍ଲାର କେତେକ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ବଣ୍ଟନ କରିଥିଲେ। ଏଥିସହ ୧୦ ଜଣ ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ ଫୋନ୍ ବଣ୍ଟନ କରାଯାଇଥିଲା। ଜିଲ୍ଲାର ମୋଟ ୨, ୨୨୩ ଅଙ୍ଗନବାଡ଼ି କର୍ମୀ ପର୍ଯ୍ୟାୟକ୍ରମେ ମୋବାଇଲ ଫୋନ୍ ପାଇବେ, ଯାହା ଦ୍ୱାରା ସେମାନଙ୍କ ସେବା ପ୍ରଦାନ ଓ ଡିଜିଟାଲ କାର୍ଯ୍ୟ ପରିଚାଳନା ଅଧିକ ସୁଗମ ହେବ ବୋଲି କୁହାଯାଇଛି।



## ଶାରୀରିକ ସମ୍ପର୍କ ପରେ ଫଟୋ ଭାଇରାଲ୍ ଅଭିଯୋଗ

# ମହିଳାଙ୍କୁ ବ୍ଲାକ୍‌ମେଲିଂ; ଶଠ ପ୍ରେମିକ ଗିରଫ

ଭୁବନେଶ୍ୱର, ୧୨।୬ (ସମିସ)

ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖିଥିଲା। ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସଂଗ୍ରହ କରି ଟଙ୍କା ବି ମାଗିଲା। ହେଲେ ଟଙ୍କା ଦେବାକୁ ମନା କରିବାରୁ ଫଟୋ ଓ ଭିଡିଓ ଭାଇରାଲ କରିଦେଲା। ଏଭଳି କାଣ୍ଡ ଭିଆଇଥିବା ଶଠ ପ୍ରେମିକକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଧାମନଗର ଥାନା ଚୁଡ଼ାକୁଟି ସରେଇ ଗାଁର ସରୋଜ କୁମାର ସେଠୀ (୨୪)।

■ ସ୍ୱାମୀ ଓ ଭାଇକୁ ଫଟୋ ପଠାଇ ମାଗୁଥିଲା ୧୦ ଲକ୍ଷ
■ ଇନଷ୍ଟାଗ୍ରାମରୁ ହୋଇଥିଲା ପରିଚୟ

ପୁଲିସ ସୂଚନାନୁସାରେ, ନୟାଗଡ଼ ଜିଲ୍ଲାର ଜଣେ ୨୮ ବର୍ଷୀୟା ବିବାହିତା ମହିଳା ସ୍ୱାମୀଙ୍କ ସହ ଭରତପୁର ଥାନା ଅଞ୍ଚଳରେ ରହୁଛନ୍ତି। ପ୍ରାୟ ବର୍ଷେ ପୂର୍ବେ ଇନଷ୍ଟାଗ୍ରାମ ଜରିଆରେ ସରୋଜ ସହ ତାଙ୍କର ପରିଚୟ ହୋଇଥିଲା। ବନ୍ଧୁତାରୁ ଆରମ୍ଭ ହୋଇଥିବା ସମ୍ପର୍କ ପରବର୍ତ୍ତୀ ସମୟରେ ପ୍ରେମର ରୂପ ନେଇଥିଲା। ସରୋଜ ତାଙ୍କୁ ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇ ପ୍ରେମ ଜାଲରେ ଫସାଇ ଦେଇଥିଲା। ମହିଳାଙ୍କ ସ୍ୱାମୀ ନଥିବାବେଳେ ସରୋଜ ଦେଖା କରିବାକୁ ତାଙ୍କ ଘରକୁ ଆସିଥିଲା। ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲା। ଗତ ୬ ମାସ ମଧ୍ୟରେ ଏକାଧିକ ବାର ସରୋଜ ମହିଳାଙ୍କ ଘରକୁ ଯିବାଆସିବା କରିଥିଲା। ଆଉ ମହିଳାଙ୍କ ଅଜାଣତରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ସଂଗ୍ରହ କରି ନେଇଥିଲା।



ପରବର୍ତ୍ତୀ ସମୟରେ ଫଟୋ ଗୁଡ଼ିକ ଭାଇରାଲ କରିବାର ଧମକ ଦେଇ ଟଙ୍କା ମାଗିଥିଲା। ସରୋଜ ସପ୍ତାହେ ତଳେ ମହିଳାଙ୍କୁ କଲ୍ କରି ୧୦ ଲକ୍ଷ ଟଙ୍କା ମାଗିଥିଲା। ମହିଳା ଜଣକ ଭୟଭୀତ ହୋଇ ସବୁକଥା ସ୍ୱାମୀଙ୍କୁ ଜଣାଇ ଦେଇଥିଲେ। ଏହାପରେ ସରୋଜ ସମ୍ପୃକ୍ତ ଫଟୋଗୁଡ଼ିକ ମହିଳାଙ୍କ ସ୍ୱାମୀଙ୍କୁ ପଠାଇ ଦେଇଥିଲା। ଏଥିସହିତ ମହିଳାଙ୍କ ବାପା, ମାଆ ଓ ଭାଇଙ୍କ ହ୍ୱାଟ୍ସଆପକୁ ମଧ୍ୟ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସେୟାର କରିଥିଲା। ଏତିକିରେ କଥା ସରିନଥିଲା, ସରୋଜ ମହିଳାଙ୍କୁ ଉଠାଇ ନେବା ସହ ସ୍ୱାମୀଙ୍କୁ ହତ୍ୟା କରିବ ବୋଲି ଧମକ ଦେଇଥିଲା। ଶେଷରେ ମହିଳା ଜଣକ ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ପୁଲିସ ମହିଳାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ମାଇନା କରିଥିଲା। ଆଜି ଧାମନଗର ଥାନା ଅନ୍ତର୍ଗତ ଚୁଡ଼ାକୁଟି ସରେଇ ସ୍ଥିତ ପୈତୃକ ଘରେ ଚଢ଼ଉ କରି ସରୋଜକୁ ଗିରଫ କରିଥିଲା।

## ରଜରେ ଆସିଲା ୩ ଓଡ଼ିଆ ସିନେମା



ଭୁବନେଶ୍ୱର, ୧୨।୬(ସମିସ): ରଜ ଆସିଲେ ସପରିବାର ଓଡ଼ିଆ ଫିଲ୍ମ ଦେଖିବାକୁ ସୁଯୋଗ ମିଳେ। ତେବେ ଏଥର ମଧ୍ୟ ରଜ ଅବସରରେ ୩ଟି ଓଡିଆ ସିନେମା ଆଜି ରିଲିଜ ହୋଇଛି। ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ 'ଛକି ଶୂନ', ଅମ୍ଲାନ ଏବଂ ଏଲିନାଙ୍କ ଚଳଚ୍ଚିତ୍ର 'ଶିକାର' ଏବଂ ଅର୍ଦ୍ଧେନ୍ଦୁଙ୍କ ତ୍ରିକୋଣୀୟ ପ୍ରେମ କାହାଣୀର 'ଡାଏରୀ'। ଚଳିତ ରଜ ବଜାରକୁ ସରଗରମ କରିବାକୁ ଏହି ତିନିଟି ଓଡିଆ ସିନେମା ମୁକ୍ତିଲାଭ କରିଛି। ଅନୁଭବ ମହାନ୍ତିଙ୍କ ଅଭିନୀତ ଓଡ଼ିଆ ଚଳଚ୍ଚିତ୍ର 'ଛକି ଶୂନ' କଟକ ସ୍ଥିତ ବୃନ୍ଦାବନ ସିନେମା ହଲ୍‌ରେ ଏହାର ପ୍ରିମିୟର ଶୋ ହୋଇଛି। ଅନୁଭବଙ୍କୁ ଦେଖିବା ପାଇଁ ବାହାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଠିକ ସେହିପରି ଫିଲ୍ମକୁ ନେଇ ମଧ୍ୟ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳୁଛି। ସେହିପରି ଭୁବନେଶ୍ୱର ସ୍ଥିତ କେଶରୀ ଟକିଜ୍‌ଠାରେ ଚଳଚ୍ଚିତ୍ର 'ଶିକାର' ପ୍ରିମିୟର ଶୋ ହୋଇଛି। କିଛି ବର୍ଷର ବ୍ୟବଧାନରେ ଅମ୍ଲାନ ବଡ ପରଦାରେ ନଜର ଆସୁଥିବାବେଳେ ତାଙ୍କ ସହ ସିନେମାରେ ଏଲିନା ଏବଂ ନାୟିକା ସୁପ୍ରିୟା ଏବଂ ଅଙ୍କିତ ଭଳି କଳାକାର ରହିଛନ୍ତି। ଅନ୍ୟପଟେ ଅର୍ଦ୍ଧେନ୍ଦୁଙ୍କ ତ୍ରିକୋଣୀୟ ପ୍ରେମ କାହାଣୀର 'ଡାଏରୀ'ର ପ୍ରିମିୟର ଶୋ ମହାରାଜା ସିନେମା ହଲ୍‌ରେ ହୋଇଛି। ତାଙ୍କ ସହ ନାୟିକା ଭାବରେ ଅଛନ୍ତି ଅଭିଜ୍ଞ ଜସ୍ମିନ ରଥ ଏବଂ ନବାଗତା ପ୍ରଜ୍ଞା ମିଶ୍ର। ବିଶେଷ କରି ଏକ ବକ୍ସରୁ ବାହାରୁଥିବା '୨୦୧୯' ଲେଖାଥିବା ଡାଏରୀ ଓ 'ମୋ ଠୁ ମୋ ଯାଏଁ' ଭଳି ସଂଳାପ ଦର୍ଶକଙ୍କ ମନରେ କାହାଣୀକୁ ନେଇ ଉତ୍କଣ୍ଠା ବଢ଼ାଇଦେଇଛି।

# ମଦମୁକ୍ତ ଓଡ଼ିଶା ଦାବିରେ ତ୍ରିରଙ୍ଗା ଯାତ୍ରା




ନନ୍ଦନକାନନ, ୧୨।୬(ସମିସ): ଓଡ଼ିଶାରେ ବିଜେପି ସରକାର ଦୁଇବର୍ଷ ପୂର୍ତ୍ତୀ ଉତ୍ସବ ପାଳନ କରୁଥିବା ବେଳେ ରାଜ୍ୟକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତିକୁ ଭୁଲିଯାଇଛନ୍ତି ବୋଲି ମନେ ପକେଇ ଦେବାପାଇଁ ମୋନା ତରଫରୁ ଗଣଧାରଣା ସହ ନିରନ୍ତର ତ୍ରିରଙ୍ଗାଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ମୋନା ତରଫରୁ କୁହାଯାଇଛି ଯେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ଜାରି କରାଯାଇଥିବା ସଙ୍କଳ୍ପପତ୍ରରେ ଯେଉଁ ମୋଦିଙ୍କ ଗ୍ୟାରେଣ୍ଟି ଦିଆଯାଇଥିଲା ସେଥିରେ ଓଡ଼ିଶାକୁ ମଦମୁକ୍ତ ରାଜ୍ୟ କରିବା ପାଇଁ ଘୋଷଣା କରାଯାଇଥିଲା।ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟିକୁ ଗୁଜରାଟ ମଡେଲ ଢାଞ୍ଚାରେ ଓଡ଼ିଶାକୁ ନିଶାମୁକ୍ତ କରିବା ପରିବର୍ତ୍ତ? ଓଡ଼ିଶାର ବିଜେପି ସରକାର ନିଶା ପ୍ରସାରଣ କାର୍ଯ୍ୟରେ ମାତିଛନ୍ତି। ଏହାର ପ୍ରତିବାଦ କରିବା ସହିତ ଓଡ଼ିଶା ସରକାରଙ୍କ ସଦବୁଦ୍ଧି ଉଦୟ ଲାଗି ଆଜି ବିଜେପିର ମୋହନ ମାଝୀ ସରକାର ଦୁଇବର୍ଷ ପୂର୍ତ୍ତୀ ଅବସରରେ ମହାତ୍ମାଗାନ୍ଧୀ ମାର୍ଗରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଏକ ଗଣଧାରଣା ଓ ଅନଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ନିଜର ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରି ରାଜ୍ୟ ସରକାର ତୁରନ୍ତ ୧୯୫୬ ମସିହା ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରି ରାଜ୍ୟକୁ ତୁରନ୍ତ ମଦମୁକ୍ତ ଘୋଷଣା କରନ୍ତୁ ବୋଲି ମନେ ପକାଇ ଦେଇଥିଲେ। ମଦମୁକ୍ତ ରାଜ୍ୟ ଘୋଷଣା ହେବା ପର୍ଯ୍ୟନ୍ତ ଆଜି ଠାରୁ ଅନିର୍ଦ୍ଦିଷ୍ଟ କାଳ ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନର ପ୍ରଣେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ଠାରୁ ତ୍ରିରଙ୍ଗା ଯାତ୍ରା କରାଯିବ ବୋଲି ଉପସ୍ଥିତ ଧାରଣାକାରୀ ମଦ ବିରୋଧୀ କର୍ମକର୍ତ୍ତାମାନେ ଆଜିର ଏହି ଧାରଣା ସ୍ଥଳରେ ଘୋଷଣା କରିଥିଲେ। ଏହି ଧାରଣା କାର୍ଯ୍ୟକ୍ରମରେ ପ୍ରହ୍ଲାଦ ସିଂ ଓ ରାଜନାରାୟଣ ଜେନା ଅନଶନ କରିଥିବା ବେଳେ ଶୁଭେନ୍ଦୁ ରାଉତରାୟ, ରମାକାନ୍ତ ମଣ୍ଡଳ, ବିଶ୍ୱଜିତ ମହାନ୍ତି, ନିରାକାର ବେଉରା, ଦୁର୍ଗା ପ୍ରସାଦ ଦାଶ, ସ୍ନେହାଂଶୁ ଜେନା, ଦୁଷ୍ମନ୍ତ କୁମାର ଜେନା, ଇନ୍ଦୁମତୀ ସାହୁ, ପ୍ରୀତି ନାୟକ, ଜ୍ୟୋସ୍ନାରାଣୀ ପ୍ରଧାନ, ଅର୍ଜୁନ ସାମନ୍ତରାୟ, ଅରୁଣ କୁମାର ସ୍ୱାଇଁ, ଗୀତାଞ୍ଜଳୀ ସ୍ୱାଇଁ, ପ୍ରଭାସିନୀ ରାଉତ, କିଷାନ ପଟ୍ଟନାୟକ, ବିଜୟ କୁମାର ପ୍ରଧାନ, ନୀଳମଣି ମିଶ୍ର ପ୍ରମୁଖ ମଦ ବିରୋଧୀ କର୍ମକର୍ତ୍ତାମାନେ ଧାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକ, ଅବଦୁଲ ୱାଲି, କୈଳାସ ଚନ୍ଦ୍ର ସାଉ, ବିଜୟଲକ୍ଷ୍ମୀ ମହାପାତ୍ର ପ୍ରମୁଖ ମଦବିରୋଧୀ ତ୍ରିରଙ୍ଗା ଯାତ୍ରା କରିଥିଲେ।

# ଏମ୍ସ ଫାଟକ ଆଗରେ ସୁରକ୍ଷାକର୍ମୀଙ୍କ ଧାରଣା

ଭୁବନେଶ୍ୱର, ୧୨।୬ (ସମିସ): ବିଳମ୍ବିତ ଦରମା ଓ ଦରମା କାଟ୍ ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ସୁରକ୍ଷାକର୍ମୀ। ଠିକା ସଂସ୍ଥାର ମନମାନୀ ବିରୋଧରେ ମୁଖ୍ୟ ଫାଟକ ଆଗରେ ଧାରଣା ଦେଇଛନ୍ତି। ସୁରକ୍ଷାକର୍ମୀଙ୍କ ଧାରଣା ଯୋଗୁଁ ଡାକ୍ତରଖାନାରେ ଶୃଙ୍ଖଳା ଜନିତ ସମସ୍ୟା ଦେଖା ଦେଇଥିଲା। ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼ଃ ଆଶୁତୋଷ ବିଶ୍ୱାସ ହସ୍ତକ୍ଷେପ କରିବା ପରେ ସୁରକ୍ଷାକର୍ମୀମାନେ ଆନ୍ଦୋଳନରୁ ଓହରିଥିଲେ।

ଅଭିଯୋଗ ଅନୁଯାୟୀ, ଏମ୍ସକୁ ସୁରକ୍ଷାକର୍ମୀ ଯୋଗାଉଥିବା ଏମଭିଏସ୍ଏଫ୍ ଠିକା ସଂସ୍ଥା ଅଧିନରେ ପ୍ରାୟ ୪୫୦ ସୁରକ୍ଷାକର୍ମୀ କାମ କରୁଛନ୍ତି। ମାସର ପ୍ରଥମ ସପ୍ତାହରେ ଦରମା ଦେବାକୁ ନିୟମ ରହିଥିଲେ ମଧ୍ୟ ଠିକା ସଂସ୍ଥାର ଏହାକୁ ଖିଲାପ କରୁଛି। ଫଳରେ ଦୁଇ ମାସ ହେବ ସୁରକ୍ଷାକର୍ମୀମାନେ ବିଳମ୍ବରେ ଦରମା ପାଉଛନ୍ତି। କେବଳ ସେତିକି ନୁହେଁ, ଗତମାସ ଦରମାରୁ ପ୍ରାୟ ୩ ହଜାର ଟଙ୍କା ଲେଖାଏଁ କାଟି ଦେଇଥିବା ଅଭିଯୋଗ ମଧ୍ୟ ହୋଇଛି। ଏଥିସହିତ ଇପିଏଫ୍ ଟଙ୍କା ମଧ୍ୟ ଠିକା ସଂସ୍ଥା ଜମା କରୁନାହିଁ।



■ ଦରମାରୁ ଟଙ୍କା କାଟିଥିବା ଅଭିଯୋଗ
■ ନିର୍ଦ୍ଦେଶକଙ୍କ ହସ୍ତକ୍ଷେପ ପରେ ସ୍ୱାଭାବିକ ହେଲା ପରିସ୍ଥିତି
■ ପୁନରାବୃତ୍ତି ହେଲେ ପୁନଃ ଆନ୍ଦୋଳନ ଚେତାବନୀ

ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଠିକା ସଂସ୍ଥା ପକ୍ଷରୁ ସନ୍ତୋଷଜନକ ଉତ୍ତର ମିଳିନଥିଲା।

ଫଳରେ ଶୁକ୍ରବାର ଭୋରରୁ ସୁରକ୍ଷାକର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। କାର୍ଯ୍ୟବନ୍ଦ କରିବା ସହ ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଥିଲେ। ଫଳରେ ଓପିଡିକୁ ଆସିଥିବା ରୋଗୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହା ସହିତ ଶୃଙ୍ଖଳା ଜନିତ ସମସ୍ୟା ଦେଖା ଦେଇଥିଲା। ସେବା ପ୍ରଭାବିତ ହେବାରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼ଃ ବିଶ୍ୱାସ ହସ୍ତକ୍ଷେପ କରିଥିଲେ। ସୁରକ୍ଷାକର୍ମୀମାନଙ୍କୁ ବୁଝାସୁଝା କରିବା ସହ ଅପରାହ୍ନ ସୁଦ୍ଧା ଦରମା ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଯାଇ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ହେଲେ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସୁରକ୍ଷାକର୍ମୀମାନେ ଚେତାବନୀ ଦେଇଛନ୍ତି।



# ଚନ୍ଦକା ଜଙ୍ଗଲରୁ ଗଞ୍ଜେଇ ବେପାରୀ ଗିରଫ

ଭୁବନେଶ୍ୱର, ୧୨।୬ (ସମିସ): ବୌଦ୍ଧରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ ବେଳେ ବେଳେ ସ୍ୱତନ୍ତ୍ର ଟାସ୍କ ଫୋର୍ସ ହାବୁଡ଼ରେ ପଡ଼ିଛନ୍ତି ବେପାରୀ। ଚନ୍ଦକା ଜଙ୍ଗଲ ନିକଟସ୍ଥ ଅନ୍ଧାରୁଆ ଜଙ୍ଗଲରୁ ଦୁଇ ଜଣଙ୍କୁ ଗିରଫ କରିଛି ଏସଟିଏଫ୍। ଗିରଫ ଅଭିଯୁକ୍ତ ହେଉଛନ୍ତି, ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ତେନ୍ତୁଳିପଲ୍ଲୀର ଜଗଦୀଶ ବେହେରା (୪୫) ଓ ମନମୁଣ୍ଡା ଥାନା ଅଧିନସ୍ଥ କୁମାରକଣିର ସଞ୍ଜିତ ଆଟି (୨୯)। ସେମାନଙ୍କ ଠାରୁ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି।

ସୂଚନାନୁଯାୟୀ, ବୌଦ୍ଧରୁ ଗଞ୍ଜେଇ ଭର୍ତ୍ତି ଅଟୋ ଭୁବନେଶ୍ୱର ଆସିଥିବା ନେଇ ଏସଟିଏଫ୍ ଖବର ପାଇଥିଲା। ଗଞ୍ଜେଇ ବେପାରୀ ଚନ୍ଦକାରୁ ଭରତପୁର ଆଡ଼କୁ ଆସୁଥିବା ବେଳେ ଏସଟିଏଫର ସ୍ୱତନ୍ତ୍ର ଟିମ୍ ଅନ୍ଧାରୁଆ ନିକଟରେ ଛକି ରହିଥିଲା। ପୁଲିସକୁ ଦେଖି ଜଗଦୀଶ ଓ ସଞ୍ଜିତ ଅଟୋ ଧରି ଜଙ୍ଗଲ ଭିତରକୁ ପଶି ଯାଇଥିଲେ। ହେଲେ ପୁଲିସ ଟିମ୍ ପିଛା କରି ସେମାନଙ୍କୁ ଜଙ୍ଗଲ ଭିତରୁ କାବୁ କରିଥିଲା। ଯାଞ୍ଚ ସମୟରେ ଅଟୋରୁ ୧୦୧ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏଥିସହିତ ଚାଲାଣରେ ବ୍ୟବହୃତ ଅଟୋ ଓ ଦୁଇଟି ମୋବାଇଲ ଫୋନ ଜବତ କରିଥିଲା।

ଜଗଦୀଶ ଓ ସଞ୍ଜିତ ନିୟମିତ ବ୍ୟବଧାନରେ ବୌଦ୍ଧରୁ ଗଞ୍ଜେଇ ଆଣି ରାଜଧାନୀରେ ବିକ୍ରି କରୁଥିଲେ ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲେ। ତେବେ ଚାଲାଣ ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ନେଇ ଏସଟିଏଫ୍ ହାତରେ ପ୍ରମାଣ ଲାଗିଛି। କାରବାରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ମଧ୍ୟ ତଦନ୍ତ ଜାରି ରହିଛି। ଏନେଇ ଏସଟିଏଫ୍ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି।

## ଆଜି ସଜବାଜ

# ସଜେଇ ହେଲାଣି ଦୋଳି, ମେହେନ୍ଦୀ ପାଇଁ ଭିଡ଼



ଭୁବନେଶ୍ୱର, ୧୨।୬(ସମିସ): ରାତି ପାହିଲେ ଆରମ୍ଭ ରାଜଧାନୀର ରଜ ପାଇଁ ସଜବାଜ। ଏଥିପାଇଁ ରାଜଧାନରରେ ଦେଖିବାକୁ ମିଳୁଛି ରଜର ମାହୋଲ। ଦୋକାନ ବଜାର ଗହଳି ସାଙ୍ଗକୁ ରାସ୍ତା କଡ଼ରେ ବିକ୍ରି ହେଉଛି ମାଳ ମାଳ ରହି ଦୋଳି। କିଏ ଘର ଅଗଣାରେ ଦୋଳି ବାନ୍ଧୁଛି ତ ଆ ଉ କେହି ଅଗଣାରେ ରହିଥିବା ଗଛ ଡାଳରେ। ତା ସାଙ୍ଗକୁ ବିଭିନ୍ନ ସ୍ଥାନରେ ଫୁଲରେ ସଜେଇ ହେଲାଣି ରଜ ଦୋଳି। ରଜ ପିଠା ସାଙ୍ଗକୁ ରଜ ପାନ ଖାଇବାର ନିଆରା ଅନୁଭତିକୁ ସାଉଁଟିବେ ସହରବାସୀ। ଏଥିପାଇଁ ସହରର ପ୍ରମୁଖ ସ୍ଥାନରେ ଖୋଲିଲାଣି ରଜ ପାନ ଷ୍ଟଲ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରଜ ଉତ୍ସବରେ ଝିଅମାନେ ପାଦରେ ଅଳତା ଲଗାଇବା ସହ ମେହନ୍ଦୀ ଲଗାଇବାର ମଧ୍ୟ ସୁବିଧା ରହିଛି। ଏହା ସାଙ୍ଗକୁ ମାର୍କେଟ ବିଲଡିଂ ଠାରୁ ଆରମ୍ଭ କରି ବିଭିନ୍ନ ସପିଂ ମଲ କିମ୍ବା ବିଭିନ୍ନ ସ୍ଥାନରେ ରହିଥିବା ମେହେନ୍ଦୀ ଡିଜାଇନରଙ୍କ ପାଖରେ ବି ଅସମ୍ଭାଳ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। କାରଣ ସଜବାଜରେ ଝିଅମାନେ ନିଜକୁ ସଜାଇବାକୁ ପାର୍ଲରେ ମଧ୍ୟ ଗହଳି ଜମାଇଥିବା ଦେଖିବାକୁ ମିଳିଛି। ଅସହ୍ୟ ଗରମ ଗୁଳୁଗୁଳି ସାଙ୍ଗକୁ ପ୍ରବଳ ଖରାରେ ବି ରଜ ଗୀତର ତାଳେ ତାଳେ ସବୁଆଡ଼େ ଦେଖିବାକୁ ମିଳୁଛି ଖୁସିର ମାହୋଲ। ରାଜଧାନୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଆରମ୍ଭ ହୋଇଛି ସଜବାଜ। ପହିଲି ରଜ ଉପଲକ୍ଷେ ଦୋଳି ଖେଳ ସହ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସୂଚନା ରହିଛି।

## ଆଇଏନ୍‌ଡବ୍ଲ୍ୟୁଇସି ରଜ ମଉଜ ଉଦ୍‌ଘାଟିତ

ଭୁବନେଶ୍ୱର, ୧୨।୬(ସମିସ): ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି)ର ତତ୍ତ୍ୱାବଧାନରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ମହିଳା ଉଦ୍‌ଯୋଗୀତା ପରିଷଦ (ଆଇଏନଡବ୍ଲ୍ୟୁଇସି) ପକ୍ଷରୁ ଜୟଦେବ ବିହାରସ୍ଥିତ ହୋଟେଲ ପାଲ ହାଇଟ୍ସରେ ତିନି ଦିନିଆ ରଜ ମଉଜ ଉଦଘାଟିତ ହୋଇଯାଇଛି। ଏହି ମହୋତ୍ସବ ମହିଳା ଉଦ୍‌ଯୋଗୀ, କାରିଗର, କଳାକାର, ସାଂସ୍କୃତିକ ଅଭ୍ୟାସକାରୀ, ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ନେତୃବୃନ୍ଦଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରି ଓଡ଼ିଶାର ଐତିହ୍ୟକୁ ପାଳନ କରିବା ସହିତ ଉଦ୍‌ଯୋଗୀତା, ଆର୍ଥିକ ସଶକ୍ତିକରଣ ଏବଂ ଭୋକାଲ ଫର ଲୋକାଲ ଭାବନାକୁ ପ୍ରୋତ୍ସାହିତ କରିବ। ଉଦଘାଟନୀ ଉତ୍ସବରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ, କଟକ-ବାରବାଟୀ ବିଧାୟକ ସୋଫିଆ ଫିରଦୌସ,




ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆଇସିସି ଅଧ୍ୟକ୍ଷ ରାଜୀବ ସାହୁ, ଆଇଏନଡବ୍ଲ୍ୟୁଇସି ଆବାହିକା ସ୍ୱାତୀ କେଜରିୱାଲ, ସହ ଆବାହିକା ସୁମା ଦେବୀ ଦାଶ ଏବଂ ଆଇସିସି ଓଡ଼ିଶା ଶାଖା ଆଞ୍ଚଳିକ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପାଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା ମହିଳା ନେତୃତ୍ୱାଧୀନ ଉଦ୍ୟୋଗ, ହସ୍ତତନ୍ତ, ହସ୍ତଶିଳ୍ପ, ବୟନଶିଳ୍ପ, ଜୀବନଶୈଳୀ ଉତ୍ପାଦ ଆଦିକୁ ନେଇ ସ୍ୱତନ୍ତ୍ର ଭାବରେ ସଂଗୃହୀତ ବଜାର।

## ରାଜ୍ୟ ସଂଗ୍ରହାଳୟରେ ତିନି ଦିନ ପାଳନ ହେବ ରଜ ମହୋତ୍ସବ

ଭୁବନେଶ୍ୱର, ୧୨।୬(ସମିସ): ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସଂଗ୍ରାହଳୟ ପରିସରରେ ତିନି ଦିନିଆ ରଜ ମହୋତ୍ସବ ପାଳନ କରାଯିବ। ଏହି ଅବସରରେ ରଜ ସଜବାଜ, ଚିତ୍ରକଳା, ଝୋଟି-ଚିତା, ମେହେନ୍ଦି ପ୍ରତିଯୋଗିତା, କନ୍ୟାପୂଜନ, କବି ସମ୍ମିଳନୀ ଏବଂ ନାରୀ ସଶକ୍ତିକରଣ ଓ ପରିବେଶ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ ଶର୍ମା ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ ଓଡ଼ିଶାର ପାରମ୍ପରିକ ରଜ ପର୍ବର ଗୌରବମୟ ପରମ୍ପରାକୁ ଆଗକୁ ନେବା ପାଇଁ ଏହି ମହୋତ୍ସବର ଆୟୋଜନ କରାଯାଉଛି। ତିନି ଦିନ ଧରି ଦୋଳି ଖେଳ ସହ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ମହୋତ୍ସବରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ବହୁ ଅତିଥି ଯୋଗଦେବେ। ଅନୁଷ୍ଠାନ ପକ୍ଷରୁ ଏହି ରଜ ମହୋତ୍ସବରେ ସାମିଲ ହୋଇ ରଜର ଆନନ୍ଦ ଉପଭୋଗ କରିବାକୁ ଅନୁରୋଧ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଶ୍ୱ ଓଡ଼ିଆ ପରିବାରର ଟ୍ରଷ୍ଟି ଭବାନୀ ପ୍ରସାଦ ମିଶ୍ର, କାର୍ଯ୍ୟକ୍ରମ ସଂଯୋଜକ ସୁବ୍ରତ କିଶୋର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।(ରଞ୍ଜନା)

## ଶିଶୁପାଳଗଡ଼ରେ ହେବ ପ୍ରଥମ ରଜମହୋତ୍ସବ

ଧଉଳି, ୧୨।୬(ସମିସ): ଶିଶୁପାଳଗଡ଼ ଗ୍ରାମର ଦଧିବାମନଦେବ ସେବା ସମିତି ପକ୍ଷରୁ ଚଳିତବର୍ଷ ପ୍ରଥମ ରଜ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ଆଜି ଆୟୋଜକଙ୍କ ପକ୍ଷରୁ ହୋଟେଲ ଚାମ୍ବଲରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ଗଣପର୍ବ ରଜ ମହୋତ୍ସବ ଧୂମଧାମରେ ପାଳନ କରିବାପାଇଁ ସମସ୍ତଙ୍କ ସାହାଯ୍ୟ ଲୋଡ଼ିଥିଲେ। ୧୪ ରୁ ୧୬ ତାରିଖ ୩ ଦିନ ଧରି ଦଶହରା ପଡ଼ିଆରେ ହେବାକୁ ଏହି ମହୋତ୍ସବ ପାଳିତ ହେବାସହ ଏଥିରେ ଅତିଥି ଭାବେ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଖ୍ୟାତିସମ୍ପନ୍ନ କଳାକାରମାନେ ଯୋଗଦେଇ ଏହି ମହୋତ୍ସବକୁ ରଙ୍ଗିନ କରିବେ। ଏହି ମହୋତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ଇରା ମହାନ୍ତି, ମଣ୍ଟୁ ଛୁରିଆ, ବିଶିଷ୍ଟ ହାସ୍ୟ ଅଭିନେତା ଜ୍ଞାନ, ପ୍ରଳୟ, ଟୁଲୁ ଯୋଗଦେବାକୁ ଥିବାବେଳେ ସମ୍ବଲପୁରୀ, ଘୁମୁରା ନୃତ୍ୟ ଏବଂ ଘୋଡା ନାଚ ପରିବେଷଣ କରାଯିବ। ଏହି ଅବସରରେ ଗ୍ରାମର ମହିଳା ମାନଙ୍କ ଦ୍ୱାରା ରଜ ପିଠା ଏବଂ ପାନ ପ୍ରଦର୍ଶନୀ କରାଯିବ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ୨୯ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ସରପଞ୍ଚ ରଶ୍ମିରଞ୍ଜନ ଶ୍ରୀଚନ୍ଦନ, ପ୍ରଦୀପ୍ତ ଜେନା, କାଳୁ ମଙ୍ଗରାଜ, କୃଷ୍ଣ ଚନ୍ଦ୍ର ନାୟକ, ସୁଧୀର ଚମ୍ପତି, ସୁରେନ ବରାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ।



# ଭୁବନେଶ୍ୱର ସିଟି

### ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ସମାରୋହ

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର, ୧୨।୬(ସମିସ)



- ହିତାଧିକାରୀଙ୍କୁ ମିଳିବ ଅତିରିକ୍ତ ୫ କିଲୋ ଚାଉଳ
- ଜୟଦେବ ବିହାର-ନନ୍ଦନକାନନ ରାସ୍ତାର କାର୍ଯ୍ୟାରମ୍ଭ
- ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ଉଦ୍‌ଘାଟନ
- ଜନପଥରେ ଜନାଶ୍ରୟ ଭବନର ଶିଳାନ୍ୟାସ

ରାଜ୍ୟରେ ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା। ଭୁବନେଶ୍ୱର ୟୁନିଟ୍-୩, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଏହି ସମାରୋହ ଉତ୍ସବରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରି ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାର ସାଧାରଣ ଲୋକଙ୍କ ପାଇଁ ଏହା ହେଉଛି ଆମ ସରକାରଙ୍କ ଭେଟି ବୋଲି କହିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧିନରେ ଥିବା ସମସ୍ତ ହିତାଧିକାରୀ ସେମାନଙ୍କ ନିୟମିତ ନିଶୁଳ୍କ ଚାଉଳ ସହିତ ପ୍ରତି ବ୍ୟକ୍ତିଙ୍କୁ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ଏହି ଯୋଜନାରେ ମିଳିବ। ରାଜ୍ୟର ସମୁଦାୟ ୧ କୋଟି ୯୬ ହଜାର ପରିବାରର ୩ କୋଟି ୨୮ ଲକ୍ଷ ୫୨ ହଜାର ସଦସ୍ୟ ଅର୍ଥାତ୍ ସମୁଦାୟ ଜନସଂଖ୍ୟାର ୮୦ ପ୍ରତିଶତ ଉପକୃତ ହେବେ। ଏହି ଯୋଜନାରେ ରାଜ୍ୟ ସରକାର ବାର୍ଷିକ ୮, ୮୧୩ କୋଟି ଟଙ୍କା ଖର୍ଚ୍ଚ କରିବେ।

ସେହିପରି ଦୁଇବର୍ଷ ପୂର୍ତ୍ତି ଅବସରରେ ଆଜି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପାଇଁ ୩ ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱରର ଭିଡ଼ ନିୟନ୍ତ୍ରଣ ଓ ଗମନାଗମନର ବିକାଶ ପାଇଁ ୧୦୮.୨୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଥ୍‌ମାଟିକ୍ସରୁ ଇନ୍‌ଫୋସିଟି ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ୧୩ କିଲୋମିଟରରୁ ଅଧିକ ଦୈର୍ଘ୍ୟ ବିଶିଷ୍ଟ ୬ ଲେନ୍ ବାମପାର୍ଶ୍ୱ ସମାନ୍ତରାଳ ରାସ୍ତାର ଉଦ୍‌ଘାଟନ କରିଛନ୍ତି। ଏଥି ସହିତ ୯୪୯ କୋଟିରୁ ଅଧିକ ଟଙ୍କା ଅଟକଳରେ ଜୟଦେବ ବିହାର-ନନ୍ଦନକାନନ ରାସ୍ତାର ଉନ୍ନତିକରଣ ଓ ଫ୍ଲାଇଓଭର ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ଏହି ରାସ୍ତା ୮ ଲେନ୍ ବିଶିଷ୍ଟ କରାଯିବ। ଏହା ବ୍ୟତୀତ ଜନପଥରେ ଜନାଶ୍ରୟ ଭବନର ମଧ୍ୟ ଶିଳାନ୍ୟାସ ହୋଇଛି। ଭୁବନେଶ୍ୱରକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ଲୋକଙ୍କ ନିରାପଦ ରହଣୀ ପାଇଁ ଜନପଥ ଠାରେ ଏକ ୨୦ ମହଲା ବିଶିଷ୍ଟ ଜନାଶ୍ରୟ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ରଖିଛନ୍ତି। ୮୭୪ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ହେବାକୁ ଥିବା ଏହି ଭବନରେ ୨୦୦୦ ଲୋକଙ୍କ ପାଇଁ ସମସ୍ତ ସୁବିଧା ସହ ସ୍ୱଳ୍ପ ମୂଲ୍ୟରେ ସ୍ୱଳ୍ପକାଳୀନ ରହଣୀ ବ୍ୟବସ୍ଥା କରାଯିବ। ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ, ସୁଭଦ୍ରାଶକ୍ତି ସମ୍ବାଦ କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ ହୋଇଛି। ଏଥି ସହିତ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଅଙ୍ଗନବାଡୀ କର୍ମୀ, ସୁପରଭାଇଜର ଏବଂ ବ୍ଲକ ସଂଯୋଜକମାନଙ୍କ ପାଇଁ ସ୍ମାର୍ଟ ଫୋନ ପ୍ରଦାନର ଶୁଭାରମ୍ଭ କରିଥିଲେ। ରାଜ୍ୟର ୭୨, ୨୨୪ ଅଙ୍ଗନବାଡ଼ୀ କର୍ମୀ, ୨୮୦୨ ଲେଡି ସୁପରଭାଇଜର ଓ ୩୩୮ ବ୍ଲକ ସଂଯୋଜକଙ୍କୁ ଏହି ଫୋନ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଶୁଭାରମ୍ଭ ହୋଇଥିବା ପ୍ରକଳ୍ପ ଗୁଡ଼ିକ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

## ପ୍ରସନ୍ନାକ୍ଷୀ ପକ୍ଷରୁ ପଞ୍ଚମ ବେଦ ଉତ୍ସବ



ଭୁବନେଶ୍ୱର, ୧୨। ୬(ସମିସ): ପ୍ରସନ୍ନାକ୍ଷି ପକ୍ଷରୁ ୧୦ମ ପଞ୍ଚମ ବେଦ ଉତ୍ସବ ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବରେ ପଦ୍ମଶ୍ରୀ ଗୁରୁ କୁମ୍‌କୁମ୍ ମହାନ୍ତି, ବୀଣାଗୁରୁ ରାମା ରାଓ ପାତ୍ର ଯୋଗଦେଇଥିଲେ। ଏହି ଅବସରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ତାଲିକାରେ ନାମ ପ୍ରକାଶିତ ହୋଇଥିବା ମର୍ଦ୍ଦଳବାଦକ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ ସମ୍ମାନୀତ କରାଯାଇଥିଲା। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁ ପ୍ରଭାତ କୁମାର ସ୍ୱାଇଁଙ୍କ ପାଖରୁ ଆରମ୍ଭ ହୋଇଥିଲା। ସଲେ ଗୀତ ଗୋବିନ୍ଦ ଅଷ୍ଟପଦୀ କୁରୁ ଯଦୁ ନନ୍ଦନ ପରିବେଷଣ କରିଥିଲେ। ସେହିପରି ଅନୁଷ୍ଠାନର କାଳାକାରମାନେ ଆଦି ଦେବ ସ୍ତୁତି, ପଦର୍ଶନ କରିଥିଲେ। ଅମିତା ପାଲ୍ ଏବଂ ସୌମି ସାଧୁବାନ୍ ମଣିପୁର ନୃତ୍ୟରେ ଶ୍ରୀକୃଷ୍ଣ କୀର୍ତ୍ତିନମ୍ ପରିବେଷଣ କରିଥିଲେ। ଏଥିସହ ଅନେକ କଳାକାର ସେମାନଙ୍କର ନୃତ୍ୟ ପଦର୍ଶନ କରି ମନ୍ତ୍ରମୁଗ୍ଧ କରିଥିଲେ। ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରପଞ୍ଚ ଚାମେଲି ଓଝାଙ୍କ ଉପରେ ଆକ୍ରମଣକୁ ସିପିଆଇ(ଏମ୍)ର ନିନ୍ଦା

ଭୁବନେଶ୍ୱର, ୧୨।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରି ଗ୍ରାମ ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ଉପରେ ହୋଇଥିବା କଥିତ ଆକ୍ରମଣ ଓ ପୋଲିସ୍ ଅତ୍ୟାଚାର ଘଟଣାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ସିପିଆଇ(ଏମ୍) ପକ୍ଷରୁ ଏହି ଘଟଣାକୁ ଘୋର ନିନ୍ଦା କରାଯାଇ ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସୂଚନା ଅନୁସାରେ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ବନ୍ଦ ହେବା ଓ ଜବରଦଖଲ ଉଚ୍ଛେଦରେ ବିଭେଦମୂଳକ ଆଚରଣ ବିରୋଧରେ ଦାବିପତ୍ର ପ୍ରଦାନ କରିବା ପାଇଁ ଚାମେଲି ଓଝା ଓ ତାଙ୍କ ସମର୍ଥକମାନେ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ଏହି ସମୟରେ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ସରପଞ୍ଚଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ଉଠିଛି। ପୋଲିସ୍ ତାଙ୍କୁ ଉଠାଇ ନେବା ବେଳେ ଅସଦାଚରଣ, ମୋବାଇଲ୍ ଛଡ଼ାଇବା ଏବଂ ଶାରୀରିକ ନିର୍ଯାତନା ଦିଆଯାଇଥିବା ମଧ୍ୟ ଅଭିଯୋଗ କରାଯାଇଛି। ଘଟଣା ପରେ ଅସୁସ୍ଥ ହୋଇପଡ଼ିଥିବା ଚାମେଲି ଓଝାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ସହ ଭାଇ ସୂର୍ଯ୍ୟକାନ୍ତ ଓଝାଙ୍କୁ ମଧ୍ୟ ପୋଲିସ୍ ଗିରଫ କରିଛି। ସରପଞ୍ଚ ଏକ ଲାଇଭ୍ ଭିଡିଓ ମାଧ୍ୟମରେ ଘଟଣା ସମ୍ପର୍କରେ ସୂଚନା ଦେଇ ରାଜନୈତିକ ଷଡ଼ଯନ୍ତ୍ରର ଅଭିଯୋଗ ଆଣିଛନ୍ତି। ସିପିଆଇ(ଏମ୍) ପକ୍ଷରୁ ଏହି ଏହି ଘଟଣାର ନିରପେକ୍ଷ ତଦନ୍ତ, ସରପଞ୍ଚଙ୍କ ନିଃଶର୍ତ୍ତ ମୁକ୍ତି, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ମହିଳା ଜନପ୍ରତିନିଧିଙ୍କ ସୁରକ୍ଷା ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳଙ୍କ ସମେତ ଜଗଜୀବନ ଦାସ ଓ ନରୋତ୍ତମ ପାର୍ଥସାରଥୀ ପ୍ରମୁଖ କେନ୍ଦ୍ରାପଡ଼ା ହସ୍ପିଟାଲରେ ପହଞ୍ଚି ପୀଡ଼ିତାଙ୍କୁ ଭେଟିଥିଲେ। ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ତୁରନ୍ତ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ସିପିଆଇ(ଏମ୍) କହିଛି ଯେ ଏହି ଘଟଣା କେବଳ ଜଣେ ସରପଞ୍ଚଙ୍କ ଉପରେ ଆକ୍ରମଣ ନୁହେଁ ବରଂ ଗଣତନ୍ତ୍ର ଓ ମହିଳା ସଶକ୍ତୀକରଣ ଉପରେ ଆଘାତ। ଘଟଣାର ଶୀଘ୍ର ଓ ନିରପେକ୍ଷ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଦଳ ପକ୍ଷରୁ ରାଜ୍ୟ ସରକାର ଓ ପ୍ରଶାସନଙ୍କୁ ଆହ୍ୱାନ କରାଯାଇଛି।

## ହାର୍ ମାନିଛି ବୟସ; ଥକି ନାହାନ୍ତି ବୈରାଗୀ



କର୍ତ୍ତବ୍ୟକୁ ଆଗରେ ରଖି ଚାଲିଛନ୍ତି

ଭୁବନେଶ୍ୱର, ୧୨।୬(ସମିସ): ଚାଳ ଛପର ଘର। କାନ୍ଥରେ ଚୁଲି ଧୂଆଁର କଳା ଆଉ ବହଳ ପରଶ। ପ୍ରତିକୂଳ ପରିସ୍ଥିତି ଓ ବଢ଼ିଚାଲିଥିବା ବୟସ ସତ୍ତ୍ୱେ ନିଜେ କାମ କରି ପରିବାର ପେଟ ପୋଷିବା ଭୁଲିନାହାନ୍ତି ବୈରାଗୀ ମଉସା। ପୁରା ନାମ ବୈରାଗୀ ରଣା, ବୟସ ୬୦ ଛୁଇଁଲାଣି। ତଥାପି ପରିଣତ ବୟସ ଓ ଅସୁସ୍ଥ ଶରୀର ତାଙ୍କ ଆତ୍ମବିଶ୍ୱାସ ଆଗରେ ହାର୍ ମାନିଛି।

ଖୋର୍ଦ୍ଧା ଗଲାବେଳେ ଗଙ୍ଗପଡ଼ା ବାଟରେ ଥିବା କପିଳେଶ୍ୱର ମନ୍ଦିର ନିକଟରେ ରହିଛି ବୈରାଗୀ ମଉସାଙ୍କ ଛୋଟ କୁଡିଆ ଟିଏ। ଯେଉଁଠି ସେ ବାଟରେ ଯିବା ଆସିବା ଲୋକଙ୍କ ପାଇଁ ସଜେଇ ରଖିଥାନ୍ତି ବିଭିନ୍ନ ପ୍ରକାର ଜଳଖିଆ। ଓଠରେ ଚେନାଏ ହସ ଫୁଟାଇ ସମସ୍ତଙ୍କ ମନ କିଣିନିଅନ୍ତି ସେ। ତାଙ୍କ ହସ ହସ ଚେହେରା ଓ ତାଙ୍କ ହାତର ସ୍ୱାଦ ଚାଖିବାକୁ ଠିକଣା ଖୋଜି ଖୋଜି ଆସନ୍ତି ଗ୍ରାହକ। ହେଲେ ହସ ପଛରେ ଲୁଚି ରହିଥାଏ ଅହେତୁକ ଦୁଃଖ। ବଢ଼ିଲା ବୟସରେ ବି କାହିଁକି ଏତେ ଭାର ଉଠାଉଛନ୍ତିର ଉତ୍ତରରେ ବୈରାଗୀ ମଉସା କୁହନ୍ତି କର୍ତ୍ତବ୍ୟକୁ କେବେ ହେଳା କରି ନାହାନ୍ତି, କର୍ମ ହିଁ ଭଗବାନ ଭାବି ନିଜ କାମ କରି ଚାଲନ୍ତି। ତେବେ ଆଗକୁ ଭଗବାନ ହିଁ ଭରସା ବୋଲି ତାଙ୍କ ବିଶ୍ୱାସ। ଘରେ ୯୬ ବର୍ଷର ମା, ୧୩ ବର୍ଷ ପୂର୍ବେ ସ୍ତ୍ରୀଙ୍କୁ ହରେଇବାର ଦୁଃଖ। ତଥାବି ସେ ହାରିଯାଇ ନାହାନ୍ତି। ସବୁ ଭିତରେ ତାଙ୍କୁ ପରିବାର ପୋଷିବାର ଅଛି ବୋଲି ଉତ୍ତର ଦିଅନ୍ତି। ସ୍ତ୍ରୀ ଯିବା ଦିନରୁ ଏହି ଜଳଖିଆ ଦୋକାନ କରି ଘର ଚଳାଇଥାନ୍ତି। ଜୀବନରେ କେତେ ଖରା, ବର୍ଷା ଓ ଶୀତ କଟିଲାଣି ବାକି ପ୍ରଭୁ ସାହା ଭରସା ବୋଲି କହି ନିଜ ଦୁଃଖ ବଖାଣିଥିଲେ। ଦୋକାନ ସମ୍ଭାଳିବା ବ୍ୟତିତ ସେ ମନ୍ଦିର ରଙ୍ଗ କାମ ମଧ୍ୟ କରନ୍ତି। ଘରଠୁ ଦୋକାନ ଟିକିଏ ଦୂର ବୋଲି, ରାସ୍ତାରେ ଯାଉଥିବା ଲୋକଙ୍କୁ ସାହାଯ୍ୟ ମାଗି ଦୋକାନ ଯାଏଁ ପହଁଚିଥାନ୍ତି। ଦୁଇ ଝିଅଙ୍କୁ ବାହା କରେଇ ସାରିଲେଣି, ବାକି ମ୍ୟାଟ୍ରିକ୍ ପାସ କରି ଘରେ ଥିବା ପୁଅ ମଣିଷ ହେଇଗଲେ ତାଙ୍କ ଦୁଃଖ ଯିବ ବୋଲି ଆଶା ବାନ୍ଧି ରହିଛନ୍ତି। କଥାରେ କଥାରେ ଭଗବାନଙ୍କୁ ନେଇ ନିଜର କେତେ ଅନୁଭୂତି ଗ୍ରାହକଙ୍କୁ ଶୁଣାଇଥାନ୍ତି। ସେଇ ଚେନାଏ ହସ ତାଙ୍କ ମୁହଁରୁ କେବେ ଲିଭିନି। ହେଲେ ଦୁଃଖର ପାହାଡ କେବେ କେବେ ସେଇ ହସ ଦେଇ ତାଙ୍କ ଆଖି ଭିଜେଇ ଦେଇଥାଏ। ପୂର୍ବରୁ ଯେଉଁଠି ତାଙ୍କ ଦୋକାନ ଥିଲା ମ୍ୟୁନିସିପାଲଟି ତାକୁ ଭାଙ୍ଗିଦେଲା। ହେଲେ ନିଜର ମନବଳକୁ ଦୃଢକରି ସେ ପୁଣି ନିଜ ଦୋକାନ ଠିଆ କଲେ।

## କିଟ୍-କିସ୍ ଭଲିବଲ୍ ସେଣ୍ଟରକୁ ମିଳିଲା ଅନ୍ତର୍ଜାତୀୟ ଉତ୍କର୍ଷ କେନ୍ଦ୍ର ମାନ୍ୟତା




ଭୁବନେଶ୍ୱର, ୧୨।୬ (ସମିସ): ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫ୍‌ଆଇଭିବି) କିଟ୍-କିସରେ ଥିବା ଏଫ୍‌ଆଇଭିବି କିଟ୍-କିସ୍ ସେଣ୍ଟର ଅଫ୍ ଏକ୍ସଲେନ୍ସକୁ ଆନ୍ତର୍ଜାତିକ ସେଣ୍ଟର ଅଫ୍ ଏକ୍ସଲେନ୍ସର ମାନ୍ୟତା ପ୍ରଦାନ କରିଛି। ସ୍ୱିଜରଲ୍ୟାଣ୍ଡର ଲୋଜାନ୍ ସ୍ଥିତ ଏଫ୍‌ଆଇଭିବି ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକାରିଣୀ ବୈଠକରେ ଏହି ଘୋଷଣା କରାଯାଇଛି। ଏହି ବୈଠକରେ କିଟ୍-କିସ ପ୍ରତିଷ୍ଠାତା ତଥା ଏଫ୍‌ଆଇଭିବି ଗଭର୍ଣ୍ଣିଂ କାଉନ୍ସିଲର ସଦସ୍ୟ ଅଚ୍ୟୁତ ସାମନ୍ତ ଉପସ୍ଥିତ ରହିଥିଲେ। ଏହି ମାନ୍ୟତା ଭାରତୀୟ ଭଲିବଲ୍ କ୍ରୀଡ଼ା ଇତିହାସରେ ଏକ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଭାରତୀୟ ଖେଳାଳି, ପ୍ରଶିକ୍ଷକ ଓ କ୍ରୀଡ଼ା ବୈଷୟିକ କର୍ମଚାରୀଙ୍କ ପାଇଁ ଉଚ୍ଚସ୍ତରୀୟ ପ୍ରଶିକ୍ଷଣ କେନ୍ଦ୍ର ଭାବେ ପରିଚିତ ଏହି କେନ୍ଦ୍ର ଏଣିକି ବିଶ୍ୱର ବିଭିନ୍ନ ଦେଶର ଖେଳାଳିଙ୍କ ପାଇଁ ମଧ୍ୟ ପ୍ରମୁଖ କେନ୍ଦ୍ର ରହିବ। ଏଫ୍‌ଆଇଭିବି ୨୦୨୭ ଓ ୨୦୨୮ ମସିହାର ବିଚ୍ ପ୍ରୋ ଟୁର୍ ଚ୍ୟାଲେଞ୍ଜ ଆୟୋଜନ ପାଇଁ କିଟ-କିସ୍‌କୁ ସୁଯୋଗ ଦେବାନେଇ ନିଷ୍ପତ୍ତି ନେଇଛି। ଏଥିସହ ବିଭିନ୍ନ ବୟସ ବର୍ଗର ବିଶ୍ୱ ଚାମ୍ପିଅନସିପ୍ ଓ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ମଧ୍ୟ ଏଠାରେ ହେବ। କିଟ-କିସ ଉତ୍କର୍ଷ କେନ୍ଦ୍ରକୁ ଅନ୍ତର୍ଜାତୀୟ ଉତ୍କର୍ଷ କେନ୍ଦ୍ର'ର ମାନ୍ୟତା ଦେଇଥିବାରୁ ଅଚ୍ୟୁତ ସାମନ୍ତ ଏଫ୍‌ଆଇଭିବିକୁ କୃତଜ୍ଞତା ଜଣାଇଛନ୍ତି।

## 'ଜଙ୍ଗଲକନ୍ୟା' ମୁମ୍ବାଇ ଆନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲ ପାଇଁ ମନୋନୀତ

ଭୁବନେଶ୍ୱର, ୧୨।୬(ସମିସ): ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଫିଲ୍ମ ନିର୍ମାତା ସନ୍ତୋଷ ପଣ୍ଡାଙ୍କ ଦ୍ୱାରା ଲିଖିତ ଏବଂ ନିର୍ଦ୍ଦେଶିତ ପ୍ରାମାଣିକ ଚଳଚ୍ଚିତ୍ର 'ଜଙ୍ଗଲକନ୍ୟା' ମୁମ୍ବାଇ ଆନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲ ପାଇଁ ମନୋନୀତ ହୋଇଛି।ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ବିଭାଗ ଅଧୀନରେ ଜାତୀୟ ଫିଲ୍ମ ଡେଭେଲପ୍‌ମେଣ୍ଟ କର୍ପୋରେସନ ବା ଏନଏଫଡିସି ଦ୍ୱାରା ଆୟୋଜିତ ଚଳିତ ମାସ ଜୁନ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ମୁମ୍ବାଇ ଠାରେ 'ମୁମ୍ବାଇ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ' ଅନୁଷ୍ଠିତ ହେବ। ଦ ପ୍ରିମିୟର ମିଡ଼ିଆ ବ୍ୟାନର୍‌ରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଥିବା ଜଙ୍ଗଲ ବିଶେଷ ଭାବରେ ନୟାଗଡ଼ ଅଞ୍ଚଳରେ ମହିଳାମାନଙ୍କଦ୍ୱାରା ଜଙ୍ଗଲ ସଂରକ୍ଷଣ ଉପରେ ଆଧାରିତ। ୨୩ ମିନିଟ୍ ଅବଧିର ଏହି ଚଳଚ୍ଚିତ୍ର ଜୁନ ୨୧ ତାରିଖ ଦିନ ପ୍ରଦର୍ଶିତ ହେବ। ସୂଚନାଯୋଗ୍ୟ, ଏହି ପ୍ରାମାଣିକ ଚଳଚ୍ଚିତ୍ର କାନାଡ଼ାର ଟରୋଣ୍ଟ ଫିଲ୍ମ ଆୱାର୍ଡ, ବେଟର ଆର୍ଥ ଫିଲ୍ମ ଫେଷ୍ଟିଭାଲ, କେରଳର ଏଲ କେ ଫିଲ୍ମ ଫେଷ୍ଟିଭାଲ, ଏସିଆନ ଫିଲ୍ମ ଫେଷ୍ଟିଭାଲ, ଚଣ୍ଡିଗଡ଼ ଫିଲ୍ମ ଫେଷ୍ଟିଭାଲକୁ ମନୋନୀତ ହୋଇ ପୁରସ୍କାର ଲାଭ କରିଥିବା ବେଳେ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ଚଳଚ୍ଚିତ୍ରରେ ମନୋନୀତ ହୋଇ ପୁରସ୍କାର ମଧ୍ୟ ଲାଭ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛି।

### ● ଗହଣା ଦୋକାନରୁ ସୁନା ମୁଦି ଲୁଟ୍ ଘଟଣାର ପର୍ଦ୍ଦାଫାସ୍

## ଅଭିଯୁକ୍ତ ଗିରଫ; ୧୮ ଟି ସୁନା ମୁଦି ଜବତ




କଟକ, ୧୨।୬(ସମିସ): ଲାଲବାଗ ଥାନା ପୁଲିସ ଏକ ସୁନା ଲୁଟ୍ ମାମଲାର ପର୍ଦ୍ଦାଫାସ କରି ଅଭିଯୁକ୍ତକୁ ଗିରଫ କରିବା ସହ ଲୁଟ୍ ହୋଇଥିବା ସମସ୍ତ ସୁନା ଅଳଙ୍କାର ଜବତ କରିଛି। ସିଡିଏ ସେକ୍ଟର-୬ ଅଞ୍ଚଳର ବାସିନ୍ଦା ତଥା ଗହଣା ବ୍ୟବସାୟୀ ବିଶ୍ୱନାଥ କର୍ମକାରଙ୍କ ଅଭିଯୋଗ ଆଧାରରେ ଲାଲବାଗ ଥାନାରେ କେସ୍ ନମ୍ବର-୧୯୩/୨୦୨୬ ରୁଜୁ ହୋଇଥିଲା। ତଦନ୍ତ ସମୟରେ ଅଭିଯୁକ୍ତଙ୍କ ପରିଚୟ ଓ ଅବସ୍ଥାନ ସମ୍ପର୍କରେ ବିଶ୍ୱସନୀୟ ସୂଚନା ମିଳିବା ପରେ ପୁଲିସ ଚଢ଼ଉ କରି ରାଜୁ ଓରଫ ରାଜେଶ ରାଉତ (୩୨)ଙ୍କୁ ଗିରଫ କରିଥିଲା। ସେ ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ରଇସିମିଳି ଗ୍ରାମର ବୋଲି ଜଣାପଡ଼ିଛି।

ଅଭିଯୋଗ ଅନୁସାରେ, ଗତ ୧୧ ଜୁନ ରାତି ପ୍ରାୟ ୮ଟା ବେଳେ ଜଣେ ଅଜଣା ବ୍ୟକ୍ତି ଗ୍ରାହକ ସାଜି ତାଙ୍କ ଗହଣା ଦୋକାନକୁ ଆସିଥିଲେ। ବିଶ୍ୱନାଥ ଏବଂ ତାଙ୍କ ମାମୁ ସୁନା ମୁଦି ଦେଖାଉଥିବା ବେଳେ ଅଭିଯୁକ୍ତ ହଠାତ୍ ତାଙ୍କୁ ଧକ୍କା ଦେଇ ୧୮ ଟି ସୁନା ମୁଦି ଥିବା ବାକ୍ସ ଧରି ଫେରାର ହୋଇଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇବା ପରେ ଲାଲବାଗ ଥାନା ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ଏଥିପାଇଁ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା। ବୈଷୟିକ ଓ ଗୁପ୍ତ ସୂଚନା ସଂଗ୍ରହ କରି ଅଭିଯୁକ୍ତଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ଅଭିଯୁକ୍ତଙ୍କୁ ପଚରାଉଚରା ଏବଂ ତଲାସି ବେଳେ ତାଙ୍କ ନିକଟରୁ ଲୁଟ୍ ହୋଇଥିବା ସମସ୍ତ ୧୮ ଟି ସୁନା ମୁଦି ଜବତ କରାଯାଇଥିଲା। ଜବତ ସୁନା ମୁଦିଗୁଡ଼ିକର ମୋଟ ଓଜନ ପ୍ରାୟ ୫୯.୪୫ ଗ୍ରାମ ହୋଇଥିବା ବେଳେ ସେଗୁଡ଼ିକୁ ଅଭିଯୋଗକାରୀ ଚିହ୍ନଟ କରିଥିଲେ। ଉକ୍ତ ସୁନା ଅଳଙ୍କାର ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ତାଙ୍କର ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚ କରାଯାଇଛି। ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ରାଜୁକୁ ଚୌଦ୍ୱାର ଜେଲ୍ ପଠାଇ ଦିଆଯାଇଛି।

# ଜଙ୍ଗଲ ସୃଷ୍ଟିରେ ଦୃଷ୍ଟିହୀନଙ୍କ ଭାଗିଦାରୀ

### ସିଡ୍‌ବଲ୍ ପ୍ରସ୍ତୁତି ସହ ଗଛର ଯତ୍ନ ଉପରେ ନେଉଛନ୍ତି ପ୍ରଶିକ୍ଷଣ

ଭୁବନେଶ୍ୱର, ୧୨।୬(ସମିସ)



ପ୍ରାରବ୍ଧ ସିନା ସେମାନଙ୍କୁ ପ୍ରକୃତିର ସୌନ୍ଦର୍ଯ୍ୟକୁ ଦେଖିବା ଓ ଉପଭୋଗ କରିବାର ସୌଭାଗ୍ୟ ଦେଇନାହିଁ କିନ୍ତୁ ସେମାନେ ପ୍ରକୃତିର ସୁରକ୍ଷା ପାଇଁ ସଂକଳ୍ପ ନେଇଛନ୍ତି। ବିହନ ବିକ୍ଷିପ୍ତୀକରଣ ଜରିଆରେ ସବୁଜ ଅଞ୍ଚଳ ସୃଷ୍ଟି ପାଇଁ ସକ୍ଷମମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଟିପିସିଓଡିଏଲ୍ ର ସଷ୍ଟେନେବୁଲ ମନ୍ତ୍ର ଉପଲକ୍ଷେ ଭୁବନେଶ୍ୱର ୱି ଫର ୟୁ ସ୍କିଲିଂ ସେଣ୍ଟରରେ ସାତ୍ତ୍ୱିକ ସୌଲ ଫାଉଣ୍ଡେସନ୍ ସହଯୋଗରେ ଆନୁକୂଲ୍ୟରେ ୧୭ ଜଣ ଦୃଷ୍ଟିବାଧିତବନୀକରଣଯୋଜନାରେସାମିଲ୍‌ହୋଇଛନ୍ତି। ଆଗାମୀ ଦିନରେ ଜଙ୍ଗଲ ସୃଷ୍ଟି ଓ ପ୍ଲାଷ୍ଟିକର ପୁନଃ ବ୍ୟବହାରରେ ଦୃଷ୍ଟିବାଧିତଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ।

ଜଙ୍ଗଲ ସୃଷ୍ଟି କରିବା ସହ ସହରକୁ ସବୁଜିମା କରିବା କ୍ଷେତ୍ରରେ ମଙ୍ଗୁଆଳ ସାଜିଛନ୍ତି ଦୃଷ୍ଟିବାଧିତ। ସାଧାରଣତଃ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଦୃଷ୍ଟିବାଧିତମାନେ ଅଧିକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସେମାନଙ୍କ ପାଇଁ ଏହି ସମୟ ଅତ୍ୟନ୍ତ ଚ୍ୟାଲେଞ୍ଜିଂ ଥାଏ। ତେଣୁ ସେମାନେ ଏହି ସମ୍ପର୍କରେ ସମସ୍ତ କଥା ଜାଣିବ ଜରୁରୀ ମନେ କରି ଦୃଷ୍ଟିବାଧିତଙ୍କୁ ଏସମ୍ପର୍କିତ ପ୍ରଶିକ୍ଷଣ ଦିଆଯାଉଛି। ଏଥିରେ ଉଭୟ ପୁରୁଷ ଓ ମହିଳା ଦୃଷ୍ଟିବାଧିତ ରହିଛନ୍ତି। ବିଶ୍ୱ ପରିବେଶ ଦିବସରୁ ଆରମ୍ଭ ହୋଇଥିବା ଏହି ଏହି ପ୍ରଶିକ୍ଷଣରେ ବିଶେଷ କରି ମନ୍ଦିରର ଗଠନ ଶୈଳୀ, କାଦୁଅର ବିଭିନ୍ନ ଷ୍ଟ୍ରକଚର ବିଷୟରେ ଜାଣିବା, ସେଥିରୁ କିଭଳି ସିଡ୍‌ବଲ ପ୍ରସ୍ତୁତ କରାଯିବା, କେଉଁ ଫଳର ବା କେଉଁ ଗଛର କେଉଁ ମଞ୍ଜି ଚିହ୍ନିବେ ଆଦି ବିଷୟରେ ପ୍ରଶିକ୍ଷଣ ନେଉଛନ୍ତି। ସେମାନେ ନିଜ ଘରେ ନିତ୍ୟ ବ୍ୟବହାର ହେଉଥିବା ବିଭିନ୍ନ ପନିପରିବା, କିମ୍ବା ଫଳରୁ ମଞ୍ଜି ସଂଗ୍ରହ କରିବାରେ ସଫଳ ହେବେ। ଯେଉଁସବୁ ମଞ୍ଜିରୁ ସିଡବଲ୍ ପ୍ରସ୍ତୁତ କରିବେ। ଏହାଦ୍ୱାରା ଏକ ସୁସ୍ଥ ଓ ସବୁଜିମା ପରିବେଶ ସୃଷ୍ଟି ହେବା ସହ ଦୃଷ୍ଟିବାଧିତ ମାନେ ପ୍ରସ୍ତୁତ କରୁଥିବା ସିଡବଲ ଗୁଡ଼ିକ ବିକ୍ରି କରି ସ୍ୱାବଲମ୍ବୀ ହୋଇପାରିବେ। କାରଣ ଏହି ସିଡବଲ୍ ଗୋଟାକ ଅନଲାଇନ୍‌ରେ ୧୨ରୁ ୧୫ ଟଙ୍କାରେ ଉପଲବ୍ଧ ହେଉଛି। ଆଗକୁ ବର୍ଷା ଋତୁ ଆସୁଥିବା ବେଳେ ବର୍ଷା ସମୟରେ ଏହାକୁ ଫିଙ୍ଗାଯିବ। ସାଧାରଣତଃ ପ୍ରତିଦିନ ପ୍ରତ୍ୟେକଙ୍କ ଘରୁ ବାହାରୁଥିବା ୨ରୁ ୩ ପ୍ୟାକେଟ୍ ଖୀର ପଲିଥିନ୍‌କୁ ସଂଗ୍ରହ କରିବା ସହ ପରିବା କାଟିବା ସମୟରେ ନଷ୍ଟ ହୋଇଯାଇଥିବା ଅଧିକାଂଶ ପରିବା, ଆମ୍ବ ଟାକୁଆ, ବିଭିନ୍ନ ଫଳର ମଞ୍ଜିକୁ ଡଷ୍ଟବିନ୍‌ରେ ନଫିଙ୍ଗି ତାହାକୁ ଅଲଗା କରି ରଖିବେ। ବର୍ତ୍ତମାନ ପଲିଥିନ୍ ଓ ଏକକ ବ୍ୟବହାର ପ୍ଲାଷ୍ଟିକ୍‌ର ବ୍ୟବହାର ବୃଦ୍ଧି ପାଉଥିବା ବେଳେ ପରିବେଶ ପ୍ରତି ଏହା ହାନିକାରକ। ତେଣୁ ଏହି ପ୍ଲାଷ୍ଟିକ୍, ପଲିଥିନ୍‌କୁ ପରିବେଶ ପ୍ରଦୂଷଣ ପାଇଁ ନପକାଇ ଏହାର ପୁନଃ ବ୍ୟବହାର କରାଯିବାକୁ ପଲିଥିନ୍ ଗୁଡ଼ିକରେ ବିଭିନ୍ନ ଚାରା ଲଗାଇବାରେ ବ୍ୟବହାର କରିପାରିବେ ସେଥିପାଇଁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି। ତେଣୁ ପ୍ରତ୍ୟେକ ଘରୁ ଏବଂ ରୋଷେଇ ଶାଳାରୁ କିଭଳି ଜଙ୍ଗଲ ସୃଷ୍ଟି ହୋଇପାରିବ ସେଥିପାଇଁ ଦୃଷ୍ଟିବାଧିତଙ୍କୁ ସଚେତନ କରାଯାଉଛି ଏହାସହ ସଷ୍ଟେନେବୁଲ ବିଜନେସ୍ ଆଇଡିଆ ଅଣ୍ଡରରେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ। ଏହି ସିଡବଲ ସମ୍ପୂର୍ଣ୍ଣ ଭାବେ ପରିବେଶ ଉପଯୋଗୀ ଅଟେ ବୋଲି ସାତ୍ତ୍ୱିକ ସୌଲ ଫାଉଣ୍ଡେସନ୍ ପକ୍ଷରୁ ସତ୍ୟପ୍ରତ କହିଛନ୍ତି। ଆଗକୁ 'ନୋ ୟୋର ପ୍ଲାଷ୍ଟିକ୍' କ୍ୟାମ୍ପେନ୍ କରାଯିବ। ପ୍ଲାଷ୍ଟିକ୍ ଗୁଡ଼ିକ ଛୁଇଁ ସେମାନେ ଜାଣିପାରିବେ ବିଭିନ୍ନ ପ୍ଲାଷ୍ଟିକ ସମ୍ପର୍କରେ ଜାଣିପାରିବେ। ଏହାଦ୍ୱାରା ୱେଷ୍ଟ ସିଗ୍ରିଗେନ୍‌ର ମଧ୍ୟ ଏକ ପାର୍ଟ ହୋଇପାରିବେ। ଏହାସହ ପ୍ରକୃତି ସହ ନିବିଡ଼ ହୋଇ ଜଙ୍ଗଲ ସୃଷ୍ଟି ଓ ପରିବେଶ ସୁରକ୍ଷା ଦିଗରେ ଆଗାମୀ ଦିନରେ ଦୃଷ୍ଟିବାଧିତଙ୍କ ପ୍ରମୁଖ ଭୂମିକା ରହିବ ବୋଲି ସେ କହିଛନ୍ତି।

# ମାଆ କୋଳକୁ ଫେରିଲା ନିଖୋଜ ଶିଶୁ କନ୍ୟା



**ବରଗଡ଼, ୧୨। ୬(ସମିସ):** ବରଗଡ଼ ଜିଲ୍ଲାର ସମାଜସେବୀ ସଂଘମିତ୍ରା ପଟେଲଙ୍କଠାରୁ ଜଣେ ନିଖୋଜ ଶିଶୁ ସମ୍ପର୍କରେ ସୂଚନା ପାଇବା ପରେ ଚାଇଲ୍ଡହେଲ୍ପଲାଇନ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଡିସିପିଓ ମଞ୍ଜୁ ଏକ୍କାଙ୍କ ଠାରୁ ତଦନ୍ତ ଆଦେଶ ପାଇବା ପରେ, ସିଏଚ୍ଏଲ୍ ଡିସିପିୟୁ ବରଗଡ଼ର ଜିଲ୍ଲା ପ୍ରକଳ୍ପ ସଂଯୋଜକ ସଞ୍ଜୟ ଶତପଥୀ, ସୁପରଭାଇଜର ଆକାଶ ପଧାନ ଏବଂ କେସ୍ ୱାର୍କର କୁମାରୀ ତପସ୍ୱିନୀ ମଲ୍ଲିକଙ୍କୁ ନେଇ ଗଠିତ ଏକ ଟିମ୍ ତଦନ୍ତ କରିବା ପାଇଁ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ତଦନ୍ତ ସମୟରେ ସଂଘମିତ୍ରା ପଟେଲ ଓ ସ୍ଥାନୀୟ ବାସିନ୍ଦାଙ୍କ ବୟାନରୁ ଜଣାପଡ଼ିଥିଲା ଯେ, ଏକ ଚାରି ବର୍ଷର ଶିଶୁ କନ୍ୟା ସେହି ଅଞ୍ଚଳରେ ଏକୁଟିଆ ବୁଲୁଥିବାର ଦେଖିବାକୁ ମିଳିଥିଲା। ତାଙ୍କ ପରିଚୟ ସମ୍ପର୍କରେ ପଚରାଯିବାରୁ ଶିଶୁଟି କେବଳ ତାଙ୍କ ନାମ 'ଦାମିନୀ' ବୋଲି କହିଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗ ଓ ଉଦ୍ୟମରେ ଚାଇଲ୍ଡ ହେଲ୍ପଲାଇନ ଟିମ୍ ଶିଶୁଟିର ପିତାମାତାଙ୍କ ଯୋଗାଯୋଗ ନମ୍ବର ଖୋଜି ବାହାର କରିବାରେ ସଫଳ ହୋଇଥିଲା। ବରଗଡ଼ ପୁଲିସ କର୍ମଚାରୀଙ୍କ ସହାୟତାରେ ଚାଇଲ୍ଡ ହେଲ୍ପଲାଇନ ଟିମ୍ ଶିଶୁଟିକୁ ଉଦ୍ଧାର କରିଥିଲା, ସମସ୍ତ ଆବଶ୍ୟକୀୟ କାଗଜପତ୍ର ତଥା ଲିଖିତ ବୟାନ ସଂଗ୍ରହ କରିଥିଲା ଏବଂ ଶିଶୁଟିକୁ ଶିଶୁ କଲ୍ୟାଣ ସମିତି ବରଗଡ଼ ସମ୍ମୁଖରେ ହାଜର କରିଥିଲା। ଏଥିସହ ଶିଶୁଟିର ମା'ଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇ ଶିଶୁଟିର ଅବସ୍ଥିତି ସମ୍ପର୍କରେ ଅବଗତ କରାଯାଇଥିଲା। ପରବର୍ତ୍ତୀ ସମୟରେ, ଶିଶୁଟିର ମା' ଏବଂ ସମ୍ପର୍କୀୟମାନେ ସିଡବ୍ଲ୍ୟୁସି ଅଫିସ୍, ବରଗଡ଼କୁ ଆସିଥିଲେ। ପଚରାଉଚରା ବେଳେ ଶିଶୁଟିର ମା' ସନ୍ତୋଷିନୀ ଭୋଇ ସ୍ୱାମୀ ଭୀମ ଭୋଇ, ଗ୍ରାମ: ଝୁନଙ୍ଗାପାଲି, ପୋଷ୍ଟ: ଦୀପ୍ତିପୁର, ଥାନା: ମେଲଛାମୁଣ୍ଡା, ବ୍ଲକ: ପଦ୍ମପୁର, ଜିଲ୍ଲା: ବରଗଡ଼ କହିଥିଲେ ଯେ ସେ ବରଗଡ଼ ବ୍ଲକ ଅନ୍ତର୍ଗତ ପଥରଲା ଗାଁରେ ରହୁଥିବା ତାଙ୍କ ବଡ଼ ଭଉଣୀଙ୍କ ଘରକୁ ଆସିଥିଲେ ଏବଂ ଅସୁସ୍ଥ ଥିବା ତାଙ୍କ ଭଉଣୀଙ୍କର ଯତ୍ନ ନେଉଥିଲେ। ତାଙ୍କ ବୟାନ ଅନୁଯାୟୀ ଗତକାଲି ରାତିରେ ପରିବାରର ସମସ୍ତ ସଦସ୍ୟ ଶୋଇଥିବା ବେଳେ ତାଙ୍କ ଝିଅ ଦାମିନୀ ଉଠି ପଡ଼ିଥିଲା ଏବଂ କାହାରିକୁ ନଜଣାଇ ଘରୁ ବାହାରି ଯାଇଥିଲା। ସନ୍ତୋଷିନୀ ଭୋଇ ଆହୁରି ମଧ୍ୟ କହିଛନ୍ତି ଯେ ସେ ଚାଇଲ୍ଡ ହେଲ୍ପଲାଇନ, ବରଗଡ଼ରୁ ଏକ ଫୋନ୍ କଲ୍ ପାଇଥିଲେ ଯେଉଁଥିରେ ତାଙ୍କ ଝିଅ ସୁରକ୍ଷିତ ଥିବା ଏବଂ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସିଡବ୍ଲ୍ୟୁସି ଅଫିସ୍, ବରଗଡ଼ରେ ଉପସ୍ଥିତ ଥିବା ନେଇ ସୂଚନା ଦିଆଯାଇଥିଲା।

# ୪ ଦିନ ପରେ କୂଅରୁ ଜୀବନ୍ତ ଉଦ୍ଧାର ଘଟଣା; ଚାରି ଗିରଫ

**ବିଜେପୁର, ୧୨।୬(ସମିସ)**

ବରଗଡ଼ ଜିଲ୍ଲା ବିଜେପୁର ନିକଟସ୍ଥ ସମଲେଇପଦର ଗ୍ରାମ ନର୍ସରୀରେ ଥିବା କୂଅରୁ ୪ ଦିନପରେ ଜଣେ ଯୁବକ ଜୀବନ୍ତ ଉଦ୍ଧାର ହେବା ଘଟଣା ଉପରୁ ପରଦା ହଟିଛି। ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟକୁ ପଠାଇଛି। ଶୁକ୍ରବାର ସକାଳେ ସମଲେଇପଦର ନର୍ସରୀର ସେହି କୂଅ ନିକଟରେ ସମ୍ବଲପୁରରୁ ଆସିଥିବା ସ୍ପେଶାଲ ସାଇଣ୍ଟିଫିକ୍ ଟିମ୍ ଓ ବିଜେପୁର-ପଦ୍ମପୁର ପୁଲିସ

## 'ସିନ୍ ରିକ୍ରିଏସନ୍' କରାଇଲା ପୁଲିସ

## ଭୋଜି ଯୋଗୁଁ ପାଟିତୁଣ୍ଡ ହୋଇ ଆକ୍ରମଣ କରିଥିଲେ

ପହଞ୍ଚି ଛାନ୍‌ଭିନ ଆରମ୍ଭ କରିଛି। ଘଟଣାସ୍ଥଳରେ ପୁଲିସ ପକ୍ଷରୁ 'ସିନ୍ ରିକ୍ରିଏସନ୍' କରାଯାଇଛି। ଦୁର୍ବୃତ୍ତମାନେ କେଉଁଭଳି ଭାବେ ତୁଳସୀରାମଙ୍କୁ ଆକ୍ରମଣ କରିଥିଲେ ଏବଂ କେଉଁ ପରିସ୍ଥିତିରେ ତାଙ୍କୁ କୂଅ ଭିତରକୁ ଫିଙ୍ଗାଯାଇଥିଲା, ସେନେଇ ସମସ୍ତ ପ୍ରମାଣ ସଂଗ୍ରହ କରାଯାଇଛି। ତେବେ ଏହି ସମଗ୍ର ଘଟଣା ଉପରୁ ପରଦା ହଟାଇ ବଡ଼ ଖୁଲାସା କରିଛନ୍ତି ବରଗଡ଼ ଏସ୍‌ପି ରବୀନ୍ଦ୍ରନାଥ ଶତପଥୀ। ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଗତ ରବିବାର ପଦ୍ମପୁର ଅଞ୍ଚଳର ପୁରେନା ଗ୍ରାମର ୨୦ ବର୍ଷୀୟ ଯୁବକ ତୁଳସୀରାମ ଭୁଏ ବିଜେପୁର ସମଲେଇପଦର ଜଙ୍ଗଲକୁ ତାଙ୍କ ସାଙ୍ଗମାନଙ୍କ





ସହ ଏକ ଭୋଜି ଖାଇବାକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ପରସ୍ପର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ପାଟିତୁଣ୍ଡ ପରେ ଅନ୍ୟମାନେ ତୁଳସୀରାମଙ୍କୁ ପ୍ରବଳ ମାଡ଼ ମାରିଥିଲେ। ମାଡ଼ ଯୋଗୁଁ ସେ ଚେତାଶୂନ୍ୟ ହୋଇଯିବା ପରେ, ସେମାନେ ତାଙ୍କୁ ମୃତ ଭାବି ପ୍ରମାଣ ନଷ୍ଟ କରିବା ପାଇଁ ଏହି ନିଛାଟିଆ କୂଅ ଭିତରକୁ ଫିଙ୍ଗି ଦେଇଥିଲେ। ଏହି ଅମାନୁଷିକ କାଣ୍ଡ ଘିଆଇଥିବା ୪ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ପଦ୍ମପୁର ଶକ୍ତିନଗର ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ବାବୁଲୁ ମନ୍‌ହୀରା(୨୨) ଏବଂ ଅନ୍ୟ ତିନି ଅଭିଯୁକ୍ତ ବିଜେପୁର ଭୋଇ ପଡ଼ାର ଶକ୍ତି ବେହେରା(୧୯), ମଧପଡ଼ାର ତ୍ରିନାଥ ମହାପାତ୍ର(୨୨) ଓ ବିଜେପୁରର ମହମ୍ମଦ ଅକମଲ ରଜାକ(୨୨)। ଏହି ଘଟଣାରେ ବିଜେପୁର ଥାନାରେ ମାମଲା ରୁଜୁ କରାଯାଇଛି।

ସୂଚନାଯୋଗ୍ୟ ଯେ ଦୀର୍ଘ ଚାରି ଦିନ ଧରି ବିନା ଖାଦ୍ୟ ଓ ପାଣିରେ ବିପଦସଙ୍କୁଳ ଅନ୍ଧକାର କୂଅ ଭିତରେ ମୃତ୍ୟୁସହ ଲଢିଥିବା ତୁଳସୀରାମଙ୍କୁ ଗୁରୁବାର ଦିନ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଅତି ସଂକଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାର ଗୁରୁତ୍ୱକୁ ଦେଖି ପୁଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ, ମାତ୍ର ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ କାବୁ କରିବା ଏବଂ ସିନ୍‌ରିକ୍ରିଏସନ୍ ପ୍ରକ୍ରିୟାକୁ ସ୍ଥାନୀୟ ସାଧାରଣ ଜନତାଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଓଡ଼ିଶାରୁ ଆନ୍ଧ୍ର ଯାଉଛି ଧାନ

**ଭେଡେନ, ୧୨।୬(ସମିସ):** ବରଗଡ଼ ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ଭେଡେନ ବ୍ଲକରେ ରାଜରାସ୍ତାରେ ଚାଲିଛି ମଣ୍ଡି। ରବି ଋତୁରେ ଉତ୍ପାଦିତ ଧାନ ଆଉ ମଣ୍ଡିକୁ ଯାଉନି ବରଂ ଏହା ସିଧାସଳଖ ଚାଲାଣ ହେଉଛି ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶକୁ। ଆନ୍ଧ୍ର ପ୍ରଦେଶ ରେଜିଷ୍ଟ୍ରେସନ ହୋଇଥିବା ଟ୍ରକରେ ରବି ଧାନ ବେଧଡକ ଚାଲାଣ ହେଉଥିବା ଦେଖାଦେଇଛି। ପ୍ରତିଦିନ ଏବେ ଗାଁ ଗାଁ ରେ ଆନ୍ଧ୍ର ଟ୍ରକ୍ ଲାଗୁଥିବା ଦେଖାଦେଇଛି। ଚାଷୀମାନେ ବାଧହୋଇ ମିଲର ହାତରେ ଟେକି ଦେଉଛନ୍ତି ଧାନ।



# ପ୍ରଗତି ପଥେ ଭଟଲି ବିଧାନସଭା ପୁସ୍ତକ ଉନ୍ମୋଚିତ

**ବରଗଡ଼, ୧୨। ୬(ସମିସ):** ବରଗଡ଼ ଜିଲ୍ଲା ବରଗଡ଼ ନିୟନ୍ତ୍ରିତ ବଜାର ପ୍ରାଙ୍ଗଣ ପରିସରରେ ଶୁକ୍ରବାର ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଟଲି ନିର୍ବାଚନ ମଣ୍ଡଳୀର ବିଧାୟକଙ୍କ ପ୍ରଗତି ପଥେ ଭଟଲି ବିଧାନସଭା ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏଥିରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ସିଡିଏ କମ୍ ଇଓ ଲଲାଟ କୁମାର ଲୁହା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଇ, ସାଂସଦ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ। ଆଗକୁ ନିର୍ବାଚନ ମଣ୍ଡଳୀର କେଉଁ ସବୁ ଉନ୍ନତିମୂଳକ କାର୍ଯ୍ୟ କରାଯିବାକୁ ଧାର୍ଯ୍ୟ ହୋଇଛି ତାହା ମଧ୍ୟ ଉଲ୍ଲେଖ କରିଥିଲେ। ବିଧାୟକଙ୍କ ଏଭଳି ଉଦ୍ୟମକୁ ସମସ୍ତେ ପ୍ରଶଂସା କରିଥିଲେ।

# ବାଇକ୍ ଧକ୍କାରେ ଗୁରୁତରଙ୍କୁ ଡାକ୍ତରଖାନା ନେଲେ ସାମ୍ବାଦିକ

**ଭେଡେନ, ୧୨।୬(ସମିସ):** ଭେଡେନ ବ୍ଲକ ଲୁପୁ ରସିଂହା -ଥୁଆପାଲି ରାସ୍ତାର ଭୋଇପାଲି ଛକ ନିକଟରେ ଏକ ବାଇକ୍ ଧକ୍କାରେ ବୁର୍ଦ୍ଧା ଗ୍ରାମର ଚାଷୀ ନେତା ପ୍ରଫୁଲ୍ଲ ପଣ୍ଡା ଗୁରୁତର ଆହତ ହୋଇଛନ୍ତି। ସେ ନିଜ ସ୍କୁଟିରେ ଧାନ କାର୍ଡ କାଟିବା ପାଇଁ ଦିନ ୧୧ ଟାରେ ଯାଉଥିବା ବେଳେ ପଛପଟୁ ଏକ ବାଇକ ଆସି ତାଙ୍କୁ ଧକ୍କାଦେଇ ଫେରାର ମାରିଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଉକ୍ତ ରାସ୍ତାଦେଇ ସାମ୍ବାଦିକ ମୁକୁନ୍ଦ ଷଡ଼ଙ୍ଗୀ ଥୁଆପାଲିକୁ ଯାଉଥିବାରୁ ରାସ୍ତା ଉପରେ ଜଣେ ବ୍ୟକ୍ତି ପଡ଼ିରହିଥିବାର ଦେଖି ଗୁରୁତର ଉଦ୍ଧାର କରି ଭୋଇପାଲି ଗ୍ରାମର ବର୍ଜ୍ୟକାନ୍ତ ପଧାନଙ୍କ ସହାୟତାରେ ନିକଟସ୍ଥ ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ।



# ବରଗଡ଼ରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ

**ବରଗଡ଼, ୧୨।୬(ସମିସ):** ଓଡ଼ିଶା ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ବରଗଡ଼ ଗୋରୁ ମାର୍କେଟ ପରିସରରେ ଏକ ଜିଲ୍ଲାସ୍ତରୀୟ ସମ୍ମିଳନୀ ଓ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ ହୋଇଯାଇଛି। 'ବିକାଶର ଧାରା, ଓଡ଼ିଶା ସାରା' ନାରାକୁ ସାମ୍ନାରେ ରଖି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ମୁକେଶ ମହାଲିଙ୍ଗ ଓ ଅନ୍ୟ ଅତିଥିଙ୍କ ଦ୍ୱାରା ଚାରାରୋପଣ ହୋଇଥିଲା। ସଭାରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଇ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ସାଂସଦଙ୍କ ପ୍ରତିନିଧି ସୁକାନ୍ତ ଦାସ ପ୍ରମୁଖ ଯୋଗଦେଇ ଥିଲେ। ସଭାରେ ସରକାରଙ୍କ ଗତ ଦୁଇ ବର୍ଷର ଉପଲବ୍ଧି ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଜୁଗଳ କିଶୋର ବର୍ମା



ଓ କୁନ୍ତଳା କୁମାରୀ ଜେନାଙ୍କୁ ' ଆୟୁଷ୍ମାନ କାର୍ଡ ପ୍ରଦାନ କରାଯାଇଥିଲା। ସେହିପରି, ଦହଲା ସେଠୀ ଓ ବନିତା ମିର୍ଦ୍ଧାଙ୍କୁ 'ଆବାସ ଗ୍ରାମୀଣ ଯୋଜନା ଅଧୀନରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଫକୀର ସାହୁଙ୍କୁ 'ଓଡ଼ିଶା ବିଲ୍ଡିଂ ଆଣ୍ଡ ଅଦର କନଷ୍ଟ୍ରକ୍ସନ ୱାର୍କର୍ସ' ଅଧୀନରେ ବିବାହ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ହିତାଧିକାରୀମାନେ ସରକାରୀ ଯୋଜନା ଯେପରି ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିଛି, ସେ ସମ୍ପର୍କରେ ନିଜର ପ୍ରେରଣାଦାୟକ ସଫଳତା କାହାଣୀ ମଞ୍ଚରେ ବାଣ୍ଟିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

# ଦରମା ନ ପାଇ ହନ୍ତସନ୍ତ ଏକ୍ସ କ୍ୟାଡ଼୍ର ଶିକ୍ଷକ

**ଭଟଲି, ୧୨।୬(ସମିସ):** ବରଗଡ଼ ଜିଲ୍ଲା ଶିକ୍ଷା ବିଭାଗ ବିଗତ କିଛିମାସ ଧରି ବିଭିନ୍ନ ପ୍ରକାର ମାମଲାରେ ଛନ୍ଦି ହୋଇରହିଥିବା ବେଳେ ଜିଲ୍ଲା ଅଧୀନ ଭଟଲି ଗୋଷ୍ଠୀ ଶିକ୍ଷା ବିଭାଗରେ ଶୁକ୍ରବାର ଶିକ୍ଷକ ଅଶାନ୍ତି ଦେଖିବାକୁ ମିଳିଛି। ଗତ ୨ ମାସର ଦରମା



ପାଇ ନ ଥିବାବେଳେ ନିୟମିତ ଭାବେ ଏନ୍‌ପିଏସ ଜମା ହେଉ ନଥିବା, ସଂଶୋଧିତ ହାରରେ ଦରମା ପ୍ରଦାନ କରାଯାଉନଥିବା, ଡିଏ ଏରିଅର୍ ପ୍ରଦାନ କରାଯାଉନଥିବା ଆଦି ବିଭିନ୍ନ ଦାବି ନେଇ ଭଟଲି ବ୍ଲକ ଏକ୍ସ କ୍ୟାଡର ଶିକ୍ଷକ ସଂଘ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରଓ କରିଥିଲେ। ବାରମ୍ବାର ଗୁହାରି ସତ୍ତ୍ୱେ ସେମାନଙ୍କୁ ଅବହେଳା ପ୍ରଦର୍ଶନ କରାଯାଉଥିବା ବେଳେ ନିୟମିତ ଭାବେ ଦରମା ପ୍ରଦାନ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଥିଲେ। ପ୍ରାପ୍ତସୂଚନା ଅନୁଯାୟୀ ଗତ ଏପ୍ରିଲ୍ ମାସରେ ଭଟଲି ଗୋଷ୍ଠୀ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ବରଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଡ.ସୁରେନ୍ଦ୍ର ସାହୁ କୌଣସି କାରଣରୁ ଚାକିରିରୁ ନିଲମ୍ବିତ ହେବାପରେ ପ୍ରାୟ ମାସେ ଧରି ଭଟଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପଦଶୂନ୍ୟ ହୋଇପଡ଼ିଥିଲା। ତେବେ ଶିକ୍ଷକ ମାନଙ୍କ ଦରମା ତଥା ବିଭିନ୍ନ ପ୍ରକାର ଟଙ୍କା କାରବାର ଏବଂ କାର୍ଯ୍ୟାଳୟ ପରିଚାଳନା ପାଇଁ ଆମ୍ବାଭୋନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବନା ସାହୁ ଭଟଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ନେଇଥିଲେ। ତାଙ୍କ ଯୋଗଦାନ ପରେ ଶିକ୍ଷକ ମାନଙ୍କ ମଧ୍ୟରେ ଦରମା ପାଇବାର ଆଶା ଉଜ୍ଜୀବିତ ହୋଇଥିଲା। ମାତ୍ର ପରିତାପର ବିଷୟ ତାଙ୍କ ଅବହେଳା ପାଇଁ ଭଟଲି ବ୍ଲକ ର ଏକ୍ସ କ୍ୟାଡ଼ର ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଦ୍ୟାବଧି ଜୁନ ମାସର ୧୨ ଦିନ ବିତି ସାରିଥିଲେ ସୁଦ୍ଧା ଦରମା ପାଇ ନାହାନ୍ତି। ଏନେଇ ଶିକ୍ଷକ ମାନେ କାର୍ଯ୍ୟାଳୟକୁ ଆସି ଦାୟିତ୍ୱରେ ଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଭେଟିବାକୁ ଆସି ଦେଖା ପାଇନଥିଲେ। ତେବେ ଅନ୍ୟ ଅଧିକାରୀଙ୍କୁ ଦରମା ବିଷୟରେ କହିବାପରେ ଦରମା ପ୍ରଦାନ କାର୍ଯ୍ୟ ତଳସ୍ତରରେ ସରିଯାଇଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଆପୃଭ୍ ଅପେକ୍ଷାରେ ରହିଛି ବୋଲି କହିଥିଲେ। ଏନେଇ ଶୁକ୍ରବାର ବ୍ଲକର ସମସ୍ତ ଏକ୍ସ କ୍ୟାଡ଼ର ଶିକ୍ଷକ ଶିକ୍ଷୟିତ୍ରୀ ଭଟଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଘେରଓ କରି ଆସନ୍ତା ୧୭ ତାରିଖ ବୁଧବାର ସୁଦ୍ଧା ଯଦି ଦୁଇ ମାସର ଦରମା ପ୍ରଦାନ କରା ନ ଯାଏ ତେବେ ସେମାନେ ସପରିବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାମୂହିକ ଭାବେ ଧାରଣ ଦେବେ ବୋଲି ଚେତାବନୀ ଦେଇଥିଲେ। ସଂଘର ସଭାପତି ଇନ୍ଦ୍ରଜିତ୍ ସାହୁଙ୍କ ଅଧକ୍ଷତାରେ ସମସ୍ତ ଏକ୍ସ କ୍ୟାଡର ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ଥିଲେ।

# ବିନା ସୂଚନା ଫଳକରେ ଚାଲିଛି ପୋଖରୀ ଖନନ

**ଝାରବନ୍ଧ, ୧୨।୬(ସମିସ):** ସରକାରୀ ଯୋଜନାରେ ସ୍ୱଚ୍ଛତାକୁ ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ମନରେଗା କାର୍ଯ୍ୟସ୍ଥଳରେ ସୂଚନାଫଳକ ପ୍ରଦର୍ଶନ ବାଧ୍ୟତାମୂଳକ। ହେଲେ ଝାରବନ୍ଧ ବ୍ଲକ ଚଣ୍ଡୀଭଟା ପଞ୍ଚାୟତ ଅଧୀନ ଯାମପାଲି ଗ୍ରାମରେ ଚାଲିଥିବା ନୂତନ ପୋଖରୀଖନନ କାମରେ ଏହି ନିୟମକୁ ଯେପରି ଫୁ କରାଯାଇଥିବା ଅଭିଯୋଗ ହେଉଛି। ଚଣ୍ଡୀଭଟା ଧାନମଣ୍ଡି ନିକଟରେ



ଦୀର୍ଘଦିନ ହେଲା ମନରେଗା ଅଧୀନରେ ପୋଖରୀ ଖନନ କାର୍ଯ୍ୟ ଚାଲିଥିଲେ ମଧ୍ୟ ସୂଚନାଫଳକ ଦେଖିବାକୁ ମିଳୁନାହିଁ। ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏନେଇ ସ୍ଥାନୀୟ ବାସିନ୍ଦାମାନେ ଜିଲ୍ଲା ପ୍ରଶାସନ ଓ ବ୍ଲକ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟସ୍ଥଳରେ ତୁରନ୍ତ ସୂଚନାଫଳକ ଲଗାଇବା ସହ ସରକାରୀ ନିୟମକୁ ଅମାନ୍ୟ କରିଥିବା ଦାୟୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ଅଭିଯାନ

# ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ରଥର ଶୁଭାରମ୍ଭ



**ବରଗଡ଼, ୧୨। ୬(ସମିସ):** ଶିଶୁ ଶ୍ରମିକ ପ୍ରଥାକୁ ସମାଜରୁ ସମ୍ପୂର୍ଣ୍ଣ ମୂଳପୋଛ କରିବା ଲକ୍ଷ୍ୟନେଇ ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜିଠାରୁ ୧୫ ଦିନିଆ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଶୁକ୍ରବାର ସକାଳେ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ 'ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ'କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଶ୍ରମ ଆୟୁକ୍ତ ମାନଭଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ସସ୍ମିତା ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ ଯଶୋବନ୍ତ ଅମାତ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସନ୍ଧ୍ୟାରାଣୀ ନେପାକ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁଲତା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ ବରପାଲି, ଝାରବନ୍ଧ ଓ ବିଜେପୁରର ସହକାରୀ ଶ୍ରମ ଅଧିକାରୀମାନେ ଶପଥ ନେଇଥିଲେ।

# କୃଷି ଓ କୃଷକଙ୍କ ସମସ୍ୟାର ସମାଧାନ ନ ହେଲେ ଜିଲ୍ଲାପାଳ ଅଫିସ ଘେରଉ ଚେତାବନୀ

**ବରଗଡ଼, ୧୨।୬(ସମିସ)**

ଚଳିତ ରବି ଋତୁ ଧାନ ସଂଗ୍ରହରେ ବ୍ୟାପକ ଅବ୍ୟବସ୍ଥା ଏବଂ ଟୋକନ ଅନିୟମିତତା ପ୍ରତିବାଦରେ ଭାରତୀୟ କିସାନ ସଂଘ ପ୍ରଶାସନ ବିରୋଧରେ ଆନ୍ଦୋଳନର ଡାକରା ଦେଇଛି। ସଂଘ ପକ୍ଷରୁ ବରଗଡ଼ ଜିଲ୍ଲାପାଳଙ୍କୁ ଏକ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବା ସହ ଆସନ୍ତା ୩ ଦିନ ମଧ୍ୟରେ ସମସ୍ୟାର ସମାଧାନ ନହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ବରଗଡ଼ ଜିଲ୍ଲାରେ ମୋଟ ୧, ୦୫, ୪୯୪ ଜଣ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ଆଜି ପର୍ଯ୍ୟନ୍ତ ୯, ୧୧୭ ଜଣ ଚାଷୀଙ୍କୁ ଟୋକନ ମିଳିନାହିଁ। ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ଚାଷୀମାନଙ୍କୁ ଟୋକନ ପ୍ରଦାନ ପ୍ରକ୍ରିୟା ସ୍ୱାଭାବିକ ଥିବାବେଳେ, ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା



ବରଗଡ଼ ଜିଲ୍ଲାର ସ୍ଥିତି ସବୁଠାରୁ ଶୋଚନୀୟ ହୋଇପଡ଼ିଛି। ପ୍ରାଶାସନିକ ଉଦାସୀନତା ଯୋଗୁଁ ହଜାର ହଜାର ଚାଷୀ ଆଜି ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛନ୍ତି। ସେହିପରି ଟୋକନ ସମସ୍ୟା ନେଇ ଡଭାଠାରେ ଚାଷୀମାନେ ଅନଶନରେ ବସିଥିବା ବେଳେ ପ୍ରଶାସନ ଏପର୍ଯ୍ୟନ୍ତ କୌଣସି ଦୃଢ଼ ପଦକ୍ଷେପ ନେଇନ ଥିବାରୁ ଭାରତୀୟ କିସାନ ସଂଘ ଚାଷୀ ଙ୍କ ମୁଖ୍ୟ ଦାବି ଗୁଡିକ ମଧ୍ୟରେ ତୁରନ୍ତ ସମସ୍ତ ବଳକା ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଉ। ମଣ୍ଡିଗୁଡ଼ିକରେ ପଡ଼ି ରହିଥିବା ରବି ଧାନକୁ ତୁରନ୍ତ ଉଠାଣ କରାଯାଉ, ଦ୍ୱିତୀୟ ପର୍ଯ୍ୟାୟ ଟୋକନ ପ୍ରଦାନ ସହ ଚାଷୀଙ୍କ ସମୁଦାୟ ଧାନ କିଣିବାର ବ୍ୟବସ୍ଥା ସହ ଚାଷୀଙ୍କୁ ଆବଶ୍ୟକ ମୁତାବକ ସାର ତୁରନ୍ତ ଯୋଗାଇ ଦେବାକୁ ସଂଘର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ସଭାପତି ଶ୍ରୀ ସାହୁ ଙ୍କ କହିବା ଅନୁସାରେ ଯଦି ଆସନ୍ତା ୩ ଦିନ ମଧ୍ୟରେ ପ୍ରଶାସନ ଏହି ୭ ଦଫା ଦାବି ଉପରେ କୌଣସି ସକରାସକ ନିଷ୍ପତ୍ତି ନ ନିଏ, ତେବେ ସଂଘ ଜିଲ୍ଲାର ହଜାର ହଜାର ଚାଷୀଙ୍କୁ ସାଥିରେ ନେଇ ଜିଲ୍ଲାପାଳ ଅଫିସ ଘେରଉ କରିବାକୁ ବାଧ ହେବ ଏବଂ ଏଥିପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଗଠନ ପ୍ରକାଶ କରିଛି। ଉକ୍ତ ପ୍ରତିନିଧି ଦଳରେ ବିଭିନ୍ନ ବ୍ଲକର ପ୍ରମୁଖ କର୍ମକର୍ତ୍ତା ଓ ଜିଲ୍ଲା ପ୍ରମୁଖ ଭୁପାଳ ବିଶି, ଚୈତନ୍ୟ କର୍ଣ୍ଣ, କୌସ୍ତୁବ ସାହୁ, ସୁଜିତ ପ୍ରଧାନ, ରବୀନ୍ଦ୍ର ବିଶି, ବାବୁଲାଲ ଚନ୍ଦ, କରୁଣାକର ପ୍ରଧାନ, ହରିଶ ପ୍ରଧାନ, ଭେଙ୍କେଟଶ୍ୱର କର୍ମୀ ପ୍ରମୁଖ ଯୋଗଦାନ କରି ଥିଲେ।

# ଘେଁସରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ




**ମେଲଛାମୁଣ୍ଡା, ୧୨। ୬(ସମିସ):** ଆଜି ସାରା ରାଜ୍ୟରେ 'ବିକାଶର ଧାରା ଓଡ଼ିଶା ସାରା'କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ, ସୋହେଲା ବ୍ଲକ ଅଧୀନ ଘେଁସସ୍ଥିତ ଗୁରୁଭବନ ଠାରେ ଆଜି ପଞ୍ଚାୟତସ୍ତରୀୟ ବିଶେଷ ସଭାର ଆୟୋଜନ ହୋଇଯାଇଛି। ଘେଁସ ପଞ୍ଚାୟତ ପିଇଓ ସଞ୍ଜୟ ଭୁଏଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ସରପଞ୍ଚ ଗୋକୁଳଚନ୍ଦ୍ର ଦାସ, ଜମିଦାର ରଣଜିତ ସିଂ ବରିହା, ସୋହେଲା ବ୍ଲକ ଆଇସିଡିଏସ୍ ସୁପରଭାଇଜର ମନୋରମା ତାଣ୍ଡି ଏବଂ ହର୍ଟିକଲଚର୍ ବିଭାଗୀୟ ବ୍ଲକ ଅଧିକାରୀ ପ୍ରଶାନ୍ତ ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। କୈଳାସ ପଧାନ, ରଣଜିତ ପଟେଲ, ଗୋକୁଳାନନ୍ଦ ମହାପାତ୍ର ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଆଶିଷ କୁମାର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ କଳାହାଣ୍ଡି ଜିଲ୍ଲା ଗସ୍ତ

**ଭବାନୀପାଟଣା, ୧୨ ।୬(ସମିସ):** ଜଙ୍ଗଲ ଓ ପରିବେଶ ତଥା ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କଳାହାଣ୍ଡି ଜିଲ୍ଲା ଗସ୍ତ କରି ବିଭିନ୍ନ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ସରକାରୀ କାର୍ଯର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି । ଶ୍ରୀ ଖୁଣ୍ଟିଆ ଭବାନୀପାଟଣା ରେଳ ଷ୍ଟେସନ୍‌ରେ



ପହଞ୍ଚିବା ପରେ ତାଙ୍କୁ ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼ ତଥା ବିଜେପି କର୍ମକର୍ତ୍ତା ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଏହାପରେ ମେଡିକାଲ କଲେଜ, ମେଗା ନର୍ସରୀ ଯାଇ ଚାରା ରୋପଣ ଓ ହାତୀ କେୟାର ସେଣ୍ଟର ଉଦ୍‌ଘାଟନ କରିଥିଲେ । କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ତଥା ଉତ୍ତର ବନଖଣ୍ଡ ଓ ଦକ୍ଷିଣ ବନଖଣ୍ଡ ଅଧିକାରୀ ଉପସ୍ଥିତ ରହିଥିଲେ । କର୍ଲାପାଟ ସେଞ୍ଚୁରି ଅଞ୍ଚଳ ଗସ୍ତ କରିଥିଲେ । ପରେ ଅପରାହ୍ନରେ ସ୍ଥାନୀୟ ହୋଟେଲ ଭାଗିରଥୀ ଇନ୍ କନଫରେନ୍ସ ହଲ୍‌ରେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ସଫଳତାର ୧୨ ବର୍ଷ ପୂର୍ତ୍ତି ର ସଫଳତା ସମ୍ପର୍କରେ ସାମ୍ବାଦିକଙ୍କ ସହ ଚର୍ଚ୍ଚା ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଶ୍ରୀ ଖୁଣ୍ଟିଆଙ୍କ ସହ ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼, ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀ, ବରିଷ୍ଠ ନେତା ରମେଶ ମାଝୀ, ମନୋଜ ମେହେର, ଜୟ ଶଙ୍କର ନାଏକ, ଅକୁର ହରପାଲ, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ବେହେରା, ହିମାଂଶୁ ପଣ୍ଡା, ଅନିରୁଦ୍ଧ ପ୍ରଧାନ, ନମିତା ରାଣୀ ସାହୁ, ଭାରତ ଭୂଷଣ ଦେଓ, ସନ୍ତୋଷ କୁମାର ବିଶି, ସୋଭାଗିନି ପାତ୍ର, ମହିଳା ମୋର୍ଚ୍ଚା ସଭାପତି କାଞ୍ଚନ ବେମାଲ ପ୍ରମୁଖ ଅନେକ ବିଜେପି କର୍ମକର୍ତ୍ତା ଉପସ୍ଥିତ ରହିଥିଲେ । ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଟାଉନ୍ ହଲଠାରେ ବିକାଶ ଉପଲବ୍ଧି କାର୍ଯ୍ୟକ୍ରମ ହୋଇଥିଲା । ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରିଥିଲେ ।ଭବାନୀପାଟଣା ଟାଉନ୍ ହଲରେ ମନ୍ତ୍ରୀଙ୍କ ଉପସ୍ଥିତିରେ ଭିଡିଓ ବାର୍ତ୍ତା ମାଧ୍ୟମରେ ଶୁଭାରମ୍ଭ କରାଯାଇଥିଲା ।

# ୯ ମଣ୍ଡିରେ ପଡ଼ିଛି ୫୮ ହଜାର କ୍ୱିଣ୍ଟାଲ ଧାନ

**ଖଡ଼ିଆଳ, ୧୨ ।୬(ସମିସ)**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ୯ଟି ମଣ୍ଡି ଖଡ଼ିଆଳ ୧୨, ୯୩୯.୧୨କ୍ୱିଣ୍ଟାଲ, ଢୁଆଝର ୨୫୯୫.୬୭, ବରଗାଁ ୫୫୬୮.୨୧, ଢୁକଳା ୨୮, ୩୩୫, ସାନ ମହେଶ ୨୨୯୮.୧୨ ଭୋଜପୁର ୫୦୬୮. ୯୧, ଅରେଡା ୧୨, ୪୫୩, ଖୁଦପେଜ ୩୮୬୭. ୬୯, ଲାଞ୍ଜି ୧୬୯୨. ୨୩ ମୋଟ ୫୭, ୯୬୪.୯୭ ହଜାର କ୍ୱିଣ୍ଟାଲ ୧୧୮୧ ଚାଷୀଙ୍କ ଧାନ ଖୋଲା ଆକାଶ ତଳେ ପଡ଼ିଥିବାରୁ ଚାଷଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବିଗତ ଦିନରେ ଧାନ ଜମିରେ ଥିବା ବେଳେ ଅଦିନିଆ କାଳବୈଶାଖୀ ବର୍ଷାରେ ଧାନ ଭିଜି କିଛି ଚାଷୀଙ୍କ ଧାନ ପାଣିରେ ବୁଡି ରହିଥିବା ବେଳେ କିଛି ଚାଷୀଙ୍କ ଧାନ ଗଜା ହୋଇ ଯାଇଥିଲା । ଧାନକୁ ମଣ୍ଡିରେ ବିକ୍ରି କରିବା ପାଇଁ ଚାଷି ବହୁ ପରିଶ୍ରମ ଶୁଖାଇ ମଣ୍ଡିରେ ପକାଇ



ଥିବାବେଳେ ମଣ୍ଡିରୁ ଧାନ ଦଶ ଦିନରୁ ଅଧିକ ହେବ ନଉଠିବାରୁ ଚାଷି ଚିନ୍ତାରେ ଥିବା ବେଳେ ଶୁକ୍ରବାର ଦିନ ମେଘୁଆ ପାଗ ଲାଗିରହି ଥିବାରୁ ଚାଷୀଙ୍କ ଚିନ୍ତା ବଢ଼ି ଯାଇଛି । ବିଗତ ଦିନରେ ବର୍ଷା ହୋଇଥିବା ବେଳେ ଚାଷୀଙ୍କ ଧାନ ଖୋଲା ମଣ୍ଡିରେ ପଡ଼ିଥିବା ବେଳେ ଧାନ ଗୁଡିକ ବସ୍ତାରେ ଗଜା ହୋଇଥିବା ଜଣାପଡ଼ିଛି । ଅନ୍ୟ ପକ୍ଷରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ମଣ୍ଡିରେ ଚାଷୀର ଧାନକୁ କଟ୍‌ନୀ ଛଟନୀ ନକରିବାକୁ ନିର୍ଦ୍ଦେଶ ଥିବାବେଳେ ବର୍ତ୍ତମାନ ମଧ୍ୟ ପାଞ୍ଚ କେଜିରୁ ଅଧିକ ଧାନ କଟ୍‌ନୀ ହେଉଥିବା ଚାଷୀ ମହଲରେ ଚର୍ଚ୍ଚା ହେଉଛି । ଖଡ଼ିଆଳ ବ୍ଲକରେ ସମସ୍ତ ମଣ୍ଡିରେ ଦଲାଲ ଓ ବେପାରୀଙ୍କ କବଜାରେ ରହିଛି । ମଣ୍ଡିରେ ପ୍ରଥମେ ସେହି ଦଲାଲ ଓ ବେପାରୀ ମାନଙ୍କ ଧାନ ପ୍ରଥମେ ଉଠୁଥିବା ବେଳେ ଚାଷୀର ଧାନ ପଛରେ ଉଠୁଛି । ଧାନ ବେପାରୀ ଓ ଦଲାଲ ଚାଷ କରୁନଥିବା ଅଣ ଚାଷୀଙ୍କ ନାମରେ ଟୋକନ କରି ମିଲର୍ସ ଓ ଦଲାଲ ମାଲେମାଲ ହେଉଥିବା ଚାଷୀ ମହଲରେ ଚର୍ଚ୍ଚା ହେଉଛି । ଆବଶ୍ୟକତା ଠାରୁ କମ ଧାନ ଉଠୁଥିବାରୁ

**ଖଡ଼ିଆଳ ବ୍ଲକ**

ଦିନକୁ ଦିନ ମଣ୍ଡିରେ ଧାନ ବଢ଼ି ଚାଲିଛି ଜିଲ୍ଲା ପ୍ରଶାସନ ତୁରନ୍ତ ମଣ୍ଡିରେ ପଡ଼ିଥିବା ଧାନକୁ ଉଠାଇବାକୁ ଚାଷି ମହଲରେ ଦାବି ହେଉଛି । ନହେଲେ ଆଗାମୀ ଦିନରେ ଚାଷୀ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।

# ରୋମାନିଆରୁ ଫେରିଥିବା ଛାତ୍ରଛାତ୍ରୀଙ୍କୁ ଭବ୍ୟ ସ୍ୱାଗତ



**ଭବାନୀପାଟଣା, ୧୨ ।୬ (ସମିସ):** ରୋମାନିଆରେ ସେକ୍ସପିଆର ନାଟକ ମଞ୍ଚସ୍ଥ କରି ଇତିହାସ ରଚିଥିବା ଭୁବନେଶ୍ୱରସ୍ଥିତ କିସ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କଳାହାଣ୍ଡି ଅଧିନସ୍ଥ ଆମପାଣିଠାରେ ସ୍ୱାଗତ କରାଯାଇଥିଲା । ପରେ ବୁଢାରଜା ମନ୍ଦିର ଦର୍ଶନ କଲାପରେ ଭବାନୀପାଟଣା ବ୍ଲକ ବାଦିଲି ଠାରେ ଥିବା କିସ୍ ଆବାସିକ ବିଦ୍ୟାଳୟରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । କିସ୍ ଉପକାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ ସମେତ ଉପସ୍ଥିତ ସମସ୍ତଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ଶିକ୍ଷାବିତ ତଥା ନାଟ୍ୟକାର ଡ଼ ଉମେଶ ଚନ୍ଦ୍ର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦେଶ ମାଟିରେ ଆଦିବାସୀଙ୍କ ପ୍ରତିଭାକୁ ଉଚ୍ଚ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ସମ୍ମାନିତ ଅତିଥି ପ୍ରକାଶ ମାଝୀ ସଭାପତି ଡିଷ୍ଟ ଆଦିବାସୀ ସଂଘ, ପରମାନନ୍ଦ ମାଝୀ, ଉପସଭାପତି ଆଦିବାସୀ କଲ୍ୟାଣ ମହାସଂଘ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶି, ଲଳିତ କାନୁନଗୋ, ବୈଦ୍ୟରାଜ ପବିତ୍ର ଶବର, ବିଶ୍ୱବସୁ ଶବର ସମାଜ, ବଞ୍ଜାରା ସମାଜ ପ୍ରମୁଖଙ୍କ ସହ ଅଭିଭାବକ ସମାଗମ ହୋଇଥିଲା । ସେହିପରି ବିଭିନ୍ନ ସମାଜରୁ ଆସିଥିବା ସଭାପତି ମାନେ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମକୁ ଡ. ଉମେଶ ଚନ୍ଦ୍ର ଶତପଥୀ ପରିଚାଳନା କରିଥିବା ବେଳେ କିସ୍ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ସମସ୍ତଙ୍କୁ କିସ୍‌ର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ୟୟହାରରେ ନୂଆପଡ଼ା ବ୍ଲକ୍ ଶୀର୍ଷରେ

# ପଞ୍ଚାୟତ କାର୍ଯ୍ୟାବଳୀର ସମୀକ୍ଷା ବୈଠକ

**କୋମନା/ଖଡ଼ିଆଳ, ୧୨ ।୬ (ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଲ୍ଲା ମୁଖ୍ୟ ସଭାଗୃହରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଜିଲ୍ଲାର ପାଞ୍ଚଟି ବ୍ଲକକୁ ପ୍ରଦାନ କରିଥିବା ପାଣ୍ଠିର ସମୀକ୍ଷା କରିଛନ୍ତି । ସମୀକ୍ଷା ଅନୁଯାୟୀ ଜିଲ୍ଲାର ୧୩୧ଟି ପଞ୍ଚାୟତରେ ୫ମ ରାଜ୍ୟ ଅର୍ଥ କମିଶନ ଅନ୍ତର୍ଗତ ମୋଟ ୨୩ କୋଟି ୩୬ ଲକ୍ଷ ୮୩ ହଜାର ୪୮ ଟଙ୍କା ଉପଲବ୍ଧ ଆୟ ମଧ୍ୟରୁ ୧୯ କୋଟି ୬୬ ଲକ୍ଷ ୭୮ ହଜାର ୧୮୬ ଟଙ୍କା ବ୍ୟୟ କରାଯାଇଛି । ଏହାର ସାମଗ୍ରିକ ବ୍ୟୟ ହାର ୮୪.୧୬ ପ୍ରତିଶତରେ ପହଞ୍ଚିଥିବା ବେଳେ ପୂର୍ବ ସମୀକ୍ଷା ବୈଠକ ପର ଠାରୁ ୧ କୋଟି ୨୦ ଲକ୍ଷ ୬୪ ହଜାର ୬୯୩ ଟଙ୍କାର ଅତିରିକ୍ତ ବ୍ୟୟ ହୋଇଥିବା ଜଣାପଡ଼ିଥିଲା । ବ୍ଲକସ୍ତରୀୟ ସମୀକ୍ଷାରେ ନୂଆପଡ଼ା ବ୍ଲକ ୯୩.୧୯ ପ୍ରତିଶତ ବ୍ୟୟ ହାର ସହ ଜିଲ୍ଲାରେ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଖଡ଼ିଆଳ ବ୍ଲକରେ ୮୯.୦୯ ପ୍ରତିଶତ, ବୋଡ଼େନ ୮୩.୧୪ ପ୍ରତିଶତ, କୋମନା ୭୯.୪୨ ପ୍ରତିଶତ ଏବଂ ସିନାପାଲି ୭୮.୨୫ ପ୍ରତିଶତ ବ୍ୟୟ ହୋଇଥିବା ସୂଚନା ଦେଇଥିଲେ । ସେହିପରି ୧୫ ତମ କେନ୍ଦ୍ରୀୟ ଅର୍ଥ କମିଶନର ଅନଟାଇଡ୍ ଅନୁଦାନରେ ଜିଲ୍ଲାର ସାମଗ୍ରିକ ବ୍ୟୟ ହାର ୭୩.୫୪ ପ୍ରତିଶତରେ ପହଞ୍ଚିଥିବା ବେଳେ ପୂର୍ବ ସମୀକ୍ଷା ବୈଠକ ପର ଠାରୁ ୨ କୋଟି ୧୬ ଲକ୍ଷ ୨୬ ହଜାର ୪୯ ଟଙ୍କାର ଅତିରିକ୍ତ ବ୍ୟୟ ସମ୍ପାଦିତ ହୋଇଛି । ଏହି କ୍ଷେତ୍ରରେ ମଧ୍ୟ ନୂଆପଡ଼ା ବ୍ଲକ ୮୮.୧୮ ପ୍ରତିଶତ ବ୍ୟୟହାର ସହ ଜିଲ୍ଲାରେ ଅଗ୍ରଣୀ ସ୍ଥାନରେ ରହିଛି । ଜିଲ୍ଲାରେ ସ୍ୱଚ୍ଛ ପ୍ରଶାସନ ଯୋଗୁଁ ଦୁର୍ନୀତିକୁ ବହୁ ପରିମାଣରେ ନିୟନ୍ତ୍ରଣ କରାଯାଇ ପାରିଛି ବୋଲି କହିଥିଲେ । ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ସେ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଆହ୍ୱାନ ଜଣାଇଥିଲେ । ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ମୁକ୍ତ ଗ୍ରାମ ପଞ୍ଚାୟତ ଗୁଡ଼ିକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ କରାଯିବ ବୋଲି ଘୋଷଣା କରିଥିଲେ । ଜିପିଡିଓ ମାନଙ୍କୁ ନିୟମିତ ଭାବେ ପଞ୍ଚାୟତ ପରିଦର୍ଶନ କରି କାର୍ଯ୍ୟର ନିରୀକ୍ଷଣ ଓ ଅଗ୍ରଗତି ସମୀକ୍ଷା କରିବାକୁ କୁହାଯାଇଥିଲା । ପରିଦର୍ଶନରେ ଅବହେଳା କଲେ ବେତନ ରୋକାଯିବ ବୋଲି ଜିଲ୍ଲାପାଳ ସତର୍କ କରାଇଥିବା ବେଳେ ଉତ୍କୃଷ୍ଟ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରୁଥିବା ଜିପିଡିଓମାନଙ୍କୁ ସମ୍ମାନିତ କରାଯିବ ବୋଲି ସୂଚନା ଦେଇଥିଲେ ।ବୈଠକରେ ଡିପିଓ କାର୍ଯ୍ୟାଳୟର ଉପବିଭାଗୀୟ ଅଧିକାରୀ ସୁଶାନ୍ତ କୁମାର ଦେଉରୀ, ନୂଆପଡ଼ା ଏବିଡିଓ ଜ୍ଞାନ ରଞ୍ଜନ ଭୋଇ, କୋମନା ଏବିଡିଓ ଭକ୍ତବନ୍ଧୁ ବୁଡେକ, ଖଡ଼ିଆଳ ଏବିଡିଓ କ୍ଷିତିସୁତା ବାଗ, ସିନାପାଲି ଏବିଡିଓ ସୁବ୍ରତ କୁମାର ପରିଡ଼ା, ବୋଡ଼େନ ଏବିଡିଓ ଏବଂ ଜିଲ୍ଲାର ସମସ୍ତ ଜିପିଡିଓ ତଥା ପଞ୍ଚାୟତ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



# ବିଦ୍ୟୁତ୍ ତାର ସଂସ୍ପର୍ଶରେ ୪ ବଳଦ ମୃତ

**ଖଡ଼ିଆଳ, ୧୨ ।୬(ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ ବିରୋମାଲ ଗ୍ରାମରେ ବିଜୁଳି ସଂସ୍ପର୍ଶରେ ଆସି ୪ ବଳଦ ମୃତ ସମ୍ପୃକ୍ତ ଚାଷୀ ସରକାରୀ ସହାୟତା ଦାବି କରିଛନ୍ତି । ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଗୁରୁବାର ରାତ୍ରିରେ କାଳବୈଶାଖ ପ୍ରଭାବରେ ନୂଆପଡ଼ା ଅଞ୍ଚଳରେ ପ୍ରବଳ ପବନ ଓ ବର୍ଷରେ ଗ୍ରାମକୁ ସଂଯୋଗ ହୋଇଥିବା ବିଜୁଳି ଖମ୍ବ ଭାଙ୍ଗି ତଳେ ପଡ଼ି ଯାଇଥିଲା । ଚାଷୀଙ୍କ ଅଭିଯୋଗ ଅନୁଯାୟୀ ତଳେ ପଡ଼ିଥିବା ବିଜୁଳିକୁ ନସଜାଡି ବିଜୁଳି ସଂଯୋଗ କରିଦେଇଥିଲେ । ଶୁକ୍ରବାର ସକାଳେ ଗ୍ରାମର ଦିଗେଶ୍ୱର ସତନାମୀ ଓ ଲୋକେଶ୍ୱର ରାଉତଙ୍କ ବଳଦ ଚରୁଥିବା ବେଳେ ସେହି ବିଜୁଳି ତାରର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ । ସ୍ଥାନୀୟ ବିଦ୍ୟୁତ୍ ବିଭାଗର ଦାୟିତ୍ୱହିନତାରୁ ଚାରି ବଳଦଙ୍କ ମୃତ୍ୟୁ ହୋଇଛି । ବିଦ୍ୟୁତ୍ ବିଭାଗ ତୁରନ୍ତ ସମ୍ପୃକ୍ତ ଚାଷୀମାନଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଧର୍ମଗଡ଼, ୧୨ ।୬(ସମିସ):** ଧର୍ମଗଡ଼ ବ୍ଲକ ପୂର୍ବତନ ସରପଞ୍ଚ ରାମପ୍ୟାରୀ ପଣ୍ଡାଙ୍କ ପରଲୋକ ଘଟିଛି । ସେ ବହୁତ ଦିନରୁ ସ୍ୱାୟୁଜନିତ ରୋଗରେ ପୀଡ଼ିତ ଥିଲେ । ସେ ୨୦୧୭ ରୁ ୨୦୨୨ ମସିହା ପର୍ଯ୍ୟନ୍ତ ତାରାପୁର ପଞ୍ଚାୟତର ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇ ଅଞ୍ଚଳର ବିକାଶ ଓ ଜନସେବା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁଅ ସାମ୍ବାଦିକ ସୁବ୍ରତ ପଣ୍ଡା ଓ ସୁରଥ ପଣ୍ଡା, ଝିଅ ଜ୍ୱାଇଁ, ନାତିଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ । ନିଜ ଗାଁ ଝାରକୁଣ୍ଡାମାଳ ଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା

# ଗଞ୍ଜେଇ ଓ କଫସିରପ୍ ଜବତ; ଯୁବକ ଗିରଫ

**ଖଡ଼ିଆଳ, ୧୨ ।୬(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହର ୱାର୍ଡ ନଂ ୫ ସାହୁପଡ଼ାରେ ନୂଆପଡ଼ା ଅବକାରୀ ବିଭାଗର ଚଢ଼ଉ ୧୨.୧୦୦ ଗ୍ରାମ ଗଞ୍ଜେଇ ଓ ୨୦୦ଟି (୧୦୦ଏମଏଲ) ବୋତଲ କଫ ସିରଫ ଜବତ ସହ ଯୁବକ ନିତେଶ ସାହୁ (୨୯)ଗିରଫ କରି କୋର୍ଟ ଚାଲାଣ କରିଛି । ଅବକାରୀ ବିଭାଗ ଖବର ପାଇ ଜିଲ୍ଲା ଅବକାରୀ ବିଭାଗ ଶୁକ୍ରବାର ସକାଳେ ସାହୁପଡ଼ାସ୍ଥିତ ନିତେଶ ସାହୁଙ୍କ ଦୋକାନରେ ଚଢ଼ଉ କରି ବେଆଇନ ଭାବରେ ଗଞ୍ଜେଇ ଓ କଫ ସିରପ୍ ରଖି ବିକ୍ରି କରୁଥିବା ବେଳେ ଅବକାରୀ ହାତରେ ଧରା ପଡ଼ିଥିଲେ । ଅବକାରୀ ଆଇନ ଅନୁଯାୟୀ ନିତେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଚଢ଼ଉରେ ଜିଲ୍ଲା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଅବକାରୀ ନିରୀକ୍ଷକ ହୀରବତୀ ଥାଟି, ଅବକାରୀ ଓ ଆସି ସି ଖଡ଼ିଆଳ ଅଲେଖ ପୁଟେଲ, ନୂଆପଡ଼ା ବୃନ୍ଦାବତୀ ଭୁଆ, ମୋ ।ବା ।ଇ ଲ ଏ ସ ଆ ଇ ଦେବାଶିଷ ଶ୍ରୀଧର ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ ।



# ଏନ୍‌ଏସ୍‌ଏସ୍ ରାଜ୍ୟସ୍ତରୀୟ ପୁରସ୍କାର ପାଇଁ ୨ ଛାତ୍ର ମନୋନୀତ

**ଭବାନୀପାଟଣା, ୧୨ ।୬(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଛାତ୍ର ଅଭିଶେଖ ମହାପାତ୍ର ଓ ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ଛାତ୍ର ଚୁଡ଼ାମଣି ମାଝି ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଏନ୍‌ଏସ୍‌ଏସ୍ ରାଜ୍ୟସ୍ତରୀୟ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ଉଭୟେ ଏନ୍‌ଏସ୍‌ଏସ୍ ମାଧ୍ୟମରେ ନିଜ ଅଞ୍ଚଳରେ ଅନେକ ସଚେତନତାମୂଳକ କାର୍ଯ୍ୟ କରିବା ସହ ଅନେକ ସମୟରେ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ସମସ୍ତ କାର୍ଯ୍ୟକୁ ଶୃଙ୍ଖଳା ଓ ସଫଳତାର ସହ ତୁଲାଇ ଛାତ୍ରମାନଙ୍କୁ ପ୍ରେରଣା ଦେଇଥାନ୍ତି । ୨୦୨୨-୨୩ ଆର୍ଥିକ ବର୍ଷରୁ ୨୦୨୪-୨୫ପର୍ଯ୍ୟନ୍ତ କରିଥିବା ସମସ୍ତ କାର୍ଯ୍ୟକୁ ମାନଦଣ୍ଡ ଭାବରେ ଗ୍ରହଣ କରି ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ରାଜ୍ୟ ଏନ୍‌ଏସ୍‌ଏସ୍. ସେଲ୍‌ଫ ତାଙ୍କୁ ରାଜ୍ୟସ୍ତରୀୟ ପୁରସ୍କାରରେ ସମ୍ମାନିତ କରିବାର ନିଷ୍ପତ୍ତି ନେଇଛି । ଏହି ସଫଳତା ପାଇଁ ଅଭିଶେଖ ଓ ଚୁଡ଼ାମଣିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପବନ କୁମାର ଅଗ୍ରୱାଲ, ସେଣ୍ଟ୍ରାଲ୍ ପିଜି କାଉନ୍ ସିଲ ଅଧ୍ୟକ୍ଷା ଡ଼. ନିବେଦିତା ନାଥ, କୁଳସଚିବ ଡ. ଗୁଣନିଧି ନାଏକ, ପୂର୍ବତନ ଏନ୍‌ଏସ୍‌ଏସ୍. ବ୍ୟୁରୋ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ଏନ୍‌ଏସ୍‌ଏସ୍. ବ୍ୟୁରୋ ସଂଯୋଜକ ଜୟନ୍ତ ଦଣ୍ଡସେନା ଓ





ସହକର୍ମୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗକୁ ଆହୁରି ଅଧିକ ଜନହିତକାରୀ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଛନ୍ତି । ଅଭିଶେଖ ଭବାନୀପାଟଣା ସହର ନକଟିଗୁଡାର ଧରଣୀଧର ମହାପାତ୍ର ଓ ସୁଶାନ୍ତି ମହାପାତ୍ରଙ୍କ ପୁଅ ହୋଇଥିବାବେଳେ ଚୁଡ଼ାମଣି ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମଥୁରା ଗ୍ରାମର ସୁଶାନ୍ତ ମାଝି ଓ ତୁଳସୀ ମାଝିଙ୍କ ପୁଅ ଅଟନ୍ତି । ଅନ୍ୟପଟେ, ଏହି ପୁରସ୍କାର କେବଳ ମୋର ନୁହେଁ ବରଂ ଆମ ମହାବିଦ୍ୟାଳୟ ଓ ଏନଏସଏସ କୋ-ୟୁନିଟ୍‌ର ସମସ୍ତ ସଦସ୍ୟଙ୍କର । କୋ-ୟୁନିଟ୍‌ର କାର୍ଯ୍ୟକ୍ରମ ଅଧିକାରୀ ଗଣପତି ବାଗଙ୍କ ମାର୍ଗଦର୍ଶନ, ସହଯୋଗ ଓ ପ୍ରେରଣା ବିନା ଏହି ସଫଳତା ସମ୍ଭବ ହୋଇନଥାନ୍ତା ବୋଲି ଚୁଡାମଣି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

## ଦୁର୍ଘଟଣାରେ ଦୁଇ ଡ୍ରାଇଭରଙ୍କ ମୃତ୍ୟୁ ଘଟଣା

# ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

**କେସିଙ୍ଗା, ୧୨ ।୬(ସମିସ):** ଗତ ୧୦ ତାରିଖ ବୁଧବାର ଭୋରୁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଖଜୁରପଡ଼ା ଛକ ପାଖରେ ଏନ୍‌ଏଚ ଉପରେ ଥିବା ଅରିହନ୍ତ ରାଇସମିଲକୁ ମଣ୍ଡିରୁ ଧାନ ଆଣି ମିଲ ସାଇଡରେ ସକାଳକୁ ଅପେକ୍ଷା କରିଥିବା ସମୟରେ ଦୁର୍ଘଟଣାରେ ନୂଆପଡ଼ା ଜିଲ୍ଲା ରାଜ ଖରୀଆର ଥାନା ବୋରପଦର ଗ୍ରାମର କୁମରମଣି ବେହେରା (୫୩) ଓ କଳାହାଣ୍ଡି ଜିଲ୍ଲାର କଲମପୁର ଥାନା ତୁରାଗାଁ ଗ୍ରାମର ହିମାଂଶୁ ରାଉତ (୪୨) ପ୍ରାଣ ହରାଇଥିଲେ । ମାନବିକତା ଦୃଷ୍ଟିକୋଣରୁ ମୁଖ୍ୟମନ୍ତ୍ରୀ ରିଲିଫଫଣ୍ଡରୁ ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ କଳାହାଣ୍ଡି ରାଜ୍ୟସଭା ସାଂସଦ ସୁଜିତ କୁମାର ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖିଛନ୍ତି ।ପ୍ରକାଶ ଥାଉକି ଦୁର୍ଘଟଣା ଦିନ ମୃତ ଡ୍ରାଇଭର ଦୁଇଜଣଙ୍କ ପରିବାରକୁ ସାହାଯ୍ୟ ବାବଦରେ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ




**ଖଡ଼ିଆଳ, ୧୨ ।୬(ସମିସ):** ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ ।ଜିଲ୍ଲା ମୁଖ୍ୟାଳୟ ପରିସରରୁ ଜିଲ୍ଲାପାଳ ମଧୁସୂଦନ ଦାଶ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସଚେତନତା ରଥ ଜିଲ୍ଲାର ପାଞ୍ଚଟି ବ୍ଲକ ମୁଖ୍ୟାଳୟ ସମେତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପରିଭ୍ରମଣ କରି ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିବ । ବିଶ୍ୱ ଶିଶୁ ଶ୍ରମ ନିଷେଧ ଦିବସ ଅବସରରେ ନୂଆପଡ଼ା ଜିଲ୍ଲାରେ ଶିଶୁ ଶ୍ରମ ନିରାକରଣ ଲାଗି ୧୫ ଦିନିଆ ସ୍ୱତନ୍ତ୍ର ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି । ଅଭିଯାନ ୨୬ ଜୁନ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ପାଳନ କରାଯିବ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ବିଭାଗୀୟ ଶ୍ରମଆୟୁକ୍ତ ରବୀନ୍ଦ୍ର ବାର୍ଲା, ଜିଲ୍ଲା ଶ୍ରମ ଅଧିକାରୀ ଜସ୍ମିନ ସାହୁଙ୍କ ସମେତ ଅନେକ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଖଡ଼ିଆଳରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଛାତ୍ରଛାତ୍ରୀ, ସରକାରୀ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ବିଶାଳ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା ।ପରେ ଖଡ଼ିଆଳସ୍ଥିତ କ୍ଷତ୍ରିୟ ସମାଜ ଭବନରେ ଜିଲ୍ଲାସ୍ତରୀୟ ସଚେତନତା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବୈଠକରେ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬ର କଡ଼ାକଡ଼ି କାର୍ଯ୍ୟକାରିତା, ଶିଶୁ ଶ୍ରମିକଙ୍କ ଚିହ୍ନଟ, ଉଦ୍ଧାର, ପୁନର୍ବାସ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଅଭିଯାନ ଅବଧି ମଧ୍ୟରେ ଜିଲ୍ଲା ଶିଶୁ ଶ୍ରମ ଟାସ୍କଫୋର୍ସ ପକ୍ଷରୁ ରାସ୍ତାକଡ଼ ହୋଟେଲ, ଢାବା, ରେଷ୍ଟୁରାଣ୍ଟ, ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ କାର୍ଯ୍ୟସ୍ଥଳରେ ସ୍ୱତନ୍ତ୍ର ଚଢ଼ାଉ ଓ ଯାଞ୍ଚ କରାଯିବ । ଶିଶୁ ଓ କିଶୋର ଶ୍ରମିକ ନିୟୋଜନ ହୋଇଥିବା ଜଣା ପଡ଼ିଲେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ସୂଚନା ଦେଇଥିଲେ ।

# ଖବର ପ୍ରକାଶ ପରେ ଜଳିଲା ଷ୍ଟ୍ରିଟ ଲାଇଟ୍

**କୋକସରା, ୧୨ ।୬(ସମିସ)**

ଖବର ପ୍ରକାଶ ପାଇବା ପରେ ଶେଷରେ ପ୍ରଶାସନ ଓ ଠିକା ସଂସ୍ଥାର ଚେତା ପଶିଛି । କୋକସରା ବ୍ଲକ ଦେଇ ବରଗଡ଼ରୁ-ବୋରିଗୁମ୍ମାକୁ ସଂଯୋଗ ରହିଥିବା ୨୬ ନମ୍ବର ଜାତୀୟ ରାଜପଥର ଚିଲିଗୁଡ଼ା ନିକଟରେ ଆରମ୍ଭରୁ ଅଚଳ ହୋଇ ପଡ଼ିଥିବା ନୂତନ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ଶେଷରେ ଆଲୋକିତ ହୋଇଛି । ସୂଚନାଯୋଗ୍ୟ ଯେ, ଏହି ଷ୍ଟ୍ରିଟ୍ ଲାଇଟଗୁଡ଼ିକ ଲଗାଯିବା ଆରମ୍ଭରୁ ହିଁ ଅଚଳ ହୋଇ ପଡ଼ିଥିଲା । ଜନସାଧାରଣଙ୍କ ଅଭିଯୋଗକୁ ଭିତ୍ତି କରି 'ସକାଳ'ରେ ଖବର ପ୍ରକାଶ ପାଇଥିଲା । ଖବର ସାମ୍ନାକୁ ଆସିବା ପରେ ବିଭାଗୀୟ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଥିଲେ । ସମ୍ପୃକ୍ତ ଠିକା ସଂସ୍ଥା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତ୍ରୁଟି ସଂଶୋଧନ ସହ ଷ୍ଟ୍ରିଟ ଲାଇଟଗୁଡ଼ିକର ମରାମତି କରି ଜଳାଇଛନ୍ତି । ଅନ୍ଧାରୁଆ ରାଜପଥରେ ପୁଣି ଆଲୋକ ଫେରି ପାଇଥିବାରୁ ଚିଲିଗୁଡ଼ା ସମେତ ସ୍ଥାନୀୟ ଅଞ୍ଚଳବାସୀ 'ସକାଳ' ଓ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି ।

ସକାଳ THE SAKALA ପ୍ରଭାବ



# ତରାପୁରରେ ମରାମତି ହେଲା ରାସ୍ତା

**ଧର୍ମଗଡ଼, ୧୨ ।୬(ସମିସ):** ଧର୍ମଗଡ଼ ବ୍ଲକ ତରାପୁର ଗ୍ରାମର ଦୀର୍ଘ ଦିନର ରାସ୍ତା ସମସ୍ୟାକୁ ନେଇ ଖବର ପ୍ରସାରଣ ହେବା ପରେ ସ୍ଥାନୀୟ ପ୍ରଶାସନ ତୁରନ୍ତ ତତ୍ପରତା ପ୍ରକାଶ କରିଛି । 'ସକାଳ'ରେ 'ବଦଳିଲାନି ଭାଗ୍ୟ: ଆଣ୍ଠୁଏ କାଦୁଅରେ ହେଉଛି ରଥଟଣା' ଶିରୋନାମାରେ ଖବର ପ୍ରକାଶ ପାଇବା ପରେ ବିଡିଓ ଏହାକୁ ଗମ୍ଭୀରତାର ସହ ନେଇଛନ୍ତି । ଗ୍ରାମବାସୀଙ୍କ ଦାବି ଏବଂ ପ୍ରଶାସନର ପ୍ରତିଶ୍ରୁତି ମୁତାବକ ଆଜି ଉକ୍ତ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଯାଇଛି । ସୂଚନାଯୋଗ୍ୟ ଯେ, ତରାପୁର ଗ୍ରାମର ମହାଦେବ ପଡ଼ା ଅଞ୍ଚଳରେ ୩ହଜାରରୁ ଅଧିକ ଜନସଂଖ୍ୟା ବସବାସ କରୁଥିବା ବେଳେ ବଦ୍ରି ଛକ ଠାରୁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ପର୍ଯ୍ୟନ୍ତ ସ୍ଥାୟୀ ପକ୍କା ରାସ୍ତା ନଥିଲା । ବର୍ଷା ଦିନେ ରାସ୍ତାର ସ୍ଥିତି ଅତି ସାଂଘାତିକ ହେଉଥିବା ବେଳେ ପବିତ୍ର ରଥଯାତ୍ରା ସମୟରେ ମଧ୍ୟ ଭକ୍ତମାନେ ଆଣ୍ଠୁଏ କାଦୁଅରେ ପଶି ପ୍ରଭୁ ଜଗନ୍ନାଥଙ୍କ ରଥ ଟାଣିବାକୁ ବାଧ୍ୟ ହେଉଥିଲେ । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ତରାପୁର ସରପଞ୍ଚ ପ୍ରତିନିଧି ସଞ୍ଜୀବ ସାହୁ ଏବଂ ସୁନୀଲ ଦୁରିଆଙ୍କ ନେତୃତ୍ୱରେ ଗ୍ରାମବାସୀ ବଡିଓ ସଦାଶିବ ନାୟକଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ । ଖବର ପ୍ରକାଶ ପାଇବା ମାତ୍ରେ ବିଡ଼ିଓ ତାରାପୁର ସରପଞ୍ଚଙ୍କୁ ତୁରନ୍ତ ରାସ୍ତା ମରାମତି ଏବଂ ଦୁଇରୁ ତିନି ମାସ ମଧ୍ୟରେ ନୂତନ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଜି ସେହି ସ୍ଥାନରେ ଜେସିବି ମେସିନ ଲଗାଯାଇ ରାସ୍ତା ସମତୁଲ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରାଯାଇଛି । ଗଣମାଧ୍ୟମର ସଠିକ୍ ଉପସ୍ଥାପନା ଏବଂ ପ୍ରଶାସନର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ତରାପୁର ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।

# ଜିଲ୍ଲାରେ ଗଡ଼ିଲା ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ

ବାଲେଶ୍ୱର,୧୨।୬ (ସମିସ)




ଶିଶୁ ଶ୍ରମ ଭଳି ଏକ ଗୁରୁତର ସାମାଜିକ ବ୍ୟାଧି ବିରୋଧରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଆଜି ଆରମ୍ଭ ହୋଇଛି ଏକ ବୃହତ୍ ଜନଜାଗରଣ ଅଭିଯାନ। ବିଶ୍ୱ ଶିଶୁ ଶ୍ରମ ନିରାକରଣ ଦିବସ ଅବସରରେ ଶିଶୁ ଅଧିକାର ସୁରକ୍ଷା, ଶିଶୁ ଶ୍ରମ ନିରାକରଣ ଏବଂ ଶିକ୍ଷାର ପ୍ରସାର ଉଦ୍ଦେଶ୍ୟରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପରିସରରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଓ ସଚେତନ ପଦଯାତ୍ରାର ଶୁଭ ଉଦଘାଟନ ହୋଇଯାଇଛି। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଏହି ସଚେତନତା ରଥକୁ ପତାକା ଦେଖାଇ ଅଭିଯାନର ଶୁଭାରମ୍ଭ କରିଥିବା ବେଳେ, ଏହା କେବଳ ଏକ ଔପଚାରିକ କାର୍ଯ୍ୟକ୍ରମ ନୁହେଁ ବରଂ ଜିଲ୍ଲାକୁ ଶିଶୁ ଶ୍ରମମୁକ୍ତ କରିବା ଦିଗରେ ଏକ ଦୃଢ଼ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଜିଲ୍ଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ କହିଥିଲେ ଯେ, ଶିଶୁ ଶ୍ରମ କେବଳ ଆଇନ ଉଲ୍ଲଂଘନ ନୁହେଁ, ଏହା ଶିଶୁଙ୍କ ମୌଳିକ ଅଧିକାର, ଶିକ୍ଷା ଓ ଭବିଷ୍ୟତ ଉପରେ ସିଧାସଳଖ ଆଘାତ। ଏହାକୁ ରୋକିବା ପାଇଁ ପ୍ରଶାସନ ସହ ସମାଜର ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ସହଯୋଗ ଆବଶ୍ୟକ। ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିବା ସଚେତନତା ରଥ ଓ ପଦଯାତ୍ରା ବାଲେଶ୍ୱର ସହରର ବିଭିନ୍ନ ପ୍ରମୁଖ ଛକ, ବ୍ୟବସାୟିକ ଅଞ୍ଚଳ ଓ ଜନଗହଳିପୂର୍ଣ୍ଣ ରାସ୍ତା ପରିକ୍ରମା କରିଥିଲା। ପଦଯାତ୍ରା ସମୟରେ ଶିଶୁ ଶ୍ରମ ବିରୋଧୀ ସ୍ଲୋଗାନ, ବ୍ୟାନର ଓ ସଚେତନତା ବାର୍ତ୍ତା ମାଧ୍ୟମରେ ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା। ବିଭିନ୍ନ ଦୋକାନ, ହୋଟେଲ, ଗ୍ୟାରେଜ, ଢାବା ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ମାଲିକଙ୍କୁ ଶିଶୁ ଶ୍ରମ ନିଷେଧ ଆଇନ ସମ୍ପର୍କରେ ଅବଗତ କରାଯିବା ସହ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ଆଜି ଶୁଭାରମ୍ଭ ହୋଇଥିବା ଏହି ସଚେତନତା ରଥ ଆସନ୍ତା ୧୫ ଦିନ ଧରି ସମଗ୍ର ବାଲେଶ୍ୱର ଜିଲ୍ଲା ପରିଭ୍ରମଣ

**୧୫ ଦିନ ଧରି ଚାଲିବ ଅଭିଯାନ**

କରିବ। ଜିଲ୍ଲାର ସମସ୍ତ ବ୍ଲକ, ଏନଏସି ଓ ମୁନିସିପାଲିଟି ଅଞ୍ଚଳକୁ ଯାଇ ସଚେତନତା ସୃଷ୍ଟି କରିବା ସହ ଶିଶୁ ଶ୍ରମିକ ଚିହ୍ନଟ ପାଇଁ ବିଶେଷ ଅଭିଯାନ ଚାଲିବ। ଏହି ସମୟରେ ବିଭିନ୍ନ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ, କାରଖାନା, ହୋଟେଲ, ଗ୍ୟାରେଜ ଓ ଅନ୍ୟାନ୍ୟ କାର୍ଯ୍ୟସ୍ଥଳରେ ଅଚାନକ ଯାଞ୍ଚ କରାଯିବ। ଶିଶୁ ଶ୍ରମିକ ନିୟୋଜନ କରୁଥିବା କୌଣସି ପ୍ରତିଷ୍ଠାନ କିମ୍ବା ବ୍ୟବସାୟୀଙ୍କୁ ଛାଡ଼ ଦିଆଯିବ ନାହିଁ। ଯାଞ୍ଚ ବେଳେ ଯଦି କୌଣସି ସ୍ଥାନରେ ଶିଶୁ ଶ୍ରମିକ କାର୍ଯ୍ୟରତ ଥିବା ଧରାପଡ଼ନ୍ତି, ତେବେ ସମ୍ପୃକ୍ତ ମାଲିକଙ୍କ ବିରୋଧରେ ଶିଶୁ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ ଅନୁଯାୟୀ କଡ଼ା ଆଇନଗତ ପଦକ୍ଷେପ ନିଆଯିବ, ଆଜିର ଶିଶୁ ହେଉଛନ୍ତି ଆସନ୍ତାକାଲିର ଭବିଷ୍ୟତ। ସେମାନଙ୍କ ହାତରେ ପୁସ୍ତକ ରହିବା କଥା, କାମର ବୋଝ ନୁହେଁ। ଶିକ୍ଷା, ସୁରକ୍ଷା ଓ ସମ୍ମାନଜନକ ଜୀବନ ପ୍ରତ୍ୟେକ ଶିଶୁର ସାମ୍ବିଧାନିକ ଅଧିକାର। ତେଣୁ ଶିଶୁ ଶ୍ରମକୁ ସମୂଳେ ଦୂର କରିବା ପାଇଁ ସରକାର, ପ୍ରଶାସନ, ଅଭିଭାବକ, ଶିକ୍ଷକ, ସାମାଜିକ ସଂଗଠନ ଓ ସାଧାରଣ ଜନତାଙ୍କ ସମନ୍ୱିତ ପ୍ରୟାସ ଜରୁରୀ ବୋଲି ଜିଲ୍ଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସମେତ ସମସ୍ତ ସହକାରୀ ଶ୍ରମ ଅଧିକାରୀ, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ, ବିଭିନ୍ନ ବିଭାଗର ପ୍ରତିନିଧିଙ୍କ ସହ ସଚେତନ ନାଗରିକମାନେ ଉପସ୍ଥିତ ଥିଲେ।

## ବାଲେଶ୍ୱରରେ ୧୮.୪ ମିମି ବର୍ଷା ରେକର୍ଡ

ବାଲେଶ୍ୱର, ୧୨।୬ (ସମିସ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ସକ୍ରିୟ ହେବା ସହ ଆଜି ବାଲେଶ୍ୱର ଜିଲ୍ଲାରେ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ଭାରତୀୟ ପାଣିପାଗ ବିଭାଗର ସନ୍ଧ୍ୟା ୭ଟା ବୁଲେଟିନ ଅନୁଯାୟୀ, ଗତ ୨୪ ଘଣ୍ଟାରେ ବାଲେଶ୍ୱରରେ ୧୮.୪ ମିମି ବର୍ଷା ରେକର୍ଡ ହୋଇଛି। ବାଲେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୨.୬ ଡିଗ୍ରୀ ସେଲସିୟସ ଓ ସର୍ବନିମ୍ନ ୨୪.୨ ଡିଗ୍ରୀ ସେଲସିୟସ ରହିଥିଲା। ସକାଳ ୮:୩୦ରେ ଆପେକ୍ଷିକ ଆର୍ଦ୍ରତା ୮୯ଧ ଓ ସନ୍ଧ୍ୟା ୫:୩୦ରେ ୮୧ଧ ରହିଛି। ବର୍ତ୍ତମାନ ମୌସୁମୀର ଉତ୍ତର ସୀମା ପାରାଦୀପ, ବାରିପଦା ଦେଇ ଯାଇଛି। ଆସନ୍ତା ୨-୩ ଦିନରେ ମୌସୁମୀ ଓଡ଼ିଶାର ଅଧିକ ଅଞ୍ଚଳକୁ ଆଗେଇବା ପାଇଁ ପାଗ ଅନୁକୂଳ ଅଛି। ପାଣିପାଗ ବିଭାଗ ବାଲେଶ୍ୱର ସମେତ କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଆସନ୍ତାକାଲି ସକାଳ ୮:୩୦ ପର୍ଯ୍ୟନ୍ତ ଗୋଟିଏ-ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ଚେତାବନୀ ଜାରି କରିଛି। ଏହାସହ ରାଜ୍ୟର ସବୁ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ବା ବଜ୍ରପାତ ସମ୍ଭାବନା ରହିଛି। ବର୍ଷା ଆରମ୍ଭ ହେବା ପରେ ଜିଲ୍ଲାରେ ତାପମାତ୍ରା ଖସିବା ସହ ଗରମରୁ ଆଶ୍ୱସ୍ତି ମିଳିଛି। ଚାଷ କାମ ଆରମ୍ଭ ପାଇଁ ଏହା ଅନୁକୂଳ ବୋଲି ଚାଷୀମାନେ ମତ ଦେଇଛନ୍ତି।

## କାନ୍ଥଭଉଁରୀରେ କ୍ଷେତ୍ର ଦିବସ ସଚେତନତା ଶିବିର



ଚନ୍ଦନେଶ୍ୱର,୧୨।୬(ସମିସ): ଭୋଗରାଇ ବ୍ଲକଅନ୍ତର୍ଗତ ଶ୍ରଦ୍ଧାପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କ୍ଷେତ୍ର ଦିବସ ଅବସରରେ ଚାଷୀମାନଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଧାନ ପରବର୍ତ୍ତୀ ପତିତ ଜମିର ପରିଚାଳନା ରାଜ୍ୟ ଯୋଜନା୨୦୨୫-୨୬ ଅଧୀନରେ ବାଲେଶ୍ୱର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିବିରରେ ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଓ ଏହାର କୃଷି କ୍ଷେତ୍ର ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ପରିବେଶ ସୁରକ୍ଷା ଏବଂ ମୃତ୍ତିକାର ଉର୍ବରତା ବୃଦ୍ଧି ପାଇଁ ଧାନ ଅମଳ ପରେ ମୁଗ ଓ ବିରି ଭଳି ଡାଲି ଜାତୀୟ ଫସଲ ଚାଷ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହା ସହିତ ରାସାୟନିକ ସାରର ବ୍ୟବହାର କମାଇ ସବୁଜ ସାର ଓ ଜୈବିକ ପଦ୍ଧତିକୁ ପ୍ରାଧାନ୍ୟ ଦେବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ରାଜେନ୍ଦ୍ର ବଲ୍ଲଭ ଗୋସ୍ୱାମୀ, କୃଷି କର୍ମଚାରୀ ହରେକୃଷ୍ଣ ମାଝୀ, ଆଝାର ଏଟିଏମ୍ ମନ୍ମଥ ଗିରି, ଶ୍ରଦ୍ଧାପୁର ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ କୁମାର ପାତ୍ର, ସଦସ୍ୟାଙ୍କ ପ୍ରତିନିଧି ଗୌରହରି ମଣ୍ଡଳ, କାନ୍ଥଭଉଁରୀ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନା ଏବଂ କୃଷକ ସାଥୀ ଗୁଣାକର ମାଝୀ ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ବିଭିନ୍ନ କୃଷିଭିତ୍ତିକ ପରାମର୍ଶ ଓ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଶିବିରରେ କାନ୍ଥଭଉଁରୀ ଓ ଶ୍ରଦ୍ଧାପୁର ପଞ୍ଚାୟତର ବହୁ ସଂଖ୍ୟକ ଚାଷୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟି ଚାଷୀମାନଙ୍କ ମଧ୍ୟରେ ସ୍ଥାୟୀ କୃଷି ପଦ୍ଧତି, ମୃତ୍ତିକା ସଂରକ୍ଷଣ ଓ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ବୃଦ୍ଧିରେ ସହାୟକ ହୋଇଥିବା ମତ ପ୍ରକାଶ ପାଇଥିଲା।

## ଦିଲ୍ଲୀପ ସିଂହଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ଜଳେଶ୍ୱର,୧୨।୬ (ସମିସ) : ପ୍ରକୃତିର ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦିଲ୍ଲୀପ କୁମାର ସିଂହଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ମିଳିଛି। ଓଡ଼ିଶା ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ବୃକ୍ଷରୋପଣ, ବୃକ୍ଷ ବଣ୍ଟନ, ପରିବେଶ ସୁରକ୍ଷା ସଚେତନତା, ବନାଗ୍ନି ନିରାକରଣ, ବନ୍ୟପ୍ରାଣୀ ସୁରକ୍ଷା, ମୃତ୍ତିକା ସଂରକ୍ଷଣ, ପକ୍ଷୀ ସୁରକ୍ଷା, ପ୍ଲାଷ୍ଟିକ ବ୍ୟବହାରକୁ ନା ଇତ୍ୟାଦି କାର୍ଯ୍ୟକ୍ରମ ନିମନ୍ତେ ସେ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗତ ୫ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ତପନ ଖୁଣ୍ଟିଆଙ୍କ ଉପସ୍ଥିତିରେ ଦିଲ୍ଲୀପ ସିଂହଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଦିଲ୍ଲୀପ ସିଂହଙ୍କ ଘର ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଅଧିନସ୍ଥ ନିମପୁର ଗ୍ରାମର। ଶ୍ରୀ ସିଂହଙ୍କୁ ୨୦୨୫/୨୬ ମସିହାର ପ୍ରକୃତି ବନ୍ଧୁ ପୁରସ୍କାର ପାଇଛନ୍ତି।



## କଂଗ୍ରେସର ସାମ୍ବାଦିକ ସମ୍ମିଳନୀ



ବାଲେଶ୍ୱର,୧୨।୬ (ସମିସ): ରାଜ୍ୟରେ ବିଜେପି ସରକାରର ୨ ବର୍ଷ ପୂରଣକୁ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି "ବିଫଳତାର ୨ ବର୍ଷ' ଭାବେ ଅଭିହିତ କରିଛି। ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ରାଜୀବ ଭବନଠାରେ ଜିଲ୍ଲା ସଭାପତି ସତ୍ୟ ଶିବ ଦାସଙ୍କ ନେତୃତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡବଲ ଇଞ୍ଜିନ ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଇଛି। ମୁଖ୍ୟ ଅଭିଯୋଗ ଯଥା ରାଜ୍ୟରେ ଅପରାଧ ବୃଦ୍ଧି ଓ ସରକାରଙ୍କ ନିଷ୍କ୍ରିୟତା, ଚାଷୀ ସମସ୍ୟା ସମାଧାନରେ ବିଫଳତା ଓ ମଦମୁକ୍ତ ଓଡ଼ିଶା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ, ବାଲେଶ୍ୱରକୁ ମହାନଗର ନିଗମ ମାନ୍ୟତା ନମିଳିବା, ଜିଲ୍ଲାରୁ କୌଣସି ମନ୍ତ୍ରୀ ନଥିବା ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତି ଅସମ୍ମାନ ଏବଂ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ବାଟବଣା ଓ କୋଷ୍ଟ କେନାଲ ପୁନରୁଦ୍ଧାର ପ୍ରତିଶ୍ରୁତି ଅଧାରେ। କଂଗ୍ରେସ ଆହୁରି ଅଭିଯୋଗ କରିଛି ଯେ, ଏହି ପ୍ରସଙ୍ଗଗୁଡ଼ିକରେ ବିଜେପିର ସ୍ଥାନୀୟ ବିଧାୟକ ଓ ସାଂସଦ ନୀରବ ରହି ବାଲେଶ୍ୱରର ସ୍ୱାଭିମାନ ପ୍ରତି ଉପହାସ କରିଛନ୍ତି। ଏହି ସମସ୍ତ ବିଫଳତାକୁ ନେଇ କଂଗ୍ରେସ ଆଗାମୀ ଦିନରେ ଜନତାଙ୍କ ଦରବାରକୁ ଯିବ ବୋଲି ଘୋଷଣା କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ପଦ୍ମଲୋଚନ ଲେଙ୍କା, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଉର୍ମିଳା ମାଝୀ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଜ୍ୟୋତ୍ସ୍ନା ସେନାପତି ଓ ପ୍ରତିମା ପଣ୍ଡା, ଜିଲ୍ଲା ଦଳିତ ସେଲ୍ ସଭାପତି ବିଧାନ ଜେନା, ଜିଲ୍ଲା ସାଧାରଣ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, ଦେବଦତ୍ତ ଦାସ, ନିଶିଥ ବାରିକ, ପିସିସି ସଭ୍ୟ ତରୁଣ ଦାସ, ଜିଲ୍ଲା ସାଧାରଣ ସଂପାଦକ ବିଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ନବକୃଷ୍ଣ ଚୌଧୁରୀଙ୍କ ତିରୋଧାନ ଦିବସ ପାଳନ ପ୍ରସ୍ତୁତି ବୈଠକ



ବାଲେଶ୍ୱର,୧୨।୬ (ସମିସ): ଅନ୍ତର୍ଜାତୀୟ ନିଶା ନିରୋଧ ଦିବସ ନିଶା ନିବାରଣ ଅଭିଯାନ (ମନା) ପକ୍ଷରୁ ଚଳିତମାସ ୨୬ ତାରିଖ ଦିନ ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ୍ ପରିସରରେ ପାଳିତ ହେବ ଏବଂ ସ୍ୱାଧୀନ ଭାରତରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ତିରୋଧାନ ଆସନ୍ତା ୨୪ ତାରିଖ ଦିନ ନେଳିଆବାଗସ୍ଥିତ "ମନା' କାର୍ଯ୍ୟାଳୟରେ ପାଳିତ ହେବ। ଏ ନେଇ ଶୁକ୍ରବାର ଦିନ "ମନା'ର ଏକ ପ୍ରସ୍ତୁତି ବୈଠକ ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। "ମନା'ର ଆଜୀବନ ସଦସ୍ୟତା ଗ୍ରହଣ କରିଥିବା ସନ୍ଦିପ କୁମାର ସିଂହ ଓ ଜଗନ୍ନାଥ ସାହୁଙ୍କୁ ବୈଠକରେ ସ୍ୱାଗତ କରାଯାଇଥିଲା। ଏହି ବୈଠକରେ ଜିଲ୍ଲା କମିଟି ବରିଷ୍ଠ ଉପଦେଷ୍ଟା ସୁବ୍ରତ କର, ତ୍ରିଦୀବ କୁମାର ନାୟକ, ଭାରତୀ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ସଂଜୟ କୁମାର ପଣ୍ଡା ଣ୍ଡା, ଶଶାଙ୍କ ଶେଖର ଦତ୍ତ, ଯୋଗେଶ ଚନ୍ଦ୍ର ପ୍ରଧାନ, ଭାସ୍କର ମିଶ୍ର, ରମେଶ ଚନ୍ଦ୍ର ଜେନା, ଶଚୀନ୍ଦ୍ର ଦାସ, ବେଣୁଧର ସାହୁ, ମୀନା ସେଠୀ, ବସ ବସନ୍ତ ପ୍ରଧାନ, ଶ୍ୟାମସୁନ୍ଦର ଜେନା, ଅର୍ଚ୍ଚନା ନନ୍ଦୀ, ଗୌରାଙ୍ଗ ପାଣିଗ୍ରାହୀ ଓ ଅନନ୍ତ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ ଥିଲେ। ସାଧାରଣ ସଂପାଦିକା ମମତା ମହାପାତ୍ର ବୈଠକର ଉଦ୍ଦେଶ୍ୟ ଓ ଗତ ବୈଠକର ବିବରଣୀ ଉପସ୍ଥାପିତ କରିଥଲେ। କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟବ୍ୟୟର ବିବରଣୀ ପାଠ କରିଥିଲେ। ଶେଷରେ ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ପଶୁ ଡାକ୍ତରଖାନାରେ ମହିଳା ଚିକିତ୍ସକଙ୍କ ସହ ଯୁବକକୁ ଅଟକ ରଖିଲେ ଗ୍ରାମବାସୀ

ସୋର, ୧୨।୬ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ମେଘମାଧବ ଗ୍ରାମରେ ଥିବା ପ୍ରାଣୀ ସହାୟକ କେନ୍ଦ୍ରରେ ଜଣେ ପଶୁ ଚିକିତ୍ସକଙ୍କୁ ଅନ୍ୟ ଜଣେ ଯୁବକଙ୍କ ସହ ବନ୍ଧ କାର୍ଯ୍ୟାଳୟ ଭିତରେ ଦେଖି ଗ୍ରାମବାସୀମାନେ ଅଟକ ରଖିଥିବା ଜଣାପଡିଛି। ସୂଚନା ଅନୁସାରେ ଆଜି ମଧ୍ୟାହ୍ନରେ ମେଘମାଧବ ଗ୍ରାମରେ ଥିବା ପ୍ରାଣୀ ସହାୟକ କେନ୍ଦ୍ରରେ ଡାକ୍ତରାଣୀ ଜଣେ ବ୍ୟକ୍ତିଙ୍କ ସହ ଦୀର୍ଘସମୟ ଧରି ଡାକ୍ତରଖାନା ଭିତରେ କବାଟ ବନ୍ଦ କରି ରହିଥିଲେ। ଏ ବାବଦରେ ଗ୍ରାମବାସୀମାନେ ଜାଣିବା ପରେ ଅନ୍ୟ ତାଲା ପକାଇ ସେମାନଙ୍କୁ ଅଟକ ରଖିଥିଲେ। ଦୀର୍ଘ ସମୟ ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଏ ବାବଦରେ ଡାକ୍ତରାଣୀ ଜଣଙ୍କ ତାଙ୍କୁ ଗ୍ରାମବାସୀମାନେ ଅଟକ ରଖିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗ୍ରାମବାସୀଙ୍କ ତରଫରୁ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

## ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ

ନୀଳଗିରି, ୧୨।୬ (ସମିସ): ବରହମପୁର ଆଞ୍ଚଳର ସୁନାମଧନ୍ୟ ପୂର୍ବତନ ଶିକ୍ଷକ ପଞ୍ଚାନନ ମହାପାତ୍ରଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ଗତ ୨୮/୫ରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ପରେ ତାଙ୍କୁ ବାଲେଶ୍ୱର ମେଡିକାଲ ଏବଂ ସେଠାରୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଇ ଥିଲା। ଦୀର୍ଘ ୧୨ ଦିନ ଚିକିତ୍ସା ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡିଥିଲା। ଡାକ୍ତରଙ୍କ ସଫଳ ଚେଷ୍ଟା ସତ୍ତ୍ୱେ ଗତ ୧୦/୬ ରାତ୍ରି ୧୧.୨୦ରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କର ଚାକିରି କାଳରେ ସେ ପ୍ରଥମେ ନୀଳଗିରି ଅଞ୍ଚଳର ପାଟଣା ଉ.ପ୍ରା. ବିଦ୍ୟାଳୟରେ କାର୍ଯ୍ୟ କରି ସେ ଅଞ୍ଚଳରେ ସୁନାମଧନ୍ୟ ହୋଇଥିଲେ। ପରେ ପରେ ବାଉଁଶପାଳ ଉ.ପ୍ରା, ଧରମପୁର ଉ.ପ୍ରା ଏବଂ ସର୍ବଶେଷରେ ବରହମପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱରୁ ୧୯୯୪ ମସିହା ରୁ ଅବସର ଗ୍ରହଣ କରିଥିଲେ। ତାଙ୍କର ଶିକ୍ଷାକତା ଛଡା ନାଟ୍ୟକଳା କ୍ଷେତ୍ରରେ ମଧ୍ୟ ଅଭିଜ୍ଞତା ଥିଲା।

## ମନ୍ଦିରରୁ ଚୋରି ଅଭିଯୋଗ

ସୋର,୧୨।୬ (ସମିସ): ସବିରା ପଂଚାୟତ ସବିରା ଗ୍ରାମରେ ଗତ କିଛି ଦିନ ତଳେ ପତ୍ରଶୁଣି ମନ୍ଦିର ସମେତ ୩ଟି ମନ୍ଦିର ଚୋରି ହୋଇଥିବା ବେଳେ ଗତକାଲି ରାତିରେ ପଞ୍ଚାୟତର ଅଗପଡା ଗ୍ରାମରେ ଥିବା ରାଧାକୃଷ୍ଣ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଛି। ଆଜି ସକାଳେ ମନ୍ଦିରର ପୂଜକ ଅନିରୁଦ୍ଧ ଦୀକ୍ଷିତ ମନ୍ଦିର ପୂଜା ପାଇଁ ଆସିବା ପରେ ମନ୍ଦିର ତାଲା ଭଙ୍ଗା ଯାଇ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ବାବଦରେ ଗ୍ରାମବାସୀଙ୍କୁ ଜଣାଇବା ସହ ସୋର ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗତ କିଛିଦିନ ମଧ୍ୟରେ ସୋରରେ ଚୋରମାନେ ସକ୍ରିୟ ହୋଇଥିବାରୁ ଲୋକଙ୍କ ମନରେ କୁକୁଆ ଭୟ ସୃଷ୍ଟି ହୋଇଛି।

## ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଆଇଆଇସିଙ୍କ ସହିତ ଆଲୋଚନା



ଜଳେଶ୍ୱର, ୧୨।୬ (ସମିସ) : ସୀମାନ୍ତ ସହର ଓ ବ୍ଲକ ଜଳେଶ୍ୱରର ବିଭିନ୍ନ ଆଇନ୍ ଶୃଙ୍ଖଳାକୁ ନେଇ ଆଜି ସମାଜ କଲ୍ୟାଣ ବିକାଶ ପରିଷଦର ସଦସ୍ୟମାନେ ଆଇଆଇସି ଅଶୋକ ବାରିକଙ୍କ ସହିତ ଆଲୋଚନା କରିଛନ୍ତି। ଥାନା ଅଂଚଳଟି ପଶ୍ଚିମବଂଗକୁ ଲାଗି ରହିଥିବାରୁ ବିଭିନ୍ନ ସମୟରେ ଦୁର୍ବୃତ୍ତମାନେ ଅପରାଧ କରି ପଶ୍ଚିମବଂଗକୁ ଖସି ଯାଆନ୍ତି। ଏପରିକି ଦିନ ଦ୍ୱିପ୍ରହରରେ ଛିନ୍‌ତାଇ, ଲୁଟ, ଚାନ୍ଦା ଆଦାୟ, ଗୋ-ଚାଲାଣ, ବେଆଇନ୍ ବାଲି ପରିବହନ ଇତ୍ୟାଦି ଘଟୁଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାଲାଗି ଆଲୋଚନା କରାଯାଇଥିଲା। ଥାନାକୁ ଆସୁଥିବା ଅଭିଯୋଗକାରୀମାନେ କେତେକ ଦଲାଲ ମାନଙ୍କ ଦ୍ୱାରା ଶୋଷଣର ଶୀକାର ହେଉଥିବାରୁ ଏ ସଂପର୍କରେ ଧ୍ୟାନ ଦେବାକୁ ପରିଷଦ ପକ୍ଷରୁ ଦୃଷ୍ଟିଆକର୍ଷଣ କରାଯାଇଥିଲା। ବିଭିନ୍ନ ଛକରେ ଲାଗିଥିବା କ୍ୟାମେରା ଗୁଡିକ କାର୍ଯ୍ୟକ୍ଷମ ନ ଥିବାରୁ ସେ ଗୁଡିକୁ ସଜାଡିବା ଓ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ମଧ୍ୟ ଆଲୋଚନା କରାଯାଇଥିଲା। ଆବଶ୍ୟକ ସଂଖ୍ୟକ ପୁଲିସ୍ ନ ଥିବାରୁ ସବୁସ୍ଥାନରେ ପାଟ୍ରୋଲିଂ କିମ୍ବା ତ୍ୱରିତ୍ ସେବା ପ୍ରଦାନ କରାଯିବାରେ ବିଳମ୍ବ ହେଉଥିବା ସଂପର୍କରେ ଶ୍ରୀ ବାରିକ୍ କହିଛନ୍ତି। ସଂଗଠନର ସଂପାଦକ ଆଇନ୍‌ଜୀବୀ ରାମଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଡ. ଅଜିତ୍ ମହାନ୍ତି, ବନମାଳୀ ଧଳ, ସିଦ୍ଧେଶ୍ୱର ପଣ୍ଡା, ଶ୍ରୀମନ୍ତ ଘୋଷ, ସତ୍ୟନାରାୟଣ ଦାସ ପ୍ରମୁଖ ଆଜିର ଏହି ଆଲୋଚନାରେ ଭାଗ ନେଇଥିଲେ।

## ବାଲେଶ୍ୱର ଆକାଶରେ ପ୍ରଚଣ୍ଡ ଶବ୍ଦ

ବାଲେଶ୍ୱର,୧୨।୬ (ସମିସ): ବାଲେଶ୍ୱର ଆକାଶରେ ପ୍ରଚଣ୍ଡ ଶବ୍ଦ। ପ୍ରଚଣ୍ଡ ଶବ୍ଦ ଯୋଗୁଁ ଥରିଲା ଘର ଝରକା କବାଟ। ପୂର୍ବରୁ ଏଭଳି ଶବ୍ଦ ଅନେକ ଥର ଦେଖିବାକୁ ମିଳିଥିବା ବେଳେ ଆଜି ଦିନ ୧୦ଟା ୯ ମିନିଟ୍ ବେଳେ ଏଭଳି ପ୍ରଚଣ୍ଡ ଶବ୍ଦ ଅନୁଭୂତ ହୋଇଥିଲା। ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ କେଉଁଠି କଣ ହୋଇଛି ତାକୁ ନେଇ ସମସ୍ତେ ବ୍ୟସ୍ତ ହୋଇ ପଡ଼ିଥିଲେ। ଆଜି କିନ୍ତୁ ଦୁଇଟି ଦ୍ରୁତଗାମୀ ଜେଟ୍ ଆକାଶରେ ଦୃଶ୍ୟମାନ ହୋଇଥିଲା। ପୂର୍ବରୁ ଶୂନ୍ୟ ଆକାଶରେ ଦ୍ରୁତଗାମୀ ଜେଟ ସାଉଣ୍ଡ ବେରିଅର ଅତିକ୍ରମ କରିବା ବେଳେ ପ୍ରଚଣ୍ଡ ଶବ୍ଦ ହେବାର ନଜିର ରହିଛି। ତେବେ ଆଜି ମଧ୍ୟ ସମାନ ଘଟଣା ଘଟିଥିବ ବୋଲି ଅନୁମାନ କରାଯାଉଛି।

## ବୋଲେରୋ ଧକ୍କାରେ ବାଇକ ଚାଳକ୍ ଗୁରୁତର

ସୋର, ୧୨।୬ (ସମିସ): ସୋର ରେଳ ଓଭରବ୍ରିଜ ଉପରେ ବୋଲେରୋ ଏବଂ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଚାଳକ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆଜି ସକାଳେ ଏକ ବୋଲେରୋ ଉତ୍ତରେଶ୍ୱରରୁ ବଜାର ଅଭିମୁଖେ ଯାଉଥିବା ବେଳେ ରେଳ ଓଭରବ୍ରିଜ ଉପରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ ଚାଳକ ଛତ୍ରପୁର ଗ୍ରାମରେ ଭଡାରେ ରହୁଥିବା ରବିରାଜ ସିନ୍ଧେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ରବିରାଜକୁ ସୋର ମେଡିକାଲରେ ଭର୍ତ୍ତି କରିବା ସହିତ ବୋଲେରୋ ଏବଂ ବାଇକକୁ ଜବତ କରି ସୋର ଥାନାକୁ ଆଣିଥିଲେ। ସୋର ମେଡିକାଲରେ ରବିରାଜର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି।

**ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ପ୍ରଶସ୍ତିକରଣ ପ୍ରସଙ୍ଗ**

# ଜନସଭାରେ ତଥ୍ୟ ରଖିଲେ ଭୋଗରାଇ ବିଧାୟକ

ବାଲେଶ୍ୱର(ଉତ୍ତର), ୧୨।୬(ସମିସ)






ବାଲେଶ୍ୱର ଜିଲାର ଅନ୍ୟତମ ବ୍ୟସ୍ତ ବହୁଳ ଜଳେଶ୍ୱର - ଚନ୍ଦନେଶ୍ୱର ୫୭ ନଂ ରାଜ୍ୟରାଜ ପଥର ପ୍ରଶସ୍ତି କରଣ ପ୍ରକଳ୍ପର ଶ୍ରେୟ ନେବା ପାଇଁ ରାଜନୈତିକ ବୟାନ ବାଜି ଜୋର ଧରିଛି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ପ୍ରଚେଷ୍ଟା ବଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିଛି ବୋଲି ଦାବି କରାଯାଉଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ଦଳରୁ ପ୍ରତିଦ୍ୱନ୍ଦିତା କରି ପରାଜୟ ବରଣ କରିଥିବା ନେତା ଆଶିଷ ପାତ୍ର ଏହି ପ୍ରକଳ୍ପ ତାଙ୍କ ପ୍ରସ୍ତାବ କ୍ରମେ ବାଲେଶ୍ୱର ସାଂସଦଙ୍କ ଦ୍ୱାରା ଅର୍ଥ ମଞ୍ଜୁର ହୋଇଥିବା ଦାବି କରିବା ସହିତ ବାରମ୍ବାର ସାମ୍ବାଦିକ ସମ୍ମିଳନୀ କରିବା ଏବଂ ବଡ଼ ବଡ଼ ହୋର୍ଡିଂ ମାରି ବାହାବା ନେବା ପାଇଁ ପ୍ରୟାସ କରୁଛନ୍ତି। ତେବେ ଆଜି ଭୋଗରାଇ ବ୍ଲକ କମର୍ଦ୍ଦା ଡାକ ବଙ୍ଗଳା ଛକରେ ବିଧାୟକ ଶ୍ରୀ ଦାସ ଏକ ଜନସଭା ଆୟୋଜନ କରି ଏହି ପ୍ରଶସ୍ତି କରଣ ପ୍ରକଳ୍ପ କାର୍ଯ୍ୟକାରିତାର ବାସ୍ତବ ତଥ୍ୟ ଭୋଗରାଇ ଜନ ସାଧାରଣ ଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି।

ସୂଚନାଯୋଗ୍ୟ ଯେ ଭୋଗରାଇର ଜୀବନରେଖା କୁହାଯାଉଥିବା ଏହି ରାଜ୍ୟ ରାଜପଥକୁ ଚାରି ଲେନ୍ ବିଶିଷ୍ଟ କରିବା ପାଇଁ ଉତ୍ତରବାଲେଶ୍ୱର ବାସୀଙ୍କ ଦୀର୍ଘଦିନର ଦାବି ପରେ ଭୋଗରାଇବାସୀଙ୍କ ସ୍ୱପ୍ନ ସାକାର ହେବାକୁ ଯାଉଛି ବୋଲି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି। ଉକ୍ତରାସ୍ତା ଅନ୍ତଃରାଜ୍ୟ ଝାଡ଼ଖଣ୍ଡରୁ ପଶ୍ଚିମବଙ୍ଗ ଦୀଘା ପର୍ଯ୍ୟଟନସ୍ଥଳୀଙ୍କୁ ଗମନାଗମନ ନିମନ୍ତେ କମ ଦୂରତା ଥିବାବେଳେ ବାଲେଶ୍ୱର, ମୟୂରଭଞ୍ଜ ସଦର ମହକୁମା ରୁ ଦୀଘା, ଉଦୟପୁର, ତାଳସାରୀ ପର୍ଯ୍ୟଟନକୁ ସଂଯୋଗ ହୋଇଛି। ଏତଦଭିନ୍ନ ଭୋଗରାଇ ଅଞ୍ଚଳର କୃଷିଜାତ, ମତ୍ସ୍ୟ ଓ ପାନ ସାମଗ୍ରୀର ରପ୍ତାନୀର ଏହି ରାସ୍ତା ଗୁରୁତ୍ୱ ବହନ କରୁଛି। ଜଳେଶ୍ୱର - ଚନ୍ଦନେଶ୍ୱର ରାଜ୍ୟ ରାଜପଥ ବିଭିନ୍ନ ସ୍ଥାନରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାବେଳେ ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟୁଛି। ଏହି ସମସ୍ୟା ଦୂରୀଭୂତ ଓ ରାସ୍ତାର ପ୍ରଶସ୍ତୀକରଣ ଲାଗି ବିଧାୟକ ବିଧାନସଭାରେ ସ୍ୱର ଉଠାଇବା ସହିତ ରାଜ୍ୟ ମୁଖ୍ୟମନ୍ତ୍ରୀ, ରାଜସ୍ୱ ଓ ପରିବହନ ମନ୍ତ୍ରୀଙ୍କୁ ବାରମ୍ବାର ଅବଗତ କଲାପରେ ଉକ୍ତ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ଜାତୀୟ ସଡ଼କ ଭିତ୍ତିଭୂମି ଫଣ୍ଡ (ସି ଆର ଆଇ ଏଫ) ଦ୍ୱାରା ଉକ୍ତ ରାସ୍ତା ପାଇଁ ୧୮୫ କୋଟି ଟଙ୍କା ଅନୁମୋଦିତ ହୋଇ ଆସିବାପରେ ଏମପି ନିଜର ଅବାସ୍ତବ ଘଟଣାକୁ ଲୋକଙ୍କୁ ଭ୍ରମିତ କରିବାକୁ ଗଣମାଧ୍ୟମର ସାହାରା ନେଇଛନ୍ତି ବୋଲି ସାଧାରଣ ସଭାରେ ବିଜେଡି ଅଭିଯୋଗ କରିଛି। ଅପରପକ୍ଷରେ ପ୍ରଥମ ପର୍ଯ୍ୟାୟରେ ଜଳେଶ୍ୱର ଠାରୁ ଦାରୁହା ପର୍ଯ୍ୟନ୍ତ ୨୪ କିମି ରାସ୍ତା କୁ ୩୦ମିଟର ପ୍ରଶସ୍ତୀ କରଣ ସହ କମର୍ଦ୍ଦା ରେ ଏକ ବାଇପାସ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ଦାରୁହା ଠାରୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ଅବଶିଷ୍ଟ ୧୨ କିମି ରାସ୍ତାଟିକୁ ବର୍ତ୍ତମାନ ପାଇଁ ପ୍ରାୟ ୧୨କୋଟି ଟଙ୍କାରେ ପୁନଃନିର୍ମାଣ ଓ ପ୍ରଶସ୍ତିକରଣ କରାଯିବାର ପ୍ରସ୍ତାବ ରହିଛି ବୋଲି ବିଧାୟକ ସୂଚନା ଦେଇଥିଲେ। ରାସ୍ତା କାର୍ଯ୍ୟକୁ ନେଇ ରାଜନୀତି କରଣ କିମ୍ବା ଖବରକାଗଜ ବାଘ ନହୋଇ ବାସ୍ତବ କାର୍ଯ୍ୟ ନୀତିକୁ ଶ୍ରେୟ ଦିଆଯାଉ ବୋଲି ବିଜେଡି ନେତୃମଣ୍ଡଳୀ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ଏହି ସାଧାରଣ ସଭାରେ ଜିଲାପରିଷଦ ସଦସ୍ୟ ଗିରିଶ ଚନ୍ଦ୍ର ଦତ୍ତ ସଭାପତିତ୍ୱ ରେ ଭୋଗରାଇ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଗଣପତି ଗିରି, ଜିଲା ଉପସଭାପତି ତପନ କୁମାର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ହେମନ୍ତ କୁମାର ବେହେରା, ଜିଲାପରିଷଦ ସଦସ୍ୟା କବିତା ମାହାନ୍ତି , ପ୍ରବୀଣ ଶିକ୍ଷକ ମନୀନ୍ଦ୍ର ଦାସ ମହାପାତ୍ର ବକ୍ତବ୍ୟ ରଖିଥିଲେ। ଉକ୍ତ ଜନସଭାରେ ବହୁ ଛାମୁଆ ନେତା ଓ କର୍ମୀ ଏବଂ ହଜାର ହଜାର ସାଧାରଣ ଜନତା ଯୋଗ ଦେଇଥିଲେ।

# ବର୍ଷକ ମଧ୍ୟରେ ଏମ୍‌କେସିଜିରେ ସଫଳ ୨୭ ଓପନ୍ ହାର୍ଟ ସର୍ଜରୀ

ବ୍ରହ୍ମପୁର,୧୨।୬(ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରକାର୍ଡିଓଥୋରାସିକ ଏବଂ ଭାସ୍କୁଲାରସର୍ଜରୀ(ସିଟିଭିଏସର ବିଭାଗ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଗତ ଏକ ବର୍ଷ ମଧ୍ୟରେ ବିଭାଗରେ ମୋଟ ୨୭ଟି ଓପନ୍ ହାର୍ଟ ସର୍ଜରୀ ସଫଳତାର ସହ ସମ୍ପନ୍ନ ହୋଇଛି। ଏହାର ସଫଳତା ହାର ଶତକଡ଼ା ୯୨ ପ୍ରତିଶତରୁ ଅଧିକ ରହିଛି। ଏହି ସଫଳତା ଦ୍ୱାରା ଦକ୍ଷିଣ ଓଡ଼ିଶାର ହୃଦରୋଗୀ ଉନ୍ନତ ହୃଦୟ ଚିକିତ୍ସା ପାଇଁ ଆଉ ଭୁବନେଶ୍ୱର କିମ୍ବା ରାଜ୍ୟ ବାହାରକୁ ଯିବାର ଆବଶ୍ୟକତା କମିଛି। ସିଟିଭିଏସ ବିଭାଗର ବିଶେଷଜ୍ଞ ଡାକ୍ତର, ନର୍ସ ଓ ଟେକ୍ନିକାଲ୍ କର୍ମଚାରୀଙ୍କ ସମନ୍ୱିତ ପ୍ରୟାସ ଫଳରେ ଜଟିଳ ହୃଦୟ ଅସ୍ତ୍ରୋପଚାରଗୁଡ଼ିକ ସଫଳତାର ସହ ସମ୍ପନ୍ନ ହୋଇପାରିଛି। ଏ ଅବସରରେ ବିଭାଗ ପକ୍ଷରୁ ବିଭାଗୀୟ ମୁଖ୍ୟଙ୍କ ପ୍ରଫେସର ଡା. ସାରଦା ପ୍ରସନ୍ନ ସାହୁଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଅତିଥି ଭାବେ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାସ, ଡ଼ିନ ପ୍ରଫେସର ପ୍ରଫେସର ଡ଼ା. ହରିକ୍ରିଷ୍ଣା ଦଳେଇ, ଅଧୀକ୍ଷକ ପ୍ରଫେସର ଡା. ସୁଦୀପା ଦାସ, ରେଜିଷ୍ଟ୍ରାର ଡ. ଶ୍ୱେତ ଦାଶ ଓ ଆନେସ୍ଥେସିଆ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଖଗେଶ୍ୱର ରାଉତ ଉପସ୍ଥିତ ଥିଲେ। ବିଭାଗର ଏହି ଉଲ୍ଲେଖନୀୟ ସଫଳତା ପାଇଁ ସମସ୍ତ ଚିକିତ୍ସକ, ନର୍ସିଂ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଅତିଥିମାନେ ପ୍ରଶଂସା କରିଥିଲେ। ମେଡିକାଲ କର୍ତ୍ତୃପକ୍ଷଙ୍କ କହିବାନୁସାରେ, ଆଧୁନିକ ଯନ୍ତ୍ରପାତି, ଦକ୍ଷ ଚିକିତ୍ସକ ଓ ଉନ୍ନତ ଚିକିତ୍ସା ବ୍ୟବସ୍ଥା ଯୋଗୁଁ ବିଭାଗର କାର୍ଯ୍ୟକ୍ଷମତା ବଢ଼ିଛି। ଆଗାମୀ ଦିନରେ ଅଧିକ ସଂଖ୍ୟକ ହୃଦରୋଗୀଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇବା ପାଇଁ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିବ। ଏହି ସଫଳତାକୁ ନେଇ ରୋଗୀ ଓ ସେମାନଙ୍କ ପରିବାରବର୍ଗଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଥିବା ବେଳେ, ଏମକେସିଜି ମେଡିକାଲ ଦକ୍ଷିଣ ଓଡ଼ିଶାରେ ଉନ୍ନତ ହୃଦରୋଗ ଚିକିତ୍ସାର ଏକ ପ୍ରମୁଖ କେନ୍ଦ୍ର ଭାବେ ନିଜ ସ୍ଥାନକୁ ଆହୁରି ସୁଦୃଢ଼ କରିଥିବା ଅତିଥିମାନେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ଡା. ଏସ୍. ସଞ୍ଜୀବ ପାତ୍ର ଓ ଆନେସ୍ଥେସିଆ ବିଭାଗର ବହୁ ଡ଼ାକ୍ତରଙ୍କ ସମେତ ବିଭାଗର ସମସ୍ତ ନର୍ସିଂ ଅଫିସର, ଫାର୍ମାସିଷ୍ଟ ଏବଂ ଅନ୍ୟାନ୍ୟ କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ।

## କରୁଣାକର ପାଣିଗ୍ରାହୀ ନିଖିଳ ଉତ୍କଳ ଆଇନଜୀବୀ ସଂଘର ମୁଖପାତ୍ର



ବ୍ରହ୍ମପୁର,୧୨।୬(ସମିସ): ନିଖିଳ ଉତ୍କଳ ଆଇନଜୀବୀ ସଂଘ(ଓଡିଶାର ମୁଖାପତ୍ର ଭାବେ କୁକୁଡାଖଣ୍ଡି ଓକିଲ ସଂଘର ସମ୍ପାଦକ କରୁଣାକର ପାଣିଗ୍ରାହୀଙ୍କୁ ମନୋନିତ କରାଯାଇଛି। ଏହା ଦ୍ୱାରା ଆଇନଜୀବୀ ଶ୍ରୀ ପାଣିଗ୍ରାହୀ ସଂଘର ସମସ୍ତ ଗଣମାଧ୍ୟମ ପାଇଁ ବାର୍ତ୍ତା ସମ୍ପାଦକ ଭାବେ କାର୍ଯ୍ୟ ନିର୍ବାହ କରିବେ। ଏଭଳି ଦାୟିତ୍ୱ ସଂଘର ରାଜ୍ୟ ସଭାପତି ତଥା ବରିଷ୍ଠ ଆଇନଜୀବୀ ଶିଶିର କୁମାର ପାଢୀଙ୍କ ପକ୍ଷରୁ ଦିଆଯାଇଥିବା ସଂଘ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରୁ ଜଣାପଡିଛି। ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ ସଭାପତି ଶିଶିର ପାଢୀଙ୍କ କୃତଜ୍ଞତା ଜଣାଇବା ସହ ଦାୟିତ୍ୱ ସମ୍ପାଦନ କ୍ଷେତ୍ରରେ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ସହଯୋଗ ଶ୍ରୀ ପାଣିଗ୍ରାହୀ କାମନା କରିଛନ୍ତି। ଆଇନଜୀବୀ ସଂଘ(ଓଡିଶା)ର ମୁଖପାତ୍ର ଦାୟିତ୍ୱ ମିଳିବା ପରେ ଆଇନଜୀବୀ ଶ୍ରୀ ପାଣିଗ୍ରାହୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

### ଅବସରପ୍ରାପ୍ତ ନର୍ସିଂ ଅଫିସରଙ୍କ ଘରୁ ଠକେଇ ମାମଲା

# ଗିରଫ ହେଲେ ଠକ ଦମ୍ପତି

ବ୍ରହ୍ମପୁର,୧୨।୬(ସମିସ)

ବୈଦ୍ୟନାଥପୁର ଥାନା ଅଞ୍ଚଳର ଜନୈକା ୬୧ବର୍ଷୀୟ ଅବସରପ୍ରାପ୍ତ ନର୍ସିଂ ଅଫିସରଙ୍କ ପ୍ରାୟ ୬୪ଲକ୍ଷ ଟଙ୍କା ସହ ୧୫ଭରୀ ସୁନା ଓ ରୁପା ଅଳଙ୍କାର ଠକି ନେବା ଅଭିଯୋଗରେ ପୁଲିସ ଦମ୍ପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦମ୍ପତି ହେଲେ ଜଗତସିଂପୁର ବାଲିକୁଦା ଅଳିକଣ ଗ୍ରାମର ଜେ.ଏନ. ଜେମ୍ସ ସ୍ୱାଇଁ (୩୭) ଓ ସସ୍ମିତା ରାଉତ (୩୦)। ସୂଚନାଯୋଗ୍ୟ ଯେ, ବୈଦ୍ୟନାଥପୁର ଥାନା ଅଧିନ ଲାଞ୍ଜିପଲ୍ଲୀ ହନୁମାନ ମନ୍ଦିର ସାହିର ଭାରତୀ ମହାପାତ୍ରଙ୍କ ବୈବାହିକ ବିବାଦ ସ୍ଥାନୀୟ ପରିବାର କୋର୍ଟରେ ବିଚାରାଧୀନ ଥିବା ବେଳେ ଜଗତସିଂପୁରର ଦମ୍ପତି .ଏନ୍. ଜେମ୍ସ ତାଙ୍କ ପତ୍ନୀ ସସ୍ମିତା ସେମାନଙ୍କ ବିଶ୍ୱାସ ଜନ୍ମାଇଥିଲେ। ସେମାନଙ୍କ ପାଇଁ ଭୁବନେଶ୍ୱରରେ ଏକ ଏକ ପ୍ଲଟ୍ କିଣିବେ।

ଏଭଳି ପ୍ରତିଶ୍ରୁତିକୁ ବିଶ୍ୱାସ କରି ଅଭିଯୋଗକାରୀ ଭାରତୀ ୨୦୨୪ମସିହା ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଚେକ୍ ଏବଂ ନଗଦ ଆକାରରେ ମୋଟ ୬୩ଲକ୍ଷ ୫୬ହଜାର ଟଙ୍କା ଦେଇସାରିଛନ୍ତି। ଏପରିକି ସୁରକ୍ଷିତ ହେପାଜତ ପାଇଁ ପ୍ରାୟ ୫ଭରୀ ସୁନା ଏବଂ ୧୦ଭରୀ ରୂପା ଅଳଙ୍କାର ମଧ୍ୟ ଏହି ଦମ୍ପତିଙ୍କୁ ଭାରତୀ ଦେଇଥିଲେ। ଟଙ୍କା ନେବାର ଦୀର୍ଘଦିନ ପରେ ମଧ୍ୟ ଦମ୍ପତି ଭାରତୀଙ୍କ ନାମରେ କୌଣସି ପ୍ଲଟ୍ କିଣି ନଥିଲେ କି ତାଙ୍କ ପାଖରେ ରଖାଯାଇଥିବା ସୁନା ଓ ରୂପାର ଅଳଙ୍କାର ଫେରାଇ ନଥିଲେ। ବାରମ୍ବାର ଟଙ୍କା ଓ ଅଳଙ୍କାର ମାଗିବା ପରେ ମଧ୍ୟ ସେମାନେ ତାହାକୁ ଫେରସ୍ତ କରିନଥିଲେ। ପରବର୍ତ୍ତୀ ସମୟରେ ସସ୍ମିତା ରାଉତଙ୍କ ନାମରେ ଭୁବନେଶ୍ୱରରେ ଜମି କିଣାଯାଇଥିବା ଭାରତୀ ଜାଣିବାକୁ ପାଇଥିଲେ। ଏପରିକି ଭାରତୀଙ୍କୁ ଏହି କାରବାରର ଜାଲ୍ କାଗଜପତ୍ର ଦେଖାଇଥିଲେ। ୨୦୨୫ମସିହା ମେ ୨୧ତାରିଖରେ ଏକ ଲିଖିତ ଚୁକ୍ତିନାମା ଜରିଆରେ ୨୦୨୬ଜାନୁଆରୀ ୨୧ତାରିଖ ସୁଦ୍ଧା ସମସ୍ତ ଟଙ୍କା ଫେରସ୍ତ କରିବେ ବୋଲି ଦମ୍ପତି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହାକୁ ମଧ୍ୟ ସେମାନେ ପାଳନ କରିବାରେ ବିଫଳ ହୋଇଥିଲେ। ଫଳରେ ଭାରତୀ ନିଜ ଟଙ୍କା ଏବଂ ଅଳଙ୍କାର ଫେରସ୍ତ କରିବାକୁ ଦାବି କରିଥିଲେ। ଯଦ୍ୱାରା ଦମ୍ପତି ଅଭିଯୋଗକାରୀ ଭାରତୀଙ୍କୁ ବିଭିନ୍ନ ଧମକଚମକ ଦେଇଥିଲେ।



ଯାହା ଫଳରେ ଭାରତୀ ବାଧ୍ୟ ହୋଇ ନିକଟରେ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

### ● ବିଏମ୍‌ସିରେ କଡ଼ାକଡ଼ି ହେବ ବର୍ଜ୍ୟବସ୍ତୁ ପରିଚାଳନା ନିୟମ

# ବୈଠକରେ ବିଳମ୍ବରେ ଯୋଗ ଦେଇଥିବା କର୍ମଚାରୀଙ୍କୁ ଜାରିହେବ କାରଣ ଦର୍ଶାଅ ନୋଟିସ: କମିସନର

ବ୍ରହ୍ମପୁର,୧୨।୬(ସମିସ): ଏଣିକି ସହରାଞ୍ଚଳରେ କଡାକଡି ଭାବେ କାର୍ଯ୍ୟକାରୀ ହେବ ନୂତନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ-୨୦୨୬। ଏହା ସହିତ ସମଗ୍ର ଦେଶରୁ ପୂର୍ବରୁ କାର୍ଯ୍ୟକାରୀ ହେଉଥିବା ପୁରୁଣା ବର୍ଜ୍ୟବସ୍ତୁ ପରିଚାଳନା ନିୟମ-୨୦୧୬ ପ୍ରତ୍ୟାହୃତ ହେବ। ପରିବର୍ତ୍ତୀ ନିୟମ ସମ୍ପର୍କରେ ସମସ୍ତ ପୌରାଞ୍ଚଳ ଓ ସହରାଞ୍ଚଳରେ ଲୋକଙ୍କ ମଧ୍ୟରେ ସଚଚେତନା ସୃଷ୍ଟି ସହିତ ଏହାକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇଛି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ। ଏହି ନିୟମ ରାଜ୍ୟରେ ଗତ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହୋଇସାରିଛି। ତେବେ ପରିବର୍ତ୍ତିତ ନିତିନିୟମର ସଫଳ ରୁପାୟନ ପାଇଁ ଏନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି। ଯାହାକୁ ଦୃଷ୍ଟିରେ ରଖି ସମସ୍ତ ପୌରାଞ୍ଚଳ ଓ ମହାନଗର ନିଗମରେ ସ୍ୱତନ୍ତ୍ର ବୈଠକ ଓ କର୍ମଶାଳାର ଆୟୋଜନ କରାଯାଇଛି। ଏହି କ୍ରମରେ ବ୍ରହ୍ମପୁର ମହାନଗର ନିଗମର ସମ୍ମିଳନୀ କକ୍ଷରେ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କମିସନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀ, ଡେପୁଟି କମିସନର ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରା ଦେବୀ, ଆଶିର୍ବାଦ ପରିଡା, ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାଙ୍କ ସମେତ କର୍ପୋରେଟର ଓ ସ୍ୱଚ୍ଛସାଥୀ ଓ ସାନିଟାରୀ ଇନ୍ସପେକ୍ଟରମାନେ ଉପସ୍ଥିତ ଥିଲେ। ପରିବର୍ତ୍ତିତ ଆଇନରେ କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ଖିଲାପିଙ୍କ ବିରୁଦ୍ଧରେ ୧୦ହଜାର ଟଙ୍କାର ଆର୍ଥିକ ଜରିମାନା ସହିତ ଆବଶ୍ୟକ ସ୍ଥଳେ ଜେଲଦଣ୍ଡର ମଧ୍ୟ ବ୍ୟବସ୍ଥା ଥିବା କୁହାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ବିଏମସିରେ ବାରମ୍ବାର ତଥା ନିୟମିତ ସଚେତନତା ସୃଷ୍ଟି କରାଯାଉଥିଲେ ହେଁ ଏଥିରେ କିଛଇ ଲୋକ ସହଯୋଗ କରୁନଥିବା ଦେଖିବାକୁ ମିଳିଛି। ଏପରିକି ପ୍ରତି ୱାର୍ଡରେ ଲୋକଙ୍କ ଠାରୁ ବଜର୍ଯବସ୍ତୁ ସଂଗ୍ରହ ପରେ ସେଥିପାଇଁ ଧାର୍ଯ୍ୟ ଫି ଆଦାୟ ପାଇଁ ନିୟୋଜିତ ସ୍ୱଚ୍ଛସାଥୀଙ୍କୁ ମଧ୍ୟ ଦେୟ ପ୍ରଦାନରେ ଅବହେଳା କରୁଥିବା ଜଣାପଡିଛି। ଯାହାକୁ ନେଇ ପୁନଃ ୱାର୍ଡୱାରୀ ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଏହାକୁ କଡାକଡି ଭାବେ କାର୍ଯ୍ୟକାରୀ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଓ କଟକଣା ସତ୍ତ୍ୱେ ଘର ପଛପଟେ ଥିବା ନାଳରୁ ସଫେଇ କର୍ମଚାରୀଙ୍କ ଜରିଆରେ ସଫେଇ କାର୍ଯ୍ୟ କରାଯାଉଥିବା ଭଳି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହୋଇଥିଲା। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଗମର ମୋଟ ୪୨ଜଣ କର୍ପୋରେଟରଙ୍କ ମଧ୍ୟରୁ ମାତ୍ର ୧୪ଜଣ ଉପସ୍ଥିତ ଥିବା ବେଳେ ଅନ୍ୟମାନେ ବିଭିନ୍ନ କାରଣରୁ ଅନୁପସ୍ଥିତ ଥିଲେ। ବୈଠକ ନେଇ ପୂର୍ବରୁ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଯଦିଓ ସମସ୍ତ ପଦାଧିକାରୀ ନିର୍ଦ୍ଧାରିତ ସମୟରେ ବୈଠକରେ ପହଞ୍ଚିଥିଲେ ତେବେ ଯେଉଁମାନଙ୍କ ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା ଅର୍ଥାତ୍ ଖୋଦ୍ ବିଏମସିର ସାନିଟାରୀ ଇନ୍ସପେକ୍ଟର ଓ ସ୍ୱଚ୍ଛସାଥୀମାନେ ଦିର୍ଘ ସମୟ ବିଳମ୍ବରେ ସେପୁଣି ବେଖାତିର ଭାବେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ବୈଠକରେ ଏଭଳି ସ୍ଥିତିକୁ ଦେଖି ରାଗରେ ପଞ୍ଚମ ହୋଇଥିଲେ କମିସନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀ। ବିଳମ୍ବରେ ପହଞ୍ଚିଥିବା କର୍ମଚାରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯିବ ବୋଲି ମଧ୍ୟ ମତ ରଖିଛନ୍ତି।





# 'ଶ୍ରମ' ନୁହେଁ ; 'ଶିକ୍ଷା'ର ସୁନିଶ୍ଚିତ' ପାଇଁ ଯୁବ ସମାଜର ସଂକଳ୍ପ

ବ୍ରହ୍ମପୁର,୧୨।୬(ସମିସ): ପ୍ରତିବର୍ଷ ଭଳି ଆଜି ମଧ୍ୟ ଦେଶବିଦେଶରେ ପାଳିତ ହୋଇଯାଇଛି ଆନ୍ତର୍ଜାତୀୟ ଶିଶୁ ଶ୍ରମ ନିରୋଧ ଦିବସ। ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ମଧ୍ୟରେ ଏନେଇ ସୃଷ୍ଟି କରାଯାଇଛି ସଚେତନତା। ତେବେ ବର୍ଷ ବର୍ଷ ଧରି ଚିରାଚରିତ ଢଙ୍ଗରେ ଏଭଳି ସଚେତନତା କାର୍ଯ୍ୟକ୍ରମ କରି ଲକ୍ଷାଧିକ ଟଙ୍କା ପାଣିରେ ବୁଡୁଥିଲେ ହେଁ ଆମକୁ ମିଳୁନି ସଫଳତା। ସାଧିତ ହୋଇପାରୁନି ଶିଶୁ ଶ୍ରମ ନିରୋଧ ଦିବସ ପାଳନର ଉଦ୍ଦେଶ୍ୟ। ତେବେ ଏହି ବିଫଳତା ପଛରେ ରହିଛି ବଡ କାରଣ। ଶିଶୁ ଶ୍ରମିକ ଦୂରୀକରଣ ଓ ଶିଶୁ ଅଧିକାର ସାବ୍ୟସ୍ତ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ମୋଟ ୧୧ଟି ବିଭାଗ କାର୍ଯ୍ୟ କରୁଛି। ତଥାପି ସେମାନଙ୍କ ମଧ୍ୟରେ ସମନ୍ୱୟର ଘୋର ଅଭାବ କାରଣରୁ ଏଥିରେ ସଫଳତା ମିଳିପାରୁନି। ଏଭଳି ମନ୍ତବ୍ୟ ସହିତ ତଥ୍ୟ ଭିତ୍ତିକ ସୂଚନା ଦେଇଛନ୍ତି ଖୋଦ୍ ଇଣ୍ଡିଆନ ସୋସାଇଟି ଫର ରୁରାଲ ଡେଭଲପମେଣ୍ଟ ବା (ଆଇଏସଆରଡି)ର ନିର୍ଦ୍ଦେଶକ ସୁଧୀର ସାବତ। ତେବେ ଏକ୍ଷେତ୍ରରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହିତ ବିଭାଗ ବିଭାଗ ମଧ୍ୟରେ ରହିଥିବା ସମନ୍ୱୟର ଅଭାବକୁ ଦୂର କରିବାକୁ ଯାଇ ଆଜି ଆନ୍ତର୍ଜାତୀୟ ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ ଆଇଏସଆରଡି ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରୁ ଏକ ସଚେତନତା ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରି ବ୍ରହ୍ମପୁର ମହାନଗର ନିଗମର କମିସନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀ ଶ୍ରମ ନୁହେଁ ଶିକ୍ଷାର ସୁନିଶ୍ଚିତ ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗଞ୍ଜାମର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଯୋଗଦେଇ ଶିଶୁଶ୍ରମିକଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ସୁଶ୍ରୀ ରାଜଶ୍ରୀ ଦାସ, ଜିଲ୍ଲା ଶ୍ରମ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ସେନାପତି, ଶିଶୁସୁରକ୍ଷା ବିରୋଧୀ ମଞ୍ଚର ଆବାହକ ମହେଶ୍ୱର ବରାଡ, କ୍ରାନ୍ତିର ନିର୍ଦ୍ଦେଶକ ଦେବାନନ୍ଦ ଦାଶ ଓ ଗାୟତ୍ରୀ ଶକ୍ତି ପୀଠର ପ୍ରଫୁଲ୍ଲ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ଶ୍ରମ ବିଭାଗକୁ ଶିଶୁ ଶ୍ରମିକ ପରିବାରକୁ ଚିହ୍ନଟ କରିବାକୁ ଦାବି କରିଥିଲେ।




**ଶିଶୁଶ୍ରମିକ ଦୂରୀକରଣ ଓ ଶିଶୁ ଅଧିକାର ସାବ୍ୟସ୍ତର ହୋଇପାରୁନି ସଫଳ ରୂପାୟନ**

**ବିଭାଗ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ହିଁ ସମସ୍ୟାର ଜଡ : ଆଇଏସ୍ଆର୍‌ଡି**

ଏହି ଅବସରରେ ଆଇଏସଆରଡି ପକ୍ଷରୁ ଆୟୋଜିତ ସଚେତନତା ପଦଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସଙ୍ଗଠନ ଗୁଡିକରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବାବର୍ଗ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ କୁମାର ପାଢୀ, ଗୋପାଳକୃଷ୍ଣ ଦଳବେହେରା, ସ୍ନେହାମୟୀ ପାଢୀ, ଆସ୍କିଲା ରାଇକା, ଐଶ୍ୱରୀୟା ସାବତ, ପ୍ରୀତି ସରିତା, ଶୟନୀ ମଲ୍ଲିକ, ବି. ସୁନିତା, ପାର୍ବତୀ ମଲ୍ଲିକ ଓ ବଜରଙ୍ଗ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ବିକାଶ ଦୌଡ଼ରେ ପଛରେ ପଡୁଛି ଗଞ୍ଜାମ

# ରାଜନୀତି ଉଷ୍ମ; ଉନ୍ନୟନ ଧିମା

ବ୍ରହ୍ମପୁର,୧୨।୬(ସମିସ)

ଓଡ଼ିଶାର ସର୍ବବୃହତ୍ତ ଜିଲ୍ଲା ଗଞ୍ଜାମ କେବଳ ଜନସଂଖ୍ୟା କିମ୍ବା ଭୌଗୋଳିକ ପରିସର ଦୃଷ୍ଟିରୁ ନୁହେଁ, ବରଂ ରାଜ୍ୟର ରାଜନୀତି, କୃଷି, ଶିଳ୍ପ, ଲୋକକଳା ଓ ସାମାଜିକ କ୍ଷେତ୍ରରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ବହନ କରିଆସିଛି। ଏକଦା ରାଜ୍ୟ ସରକାରଙ୍କ ବିକାଶ ଯୋଜନାର କେନ୍ଦ୍ରବିନ୍ଦୁ ଥିବା ଏହି ଜିଲ୍ଲା ଆଜି ବିକାଶର ଦୌଡ଼ରେ ପଛରେ ପଡୁଥିବା ଭଳି ଅନୁଭବ ହେଉଛି। ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ବେଳେ ରାଜନୈତିକ ସମୀକ୍ଷକମାନେ ମଧ୍ୟ ଚିନ୍ତା ପ୍ରକାଶ କରୁଛନ୍ତି। ପୂର୍ବରୁ ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ଯୋଜନା ଗଞ୍ଜାମକୁ ଆଧାର କରି ଆରମ୍ଭ ହେଉଥିଲା। କୃଷି, ମତ୍ସ୍ୟ, ଗ୍ରାମୀଣ ବିକାଶ ଓ ଶିକ୍ଷା କ୍ଷେତ୍ରରେ ଏହି ଜିଲ୍ଲାକୁ ପ୍ରାଥମିକତା ମିଳୁଥିଲା। କିନ୍ତୁ ବର୍ତ୍ତମାନ ସେହି ଗୁରୁତ୍ୱ ଆଉ ଦେଖିବାକୁ ମିଳୁନଥିବା ଅଭିଯୋଗ ହେଉଛି। ଜିଲ୍ଲାର ଅନେକ ଦୀର୍ଘଦିନର ଦାବି ଓ ପ୍ରକଳ୍ପ ଏବେ ବି କାଗଜପତ୍ରରେ ସୀମିତ ରହିଥିବା ବେଳେ ନୂତନ ଯୋଜନା କିମ୍ବା ଉନ୍ନୟନ କାର୍ଯ୍ୟର ଗତି ମଧ୍ୟ ଧିମେଇ ଯାଇଥିବା ଲୋକେ ହୃଦବୋଧ କରୁଛନ୍ତି। ଗଞ୍ଜାମରେ ପର୍ଯ୍ୟଟନ, ସାମୁଦ୍ରିକ ଅର୍ଥନୀତି, କୃଷିଭିତ୍ତିକ ଶିଳ୍ପ ଏବଂ ବନ୍ଦର ବିକାଶ ଭଳି ଅନେକ କ୍ଷେତ୍ରରେ ବିପୁଳ ସମ୍ଭାବନା ରହିଛି। ବ୍ରହ୍ମପୁରକୁ ଦକ୍ଷିଣ ଓଡ଼ିଶାର ବାଣିଜ୍ୟିକ ରାଜଧାନୀ କରିବା ଦିଗରେ ମଧ୍ୟ ଆବଶ୍ୟକ ପଦକ୍ଷେପ ଦେଖାଯାଉନଥିବା ଅଭିଯୋଗ ହୋଇଛି। ରାଜନୈତିକ ଦୃଷ୍ଟିରୁ ଗଞ୍ଜାମ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ନେତାଙ୍କ ମଧ୍ୟରେ ମତଭେଦ, ଦଳୀୟ ଅନ୍ତଦ୍ୱନ୍ଦ୍ୱ ଏବଂ ଶ୍ରେୟ ନେବାର ରାଜନୀତି ବିକାଶ କାର୍ଯ୍ୟକୁ ପ୍ରଭାବିତ କରୁଥିବା ଅଭିଯୋଗ ମଧ୍ୟ ହେଉଛି। ରାଜନୀତିର ତାତି ଭିତରେ ଅନେକ ବିକାଶମୂଳକ ପ୍ରସଙ୍ଗ ଚାପି ହୋଇଯାଉଥିବାରୁ ଜନସାଧାରଣ ନିରାଶ ହେଉଛନ୍ତି। ନୂଆ ସରକାର ଗଠନ ପରେ ଗଞ୍ଜାମ ପାଇଁ ବହୁ ଆଶା ଓ ଆକାଂକ୍ଷା ସୃଷ୍ଟି ହୋଇଥିଲା। ଜିଲ୍ଲାର ଦୀର୍ଘଦିନର ସମସ୍ୟାର ସମାଧାନ ସହ ନୂତନ ପ୍ରକଳ୍ପ ଆସିବ ବୋଲି ଲୋକେ ଆଶା କରିଥିଲେ। ତେବେ ସେହି ଆଶା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇନଥିବା କୁହାଯାଇଛି। ଗଞ୍ଜାମର ବିକାଶ କେବଳ ଏକ ଜିଲ୍ଲାର ପ୍ରସଙ୍ଗ ନୁହେଁ, ବରଂ ଦକ୍ଷିଣ ଓଡ଼ିଶାର ସାମଗ୍ରିକ ଉନ୍ନତି ସହ ଜଡ଼ିତ। ତେଣୁ ରାଜନୈତିକ ଚର୍ଚ୍ଚାରୁ ଉପରକୁ ଉଠି ଜିଲ୍ଲାର ସମ୍ଭାବନାକୁ ବାସ୍ତବ ରୂପ ଦେବା ପାଇଁ ସରକାର, ଜନପ୍ରତିନିଧି ଓ ପ୍ରଶାସନଙ୍କ ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲ ମତ ପ୍ରକାଶ କରିଛନ୍ତି। ନଚେତ୍ ଏକଦା ବିକାଶର ଆଗଧାଡ଼ିରେ ଥିବା ଗଞ୍ଜାମ ଆଗାମୀ ଦିନରେ ଆହୁରି ପଛକୁ ଚାଲିଯିବାର ଆଶଙ୍କା ରହିଛି। ଏନେଇ ଛତ୍ରପୁରର ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା କହିଛନ୍ତି ଯେ, ପୂର୍ବ ସରକାର ଅମଳରେ ଅଭିନବ ଯୋଜନା ପାଇଲଟ୍ ପ୍ରକଳ୍ପ ଭାବେ ଗଞ୍ଜାମରୁ କାର୍ଯ୍ୟକାରୀ ହେଉଥିଲା। ତାରାତାରିଣୀ ମନ୍ଦିର ରୂପାନ୍ତରଣ, ୫-ଟି ସ୍କୁଲ ରୂପାନ୍ତରିକରଣ ଏହାର ପ୍ରମୁଖ ଉଦାହରଣ। ଏହି ପ୍ରକଳ୍ପ ପ୍ରଥମେ ଗଞ୍ଜାମର ହିଞ୍ଜିଳିରୁ ଆରମ୍ଭ ହୋଇଥିଲା। ଏଥିରୁ ଅନେକ ଶିକ୍ଷା ମଧ୍ୟ ମିଳିଥିଲା। ରାଜ୍ୟକୁ ନୂଆ ଦିଶା ଦେଇଥିଲା। ବର୍ତ୍ତମାନ ସରକାରରେ ଗଞ୍ଜାମ ସମ୍ପୂର୍ଣ୍ଣ ଅବହେଳିତ। ଗଞ୍ଜାମ ଜାତୀୟସ୍ତରରେ ଏବେ ଯେଉଁ ପୁରସ୍କାର ପାଉଛି, ତାହା ବିଗତ ଦୁଇବର୍ଷ ତଳର ଉଦ୍ୟମ। ପୋଟଲାମପୁର ଭଳି ଅନେକ ଯାଗାରେ ନୂଆ ସରକାର ସମୟରେ ଇଟା ଖଣ୍ଡେ ମଧ୍ୟ ପଡ଼ିନି। ନୂଆ ସରକାର କିଛି ନୂତନ କରିନାହାନ୍ତି। ପୂର୍ବ ସରକାର ଅମଳରେ ଯାହା ଅନୁମୋଦନ ହୋଇଥିଲା, ତାହା ନିର୍ଦ୍ଧାରିତ ସମୟରେ ବିଜେପି ସାରିପାରୁନି। ଗ୍ରାମାଞ୍ଚଳରେ ଅନେକ କାମ ଠପ୍ ହୋଇଯାଇଛି। କଂକ୍ରିଟ୍ ରାସ୍ତା, ପାନୀୟଜଳ, ଜଳସେଚନ ଆଦି କ୍ଷେତ୍ରରେ ଆଖିଦୃଶିଆ କାମ ହୋଇନି। ପଞ୍ଚାୟତ ଗୁଡ଼ିକୁ ଯଥେଷ୍ଟ ଅନୁଦାନ ମିଳୁନି। ଗଞ୍ଜାମରୁ ଶାସକ ଦଳର ଅଧିକ ବିଧାୟକ ବିଧାନସଭାକୁ ଯାଇଛନ୍ତି। ସେହି ଅନୁପାତରେ ସରକାରୀ କ୍ଷେତ୍ରରେ ଅନୁଦାନ ଆସୁନି କି ବିନିଯୋଗ ହୋଇପାରୁନି। ଶାସକ ଦଳର ଜନ ପ୍ରତିନିଧି ସଭା ସମିତିରେ ବ୍ୟସ୍ତ। ବ୍ରହ୍ମପୁର, ଛତ୍ରପୁର ସମେତ ଜିଲ୍ଲାର କୌଣସି ଆଖିଦୃଶିଆ ହୋଇନି। ମେଗା ପାନୀୟ ଜଳ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇପାରୁନି। ଗତ ସରକାର ସମୟରେ ତାମ୍ପରା ହ୍ରଦର ସୌନ୍ଦର୍ଯ୍ୟକରଣ ହୋଇଥିଲା। ତାହାର ରକ୍ଷଣାବେକ୍ଷଣ ହେଉନି। ଜଳାଶୟ ଗୁଡ଼ିକର ମଧ୍ୟ ପୁନଃଉଦ୍ଧାର କରାଯାଉନି। ଅନେକ ପ୍ରକଳ୍ପ ପ୍ରତି ପର୍ଯ୍ୟାପ୍ତ ଆର୍ଥିକ ଅନୁଦାନ ମିଳୁନି। ଯାହା ଆସୁଛି ସେଗୁଡ଼ିକ ଖର୍ଚ୍ଚ ହୋଇପାରୁନି। ଫଳରେ ଗଞ୍ଜାମ ବିକାଶରେ ପଛରେ ପଡ଼ିଯାଇଛି ବୋଲି ଶ୍ରୀ ବେହେରା ଅଭିଯୋଗ କରିଛନ୍ତି। ଅପରପକ୍ଷରେ ନୂତନ ବିକାଶ ଦିଗରେ ରାଜ୍ୟ ସମେତ ଗଞ୍ଜାମ ଆଗେଇ ଚାଲିଥିବା ବିଜେପି ନେତାମାନେ ଦୃଢୋକ୍ତି ପ୍ରକାଶ କରୁଛନ୍ତି।

### ସିପିଏମ୍ ପକ୍ଷରୁ ଦୁଇ ଦିନିଆ ଜିଲ୍ଲା କମିଟି ବୈଠକ

# ଆଇନଶୃଙ୍ଖଳା, ଅସହାୟ ଭତ୍ତା ଓ ବିଜୁଳି ବିଭ୍ରାଟ ବିରୁଦ୍ଧରେ ହେବ ଆନ୍ଦୋଳନ



ବ୍ରହ୍ମପୁର,୧୨।୬(ସମିସ): ସ୍ଥାନୀୟ କମ୍ୟୁନିଷ୍ଟ ହଲରେ ସିପିଏମର ଦୁଇ ଦିନିଆ ଜିଲ୍ଲା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ବରିଷ୍ଠ ନେତା ରାମ ଚନ୍ଦ୍ର ନାୟକ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ରାଜନୈତିକ ଓ ସାଙ୍ଗଠନିକ ଅବସ୍ଥା ସମ୍ପର୍କରେ ଲୋଚନା କରାଯାଇଥିଲା। ବାର୍ଦ୍ଧକ୍ୟ ଭତ୍ତା, ପେଟ୍ରୋଲ ଡିଜେଲ ଓ ଗ୍ୟାସର ଦର ବୃଦ୍ଧି, ବିଦ୍ୟୁତ ବିଭ୍ରାଟ ଓ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଦାବିରେ ଜିଲ୍ଲା ବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ସେହିଭଳି ମନରେଗାରେ କାମ, ଚାଷୀଙ୍କୁ ସାର ଓ ଅନ୍ୟାନ୍ୟ ଉପକରଣ ଯୋଗାଇ ଦେବା ପାଇଁ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବୀ କରାଯାଇଛି।

ବୈଠକରେ ରାଜ୍ୟର ବରିଷ୍ଠ ନେତା ଅଳି କିଶୋର ପଟ୍ଟନାୟକ ଯୋଗଦେଇ ଜାତୀୟ ଓ ଆନ୍ତର୍ଜାତୀୟ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ରାଜନୈତିକ ଓ ସାଙ୍ଗଠନିକ ରିପୋର୍ଟ ଆଗତ କରିଥିଲେ।

## ଜୁଆଣିଆ-ମଧୁବନ ଖରସ୍ରୋତା ନଦୀବନ୍ଧ କାମ ନିମ୍ନମାନର

# ହାତ ମାରିଲେ ଉଠିଯାଉଛି ପିଚୁ, ତଦନ୍ତ ଦାବି

ଗୋବିନ୍ଦପୁର,୧୨।୬(ସମିସ)



ଆଳି ବ୍ଲକ୍ ଅନ୍ତର୍ଗତ ଜଳସମ୍ପଦ ବିଭାଗର ଆଳି ତଟବନ୍ଧ ଡିଭିଜନ ଅଧୀନସ୍ଥ ଧୋଯାଞ୍ଚଳର ଜୁଆଣିଆଠାରୁ ମଧୁବନ ଗ୍ରାମ ପର୍ଯ୍ୟନ୍ତ ନିର୍ମିତ ଖରସ୍ରୋତା ନଦୀବନ୍ଧ ରାସ୍ତା ପ୍ରଶସ୍ତୀକରଣ କାମ ଅତି ନିମ୍ନମାନର ହୋଇଛି। ନିର୍ମାଣର ସପ୍ତାହେ ମଧ୍ୟରେ ରାସ୍ତାରୁ ପିଚୁ ଉଠିଲାଣି। ଠିକାଦାର ଓ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ କାର୍ଯ୍ୟ ନିମ୍ନମାନର ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି। ସୂଚନା ମୁତାବକ, ଖରସ୍ରୋତା ନଦୀବନ୍ଧର ଜୁଆଣିଆ-ମଧୁବନ ପର୍ଯ୍ୟନ୍ତ ପ୍ରଶସ୍ତୀକରଣ ପାଇଁ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ନିର୍ମାଣ ଆରମ୍ଭରୁ ଅନିୟମିତତା ଓ ନିମ୍ନମାନର କରାଯାଇଥିଲା। କାମ ସାରିଲାଣି, କିନ୍ତୁ ଏ ପର୍ଯ୍ୟନ୍ତ ସୂଚନା ପାଇଁ ଫଳକ ଲାଗିନାହିଁ। ମାଟି କାମରେ ଅନିୟମିତତା କରାଯାଇ ଏଷ୍ଟିମେଣ୍ଟ ଅନୁଯାୟୀ ଉଚ୍ଚତା ଓ ଚଉଡା କମ୍ କରାଯାଇଛି। ଡଷ୍ଟ ଓ ମେଣ୍ଟାଲ ଭାଗ ଅତି କମ୍ କରାଯାଇଛି। ଅଧିକାଂଶ ସ୍ଥାନରେ ରୋଲିଂ କରାଯାଇନାହିଁ। ମାଟି ଉପରେ ପ୍ରାଇମର ବହୁତ ସ୍ଥାନରେ ଦିଆ ନ ଯାଇ ମାଟି ଉପରେ ପିଚୁ ଦିଆଯାଇଥିବାରୁ ପିଚୁ ଫଡାଫଡା ହୋଇ ଉଠିଯାଉଛି। ପିଚୁ କାମ ଅତି ନିମ୍ନମାନର କରାଯାଇଥିବାରୁ କାର୍ଯ୍ୟର ଏକ ସପ୍ତାହର ମଧ୍ୟରେ ହାତ ମାରିଲେ ପିଚୁ ଉଠିଯାଉଛି। ଦୁଇଟି ସ୍ଥାନରେ ରାସ୍ତା ଦବିଗଲାଣି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ସ୍ଥାନୀୟ ଲୋକ ଦାବି କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## କୋଠିଘାଟରେ ବିଜେଡିର ମହିଳା ସମାବେଶ



**ରାଜନଗର, ୧୨।୬(ସମିସ):** ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତର କୋଠିଘାଟରେ ବିଜେଡି ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ୪ଟି ପଞ୍ଚାୟତର ମହିଳା ଯୋଗ ଦେଇଥିଲେ। ବ୍ଲକ୍ ମହିଳା ବିଜେଡି ସଭାନେତ୍ରୀ ରଶ୍ମୀରଞ୍ଜିତା ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମହିଳା ସମାବେଶରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ରାଜ୍ୟରେ ଅପାରଗ ଓ ଦୁର୍ନୀତିଗ୍ରସ୍ତ ସରକାର ଚାଲିଛି। ୨ ବର୍ଷ ହେଲା ରାଜ୍ୟର ବିକାଶ ପରିବର୍ତ୍ତେ କେବଳ ରଙ୍ଗ ବୋଳା ହେଉଛି। ଆଇନଶୃଙ୍ଖଳା ଭୁଶୁଡି ପଡିଛି। ଏ ସରକାରରେ ନାରୀ ଅଧିକ ଅତ୍ୟାଚାରିତ ହେଉଥିବା କହିଥିଲେ। ଏହି ସମାବେଶରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଖୁକୁମିନା କୁଆଁର, ସରପଞ୍ଚ ଲୋପାମୁଦ୍ରା ଜେନା, ସ୍ୱର୍ଣ୍ଣଲତା ମଣ୍ଡଳ, ଗାୟତ୍ରୀ ପରିଡ଼ା, ଦ୍ରୌପଦୀ ସେଠୀ, ସମିତି ସଭ୍ୟା ଶଶୀକଳା ବେହେରା, ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ବ୍ଲକ ଆମ୍ବ ଅଧ୍ୟକ୍ଷ କୈଳାସ ପରିଡା, ବିଜୟ ନାୟକ, ରମେଶ ବେହେରା ପ୍ରମୁଖ ସାମିଲ ଥିଲେ।

## ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

**କେନ୍ଦ୍ରାପଡ଼ା,୧୨।୬(ସମିସ):** ଗରିବ ଓ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ଆଉ ଏକ ବଡ଼ ପଦକ୍ଷେପ ଭାବେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଗୁରୁବାର ଶୁଭାରମ୍ଭ ହୋଇଛି। ଏଣିକି ଯୋଗ୍ୟ ହିତାଧିକାରୀଙ୍କୁ ପୂର୍ବରୁ ମିଳୁଥିବା ୫ କିଲୋଗ୍ରାମ ଚାଉଳ ସହ ଅତିରିକ୍ତ ୫ କିଲୋଗ୍ରାମ ପ୍ରଦାନ କରାଯିବ। ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟସ୍ତରୀୟ ଉଦ୍‌ଘାଟନୀ ସମାରୋହ ସହ ସଂଯୁକ୍ତ ହୋଇଥିଲା। ଏ ଅବସରରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା କାର୍ଡ ବଣ୍ଟନ କରିବା ସହ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରିଥିଲେ। ଏ ଅବସରରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁର୍ଗାପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି କିଶୋର ପଣ୍ଡା, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, ଜିଲ୍ଲାପାଳ ରଘୁରାମ ଆର୍. ଆୟର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା ଓ ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ସମେତ ବହୁ ଜନପ୍ରତିନିଧି, ଅଧିକାରୀ ଓ ହିତାଧିକାରୀ ଉପସ୍ଥିତ ଥିଲେ।



## ବଳଦେବଜୀଉ ମନ୍ଦିର ହୁଣ୍ଡିରୁ ୪ ଲକ୍ଷ ୬୦ ହଜାର ଟଙ୍କା ଆୟ

**କେନ୍ଦ୍ରାପଡ଼ା, ୧୨।୬(ସମିସ):** କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ବଳଦେବଜୀଉଙ୍କ ମନ୍ଦିରରେ ସ୍ଥାପିତ ହୁଣ୍ଡିକୁ ଗୁରୁବାର ଖୋଲାଯାଇଥିବାବେଳେ ଗଣତି ପରେ ୪ ଲକ୍ଷ ୬୦ ହଜାର ୨୪୦ ଟଙ୍କା ସଂଗୃହୀତ ହୋଇଥିବା ଜଣାପଡ଼ିଛି। ସଂଗୃହୀତ ଅର୍ଥକୁ ମନ୍ଦିରର ପାଣ୍ଠିଭୁକ୍ତ କରାଯାଇଛି। ବଳଦେବଜୀଉଙ୍କ ଜଗମୋହନ ଦେଉଳରେ ସ୍ଥାପିତ ହୁଣ୍ଡିକୁ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସାରେ ଖୋଲାଯାଇ ଗଣତି କରାଯାଇଥିଲା। ଭକ୍ତଙ୍କ ଦ୍ୱାରା ଅର୍ପିତ ଦାନରୁ ମୋଟ ୪,୬୦,୨୪୦ ଟଙ୍କା ସଂଗ୍ରହ ହୋଇଥିବାବେଳେ ଏହି ରାଶିକୁ ମନ୍ଦିରର ବିକାଶ ଓ ନିତିକାନ୍ତି କାର୍ଯ୍ୟ ପାଇଁ ପାଣ୍ଠିଭୁକ୍ତ କରାଯାଇଛି। ଏହି ଗଣତି କାର୍ଯ୍ୟରେ ମନ୍ଦିରର ନିର୍ବାହୀ ଅଧିକାରୀ ବଲ୍ଲଭ ପ୍ରଧାନ, ଟ୍ରଷ୍ଟ ବୋର୍ଡ ସଦସ୍ୟ ତଥା ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ, ସେବକ ଟ୍ରଷ୍ଟର ନୃସିଂହ ପତ୍ରୀ, ଅଫିସ ସହାୟକ ଶରତ ପାତ୍ର, ଅବସରପ୍ରାପ୍ତ କର୍ମଚାରୀ ପତିତପାବନ ଲେଙ୍କା, ପ୍ରବୋଧ ପଣ୍ଡା, ନାରାୟଣ ଜେନା, ରାଜକିଶୋର ମହାନ୍ତିଙ୍କ ସମେତ ଦେବୋତ୍ତର ସଂସ୍ଥାର କର୍ମଚାରୀ ଉପସ୍ଥିତ ଥିଲେ।

## ସହରାଞ୍ଚଳ ଜନ ସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ



**ପଟ୍ଟାମୁଣ୍ଡାଇ,୧୨।୬(ସମିସ):** ପଟ୍ଟାମୁଣ୍ଡାଇ ପୌରପରିଷଦ କାର୍ଯ୍ୟାଳୟରେ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରପରିଷଦ ଅଧୀନସ୍ଥ ନାଗରିକ, ସ୍ୱଚ୍ଛ ସାଥି, ଜଳସାଥି, ଅଙ୍ଗନବାଡି କର୍ମୀ ଯୋଗଦେଇ ବିଲଡିଂ ପ୍ଲାନ, ଆବାସ ଯୋଜନା, ସହଯୋଗ, ଜଳ ସଂଯୋଗ ଆଦି ଯୋଜନା ସମ୍ପର୍କରେ ଅବଗତ ହେବା ସହିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାସ ଓ ବିଭିନ୍ନ ୱାର୍ଡର କାଉନସିଲର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଭିତ୍ତିଭୂମି ବିକାଶ ଓ ନାଗରିକ ସେବାରେ ଆସିଥିବା ସୁଧାର ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ନିଜ ନିଜ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

## ବିଜେଡି ନେତା ସୁବାସ ସାହୁଙ୍କ ପରଲୋକ



**ପଞ୍ଚୁପାଣ୍ଡବ,୧୨।୬(ସମିସ):** ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମର ବିଜେଡି ନେତା ତଥା ଗ୍ରାମର ଦୁର୍ଗାପୂଜା କମିଟି ସମ୍ପାଦକ ସୁବାସ ଚନ୍ଦ୍ର ସାହୁ (୬୨)ଙ୍କ ପରଲୋକ ହୋଇଯାଇଛି। ଗୁରୁବାର ଅପରାହ୍ନ ସମୟରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକ ପ୍ରଥମେ କେନ୍ଦ୍ରାପଡ଼ା ପରେ ଜଗତପୁର ସଦ୍‌ଗୁରୁ ଓ ଶେଷରେ ଭୁବନେଶ୍ୱରର ବେସରକାରୀ ହସ୍ପିଟାଲରେ ଚିକିତ୍ସା କରିବାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ସାହୁ ବିଭିନ୍ନ ପ୍ରାଇଭେଟ୍ ମେଡ଼ିକାଲରେ ଆଡିସନାଲ ମ୍ୟାନେଜର ପଦରେ ରହି ଶେଷରେ ଭୁବନେଶ୍ୱର ନୀଳାଞ୍ଚଳ ଡାକ୍ତରଖାନାରେ ଆଡିସନାଲ୍ ମ୍ୟାନେଜର ପଦରେ ରହିଥିଲେ। ଗ୍ରାମ ଦୁର୍ଗାପୂଜା କମିଟି ସମ୍ପାଦକ ପଦରେ ପ୍ରାୟ ୪୫ ବର୍ଷ ଧରି ସୁଚାରୁରୂପେ କାର୍ଯ୍ୟ ତୁଲାଇଥିବାବେଳେ ପଲ୍ଲୀ ମଙ୍ଗଳ ଯୁବକ ସଂଘର ଉପଦେଷ୍ଟା, ଥାନପତି ମେଳଣର ଉପସଭାପତି ଥିଲେ। ବିଜେଡି ନେତା ଭାବେ ଦଳକୁ ସୁଦୃଢ଼ କରିଆସୁଥିଲେ। ତାଙ୍କ ପରଲୋକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଭବାନୀ ଓଝା, ସରପଞ୍ଚଙ୍କ ପ୍ରତିନିଧି ନୀଳମାଧବ ନାୟକ ଓ ମହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମର ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ପ୍ରଭଞ୍ଜନ ସାହୁ ମୁଖାଗ୍ନି ଦେଇଥିଲେ।

## ବଜ୍ରପାତରେ ମଇଁଷି ଚରାଳିଙ୍କ ମୃତ୍ୟୁ

**ଡେରାବିଶ, ୧୨।୬(ସମିସ):** ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଯଅଁରାବାରିମୂଳ ଗ୍ରାମ ଶେଷମୁଣ୍ଡରେ ଥିବା ବାଘର ମଠ ନିକଟରେ ଆଜି ବଜ୍ରପାତ ଘଟି ଜଣେ ମଇଁଷି ଚରାଳିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଗରାମ ଗ୍ରାମର କୈଳାସ ଦାସଙ୍କ ପୁଅ ପ୍ରଫୁଲ୍ଲ ଦାସ। ଆଜି ମଧ୍ୟାହ୍ନରେ ପ୍ରଫୁଲ୍ଲ ତାଙ୍କ ମଇଁଷିଙ୍କୁ ଧରି ବାଘର ମଠ ନିକଟରେ ଥିବା ଗହିରରେ ଚରାଉଥିଲେ। ଏହି ସମୟରେ ହଠାତ୍ କଳାହାଣ୍ଡିଆ ମେଘ ଉଠାଇ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ମଇଁଷି ପଲ ନିକଟରେ ଥିବା ପ୍ରଫୁଲ୍ଲଙ୍କ ଉପରେ ବଜ୍ରାଘାତ ହୋଇଥିଲା। ସେ ସେଠାରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିରହିଥିଲେ। ଏହି ସମୟରେ ତାଙ୍କ ବାପା କୈଳାସ ପୁଅ ପ୍ରଫୁଲ୍ଲଙ୍କ ପାଇଁ ମଧ୍ୟାହ୍ନ ଭୋଜନ ନେଇ ଯାଇ ତାଙ୍କ ପୁଅ ଚେତାଶୂନ୍ୟ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ସରପଞ୍ଚ ଶଙ୍କର୍ଷଣ ପରିଡ଼ା ଓ ଗ୍ରାମବାସୀ ପହଞ୍ଚି ପ୍ରଫୁଲ୍ଲଙ୍କୁ ଚିକିତ୍ସା ପାଇଁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କର୍କଟ ପୀଡ଼ିତ ପାଲା ଗାୟକଙ୍କୁ ସହାୟତା



**ଡେରାବିଶ,୧୨।୬(ସମିସ):** ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳ ଅନ୍ତର୍ଗତ ଜଳପୋକ ପଞ୍ଚାୟତ ଅନ୍ତର୍ଗତ ପକ୍ଷୋଟ ଗ୍ରାମର କର୍କଟ ରୋଗରେ ପୀଡ଼ିତ ପାଲା ଗାୟକ ପ୍ରଶାନ୍ତ କୁମାର ଦାସଙ୍କ ଚିକିତ୍ସା ନିମନ୍ତେ ମାର୍ଶଘାଇ ବ୍ଲକ୍ ଦୁମୁକା ପଞ୍ଚାୟତ ଅନ୍ତର୍ଗତ କୁସୁନପୁର ଗ୍ରାମର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ପର୍ଶୁରାମ ନାୟକ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଗାୟକ ଶ୍ରୀ ଦାସଙ୍କ ତିନିବର୍ଷ ତଳେ ମୁଖଗହ୍ୱର କର୍କଟ ଅପରେସନ୍ ହେବା ପରଠାରୁ ସେ କେମୋଥେରାପିରେ ରହିଛନ୍ତି। ଫଳରେ ଶ୍ରୀ ଦାସ ସ୍ୱଷ୍ଟ ଭାବେ କଥା କହିବା ଓ ସଙ୍ଗୀତ ବୋଲି ପାରୁନଥିବାରୁ ବୃତ୍ତି ଛାଡ଼ିବାକୁ ବାଧ ହୋଇଛନ୍ତି। କଲେଜରେ +୨ ବିଜ୍ଞାନ ପଢୁଥିବା ଝିଅର ପଢ଼ା ଖର୍ଚ୍ଚ ଓ ୭ ବର୍ଷ ପୁଅର ଶିକ୍ଷା ନିମନ୍ତେ ଅର୍ଥ ବାଧକ ହୋଇଛି। ଏ କଥା ଜାଣି ସମାଜସେବୀ ଶ୍ରୀ ନାୟକ ପ୍ରଶାନ୍ତଙ୍କ ବାସଭବନରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ପୁଅର ପଢ଼ାଖର୍ଚ୍ଚ ପାଇଁ ମାସିକ ଏକହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ଅବସରରେ ଶ୍ରୀ ଦାସଙ୍କ ପତ୍ନୀ, ଗ୍ରାମର ପୁରୁଷୋତ୍ତମ ଦାସ, ଛବିନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଜନା ଛୁଇଁ ତୋଳିବାକୁ ନେଇ ହତ୍ୟାକାଣ୍ଡ ଘଟଣାରେ ୫ କୋର୍ଟ ଚାଲାଣ

**ରାଜନଗର, ୧୨।୬(ସମିସ):** ସଜନା ଛୁଇଁ ତୋଳିବାକୁ ନେଇ ଦୁଇ ସମ୍ପର୍କୀୟ ପରିବାର ମଧ୍ୟରେ ପାଟିତୁଣ୍ଡ, ହଣାକଟା ସହିତ ହତ୍ୟାକାଣ୍ଡ ରୂପ ନେଇଥିଲା। ଏହି ଘଟଣାରେ ବାହାର ଗୁଣ୍ଡା ଆସିବା ଫଳରେ ହତ୍ୟାକାଣ୍ଡ ଘଟିଲା ବୋଲି କୁହାଯାଉଛି। ଏହି ଘଟଣାରେ ରାଜନଗର ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ମୃତ୍ୟୁବରଣ କରିଥିବା ଯୁବକ କୈଳାସ ମଲ୍ଲିକଙ୍କ ପତ୍ନୀ ସଂଗୀତା ମଲ୍ଲିକଙ୍କ ଅଭିଯୋଗ ଆଧାରରେ ରାଜନଗର ଥାନାରେ କେସ ନମ୍ବର ୨୩୯/୨୦୨୬ରେ ମାମଲା ରୁଜୁ ହୋଇଥିବାବେଳେ ଏହି ହତ୍ୟାକାଣ୍ଡ ଘଟଣାରେ କଟୁରି ଚୋଟରେ ଆହତ ହୋଇଥିବା ରାଜକିଶୋର ନାୟକ, ଗଙ୍ଗାଧର ନାୟକ ଓ ପ୍ରଭାକର ନାୟକଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ରାଜକିଶୋରଙ୍କ କଟୁରି ଚୋଟରେ ବାମ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସେ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ବାପା ଓ ସାନଭାଇ ମେଡିକାଲରେ ଥିଲେ। ପୁଲିସ ୧୦ ତାରିଖ ରାତିରେ କଟକ ବଡ ମେଡିକାଲରେ ଜଗି ରହିବା ସହ ଡିସଚାର୍ଜ ପରେ ରାଜକିଶୋର, ତାଙ୍କ ବାପା ଓ ଭାଇଙ୍କୁ ଗିରଫ କରି ରାଜନଗର ଥାନାକୁ ଆଣିଥିଲା। ପରବର୍ତ୍ତୀ ପରେ ଆଜି ହତ୍ୟା ମାମଲାରେ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଥିସହ ଅନ୍ୟ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ରାଜନଗର ଥାନା ଅନ୍ତର୍ଗତ କୋଇଲିପୁର ପଞ୍ଚାୟତ ଇଶାଣୀପଡ଼ା ଗାଁର ପ୍ରତାପ ନାୟକ ଓ ପ୍ରଭାକର ନାୟକଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ଶତ୍ରୁତା ରହିଛି। ଉଭୟ ସମ୍ପର୍କରେ ଦାଦା ପୁତୁରା ହୋଇଥିଲେ ମଧ୍ୟ ବିଭିନ୍ନ ସମୟରେ ପାଟିତୁଣ୍ଡ ଲାଗି ରହୁଥିଲା। ୧୦ ତାରିଖ ଅପରାହ୍ନ ୪ ଘଟିକା ସମୟରେ ବିବାଦୀୟ ଜାଗାରେ ଥିବା ସଜନା ଗଛରେ ହୋଇଥିବା ସଜନା ଛୁଇଁ ତୋଳିବାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ରାତି ପ୍ରାୟ ୮ ଘଟିକା ସମୟରେ ପ୍ରଭାକରଙ୍କ ପରିବାର ଲୋକ ଘର ପିଣ୍ଡାରେ ବସିଥିବାବେଳେ ହଠାତ ପ୍ରତାପ ନାୟକଙ୍କ ପୁଅ ସୁଶାନ୍ତ ନାୟକ ୮/୧୦ ଜଣ ଯୁବକଙ୍କ ସହିତ ମରଣାସ୍ତ୍ର ଧରି ପହଞ୍ଚିଥିଲେ। ପିଣ୍ଡା ଉପରେ ବସିଥିବା ପ୍ରଭାକରଙ୍କ ବଡ଼ପୁଅ ରାଜକିଶୋର ନାୟକଙ୍କୁ କଟୁରୀରେ ହାଣିଥିଲେ। ରାଜକିଶୋରଙ୍କ ବାମ ହାତ ବାହୁରେ ଚୋଟ ବସିଥିଲା। ଏହି ଘଟଣାରେ ରାଜକିଶୋରଙ୍କ ମାଆ ପ୍ରେମଲତା ନାୟକଙ୍କ ଅଭିଯୋଗ ଆଧାରରେ ରାଜନଗର ଥାନାରେ କେସ ନମ୍ବର ୨୪୦/୨୦୨୬ରେ ଅର୍ନପୂର୍ଣ୍ଣା ନାୟକ, ସୁଶାନ୍ତ ନାୟକ, କୈଳାସ ନାୟକ, ଧୁନ୍ଦା ମଲ୍ଲିକ, ସିଲୁଆ ମଲିକ, ରବି ମଲିକ, ସମ୍ପ୍ରିତ ମଲିକ, ଆକାଶ ମଲିକ, ଦୀପା ମଲିକଙ୍କ ନାଁରେ ମାମଲା ରୁଜୁ ହୋଇଛି। ୯ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଧୁନ୍ଦା ମଲିକ ଓ ସିଲୁଆ ମଲିକଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି।

## ବ୍ଲକ୍‌ସ୍ତରୀୟ ମାଛଚାଷ ପ୍ରଶିକ୍ଷଣ ଶିବିର



**ଗରଦପୁର,୧୨।୬(ସମିସ):** ଆଧୁନିକ ଓ ବୈଜ୍ଞାନିକ ପ୍ରଣାଳୀରେ ମାଛଚାଷ କରି ଚାଷୀଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଚାଷୀ ଭାଇଭଉଣୀ ଯୋଗଦେଇ ଆଧୁନିକ ମତ୍ସ୍ୟଚାଷର ଗୁରୁତ୍ୱପୂର୍ଣ୍ଣ କୌଶଳ ଶିଖିଛନ୍ତି। ବ୍ଲକ ଉନ୍ନୟନ ଅଧିକାରୀ ଆଲୋକ ସେଠୀ, ଡିଏଫ୍‌ଓ ଆଲୋକ ନାଥ, ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଏବିଡିଓ ସଞ୍ଜୟ ଦାସ, ଡିଏଫଓ ଆଲୋକ ନାଥ, ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ମା’ ବୁଢ଼ୀ ଜାଗୁଲାଇ ଫିସ ସିଡ୍ ହାଚେରିର ମାଲିକ କମଳାକାନ୍ତ ସ୍ୱାଇଁ, ଏଏଫଓ ଜ୍ୟୋତିର୍ମୟୀ ମହାନ୍ତି, ସାଗରମିତ୍ର ଦୀପକ ବେହେରାଙ୍କ ସହିତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ମତ୍ସ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ପାରମ୍ପରିକ ପଦ୍ଧତି ବଦଳରେ ପୋଖରୀରୁ ପଙ୍କ ଉଦ୍ଧାର କରି ଓ ସ୍ୱଳ୍ପ ଜଳରେ “ବାୟୋ-ଫ୍ଲକ ଟେକ୍ନୋଲୋଜି’ ଆପଣାଇଲେ ଚାଷୀ ବାର୍ଷିକ ଏକର ପିଛା ପ୍ରାୟ ୩ ଲକ୍ଷ ଟଙ୍କା ଲାଭ ପାଇପାରିବେ। ବିଶେଷକରି ବଜାରରେ ରୋହି, ଭାକୁର ଓ ମିରିକାଳି ମାଛର ଚାହିଦା ଅଧିକ ଥିବାରୁ ଏହା ଅଧିକ ଲାଭ ଦେବ। ସରକାରୀ ଯୋଜନାରେ ବିପୁଳ ସହାୟତା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ବାୟୋ-ଫ୍ଲକ ଟ୍ୟାଙ୍କ ପାଇଁ ୯୦ ପ୍ରତିଶତ ପର୍ଯ୍ୟନ୍ତ ସରକାରୀ ସହାୟତା (୭ରୁ ୮.୭ ଲକ୍ଷ ଟଙ୍କା) ଓ ଏରେଟର କିଣିବା ଉପରେ ୪୦ ପ୍ରତିଶତ ସବସିଡି ମିଳୁଛି। ମନରେଗାରେ ଫାର୍ମ ପୋଖରୀ ଖୋଳିବା ସହ ଚୁନ, ମାଛ ପୋନା ଓ ଖାଦ୍ୟ ପାଇଁ ଆର୍ଥିକ ଅନୁଦାନ ସିଧାସଳଖ ଡିବିଟି ମାଧ୍ୟମରେ ବ୍ୟାଙ୍କ ଖାତାକୁ ପଠାଯାଉଛି। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ମତ୍ସ୍ୟ ଉତ୍ପାଦକ ସଂଗଠନ ଗଠନ, ଆଧୁନିକ ଉପକରଣ ଓ ଉନ୍ନତ ବିପଣନ ବ୍ୟବସ୍ଥା ପାଇଁ କେନ୍ଦ୍ରୀୟ ପ୍ରୋତ୍ସାହନ ମିଳୁଛି। ସାଧାରଣ ଚାଷୀ, ମହିଳା ସ୍ୱୟଂ ଗ୍ରୁପ୍ ଓ ବେକାର ଯୁବକ ଏହି ଯୋଜନାର ଲାଭ ଉଠାଇପାରିବେ। ଆଗ୍ରହୀ ହିତାଧିକାରୀ ଅଧିକ ସୂଚନା ପାଇଁ ସିଧାସଳଖ ନିଜ ବ୍ଲକ କିମ୍ବା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ଉନ୍ନତ ମତ୍ସ୍ୟଚାଷ ହିଁ ଆଗାମୀ ଦିନରେ ଗ୍ରାମୀଣ ଅର୍ଥନୀତିର ଚିତ୍ର ବଦଳାଇବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

## ବିଧାୟକଙ୍କ ମାରାଥନ ଉଦ୍‌ଘାଟନ ଓ ଶକ୍ତି ପ୍ରଦର୍ଶନ



**ରାଜନଗର, ୧୨।୬(ସମିସ):** ଆଜି ବ୍ଲକ୍‌ର ୩୨ନଂ ଜୋନରେ ରାଜନଗର ବିଧାୟକ ଧ୍ରୁବ ସାହୁ ମାରଥନ ଉଦ୍‌ଘାଟନ କରିବା ସହିତ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ବାଇକ୍ ଶୋଭାଯାତ୍ରାରେ ତାଳଚୁଆ, ବାଘମାରୀ, କେରୁଆପାଳ, ରଙ୍ଗଣୀ ପଞ୍ଚାୟତ ପରିକ୍ରମା କରିଛନ୍ତି ବିଧାୟକ ଓ ତାଙ୍କ ସମର୍ଥକ। ତାଳଚୁଆର ଡାଲଖାଇ ଛକରୁ ବାହାରିଥିବା ଏହି ଶୋଭାଯାତ୍ରା ତାଳଚୁଆ ବଜାର ଦେଇ ବାଘମାରୀ, କେରୁଆପାଳ ପଞ୍ଚାୟତ ପରିକ୍ରମା କରି ରଙ୍ଗଣୀ ପଞ୍ଚାୟତରେ ପହଞ୍ଚିଥିଲେ। ପରେ ରାଜନଗର ଡାଙ୍ଗମାଳ ତାଳଚୁଆ ରାସ୍ତା, ତାଳଚୁଆ ପଞ୍ଚତ ଜିପି ଫାସିଲିଟି ସେଣ୍ଟର, ଉଦ୍ୟାନ ଦଳେଇସାହି ରାସ୍ତାରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହୋଇଥିବା ବଡକଣ୍ଟିଆନାଳ ସେତୁ, ଖାସମୁଣ୍ଡା-ଶୈଳେନ୍ଦ୍ରସରାଇ ରାସ୍ତାରେ ନିର୍ମାଣ ହୋଇଥିବା ବିଜୁ ସେତୁ, ରଙ୍ଗଣୀ ସର୍କଟ ତାଳଚୁଆଠାରୁ କୋଠିଘାଟ ରାସ୍ତା, ବନିପାଳଠାରୁ ଅହିରାଜପୁର, ଦଳେଇସାହି, ଅନନ୍ତକେଶରୀ ରାସ୍ତାର ଲୋକାର୍ପଣ କରିଛନ୍ତି ବିଧାୟକ ଶ୍ରୀ ସାହୁ। ବିଧାୟକଙ୍କ ସହିତ ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲ୍ଲା ପରିଷଦ ସଭ୍ୟା ଖୁକୁମିନା କୁଆଁର, ସରପଞ୍ଚ ସ୍ୱର୍ଣ୍ଣଲତା ମଣ୍ଡଳ, ଗାୟତ୍ରୀ ପରିଡା, ନନ୍ଦ ଦୁଲାଲ ପରିଡା, ଅଶୋକ ମହାନ୍ତି, ଶୈଳେନ୍ଦ୍ର ମିଶ୍ର, ଦ୍ରୌପଦୀ ସେଠୀ, ସମିତି ସଭ୍ୟ ମଧୁସୂଦନ ପ୍ରଧାନ, ଶଶୀକଳା ବେହେରା, ତପନ ସାହୁ, ନାଏବ ସରପଞ୍ଚ କାର୍ତ୍ତିକ ବେହେରା, ବରିଷ୍ଠ ନେତା ଲକ୍ଷ୍ମୀଧର ବାରିକ, ରମେଶ ବେହେରା ପ୍ରମୁଖ ସାମିଲ ଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ; ରୋହିତଙ୍କ ନାମରେ ମାମଲା

**କେନ୍ଦ୍ରାପଡ଼ା, ୧୨।୬(ସମିସ):** ମହାକାଳପଡ଼ା ଥାନା ଅନ୍ତର୍ଗତ ଜହଁରା (ତିଥି) ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଆକ୍ରମଣ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୁଲିସ ଅଭିଯୁକ୍ତ ରୋହିତ ରାଉତଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜହଁରା ଗ୍ରାମର ବିଦ୍ୟୁତ୍ ଖୁଣ୍ଟିଆଙ୍କ ପୁଅ ସୌମ୍ୟରଞ୍ଜନ ଖୁଣ୍ଟିଆ ଗୁରୁବାର ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, ବୁଧବାର ସନ୍ଧ୍ୟାରେ ସେ ତାଙ୍କର ତିନିଜଣ ସାଙ୍ଗଙ୍କ ସହ ମହିନ୍ଦ୍ରା ଥାର୍ ଯୋଗେ ଘରକୁ ଫେରୁଥିଲେ। ରାତି ପ୍ରାୟ ୭.୩୦ ସମୟରେ ମହାକାଳପଡ଼ା ଗୋଡ଼ା ନିକଟରେ ସେହି ଗ୍ରାମର ରଞ୍ଜନ ରାଉତଙ୍କ ପୁଅ ରୋହିତ ରାଉତ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଭୁଜାଲି ଧରି ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ସୌମ୍ୟରଞ୍ଜନ ଓ ତାଙ୍କ ସହଯାତ୍ରୀ ଭୟଭୀତ ହୋଇ ଗାଡ଼ିକୁ ଦ୍ରୁତ ଗତିରେ ସେଠାରୁ ନେଇ ପଳାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଅଭିଯୁକ୍ତ ପଥର ଫିଙ୍ଗିଥିବାବେଳେ ତାହା ସୌମ୍ୟରଞ୍ଜନଙ୍କ ଦେହରେ ନ ବାଜି ଗାଡ଼ିରେ ବାଜିଥିଲା। ଫଳରେ ଗାଡ଼ିଟି କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ସୌମ୍ୟରଞ୍ଜନ ଏତଲାରେ ଆହୁରି ଦର୍ଶାଇଛନ୍ତି, ରୋହିତ ରାଉତ ପୂର୍ବରୁ ମଧ ତାଙ୍କୁ ଗାଳିଗୁଲଜ କରିଥିବାବେଳେ ବର୍ତ୍ତମାନ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଆଇନର ଆଶ୍ରୟ ନେଇଛନ୍ତି। ଅଭିଯୋଗକୁ ଆଧାର କରି ମହାକାଳପଡ଼ା ପୁଲିସ ୧୭୩/୨୬ରେ ମାମଲା ରୁଜୁ କରିଛି। ଏହି ଘଟଣାର ତଦନ୍ତ ଦାୟିତ୍ୱ ଏଏସଆଇ ବିଦ୍ୟାଧର ସ୍ୱାଇଁଙ୍କୁ ଦିଆଯାଇଛି।

## ବିଶ୍ୱ ଶିଶୁ ଶ୍ରମିକ ନିବାରଣ ଦିବସ

**ପଟ୍ଟାମୁଣ୍ଡାଇ,୧୨।୬(ସମିସ):** ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିବାରଣ ଦିବସ ପାଳିତ ହୋଇଯାଇଛି। ତାଲୁକ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ କୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସିଭିଲ ଜଜ୍ ଡି.କେ. ବାଲକ୍ରିଷ୍ଣନ, ବରିଷ୍ଠ ଓକିଲ ବିଜୟ ରାଉତ ଓ ପ୍ରଫୁଲ ଦାଶ, ସରକାରୀ ଓକିଲ ଧୀରେନ୍ଦ୍ର ସାହୁ, ସିଡିପିଓ ଲକ୍ଷ୍ମୀମଣି ସିଂହ ଯୋଗଦେଇ ଶିଶୁ ଶ୍ରମିକ ନିରାକରଣ ପାଇଁ ଥିବା ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ଓକିଲ ବିଶ୍ୱନାଥ ରାଉତ, ଚିତ୍ତରଞ୍ଜନ ଦାଶ, ସୀନାରାଣି ଓଝା, ଗଣେଶ ବାରିକଙ୍କ ସମେତ କୋର୍ଟର କର୍ମକର୍ତ୍ତା ଅପର୍ଣ୍ଣା ସାମଲ, ମୋହନ ଦାଶ, ଅରବିନ୍ଦ ପଣ୍ଡା, ବିଭୁତି ବେହେରା, ରଞ୍ଜିତା ଜେନା, ବବିତା ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଶିଶୁମାନେ ବିଦ୍ୟାଳୟକୁ ନ ଯାଇ କିପରି ବିଭିନ୍ନ ହୋଟେଲ ଓ କଳକାରଖାନା ସହିତ ରାସ୍ତା କାମରେ ଶ୍ରମିକ ଭାବେ ନିୟୋଜିତ ହୋଇଛନ୍ତି, ତାର ନିରାକରଣ ପାଇଁ ସେମାନଙ୍କ ପିତାମାତାଙ୍କ ପାଇଁ ଥିବା କଠୋର ଆଇନ ବ୍ୟବସ୍ଥା ଓ ସେମାନଙ୍କ ସୁରକ୍ଷା ପାଇଁ ତାଲୁକ ଆଇନ ସେବା ସମିତିର ଆଇନଗତ ସହାୟତା ଓ ଶିଶୁଙ୍କଠାରୁ ଆରମ୍ଭ କରି ସମାଜର ସମସ୍ତ ବର୍ଗର ଲୋକଙ୍କ ପାରିବାରିକ, ଜମିଜମା, ବିଭିନ୍ନ ଆଇନଗତ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଶେଷରେ ଆଇନଜୀବୀ ବିଜୟ ରାଉତ ଧନ୍ୟବାଦ ଦେଇଥିଲେ।

## ‘ବିକାଶ ଧାରା, ଓଡ଼ିଶା ସାରା’ କାର୍ଯ୍ୟକ୍ରମ

**ରାଜନଗର,୧୨।୬(ସମିସ):** ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ଶାସନର ପୂର୍ତ୍ତି ପାଳନ ଅବସରରେ ରାଜ୍ୟର ସବୁ ବ୍ଲକ୍ ଓ ପଞ୍ଚାୟତରେ ‘ବିକାଶ ଧାରା, ଓଡ଼ିଶା ସାରା’ ପାଳନ କରାଯାଉଛି। ଏ ପରିପ୍ରେକ୍ଷୀରେ ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ରାଜନଗର ସଦର ପଞ୍ଚାୟତ, ସାନବଡଗୋପାଳପୁର ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବିଡିଓ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ କାମ ବାବଦରେ ସୂଚନା ଦେଇଥିଲେ। ରାଜନଗର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶାରଦା ନାୟକ, ବିଏସଏସଓ ମନୋଜ ବେହେରା, ସମିତି ସଭ୍ୟା ସୁମିତ୍ରା ସେଠୀ, ମେଡିକାଲ ଅଫିସର ରଶ୍ମିରଞ୍ଜନ ମହାନ୍ତି, ପଶୁ ଚିକିତ୍ସା ଅଧିକାରୀ ପ୍ରକାଶ ଜେନା, କନିଷ୍ଠ ଯନ୍ତ୍ରୀ ପ୍ରଭାତ ମାଝୀ ପ୍ରମୁଖ ଯୋଗ ଦେଇଥିଲେ।

# ତରାସ ନୋଡାଲ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

ରାଜକନିକା,୧୨।୬(ସମିସ)



ଭାଷା ସାହିତ୍ୟ ହିଁ ଗୋଟିଏ ଜାତିର ବିକାଶର ବାର୍ତ୍ତା ଦେଇଥାଏ। ମା’ ମାଟି ମନସ୍କ ହୋଇ ନିଜ ଅଞ୍ଚଳର ପ୍ରଗତି ଓ ସ୍ୱାଭିମାନକୁ ବଞ୍ଚାଇ ଆଜି ୫୭ ବର୍ଷରେ ନିଜର କାୟାକୁ ମଣିଷ ତିଆରିରେ ମଗ୍ନ ରଖିଥିବାରୁ ଏ ମାଟି ମହାନ ବୋଲି ତରାସ ନୋଡାଲ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀର ତିନିଦିନିଆ ସମାରୋହର ଉଦଘାଟନୀ ଦିବସରେ ମତ ପ୍ରକାଶ ପାଇଛି। ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଜଗଦାନନ୍ଦ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ବିଶିଷ୍ଟ ଅତିଥି ଭାବେ ଡଃ ଦେବୀପ୍ରସନ୍ନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ କାଳୀପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳର ଏଭଳି ଶିକ୍ଷାନୁଷ୍ଠାନର ଗାରିମାମୟ ଜୟଯାତ୍ରା ଏ ମାଟିକୁ ଧନ୍ୟ କରିଛି ବୋଲି ମତ ପ୍ରକାଶ କରିଥିଲେ। ଆଜି ପୂର୍ବାହ୍ନ ୮ଟାରେ କଳସ ଶୋଭାଯାତ୍ରା, ମଶାଲ ଯାତ୍ରା ପରେ ସୁବର୍ଣ୍ଣ ଜୟନ୍ତୀ ସମାରୋହର ପତାକା ଉତ୍ତୋଳନ ପରେ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ସ୍ଥପତି ରବି ନାରାୟଣ ଜେନାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି, ରଘୁନାଥ ଓ ସୀତାଦେବୀଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ କେନ୍ଦ୍ରାପଡ଼ା ସାଂସଦ ଉନ୍ମୋଚନ କରିବା ସହ ବୃକ୍ଷରୋପଣ ଓ ସୁବର୍ଣ୍ଣ ଜୟନ୍ତୀ ମୁଖପତ୍ର “କୃତ୍ତିକା’ ଉନ୍ମୋଚନ କରାଯାଇଥିଲା। ସେହିପରି ଅପରାହ୍ନ ୪ ଘଟିକାର ଦ୍ୱିତୀୟ ଅଧିବେଶନରେ ସନ୍ଧ୍ୟାରାଣୀ ମଲ୍ଲିକଙ୍କ ସଭାପତିତ୍ୱ ଓ ସତ୍ୟନାରାୟଣ ଜେନାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ସି ଆର ଦାସ, ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଡଃ ପ୍ରଶାନ୍ତ ରାଉତ, ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା ସାମଲ ପ୍ରମୁଖ ତରାସ ହାଇସ୍କୁଲ ଓ ୫୭ ବର୍ଷର ଶିକ୍ଷାଦାନ ଭିତ୍ତିରେ ବଦଳୁଥିବା ମାନବୀୟ ଆକର୍ଷଣ ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଏହି ତିନିଦିନିଆ ଉତ୍ସବରେ ପୂର୍ବତନ ଶିକ୍ଷକ ନନ୍ଦକିଶୋର ପରିଜା, ଶଙ୍କର୍ଷଣ ସାମଲ, କାଳୀପ୍ରସାଦ ନାୟକ, ସ୍ୱର୍ଗତ ବନମାଳୀ ପଣ୍ଡା, କର୍ମଚାରୀ ସ୍ୱର୍ଗତ ଜଗନ୍ନାଥ ଦଳାଇ, ଭାଗୀରଥି ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ସଂସଦ ସଭାପତି ବିଜୟ ନାୟକ, ସମ୍ପାଦକ ସର୍ବେଶ୍ୱର ସାମଲଙ୍କ ନେତୃତ୍ୱରେ ୫୬ ବର୍ଷର ପୁରାତନ ଛାତ୍ରଛାତ୍ରୀଙ୍କ ଗହଣରେ ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ ଓ ନାଟକ ପରିବେଷଣ କରାଯାଇଥିଲା।

# ଶ୍ରୀକ୍ଷେତ୍ର ସିଟି

୧୨/୬/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧୨,୬୫,୭୬୯/- ସୁନା:୦୩.୦୯୦ ଗ୍ରାମ୍ ରୁପା: ୬୮.୦୦୦ ଗ୍ରାମ୍





### ବିଜେପି ସରକାରର ଚାରିଦ୍ୱାର ଖୋଲାକୁ ଦୁଇବର୍ଷ

# ଦିନ ଗଡ଼ିଛି, ଭକ୍ତଙ୍କ ଦୁର୍ଦ୍ଦଶା ବଢ଼ିଛି



ପୁରୀ,୧୨।୬(ସମିସ): ୨୦୨୪ ଜୁନ୍ ୧୨। ଓଡ଼ିଶା ରାଜନୀତିରେ ପରିବର୍ତ୍ତନର ଦିନ। ବିଜେପି ପ୍ରଥମଥର ପାଇଁ ରାଜ୍ୟରେ ସରକାର ଗଢ଼ିଲା। ପରଦିନ ଅର୍ଥାତ୍ ଜୁନ୍ ୧୩ ସକାଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡାଙ୍କ ସମେତ ସମଗ୍ର ମନ୍ତ୍ରିମଣ୍ଡଳ ଶ୍ରୀମନ୍ଦିରେ ପହଞ୍ଚି ଚାରିଦ୍ୱାର ଖୋଲିଥିଲେ। ଡିଣ୍ଡିମ ପିଟି କୁହାଗଲା ନିର୍ବାଚନ ପ୍ରଚାରରେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କଲୁ। କିନ୍ତୁ ଦୁଇବର୍ଷ ପରେ ଆଜି ପ୍ରଶ୍ନଉଠୁଛି- ଦ୍ୱାର ଖୋଲିଲା, କିନ୍ତୁ ଭକ୍ତଙ୍କ ଦୁର୍ଦ୍ଦଶା ଦୂର ହେଲା କି?

ପ୍ରତିଶ୍ରୁତି ମୁତାବକ ନୂଆ ସରକାର ଚାରିଦ୍ୱାର ଖୋଲିଦେଲେ। ହେଲେ ଏହି ଦୁଇବର୍ଷ ମଧ୍ୟରେ ଏକାଧିକ ଥର ବିଭିନ୍ନ କାରଣ ପାଇଁ ଚାରିଦ୍ୱାର ପ୍ରବେଶରେ କଟକଣା ଲଗାଯାଇଛି। ଭକ୍ତ ପୂର୍ବପରି କେବଳ ସିଂହଦ୍ୱାରରେ ପ୍ରବେଶ କରିଛନ୍ତି। ଏବେ ଯଦିଓ ଶ୍ରଦ୍ଧାଳୁଙ୍କ ପାଇଁ ଚାରିଦ୍ୱାର ଖୋଲା ବୋଲି କୁହାଯାଉଛି ବାସ୍ତବରେ ସବୁଦ୍ୱାର ଦେଇ ଭକ୍ତ ଭିତରକୁ ଯାଇପାରୁ ନାହାନ୍ତି। ଯାହା ବି ହେଉ ବିଜେପି ସରକାର ଦେଇଥିବା କଥା ମୁତାବକ ଚାରିଦ୍ୱାର ଖୋଲିଛନ୍ତି। ହେଲେ ସବୁଠୁ କ୍ଷୋଭର ବିଷୟ ହେଉଛି ଚାରିଦ୍ୱାର ଖୋଲିବା ପରଠାରୁ ବଡ଼ ସମସ୍ୟା ଭାବେ ଉଭା ହୋଇଛି ଭିଡ଼ ଓ ଅବ୍ୟବସ୍ଥା। ସରକାର ଦ୍ୱାର ଖୋଲି ଦେଲେ, କିନ୍ତୁ ଭକ୍ତଙ୍କୁ ଶୃଙ୍ଖଳିତ ଦର୍ଶନ ପାଇଁ କୌଣସି ବ୍ୟବସ୍ଥା କଲେ ନାହିଁ। ଫଳରେ ମନ୍ଦିର ଭିତରେ ପ୍ରତିଦିନ ପ୍ରବଳ ଗହଳି ହେଉଛି। ଠେଲାପେଲା ସାଧାରଣ କଥା ପାଲଟିଲାଣି। ବହୁ ଭକ୍ତ ଗହଳି ଭିତରେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ବୟସ୍କ ବ୍ୟକ୍ତି, ମହିଳା, ଶିଶୁମାନେ ଗହଳିକୁ ପଶିବା ଏକପ୍ରକାର ସମ୍ଭବ ହେଉନାହିଁ। ଶେଷରେ ବାହାରୁ ମୁଣ୍ଡିଆ ମାରି ଅନେକ ଫେରି ଯାଉଛନ୍ତି। ଏହା ଏବେ ଦୈନନ୍ଦିନ ଘଟଣା ହୋଇଗଲାଣି।

ସମାନ ଭାବେ ନୀତିକାନ୍ତିରେ ବିଳମ୍ବ ଏବଂ ବିଭ୍ରାଟ ବଢ଼ିଛି। ଫଳରେ ଘଣ୍ଟା ଘଣ୍ଟା ଧରି ଭକ୍ତ ଖରା, ବର୍ଷାରେ ଲମ୍ବା ଧାଡିରେ ଠିଆ ହେଉଛନ୍ତି। ବିଭିନ୍ନ ମୌଳିକ ସୁବିଧାର ଅଭାବ। ସରକାର କେବଳ ଚାରିଦ୍ୱାର ଖୋଲିବାର ବାହାଦୁରୀ ନେଉଛନ୍ତି, କିନ୍ତୁ ଭିତରେ ଦର୍ଶନ ବ୍ୟବସ୍ଥାକୁ ସୁଦୃଢ଼ କରୁନାହାନ୍ତି। ଧାଡି ଦର୍ଶନ, ଦିବ୍ୟାଙ୍ଗଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଏସବୁ ପ୍ରତିଶ୍ରୁତି କାଗଜରେ ରହିଯାଇଛି।

ପୂର୍ବରୁ କେବଳ ସିଂହଦ୍ୱାରରେ ପ୍ରବେଶ ଅନୁମତି ମିଳୁଥିବାରୁ ଦୀର୍ଘ ସମୟ ଲମ୍ବା ଧାଡିରେ ଛିଡା ହୋଇ ଭକ୍ତ ଦୁଃଖ କରୁଥିଲେ। ଏବେ ସବୁଦ୍ୱାର ଖୋଲିବା ପରେ ବି ଭିତରକୁ ପଶିପାରୁନାହାନ୍ତି। ଏଇଆ ହେଲା ସରକାରଙ୍କ 'ମହରଗରୁ କାନ୍ତାର' ପରିସ୍ଥିତି। ନୂଆ ସରକାର ଭକ୍ତଙ୍କୁ ସୁବିଧା ସୁଯୋଗର ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରିଣାମ ହେଉଛି ଏହି ଦୁଇବର୍ଷରେ ଦିନ ଗଡିଛି, ଭକ୍ତଙ୍କ ଦୁର୍ଦ୍ଦଶା ବଢିଛି। ବରିଷ୍ଠ ନାଗରିକ ଶମ୍ଭୁନାଥ ସାହୁ କହିଛନ୍ତି "ଚାରିଦ୍ୱାର ଖୋଲିଲା ବୋଲି ଖୁସି ହୋଇଥିଲୁ। ହେଲେ ଭିତରେ ଏତେ ଠେଲାପେଲା ଯେ, ଡର ଲାଗୁଛି। ମହାପ୍ରଭୁଙ୍କୁ ଦେଖିବା ପାଇଁ ଆସି ନିଜ ଜୀବନ ବାଜି ଲଗାଉଛୁ। ସେହିପରି ଗୃହିଣୀ ପାର୍ବତୀ ଦଳାଇ କହିଛନ୍ତି, "ଦୁଇବର୍ଷ ତଳେ ଚାରିଦ୍ୱାର ଖୋଲିଲା ବେଳେ ଭାବିଥିଲୁ ଏବେ ଆଉ ଅପେକ୍ଷା କରିବାକୁ ପଡ଼ିବନି। କିନ୍ତୁ ବାସ୍ତବତା ଭିନ୍ନ। ନୀତି ବିଳମ୍ବ ହେଲେ ୩-୪ ଘଣ୍ଟା ଖରାରେ ଠିଆ ହେବାକୁ ପଡୁଛି। ଦ୍ୱାର ଖୋଲା ହୋଇଛି ସତ, କିନ୍ତୁ ମନ ଶାନ୍ତିରେ ଦର୍ଶନ କରିବାର ଦ୍ୱାର ଏବେ ବି ବନ୍ଦ। ସରକାର କେବଳ ଘୋଷଣା କରିଲେ, ଭକ୍ତଙ୍କ କଷ୍ଟ ବୁଝିଲେ ନାହିଁ।'

ଏଭଳି ସ୍ଥିତିକୁ ନେଇ ଭକ୍ତ ଓ ବୁଦ୍ଧିଜୀବିଙ୍କ ମଧ୍ୟରେ ପ୍ରଶ୍ନ, ଦୁଇ ବର୍ଷରେ କେତେ ଟଙ୍କା ଖର୍ଚ୍ଚ ହେଲା, କେତେ ବୈଠକ ହେଲା, କେତେ କମିଟି ଗଠନ ହେଲା। କିନ୍ତୁ ଜଣେ ବୃଦ୍ଧ ଭକ୍ତ କାହିଁକି ଆଜି ବି ସିଂହଦ୍ୱାର ପାଖରେ ଠିଆ ହୋଇ ଗୁମୁରି କାନ୍ଦୁଛନ୍ତି? କାହିଁକି ଜଣେ ମା' ନିଜ ଛୁଆକୁ କୁଣ୍ଢେଇ ଧରି ଗହଳି ଡରରେ ଫେରି ଆସୁଛନ୍ତି? ଯଦି ଭକ୍ତ ଶାନ୍ତିରେ ମହାପ୍ରଭୁଙ୍କୁ ଦର୍ଶନ କରିପାରୁ ନାହାନ୍ତି ତା'ହେଲେ ଚାରିଦ୍ୱାର ଖୋଲିବାକୁ କ'ଣ ସଫଳତା କୁହାଯିବ ବୋଲି ପ୍ରଶ୍ନ କରିଛନ୍ତି। ବିଜେପି ସରକାର ଚାରିଦ୍ୱାର ଖୋଲି ନିଜ କଥା ରଖିଛନ୍ତି। କିନ୍ତୁ ସେଇ କଥା ରଖିବା ପଛରେ ଭକ୍ତଙ୍କ ଦୁଃଖକୁ ଆହୁରି ବଢାଇ ଦେଇଛନ୍ତି ବୋଲି ମତ ରଖିଛନ୍ତି ବୁଦ୍ଧିଜୀବି।

## ରଥଖଳାରୁ... ପାର୍ଶ୍ୱ ଦେବଦେବୀଙ୍କ ରଙ୍ଗ କାମ ଆରମ୍ଭ

ପୁରୀ,୧୨।୬(ସମିସ): ଜୁଲାଇ ୧୬ରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ରଥଖଳାରେ ଦ୍ରୁତଗତିରେ ଆଗେଇ ଚାଲିଛି ବିଶ୍ୱନିୟନ୍ତାଙ୍କ ରଥ ନିର୍ମାଣ କାମ। ମହାରଣା, ଭୋଇ, ରୂପକାର, କମାର, କରତି ସେବକମାନେ ରଥ ନିର୍ମାଣ କାମକୁ ଆଗେଇ ନେଉଛନ୍ତି। ଶୁକ୍ରବାର ତିନିରଥର ପାଶ୍ୱର୍ ଦେବଦେବୀ, ଶିଖର ଡମ୍ବରୁ, ଶଖୀ ଇତ୍ୟାଦିରେ ରଙ୍ଗ କାମ ଆରମ୍ଭ ହୋଇଛି। ଗତକାଲି ସୁଦ୍ଧା ତିନିରଥର ତୃତୀୟ ଭୂଇଁ ଫ୍ରେମ୍ ଉଠି ମଝି ଭୂଇଁ ଉପରେ ସ୍ଥାପିତ କାର୍ଯ୍ୟ ଶେଷ ହୋଇଛି, ଆସନ୍ତା କାଲିଠାରୁ ଆରମ୍ଭ ହେବ ତିନିରଥର ତେରପରସ୍ତ ପୋଟଳ କାର୍ଯ୍ୟ, ଏହା ରଥର ଶେଷ ଭୂଇଁ ଉପରୁ ନିର୍ମାଣ ହୋଇଥାଏ, ତିନିରଥର ଏକ ନମ୍ବର ପୋଟଳ ସଂଯୋଗ ହେବା ପରେ ବାକି ୧୨ ପରାସ୍ତ ପୋଟଳ ପାରାଭାଡ଼ି କୁ ମିଶାଇ ନିର୍ମାଣ ହେବ। ଏଥିସହ ଆଜି ତିନିରଥର ଆଗ ଆଣି ଏବଂ ପଛ ଆଣି ଦୁଇଟି ଲେଖାଏଁ କତରା ନିର୍ମାଣ ଶେଷ ହୋଇଛି। ମହାରଣା ମାନେ ଭାରି ଜିନିଷର ବୁହା ବୋହି ପାଇଁ ଭୋଇ ସେବକ ମାନଙ୍କ ପାଇଁ ଦୁଇଟି ଲେଖାଏଁ ୨୦ ଫୁଟିଆ ସାଙ୍ଗି ନିର୍ମାଣ ଶେଷ କରିଛନ୍ତି। ତିନି ରଥର କନକ ମୁଣ୍ଡି , ଅଁଳା ପିଣ୍ଡି, କଳସ ପିଣ୍ଡି ନିର୍ମାଣ ପାଇଁ ୪ ଟି ଲେଖାଏଁ ଶିମିଳି କାଠ ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ରୂପକାର ସେବକ ମାନେ ତିନିରଥର ୪ ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଶେଷ କରି ବାକି ୪ ଗୋଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରଖିବା ସହ ତିନି ରଥର ଗୋଟିଏ ଗୋଟିଏ ଚାର ପରିଛା ରେ ୫ଟି ଲେଖାଏଁ ପଦ୍ମ ଫୁଲ ସହ ପଦ୍ମକଢ଼ି ଡାଳି ଲତା ଚିତ୍ର ଖୋଦେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ କଇଁଚି କଣ୍ଟା ସହ ତିନିରଥର ପୋଟଳ ପାଇଁ ନରାଜ କଣ୍ଟା, ପୋଟଳ ନଡ଼ା କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ଏବଂ ରଥ ଯାତ୍ରା ପାଇଁ ତିନି ରଥର ଠାକୁରଙ୍କ ବେଶ ପାଇଁ ବେଶ୍ ଘୋଡ଼ିଆ, ଚାଙ୍ଗଡ଼ା ଷ୍ଟାଣ୍ଡ, ବାସୁଙ୍ଗା ପାଟ ଦଉଡ଼ି ବୋଳିବା ପାଇଁ ବାଉଁଶ କାଠି ଏବଂ ରଥକୁ ଉଠି ନିର୍ମାଣ କାର୍ଯ୍ୟ ପାଇଁ ବାଉଁଶ ସିଡି ନିର୍ମାଣ କରୁଛନ୍ତି। ଚିତ୍ରକାର ସେବକମାନେ ତିନିରଥର ପାଶ୍ୱର୍ ଦେବ ଦେବୀ, ସଖୀ, ଓଲଟ ଶୁଆ, ଏବଂ ଶିଖର ଡମ୍ବରୁ ଇତ୍ୟାଦି ସଫା କାର୍ଯ୍ୟ ଶେଷ କରି ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି।

## ସୁଦର୍ଶନ ଜିତିଲେ ରୁଷର ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର କପ୍

ପୁରୀ,୧୨।୬(ସମିସ)



ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ରୁଷର କାଲିନିନଗ୍ରାଡ୍ ଅଞ୍ଚଳରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବରେ 'ରଷିଆ ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର କପ୍-୨୦୨୬' ପୁରସ୍କାର ଜିତିଛନ୍ତି। ଜୁନ୍ ୧୧ରେ ଆରମ୍ଭ ହୋଇଥିବା ଏହି ଉତ୍ସବରେ ସେ ପ୍ରଥମ ଭାରତୀୟ ବାଲୁକା ଶିଳ୍ପୀ ଭାବେ ଏହି ମାନ୍ୟତା ପାଇଛନ୍ତି। ଜଳବାୟୁ ପରିବର୍ତ୍ତନ ଥିମ୍ ଉପରେ ନିର୍ମିତ ତାଙ୍କ ୩ ମିଟର ଉଚ୍ଚ କଳାକୃତି ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ସେଥିରେ ପୃଥିବୀର ଦୁଇଟି ରୂପ ଦେଖାଯାଇଛି। ଗୋଟିଏ ପାଖରେ ପରିବେଶ ନଷ୍ଟ ହୋଇଥିବା ଶୁଖିଲା ପୃଥିବୀ, ଆଉ ଗୋଟିଏ ପାଖରେ ବୃକ୍ଷରୋପଣ ଓ ସଂରକ୍ଷଣ ମାଧ୍ୟମରେ ଆସୁଥିବା ଆଶାର କିରଣ। ଉତ୍ସବର ଉଦ୍‌ଘାଟନୀ ସମାରୋହରେ ସାଧାରଣ ନିର୍ଦ୍ଦେଶିକା ଆଲେନା ଆଲେକ୍ସାଣ୍ଡ୍ରୋଭନା ତାଙ୍କୁ ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର କପ୍ ଓ ପଦକ ପ୍ରଦାନ କରିଥିଲେ। ବିଶେଷ ଜୁରି କମିଟି ସର୍ବସମ୍ମତି କ୍ରମେ ସାମାଜିକ ସଚେତନତା ପାଇଁ ତାଙ୍କ କଳା ଓ ସୃଜନଶୀଳତାକୁ ସ୍ୱୀକୃତି ଦେଇଛି। ଏହି ଉତ୍ସବରେ ୧୨ ଦେଶର ଶ୍ରେଷ୍ଠ ବାଲୁକା ଶିଳ୍ପୀ ଭାଗ ନେଇଥିଲେ।

## ଶିଶୁ ଶ୍ରମିକ ବିଲୋପ ପାଇଁ ଗଡ଼ିଲା ସଚେତନତା ରଥ

ପୁରୀ,୧୨।୬(ସମିସ): ପୁରୀ ଜିଲ୍ଲାରେ ଶିଶୁ ଶ୍ରମିକ ପ୍ରଥାକୁ ସମ୍ପୂର୍ଣ୍ଣ ବିଲୋପ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ୧୫ ଦିନିଆ ବିଶେଷ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶରତ ଚନ୍ଦ୍ର ବେହେରା ଶୁକ୍ରବାର ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରିଛନ୍ତି। ଏହି ରଥ ସମଗ୍ର ପୁରୀ ଜିଲ୍ଲା ବୁଲି ଶିଶୁ ଶ୍ରମିକ ନିୟୋଜନ ବିରୁଦ୍ଧରେ ଲୋକଙ୍କୁ ସଚେତନ କରାଇବ ଏବଂ "ଶିଶୁ ଶ୍ରମିକଙ୍କୁ ନା' ବୋଲି ଏକ ସ୍ପଷ୍ଟ ବାର୍ତ୍ତା ଦେବ। ରଥ ପରିକ୍ରମା ଆରମ୍ଭ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ପଦଯାତ୍ରା ବାହାରି ଚୈତନ୍ୟ ଛକ ଦେଇ ସମୁଦ୍ରକୂଳ ପର୍ଯ୍ୟନ୍ତ ପହଞ୍ଚିଥିଲା। ପଦଯାତ୍ରାରେ ଛାତ୍ରଛାତ୍ରୀମାନେ ଶିଶୁ ଅଧିକାର ସମ୍ପର୍କରେ ପ୍ଲାକାର୍ଡ ଧରି ନାରା ଲଗାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଶ୍ରମ ଆୟୁକ୍ତ ଚୌଧୁରୀ ସୁବ୍ରତ କୁମାର ଜେନା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ପୁରୀ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ ସହକାରୀ ଶ୍ରମ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହାବ୍ୟତୀତ ରୁଚିକା ସାମାଜିକ ସେବା ସଙ୍ଗଠନ, ଗ୍ରୀନସିଟି ଅଟୋ ଚାଳକ ସଂଘ, ପୁରୀ ପୌରପାଳିକା ଅଟୋ ଚାଳକ ସଂଘ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ନିର୍ମାଣ ଶ୍ରମିକ ଓ ସାଧାରଣ ଜନତା ସାମିଲ ହୋଇଥିଲେ। ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ମଧ ପଦଯାତ୍ରାରେ ଯୋଗଦେଇଥିଲେ।

ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଖୁବ୍‌ଶୀଘ୍ର ଶିଶୁ ଶ୍ରମିକ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହେବ। ଟାସ୍କ ଫୋର୍ସ କମିଟିର ମତାମତ ଅନୁସାରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟଖସଡା ପ୍ରସ୍ତୁତ କରାଯିବ। ଏହା ପରେ ଜିଲ୍ଲାର ବିଭିନ୍ନ ହୋଟେଲ, ଦୋକାନ, ଗ୍ୟାରେଜ୍, ନିର୍ମାଣସ୍ଥଳୀ ଓ ଅନ୍ୟାନ୍ୟ ପ୍ରତିଷ୍ଠାନରେ ଚଢାଉ କରାଯାଇ ଶିଶୁ ଶ୍ରମିକ ନିୟୋଜନ କରୁଥିବା ମାଲିକମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୩ ପ୍ରତିଭାଙ୍କୁ ଉତ୍କଳଶ୍ରୀ ସମ୍ମାନ

ପୁରୀ,୧୨।୬(ସମିସ): ପଦ୍ମବିଭୂଷଣ ଗୁରୁ କେଲୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଅବସରରେ 'ବାବା ଆଖଣ୍ଡଳମଣି ନବପ୍ରତିଭା ସଙ୍ଗୀତ ଶିକ୍ଷା କେନ୍ଦ୍ର' ପୁରୀର ରୌପ୍ୟ ଜୟନ୍ତୀ ଏବଂ ଉତ୍କଳଶ୍ରୀ ସମ୍ମାନ-୨୦୨୬ ପ୍ରଦାନ ସମାରୋହ ଭୁବନେଶ୍ୱର ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ତଥା ଓଡ଼ିଶୀ ଗବେଷକ ଆର୍ତ୍ତତ୍ରାଣ ଶତପଥୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଓଡ଼ିଶୀ ସଙ୍ଗୀତ ଗୁରୁ ପ୍ରଫେସର ଡ. ରାମହରି ଦାସ ଏବଂ ଓଡ଼ିଶୀ ନୃତ୍ୟଗୁରୁ ନିରଞ୍ଜନ ରାଉତ, ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ, ଓଡ଼ିଶୀ ନୃତ୍ୟଗୁରୁ ମନୋରଞ୍ଜନ ପ୍ରଧାନ, ଓଡ଼ିଶୀ ନୃତ୍ୟଙ୍ଗନା ମୀରା ଦାସ, ସମାଜସେବୀ ବନ୍ଦନା ହରିଚନ୍ଦନ, ଓଡ଼ିଶୀ



ସଙ୍ଗୀତ ଗୁରୁ ଡ. ନିମାକାନ୍ତ ରାଉତରାୟ, ସମାଜସେବୀ ତଥାଗତ ସ୍ୱାଇଁ, ଅଭିନେତ୍ରୀ ନିର୍ଲିପ୍ତା (ଗୁନଗୁନ) ଓ ଅଭିନେତ୍ରୀ ଭୂମିକା ଦାସ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ପ୍ରଖ୍ୟାତ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ବରିଷ୍ଠ କଣ୍ଠଶିଳ୍ପୀ କେଶବ ସାହୁ, ବରିଷ୍ଠ ସଙ୍ଗୀତ ଗୁରୁ ସୁକାନ୍ତ କୁଣ୍ଡୁଙ୍କୁ 'ଉତ୍କଳଶ୍ରୀ ସମ୍ମାନ' ପ୍ରଦାନ କରାଯାଇଥିବାବେଳେ ନୃତ୍ୟ ଶିଳ୍ପୀ ପୁଷ୍ପଲତା ଦାସ ଏବଂ ମର୍ଦ୍ଦଳ ବାଦକ ମାଧବ ଶ୍ରୀନନ୍ଦନ ସାହୁଙ୍କୁ 'ଉତ୍କଳଶ୍ରୀ ଯୁବପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ତଥା ନୃତ୍ୟଗୁରୁ ଅଶୋକ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଏବଂ ଉପଦେଷ୍ଟା ସୁରେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସାଂସ୍କୃତିକ ସଙ୍ଗଠକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଂଚାଳନ କରିଥିଲେ। ନୃତ୍ୟଗୁରୁ ଅଶୋକ ଦାସ ଏବଂ ବବିତା ଦାସଙ୍କ ନିର୍ଦ୍ଦେଶନାରେ 'ନବ ପ୍ରତିଭା'ର କଳାକାରମାନେ ଓଡ଼ିଶୀ ନୃତ୍ୟରେ ନୃତ୍ୟାଭିନୟ 'ଦଶ ରୂପା' ଏବଂ 'ସାବେରୀ ପଲ୍ଲବୀ' ପରିବେଷଣ କରିଥିଲେ। ଗୁରୁ ମନୋରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶନାରେ ଶ୍ରୀରାଧା କଳା କୁଞ୍ଜ, ଭୁବନେଶ୍ୱରର କଳାକାରମାନେ ଓଡ଼ିଶୀ ନୃତ୍ୟରେ 'ପଞ୍ଚ ପରମେଶ୍ୱର' ଏବଂ ଗୁରୁ ନିରଞ୍ଜନ ରାଉତଙ୍କ ନିର୍ଦ୍ଦେଶନାରେ 'ନୂପୁର', ଭୁବନେଶ୍ୱର ପକ୍ଷରୁ ଓଡ଼ିଆ ଅସ୍ମିତା- 'ଓଡ଼ିଶା ଆମ ଜନ୍ମଭୂମି' ପରିବେଷଣ କରାଯାଇଥିଲା। ସାଂସ୍କୃତିକ ସମ୍ପାଦକ ସୁଧାଂଶୁ ଭୂଷଣ ରଥ, ଉପଦେଷ୍ଟା ସଂଜୀବ ମହାପାତ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ଭକ୍ତଙ୍କୁ ଧମକାଇ ଟଙ୍କା ଆଦାୟ: ଯୁବକ ଗିରଫ

ପୁରୀ,୧୨।୬(ସମିସ): ଶ୍ରୀମନ୍ଦିର ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ଧମକ ଦେଇ ଟଙ୍କା ଆଦାୟ ଅଭିଯୋଗରେ ଜଣେ ଯୁବକୁ ସିଂହଦ୍ୱାର ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲ୍ଲା ଗଙ୍ଗାପୁର ଗ୍ରାମର ମୁନା ପଣ୍ଡା। ସୂଚନା ଅନୁଯାୟୀ, ଜୁନ୍ ୯ ରାତି ୧ଟା ୫୦ ବେଳେ ସିଂହଦ୍ୱାର ଥାନା ପୋଲିସ ପରିକ୍ରମା ମାର୍ଗରେ ଫୁଟ ପାଟ୍ରୋଲିଂ କରୁଥିଲେ। ପଶ୍ଚିମ ଦ୍ୱାର ନିକଟରେ ଜଣେ ଯୁବକ ଭକ୍ତଙ୍କୁ ଅଶ୍ଳୀଳ ଗାଳି ଦେଇ ଜୋର୍ ଜବରଦସ୍ତ ଟଙ୍କା ମାଗୁଥିବା ସମ୍ପର୍କରେ ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସକୁ ଦେଖି ଅଭିଯୁକ୍ତ ଖୁଣ୍ଟିଆ ଗଳି ଆଡ଼କୁ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିବା ବେଳେ ପୁଲିସ ଧରିଥିଲା। ଯାଞ୍ଚରେ ତା' ପ୍ୟାଣ୍ଟ ପକେଟରୁ ୬୫୦ ଟଙ୍କା ଜବତ ହୋଇଥିଲା। ଏ ନେଇ ସିଂହଦ୍ୱାର ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

### ସମ୍ପର୍କର ବିପର୍ଯ୍ୟୟ ମନ୍ଥନ

## ଯୁବଶକ୍ତିକୁ ସଚେତନତା ଓ ସେବାର ମନ୍ତ୍ର

ପୁରୀ,୧୨।୬(ସମିସ): ଓଡ଼ିଶା ବିପର୍ଯ୍ୟୟ ପ୍ରବଣ ରାଜ୍ୟ ହୋଇଥିବାରୁ ଯୁବଶକ୍ତିକୁ ପ୍ରସ୍ତୁତ ଓ ସଚେତନ କରିବା ଲକ୍ଷ୍ୟରେ ପୁରୀର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ପର୍କ' ପକ୍ଷରୁ ସୁରଜମଲ୍ଲ ଶାହା ମହାବିଦ୍ୟାଳୟରେ ବିଶେଷ ମାନସ ମନ୍ଥନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟରେ ଚାଲିଥିବା ଗ୍ରୀଷ୍ମକାଳୀନ ସେବା ପ୍ରଶିକ୍ଷଣ ଓ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଅଧୀନରେ 'ବିପର୍ଯ୍ୟୟ ପରିଚାଳନା ଓ ଯୁବଶକ୍ତିର ଭୂମିକା' ଶୀର୍ଷକରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ବକ୍ତାମାନେ କହିଥିଲେ ଯେ, ଓଡ଼ିଶା ପ୍ରାଚୀନ କାଳରୁ ବିପର୍ଯ୍ୟୟର ସାମ୍ନା କରିଆସୁଛି। ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରୁ ଆରମ୍ଭ କରି ଆଧୁନିକ କାଳ ପର୍ଯ୍ୟନ୍ତ ଆମର ବିପର୍ଯ୍ୟୟ ପରିଚାଳନା ଦକ୍ଷତା ବିଶ୍ୱସ୍ତରେ ଆଲୋଚିତ। ୧୯୯୯ ମହାବାତ୍ୟା ଆମକୁ କଠିନ ଶିକ୍ଷା ଦେଇଥିଲା। ସେହି ଅଭିଜ୍ଞତାରୁ ଶିକ୍ଷା ନେଇ ସରକାର, ସଂସ୍ଥା ଓ ସ୍ୱେଚ୍ଛାସେବୀଙ୍କ ସମନ୍ୱିତ ପ୍ରୟାସ ଫଳରେ ଫାଇଲିନ, ହୁଦ୍‌ହୁଦ୍, ଫନୀ ଓ ୟାସ୍ ଭଳି ବାତ୍ୟାକୁ ସଫଳତାର ସହ ମୁକାବିଲା କରାଯାଇପାରିଛି।



ମୁଖ୍ୟ ବକ୍ତା ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ସେବା ସଂଗଠନ ସହ ଯୋଡ଼ି ହେବାକୁ ଆହ୍ୱାନ ଦେଇ କହିଲେ, "ନିୟମିତ ମକ୍ ଡ୍ରିଲ୍ ଓ ପ୍ରଶିକ୍ଷଣ ଦ୍ୱାରା ଭୟ ଦୂର ହୁଏ। ଜଣେ ସାଧାରଣ ଛାତ୍ର ବି ସଙ୍କଟ ସମୟରେ ନେତା ହୋଇପାରିବ। ପରିବେଶବିତ୍ ଜଗନ୍ନାଥ ବସ୍ତିଆ ଜଳବାୟୁ ପରିବର୍ତ୍ତନ ଓ ଗ୍ରୀଷ୍ମ ପ୍ରବାହର ଉଦାହରଣ ଦେଇ ବୃକ୍ଷରୋପଣ, ଜଳ ସଂରକ୍ଷଣ ଓ ପରିବେଶ ଅନୁକୂଳ ଜୀବନଶୈଳୀ ଗ୍ରହଣ କରିବାକୁ ପରାମର୍ଶ ଦେଲେ। ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ଜ୍ଞାନ ରଞ୍ଜନ ମହାପାତ୍ର ୧୯୯୯ ବାତ୍ୟା ସମୟର ଉଦ୍ଧାର ଅଭିଜ୍ଞତା ବାଣ୍ଟି କହିଲେ, "ବିପଦ ସମୟରେ ଧୈର୍ଯ୍ୟ, ସାହସ ଓ ସମନ୍ୱୟ ହିଁ ସବୁଠୁ ବଡ଼ ଶକ୍ତି। ନିଜେ ସଚେତନ ହୋଇ ଅନ୍ୟକୁ ସାହାଯ୍ୟ କରିବା ଭଲ ନାଗରିକର କର୍ତ୍ତବ୍ୟ।

ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କହିଲେ ଯେ, ଯୁବଶକ୍ତିକୁ ସମାଜ ସେବା, ବିପର୍ଯ୍ୟ ପରିଚାଳନା ଓ ନେତୃତ୍ୱ କ୍ଷେତ୍ରେ ସଶକ୍ତ କରିବା ହିଁ ସମ୍ପର୍କର ଲକ୍ଷ୍ୟ। ସ୍ୱାମୀ ବିବେକାନନ୍ଦଙ୍କ 'ଲକ୍ଷ୍ୟ ପୂରଣ ନହେବା ପର୍ଯ୍ୟନ୍ତ ଅଟକି ଯାଅ ନାହିଁ' ମନ୍ତ୍ରକୁ ସ୍ମରଣ କରାଇ ଯୁବବର୍ଗଙ୍କୁ ସମାଜ କଲ୍ୟାଣରେ ଶକ୍ତି ଲଗାଇବାକୁ କହିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ବେହେରା ଅଧ୍ୟକ୍ଷତା କରି କହିଲେ ଯେ, ଏପରି ପ୍ରଶିକ୍ଷଣ ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ, ନେତୃତ୍ୱ ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି କରେ। ଶୁଭ ପ୍ରସାଦ ଶର୍ମା, ଶୁଭସ୍ମିତା ପଣ୍ଡା, ଶୁଭ୍ର ସ୍ୱରୂପ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ଛାତ୍ରଛାତ୍ରୀ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା, ପ୍ରାଥମିକ ଚିକିତ୍ସା ଓ ସ୍ୱେଚ୍ଛାସେବା ଉପରେ ମୂଲ୍ୟବାନ ଜ୍ଞାନ ଆହରଣ କଲେ। ଏହା ଯୁବ ସମାଜକୁ ସଚେତନ ଓ ବିପର୍ଯ୍ୟୟ ପ୍ରସ୍ତୁତ ନାଗରିକ ଭାବେ ଗଢ଼ି ତୋଳିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଲଟିଛି।

## ଶ୍ରୀମନ୍ଦିର ଚୂଡ଼ା ଉପରେ ଶାଳିଆ ପତନି

ପୁରୀ,୧୨।୬(ସମିସ): ଶ୍ରୀମନ୍ଦିର ଚୂଡା ଉପରେ ଏକ ବଡ଼ ଶାଳିଆ ପତନି ଦେଖିବାକୁ ମିଳିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଜଳକ୍ରୀଡା ଏକାଦଶୀ ଅବସରେ ଗୁରୁବାର ବିଳମ୍ବିତ ରାତିରେ ଶ୍ରୀମନ୍ଦିର ଚୂଡା ଉପରେ ମହାଦୀପ ଉଠାଯାଉଥିବା ବେଳେ ଚୁନରା ସେବକମାନେ ଏହାକୁ ଦେଖିଥିଲେ। ମହାଦୀପ ଲଗାଇବା ସମୟରେ ଅଁଳାବେଢା ନିକଟରେ ଥିବା ଏହି ଶାଳିଆ ପତନିକୁ ସେବକମାନେ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରେ ଜନ୍ତୁଟିକୁ ସୁରକ୍ଷିତ ଭାବେ ଛାଡି ଦିଆଯାଇଥିଲା। ତେବେ ଶ୍ରୀମନ୍ଦିର ଚୂଡା ଉପରେ ଏକ ବଡ଼ ଶାଳିଆ ପତନି କେମିତି ପହଞ୍ଚିଲା ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ବଡ଼ କଥା ହେଉଛି ଏହି ଜନ୍ତୁଟି ରହୁଥିଲା କେଉଁଠି? ଶ୍ରୀମନ୍ଦିର ଗର୍ଭଗୃହ ଉପରେ ପ୍ରଥମ ମହଲା ଓ ଦ୍ୱିତୀୟ ମହଲା ରହିଛି। ସେଠାରେ ଏହି ଜନ୍ତୁଟି ରହୁଛି କି ନାହିଁ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହା ଗୋଟିଏ ନା ଆହୁରି କିଛି ଜନ୍ତୁ ଚୂଡା ଉପରେ ରହୁଛନ୍ତି ସେ ନେଇ ମଧ ଚର୍ଚ୍ଚା ଜୋର୍ ଧରିଛି।



## ଖଜା ମାଫିଆ ସୋହମ ଗିରଫ

ପୁରୀ,୧୨।୬(ସମିସ): ଶ୍ରୀମନ୍ଦିର ଅଞ୍ଚଳରେ ଖଜା ମାଫିଆଙ୍କ ଉପଦ୍ରବକୁ ନେଇ ପୁରୀ ଟାଉନ୍ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପାପୁଡ଼ିଆ ମଠ ନିକଟରେ ଉପଦ୍ରବ ସୃଷ୍ଟି ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ବଳଭଦ୍ର ଲେନ୍‌ର ସୋହମ ରାୟଙ୍କୁ ଟାଉନ୍ ପୋଲିସ ଗିରଫ କରିଛି। ଗୁରୁବାର ରାତିରେ ପୋଲିସ ଗିରଫ କରିଥିବା ବେଳେ ଶୁକ୍ରବାର ପୁରୀ ସଦର ମୁନ୍ସିଫ୍ କୋର୍ଟରେ ହାଜର କରିଥିଲା। କୋର୍ଟ ତାଙ୍କୁ ଜେଲ ହେପାଜତକୁ ପଠାଇଦେଇଛନ୍ତି। ଏହି ଘଟଣାରେ ପୂର୍ବରୁ ତାଙ୍କ ୩ ସହଯୋଗୀ ଜଗନ୍ ମହାପାତ୍ର, ସୁମନ୍ ମହାପାତ୍ର ଓ ବଳଭଦ୍ର ସେନାପତିଙ୍କୁ ମଧ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ସମସ୍ତେ ଏବେ ବାଙ୍ଗର ଜିଲ୍ଲା ଜେଲରେ ଅଛନ୍ତି। ପୁଲିସ କହିଛି ଯେ, ରାସ୍ତାରେ ଉପଦ୍ରବ ସୃଷ୍ଟି କରୁଥିବା ଅପରାଧୀଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିବ। ଖଜା ମାଫିଆଙ୍କ ଆତଙ୍କରୁ ଭକ୍ତ ଓ ପର୍ଯ୍ୟଟକଙ୍କୁ ରକ୍ଷା କରିବା ପାଇଁ ପୁଲିସ ପାଟ୍ରୋଲିଂ ଓ ଚଢ଼ାଉ ଜୋର୍‌ଦାର କରାଯାଇଛି।

## ରଥ ନିର୍ମାଣକାରୀଙ୍କୁ ପଇଡ଼ ବାଣ୍ଟିଲେ ସାଧୁ

ପୁରୀ,୧୨।୬(ସମିସ): ପ୍ରଚଣ୍ଡ ଖରା ଓ ଗୁଳୁଗୁଳିକୁ ଖାତିର ନ କରି ମହାପ୍ରଭୁଙ୍କ ତିନି ରଥ ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି ମହାରଣା, ଭୋଇ ଓ କମାର ସେବକ। ସେମାନଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଶୁକ୍ରବାର ରଥଖଳାରେ ଅଭିନବ ସେବା ଦେଖିବାକୁ ମିଳିଥିଲା। ହିମାଚଳ ପ୍ରଦେଶ ବଦ୍ରିକା ଆଶ୍ରମରୁ ଆସିଥିବା ଶ୍ରଦ୍ଧାଳୁ ସ୍ୱାମୀ ରାଘବାନ୍ଦ ଓମ୍ ୫ ଶହରୁ ଉର୍ଦ୍ଧ୍ୱ ପଇଡ଼ ବାଣ୍ଟି ରଥ ନିର୍ମାଣକାରୀ ସେବକଙ୍କ ତୃଷ୍ଣା ମେଣ୍ଟାଇଛନ୍ତି। ହିମାଚଳ ପ୍ରଦେଶରେ ରହୁଥିବା ଏହି ଓଡ଼ିଆ ସାଧୁ ଦୁଇବର୍ଷ ଧରି ରଥ ନିର୍ମାଣ ସେବକଙ୍କ ପାଇଁ କିଛି କରିବାର ଇଚ୍ଛା ରଖିଥିଲେ। ଚଳିତବର୍ଷ ମହାପ୍ରଭୁଙ୍କ ଆଶୀର୍ବାଦରୁ ତାଙ୍କ ଇଚ୍ଛା ପୂରଣ ହୋଇଛି। ଶ୍ରୀମନ୍ଦିର ପ୍ରଶାସନର ଅନୁମତିରେ ସେ ସମସ୍ତ ରଥ ନିର୍ମାଣକାରୀ ସେବକଙ୍କୁ ପଇଡ଼ ବାଣ୍ଟିଥିଲେ। ଏହି ସମୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ଓ ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁ ସ୍ୱାମୀ ରାଘବାନ୍ଦ କହିଛନ୍ତି, ଠାକୁରଙ୍କ ରଥ ନିର୍ମାଣ କରୁଥିବା ସେବକମାନେ ମହାପ୍ରଭୁଙ୍କ ସାକ୍ଷାତ୍ ସେବକ। ଖରାରେ ସେମାନଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ କିଛିକ୍ଷଣ ପାଇଁ ପଇଡ଼ ବାଣ୍ଟିଲୁ। ଏହା ମୋର ଦୁଇବର୍ଷର ମନୋକାମନା ଥିଲା, ଆଜି ପୂରଣ ହେଲା। ରଥଖଳାରେ ପ୍ରତିଦିନ ଶତାଧିକ ସେବକ ରଥ ନିର୍ମାଣରେ ନିୟୋଜିତ ଥାଆନ୍ତି। ଏମିତି ସମୟରେ ହିମାଚଳରୁ ଆସିଥିବା ଜଣେ ଶ୍ରଦ୍ଧାଳୁଙ୍କ ଏହି ଛୋଟ ପ୍ରୟାସ ସେବକଙ୍କ ପାଇଁ ବଡ଼ ଆଶୀର୍ବାଦ ପାଲଟିଛି। ଭକ୍ତି ଓ ସେବାର ଏହି ଉଦାହରଣ ରଥଖଳାର ଆଧ୍ୟାତ୍ମିକ ପରିବେଶକୁ ଆହୁରି ଭକ୍ତିମୟ କରିଦେଇଛି।

### ପୁଲିସର ଆଚରଣଗତ ପ୍ରଶିକ୍ଷଣ

## ସମ୍ବେଦନଶୀଳ ବ୍ୟବହାର ଓ ଭିଡ଼ ପରିଚାଳନାକୁ ଗୁରୁତ୍ୱ

ପୁରୀ,୧୨।୬(ସମିସ): ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ପରିଚାଳନା ପାଇଁ ପୁରୀ ପୋଲିସ ପକ୍ଷରୁ ଆୟୋଜିତ ଆଚରଣଗତ ପ୍ରଶିକ୍ଷଣ କର୍ମଶାଳାର ଦ୍ୱିତୀୟ ଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରଥଯାତ୍ରା ଡ୍ୟୁଟିରେ ନିୟୋଜିତ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ଜନସାଧାରଣ ଏବଂ ଶ୍ରଦ୍ଧାଳୁଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ, ସମ୍ବେଦନଶୀଳ ଓ ସେବା ଭାବପୂର୍ଣ୍ଣ ବ୍ୟବହାର ଶିଖାଇବା ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ। ଏସ୍‌ପି ପ୍ରତୀକ୍ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ କମାଣ୍ଡାଣ୍ଟ ତପସ ରଞ୍ଜନ ଦାସ, ଏସ୍‌ଏସ୍‌ଏମ୍‌ଏସ୍‌ବିର ଡେପୁଟି କମାଣ୍ଡାଣ୍ଟ କୌଶିକ ନାୟକ, ଦୀପକ ଗଡ଼ନାୟକଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଓ ଶ୍ରୀମନ୍ଦିର ସୁରକ୍ଷା କର୍ମଚାରୀମାନେ ଯୋଗଦେଇଥିଲେ। କର୍ମଶାଳାରେ ହାଇଟେକ୍ ମେଡିକାଲ୍ କଲେଜର ବିଶିଷ୍ଟ ବିଶେଷଜ୍ଞ ଡା. ଅମ୍ରିତ ପଟ୍ଟଯୋଶୀ ଓ ଡା. ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇଥିଲେ। ସେମାନେ ଜନଗହଳିର ମନୋବିଜ୍ଞାନ, ଚାପପୂର୍ଣ୍ଣ ପରିସ୍ଥିତିରେ ପୋଲିସର ଭୂମିକା, ପ୍ରଭାବଶାଳୀ ଯୋଗାଯୋଗ, ସକାରାତ୍ମକ ବ୍ୟବହାର ଏବଂ ମାନସିକ ସନ୍ତୁଳନ ବଜାୟ ରଖିବା ଉପରେ ଆଲୋକପାତ କରିଥିଲେ। ସଭାକୁ ସମ୍ବୋଧିତ କରି ଏସ୍‌ପି ପ୍ରତୀକ୍ ସିଂ କହିଥିଲେ, "ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀକୁ ଆସନ୍ତି। ପ୍ରତ୍ୟେକ ପୋଲିସ କର୍ମଚାରୀଙ୍କ ଆଚରଣ ହିଁ ପୁରୀ ପୋଲିସର ପରିଚୟ। ତେଣୁ ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ନେଇ କାର୍ଯ୍ୟ କରିବାକୁ ଏସ୍‌ପି ପରାମର୍ଶ ଦେଇଥିଲେ। କର୍ମଶାଳାରେ ଜନଗହଳି ନିୟନ୍ତ୍ରଣ, ଜରୁରୀକାଳୀନ ପରିସ୍ଥିତି ମୁକାବିଲା, ଭିଡ଼ରେ ହଜିଯାଇଥିବା ବ୍ୟକ୍ତିଙ୍କୁ ସହାୟତା, ବୃଦ୍ଧ, ମହିଳା ଓ ଦିବ୍ୟାଙ୍ଗ ଭକ୍ତଙ୍କ ପ୍ରତି ସମ୍ବେଦନଶୀଳତା ଏବଂ ଦର୍ଶନ ବ୍ୟବସ୍ଥାକୁ ସୁଚାରୁ ରଖିବା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ରଥଯାତ୍ରା ସମୟରେ ଉତ୍ତମ ଆଚରଣ ଓ ଦକ୍ଷ ସେବା ପ୍ରଦାନ ପାଇଁ ସଂକଳ୍ପବଦ୍ଧ ହୋଇଥିଲେ।

# ଘର ତାଲା ଭାଙ୍ଗି ନେଇଗଲେ ଟଙ୍କା ସହ ସୁନା, ରୁପା ଗହଣା



ଦୋବଲ,୧୨।୬(ସମିସ): ଦୋବଲ ନିକଟସ୍ଥ କରଦା ପଞ୍ଚାୟତର ଚଷାଖଣ୍ଡ (ନନ୍ଦିପୁର) ଗ୍ରାମରେ ଗୁରୁବାର ଏକ ବଡ଼ଧରଣର ଚୋରି ଘଟଣା ଘଟିଥିବା ନେଇ ଥାନରେ ଅଭିଯୋଗ ହୋଇଛି। ଗ୍ରାମର ସାଗରିକା ସାମଲ ଏ ନେଇ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସାଗରିକା ଗତ ୭ ତାରିଖରେ ନିଜ ବାପଘର ଷୋଳମପୁର ପଞ୍ଚାୟତର ନୂଆପଡ଼ାକୁ ଯାଇଥିଲେ। ଘରେ କେହି ନଥିବାରୁ ସେ ଘରକୁ ତାଲା ପକାଇ ଚାଲିଯାଇଥିଲେ। ଏହି ସୁଯୋଗରେ ଦୁର୍ବୃତ୍ତମାନେ ଘରର ମୁଖ୍ୟ କବାଟ ଏବଂ ଭିତର ଘରର ତାଲା ଭାଙ୍ଗି ଆଲମାରିରେ ରଖାଯାଇଥିବା ସୁନା, ରୁପା ଗହଣା ଓ ନଗଦ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଚୋରି ହୋଇଥିବା ସାମଗ୍ରୀ ମଧ୍ୟରେ ୨ଟି ସୁନା ଚେନ୍, ଏକ ଚିକ୍ ହାର, ୪ଟି ସୁନା ମୁଦି, ୪ ହଳ ସୁନା ସାଙ୍ଖୀ ଏହିଭଳି ମୋଟ ୬୪ ଗ୍ରାମ ସୁନା, ୨୦୦ ଗ୍ରାମ ରୁପା ଅଳଙ୍କାର ଓ ୧ ଲକ୍ଷ ୪୦ ହଜାର ଟଙ୍କା ନଗଦ ଚୋରି ହୋଇଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କଠାରୁ ଖବର ପାଇ ସାଗରିକା ୧୧ ତାରିଖରେ ଘରକୁ ଫେରି ଚୋରି ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଖବର ପାଇ ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଶୁକ୍ରବାର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ଛାନଭିନ୍ କରାଯାଇଥିବା ବେଳେ ଏଏସ୍ଆଇ ସୁଜିତ ରାଉତ ମାମଲାର ତଦନ୍ତଭାର ନେଇଛନ୍ତି। ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ଉନ୍ନୟନ କାର୍ଯ୍ୟ ସମ୍ପର୍କିତ ପ୍ରଦର୍ଶନୀ କର୍ମଶାଳା



ବାରିକପୁର,୧୨।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ ସଭା ଗୃହ ମଧ୍ୟରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସମ୍ବଳିତ ପ୍ରଦର୍ଶନୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ନାୟକଙ୍କ ସଂଯୋଜନାରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ବିଡିଓ ଦେବଦତ୍ତ ଦାଶ, ବ୍ଲକ ଉପାଧ୍ୟକ୍ଷ ପ୍ରଣତିକାନ୍ତି ସାମଲ ଯୋଗଦେଇ ରାଜ୍ୟ ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ମତ ରଖିଥିଲେ। ଏଥିରେ ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଜେନା, ସିଡିପିଓ ଗୀତାରାଣୀ ମାଝୀ ପ୍ରମୁଖ ବିଭିନ୍ନ ମତ ଦେଇଥିଲେ। ବିକ୍ରମ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ କାରିତାକୁ ନେଇ ଚିତ୍ରମାନ ପ୍ରଦର୍ଶିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍‌ର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

## ସୁଧୁରୁନାହାନ୍ତି ଅମାନିଆ ଚାଳକ, ବଢୁଛି ଟ୍ରାଫିକ ସମସ୍ୟା

ଦୋଳସାହି,୧୨।୬(ସମିସ): ତିହିଡ଼ି ଥାନା ସନ୍ନିକଟ ପୁରୁଣା ହାଟଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଜପଥ ରାସ୍ତା ଉପରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବା ଦେଖିବାକୁ ମିଳୁଛି। ଫଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସାଧାରଣ ଜନତା। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଥାନା ଅଞ୍ଚଳରେ ମୁଖ୍ୟତଃ ଭଦ୍ରକ-ଚାନ୍ଦବାଲି ରାଜପଥ ରାସ୍ତାର ଦୁଇ ପାଶ୍ୱର୍ରେ ସମସ୍ତ ବଜାରରେ ଉଠା




ଦୋକାନୀ ବିଭିନ୍ନ ଧରଣର ବ୍ୟବସାୟ କରୁଥିବା ବେଳେ ଏହି ସାମଗ୍ରୀ କିଣିବା ପାଇଁ ଅମାନିଆ ଚାରି ଚକିଆ ଯାନ ଓ ଦୁଇ ଚକିଆ ଯାନର ଚାଳକମାନେ ରଖୁଥିବାରୁ ଏହି ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ସେହିପରି ଏହି ଥାନା ନିକଟରେ ଅବସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ୍ବୁଲାନ୍ସ ପ୍ରବେଶରେ ବାଧା ସୃଷ୍ଟି ହେଉଛି। ଏହି ଟ୍ରାଫିକ ସମସ୍ୟା ପାଇଁ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏହି ଅମାନିଆ ଚାଳକମାନେ ପୁଲିସ କାର୍ଯ୍ୟ କରୁଥିବା ସମୟରେ ଖୁଲମଖୁଲା ରଖିଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଏହି ଟ୍ରାଫିକ ସମସ୍ୟା ସୁଧାରିବାରେ ବିଫଳ ହୋଇଛଇ ତିହିଡ଼ି ପୁଲିସ।

# ରେଳବାଇ ଚାକିରି ନାଁରେ ୨୧ ଲକ୍ଷ ଠକେଇ

ଭଦ୍ରକ/ଅସୁରାଳି,୧୨।୬(ସମିସ)

ଯୁବପିଢ଼ିଙ୍କ ସରକାରୀ ଚାକିରି ପାଇବାର ଦୁର୍ବଳତାକୁ ସୁଯୋଗରେ ପରିଣତ କରୁଥିବା ତଥା ରାଜ୍ୟରେ ସକ୍ରିୟ ଥିବା ଏକ ବଡ଼ ଧରଣର ନିଯୁକ୍ତି ଜାଲିଆତିର ପର୍ଦ୍ଦାଫାସ କରିଛି ପୁଲିସ। ରେଳବାଇରେ ପ୍ରତିଷ୍ଠିତ 'ଲୋକୋ ପାଇଲଟ୍' ଚାକିରି କରାଇଦେବା ନାଁରେ ଜଣେ ଆଶାୟୀ ଯୁବକଙ୍କଠାରୁ ୨୧ ଲକ୍ଷ ଟଙ୍କା ହଡ଼ପ କରିବା ଅଭିଯୋଗରେ ଭଦ୍ରକ ଜିଲ୍ଲାରୁ ଜଣେ ଠକକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଓଲଟପୁର ଗ୍ରାମର ଗଦାଧର ନାଥ। ଗଞ୍ଜାମ ଜିଲ୍ଲାର ଆସିକା ଥାନା ପୁଲିସ୍ ଭଦ୍ରକ ପୁଲିସର ସହାୟତାରେ ଏକ ମିଳିତ ଚଢ଼ଉ କରି ଅଭିଯୁକ୍ତକୁ କାବୁ କରିବାରେ ସଫଳ ହୋଇଛି।

ସୂଚନାନୁଯାୟୀ, ଗଞ୍ଜାମ ଜିଲ୍ଲା ଆସିକା ଅଞ୍ଚଳର ସାପୁଆପଲ୍ଲୀ ଗ୍ରାମର ଯୁବକ ବାଳକୃଷ୍ଣ ପାଲଙ୍କ ସହ କୌଣସି ମାଧ୍ୟମରେ ଅଭିଯୁକ୍ତ ଗଦାଧର ନାଥଙ୍କ ପରିଚୟ ଘଟିଥିଲା। ଗଦାଧର ନିଜକୁ ରେଳବାଇର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ସୁସମ୍ପର୍କ ଥିବା ଏବଂ ପୂର୍ବରୁ ଅନେକଙ୍କୁ ଚାକିରି ଦେଇଥିବା ନେଇ ବଡ଼ ବଡ଼ ଦାବି କରିଥିଲେ। ରେଳବାଇରେ 'ଲୋକୋ ପାଇଲଟ୍' ଭଳି ଏକ ସମ୍ମାନଜନକ ଚାକିରିର ପ୍ରଲୋଭନ ଦେଖାଇ ସେ ବାଳକୃଷ୍ଣଙ୍କୁ ନିଜ ଜାଲରେ ଫସାଇଥିଲେ। ଚାକିରି ପାଇଁ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଥିବା କହି




## ଭଦ୍ରକରୁ ଧରାପଡ଼ିଲା ଆନ୍ତଃଜିଲ୍ଲା ଠକ

ବିଭିନ୍ନ କିସ୍ତିରେ ସେ ବାଳକୃଷ୍ଣଙ୍କଠାରୁ ସର୍ବମୋଟ ୨୧ ଲକ୍ଷ ଟଙ୍କା ଆଦାୟ କରି ନେଇଥିଲେ। ଟଙ୍କା ଦେବାର ଦୀର୍ଘ ଦିନ ବିତିଯିବା ପରେ ମଧ୍ୟ ଚାକିରି ନମିଳିବାରୁ ବାଳକୃଷ୍ଣ ନିଜ ଅର୍ଥ ଫେରସ୍ତ ମାଗିବା ସହ ଗଦାଧରଙ୍କୁ ଚାପ ପକାଇଥିଲେ। ଏଥିରୁ ବର୍ତ୍ତିବା ପାଇଁ ଗଦାଧର ଏକ ଦୁର୍ଭାଗ୍ୟଜନକ ଚକ୍ରାନ୍ତ ରଚିଥିଲେ। ସେ ବାଳକୃଷ୍ଣଙ୍କ ସନ୍ଦେହ ଦୂର କରିବା ପାଇଁ ଭାରତୀୟ ରେଳବାଇର ଅବିକଳ ନକଲି ଲୋଗୋ ଏବଂ ଜାଲ୍ ପ୍ୟାଡ୍ ବ୍ୟବହାର କରି ଏକ ମିଥ୍ୟା ନିଯୁକ୍ତି ପତ୍ର ପ୍ରସ୍ତୁତ କରିଥିଲେ। ଉକ୍ତ ନକଲି ନିଯୁକ୍ତି ପତ୍ରକୁ ବାଳକୃଷ୍ଣଙ୍କୁ ହସ୍ତାନ୍ତର କରିବା ପରେ ଗଦାଧର ନିଜର ସମସ୍ତ ମୋବାଇଲ୍ ଫୋନ୍ ବନ୍ଦ କରି ହଠାତ୍ ଫେରାର୍ ହୋଇଯାଇଥିଲେ। ବାଳକୃଷ୍ଣ ସେହି ନିଯୁକ୍ତି ପତ୍ରକୁ ଧରି ଯେତେବେଳେ ସମ୍ବନ୍ଧିତ ରେଳବାଇ କାର୍ଯ୍ୟାଳୟକୁ ଯାଇଥିଲେ, ସେଠାରେ ଯାଞ୍ଚ ପରେ ଜଣାପଡ଼ିଥିଲା ଯେ ଉକ୍ତ ଆଦେଶନାମା ସମ୍ପୂର୍ଣ୍ଣ ଜାଲ୍ ଏବଂ ତାଙ୍କ ସହ ଏକ ବଡ଼ ଧରଣର ପ୍ରତାରଣା କରାଯାଇଛି। ସର୍ବସ୍ୱ ହରାଇବା ପରେ ନିରୁପାୟ ହୋଇ ବାଳକୃଷ୍ଣ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଥିଲେ। ଘଟଣାର ଗୁରୁତ୍ୱକୁ ଉପଲବ୍‌ଧି କରି ଆସିକା ଥାନା ପୁଲିସ ଏକ ସ୍ୱତନ୍ତ୍ର ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତର ମୋବାଇଲ୍ ନେଟୱର୍କ ଓ ଗୁପ୍ତ ସୂଚନାକୁ ଆଧାର କରି ଆସିକା ପୁଲିସର ଦୁଇଟି ସ୍ୱତନ୍ତ୍ର ଟିମ୍ ଭଦ୍ରକରେ ପହଞ୍ଚିଥିଲେ। ସ୍ଥାନୀୟ ଭଦ୍ରକ ପୁଲିସର ସକ୍ରିୟ ସହାୟତାରେ ଗତକାଲି ବିଳମ୍ବିତ ରାତିରେ ଅଭିଯୁକ୍ତ ଗଦାଧର ନାଥଙ୍କୁ ତାଙ୍କର ଏକ ଗୁପ୍ତ ଆସ୍ଥାନରୁ କାବୁ କରାଯାଇଥିଲା। ଗିରଫ ସମୟରେ ପୁଲିସ ଅଭିଯୁକ୍ତ ଗଦାଧରଙ୍କଠାରୁ ନଗଦ ୧ ଲକ୍ଷ ୫୦ହଜାର ଟଙ୍କା ଏବଂ ଅନେକ ଜାଲ୍ ରେଳବାଇ ନିଯୁକ୍ତିପତ୍ର ସହ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଛି। ଆସିକା ପୁଲିସ ସଂପୃକ୍ତ ଅଭିଯୁକ୍ତକୁ ଭଦ୍ରକରୁ ଗିରଫ କରିବା ପରେ ଗଞ୍ଜାମକୁ ସ୍ଥାନାନ୍ତର କରି ସେଠାରେ ସ୍ଥାନୀୟ କୋର୍ଟ ଚାଲାଣ କରିଛି। ଏହି ଆନ୍ତଃଜିଲ୍ଲା ର୍‌ୟାକେଟ୍ ପଛରେ କୌଣସି ବଡ଼ ନେଟୱର୍କ କିମ୍ବା ରେଳବାଇର କୌଣସି କର୍ମଚାରୀଙ୍କ ସଂପୃକ୍ତି ରହିଛି କି ନାହିଁ, ସେ ନେଇ ପୁଲିସ ଗଦାଧରଙ୍କୁ ଅଧିକ ଜେରା କରୁଛି। ଚାକିରି ଆଶାୟୀମାନେ ଏଭଳି ଦଲାଲମାନଙ୍କ ପ୍ରଲୋଭନରେ ନପଡ଼ିବା ପାଇଁ ପୁଲିସ ପକ୍ଷରୁ ସତର୍କ କରାଇ ଦିଆଯାଇଛି।

## ରାସ୍ତା ନିର୍ମାଣରେ ଦୁର୍ନୀତି, ଅଭିଯୋଗ ଆଣିଲା ବ୍ଲକ୍ କଂଗ୍ରେସ



ଧାମନଗର,୧୨।୬(ସମିସ): ଧାମନଗର ଛକ ଠାରୁ ଧାମନଗରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ ଆଣିଲା କଂଗ୍ରେସ ଦଳ। ୧୬ ନଂ ଜାତୀୟ ରାଜପଥ ଠାରୁ ଧାମନଗର ବଜାର ପର୍ଯ୍ୟନ୍ତ ପ୍ରାୟ ୯ କିଲୋମିଟର ମୁଖ୍ୟ ରାସ୍ତା ନବୀକରଣରେ ବ୍ୟାପକ ଅନିୟମିତତା ହୋଇଥିବା କଂଗ୍ରେସ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛି। ଗୁରୁବାର ଏନେଇ ଧାମନଗର ବ୍ଲକ କଂଗ୍ରେସ ତରଫରୁ ଅପରାହ୍ଣ ୫ଟାରେ ବ୍ଲକ ଅନ୍ତର୍ଗତ ଭଗବାନପୁର ବଜାରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ବାସୁଦେବ ତ୍ରିପାଠୀ, ଏନ୍‌ଏସି ସଭାପତି ପ୍ରମୋଦ ସ୍ୱାଇଁ, କଂଗ୍ରେସ ନେତା ରମଣୀରଞ୍ଜନ ଦାଶ, ପ୍ରଭାତ ପଣ୍ଡା, ମାନସ ରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ରବିନାରାୟଣ ଜେନା, ପୀତାମ୍ବର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗ ଅନୁଯାୟୀ ନିର୍ମାଣାଧୀନ ରାସ୍ତା କାର୍ଯ୍ୟ ଯନ୍ତ୍ରୀ ସଠିକ ଭାବେରେ ତଦାରଖ କରୁନାହାନ୍ତି। ବିନା ସୂଚନା ଫଳକରେ ଏଷ୍ଟିମେଟ ଅନୁସାରେ ନକରିବା ତଥା ବାଲି ଫିଲିଙ୍ଗ ନକରିବା, ମେଟାଲିଙ୍ଗ ନ କରିବା, ମୋଟେଇ କମ କରିବା, ଗଛ ମୂଳକୁ ନ ଉପାଡ଼ିବା, ରାସ୍ତାର ଓସାର କମ୍ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ କରାଯାଇଛି। ଜନସାଧାରଣଙ୍କ ଅର୍ଥରେ ନିର୍ମିତ ହେଉଥିବା ରାସ୍ତକୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୂତରାରେ ଚାଲିଛି ନିମ୍ନମାନ ଓ ତରବରିଆ ଭାବରେ କାର୍ଯ୍ୟ କରିବା ଏହାର ସ୍ଥାୟିତ୍ୱକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଆଗାମୀ ଦିନରେ ଠିକ ଭାବରେ କାର୍ଯ୍ୟ ନ କରାଯାଏ ତାହେଲେ ବ୍ଲକ୍ କଂଗ୍ରେସ ରାଜରାସ୍ତାରେ ଆନ୍ଦୋଳନ କରିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

ବାରିକପୁର,୧୨।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ନେରେଡ଼ା ରାୟା ସାହିଠାରେ ନୂତନ ପ୍ରକଳ୍ପ ଶିଳାନ୍ୟାସ ଓ ନବନିର୍ମିତ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବରୁ ନବୀନ ପଟ୍ଟନାୟକ ସରକାର ଲୋକଙ୍କ ପାଇଁ କାମ କରିଥିବା ବେଳେ ଏବେ ବି ତାହା ବଜାୟ ରହିଥିବା ବିଧାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ




ସରପଞ୍ଚ ଦେବଦାସୀ ଜେନା, ବରିଷ୍ଠ ବିଜେଡି ନେତା ମୁକ୍ତିକାନ୍ତ ମହାନ୍ତି, ଶରତ ଚନ୍ଦ୍ର ଜେନା, ଭାଗବତ ଜେନା ପ୍ରମୁଖ ଯୋଗଦେଇ ବିଧାୟକଙ୍କ ପ୍ରଚେଷ୍ଟା ଯୋଗୁଁ ପ୍ରସିଦ୍ଧ ସୁନାମୁହିଁ ପୀଠକୁ ସବୁଦିନିଆ ପକ୍କା ରାସ୍ତା, ମନ୍ଦିର ସୁରକ୍ଷା ପାଇଁ ବୈତରଣୀ ନଦୀରେ ପଥର ପ୍ୟାକିଙ୍ଗ, ଘାଟ ନିର୍ମାଣ, ନଦୀ ଶାଖା ନାଳରେ ପାଦଚଲା ପୋଲ ଓ ଆହୁରି ଅନ୍ୟାନ୍ୟ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ଭବ ହୋଇଥିବା କହିଥିଲେ। ଏହି ଅବସରରେ ବିଧାୟକଙ୍କ ହାତ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ନୂଆ କୀର୍ତ୍ତନ ମଣ୍ଡପର ଶିଳାନ୍ୟାସ ସହିତ ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗୋଷ୍ଠୀ କେନ୍ଦ୍ରକୁ ଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଯୁବ ନେତା ଦିଲ୍ଲୀପ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭାଗବତ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ସଭାରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ମହାଳିକ, ହେମନ୍ତ ଜେନା, ଭଗବାନ ଓଝା, କୈଳାସ ଚନ୍ଦ୍ର ଓଝା ପ୍ରମୁଖ ପରିଚାଳନା କରିଥିଲେ।

■ ଅବକାରୀ ବିଭାଗର ଚଢ଼ଉ

## ବିପୁଳ ପରିମାଣର ମଦ ଜବତ; ୫ ଗିରଫ

ଅସୁରାଳି,୧୨।୬ (ସମିସ): ଅଞ୍ଚଳରେ ଚୋରା ମଦ କାରବାର ବିରୋଧରେ ଧାମନଗର ଅବକାରୀ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ସଫଳତା ମିଳିଛି। ଧାମନଗର ଅବକାରୀ ଭାରପ୍ରାପ୍ତ ଥାନାଧିକାରୀ ରାଜକିଶୋର ଜେନାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘ ଦିନ ଧରି ଧାମନଗର ଅଞ୍ଚଳର କେତେକ ସ୍ଥାନରେ ବେଆଇନ ଭାବେ ଚୋରା ମଦ କାରବାର ଚାଲୁଥିବା ନେଇ ଅବକାରୀ ବିଭାଗକୁ ଗୁପ୍ତ ସୂଚନା ମିଳିଥିଲା। ଏହାକୁ ଆଧାର କରି ଭାରପ୍ରାପ୍ତ ଥାନାଧିକାରୀ ଶ୍ରୀ ଜେନାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଥିଲା। ଅବକାରୀ ଟିମ୍ ମଙ୍ଗଳପୁର, ଅସୁରାଳି ଏବଂ ଚୁଡ଼ାକୁଟି ଅଞ୍ଚଳରେ ଏକକାଳୀନ ଚଢ଼ଉ କରିଥିଲେ। ପୁଲିସର ଏହି ଅଚାନକ ଚଢ଼ଉ ଯୋଗୁଁ ଚୋରା ମଦ ବ୍ୟବସାୟୀ ଛତ୍ରଭଙ୍ଗ ଦେଇଥିଲେ ମଧ୍ୟ ଅବକାରୀ ଟିମ୍ ଘଟଣାସ୍ଥଳରୁ ୫ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଏହି ମିଳିତ ଚଢ଼ଉ ସମୟରେ ଅବକାରୀ ବିଭାଗ ବିଭିନ୍ନ ଆସ୍ଥାନରୁ ପ୍ରାୟ ୫୦ ରୁ ୬୦ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଚୋରା ଚାଲାଣ ଉଦ୍ଦେଶ୍ୟରେ ଏହି ସବୁ ମଦ ଗଚ୍ଛିତ କରି ରଖାଯାଇଥିଲା ବୋଲି ଜଣାପଡ଼ିଛି। ଗିରଫ ହୋଇଥିବା ୫ ଅଭିଯୁକ୍ତଙ୍କ ବିରୋଧରେ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଧାମନଗର ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ନିଶାମୁକ୍ତ ଏବଂ ଅପରାଧମୁକ୍ତ କରିବା ପାଇଁ ଆମର ଏହି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ। ବେଆଇନ ମଦ ବ୍ୟବସାୟ କରୁଥିବା ଲୋକଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ।



## ଯୋଜନାରୁ ବଞ୍ଚିତ ୧୦ ପରିବାର

# ପାଲ ତଳେ କଟୁଛି ଜୀବନ

ଅସୁରାଳି,୧୨।୬(ସମିସ)

ସରକାରଙ୍କ ଗରିବ କଲ୍ୟାଣ ଓ ବିକାଶର ପିଣ୍ଡି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍‌ର ଏକ ଗ୍ରାମାଞ୍ଚଳ ଚିତ୍ର। ବ୍ଲକ୍ ଅଧୀନସ୍ଥ ସରେଇ ଚୁଡ଼ାକୁଟି ପଞ୍ଚାୟତ ପଳସା ଜେନା ସାହିରେ ଦେଖିବାକୁ ମିଳିଛି ପ୍ରଶାସନିକ ଅବହେଳାର ଚରମ ସୀମା। ଏହି ସାହିରେ ପ୍ରାୟ ୩୫ଟି ପରିବାର ବସବାସ କରୁଥିବା ବେଳେ ଏମାନଙ୍କ ମଧ୍ୟରୁ ୧୦ଟି ପରିବାର ଅତି ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ଅତି ଦେଶୀୟ ସ୍ଥିତିରେ ଦିନ କାଟୁଛନ୍ତି। ଆଜିର ଡିଜିଟାଲ ଯୁଗରେ ବି ଏହି ପରିବାରଗୁଡ଼ିକ ପାଇଁ ସର୍ବନିମ୍ନ ମୌଳିକ ସୁବିଧା ପାଲଟିଛି ସାତସପନ। ଗମନାଗମନ ପାଇଁ ସାହିକୁ ଆଜି ପର୍ଯ୍ୟନ୍ତ ଏକ ସୁଗମ ରାସ୍ତାଟିଏ ନାହିଁ। ବର୍ଷାଦିନେ ଏହି ଅଞ୍ଚଳ କାଦୁଅ ସରସର ହୋଇ ନର୍କପୁରୀରେ ପରିଣତ ହେଉଥିବା ବେଳେ ସାଧାରଣ ଦିନରେ ବି ଚାଲିବା କଷ୍ଟକର ହୋଇପଡୁଛି। ସେହିପରି ବିଶୁଦ୍ଧ ପାନୀୟ ଜଳର ଘୋର ଅଭାବ ଯୋଗୁଁ



ସାହି ବାସିନ୍ଦା ଦୂଷିତ ଜଳ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ସରକାରୀ ସ୍ତରରେ "ଘର ଘର ଜଳ' ଯୋଜନାର ଡିଣ୍ଡିମ ପିଟାଯାଉଥିଲେ ହେଁ, ଜେନା ସାହିର ଏହି ଶେଷଧାଡ଼ିର ମଣିଷଙ୍କ ପାଖରେ ଟୋପାଏ ପାନୀୟ ଜଳ ପହଞ୍ଚିପାରି ନାହିଁ। ଏଠାକାର ବାସିନ୍ଦାଙ୍କ ଜୀବନ ଯାତ୍ରା ଅତ୍ୟନ୍ତ ଦୁର୍ବିସହ। ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘରଟିଏ ନାହିଁ। ଜରି ଅଖା ଓ ସିମେଣ୍ଟ ଅଖା ଟାଣି କୁଡ଼ିଆ ତିଆରି କରି ଲୋକେ ଜୀବନ ବିତାଉଛନ୍ତି। ବର୍ଷା, ପବନ ଓ ଶୀତ କାକରରେ ପାଲ ତଳେ ଆଶ୍ରୟ ନେଉଥିବା ବେଳେ ବିଷଧର ସାପ ଓ ବେଙ୍ଗଙ୍କ ସହ ଏମାନଙ୍କୁ ରାତି କାଟିବାକୁ ପଡୁଛି, ଯାହାକି ସେମାନଙ୍କ ଜୀବନ ପ୍ରତି ପ୍ରତିମୁହୂର୍ତ୍ତରେ ବିପଦ ସୃଷ୍ଟି କରୁଛି। ପ୍ରିୟଙ୍କା ଜେନାଙ୍କ ପରିବାର ମଧ୍ୟରେ ସ୍ୱାମୀ ଧନେଶ୍ୱର ଜେନା ଓ ନାତି ନାତୁଣୀଙ୍କୁ ମିଶାଇ ସମୁଦାୟ ୭ ଜଣିଆ ପରିବାର ଏହି ଦୁର୍ଦ୍ଦଶା ଭୋଗୁଛନ୍ତି। ସେହିପରି ଶାନ୍ତିଲତା ଜେନାଙ୍କ ୩ ଜଣିଆ ପରିବାର ମଧ୍ୟ ଏଭଳି ଅବ୍ୟବସ୍ଥାରେ ଦିନ କାଟୁଛନ୍ତି। ତାଙ୍କର ସ୍ୱାମୀ ବିଦ୍ୟାଧର ଜେନା ଓ ପୁଅଙ୍କୁ ମିଶାଇ ଏହି ପରିବାର ପାଲ ତଳେ ଦିନ କାଟୁଛନ୍ତି। କେବଳ ଏତିକି ନୁହେଁ, ସାହିର କବିତା ଜେନା, ସରସ୍ୱତୀ ଜେନା, ଉର୍ମିଳା ଜେନା, ଜାନକୀ ଜେନା, ମାତନ ଜେନା, ସୁମତି ଜେନା ପ୍ରମୁଖ ୧୦ଟି ଅତି ଗରିବ ପରିବାରଙ୍କୁ ଆଜି ପର୍ଯ୍ୟନ୍ତ ସରକାରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଆଶ୍ଚର୍ଯ୍ୟର କଥା, ଏହି ଯୋଗ୍ୟ ହିତାଧିକାରୀଙ୍କ ନାମ ସରକାରୀ ରାସନ କାର୍ଡରେ ମଧ୍ୟ ସଂଯୋଗ ହୋଇନାହିଁ। ଯାହାଫଳରେ ସେମାନେ ମାସିକ ଚାଉଳ ଗଣ୍ଡିକରୁ ବି ବଞ୍ଚିତ ହେଉଛନ୍ତି। ଜଣେ ଗ୍ରାମବାସୀଙ୍କ କହିବା ଅନୁସାରେ "ଆମେ ଗରିବ ଲୋକ, ସରକାର କେତେ ଯୋଜନା କରୁଛନ୍ତି ହେଲେ ଆମ ଭାଗ୍ୟ ବଦଳୁନି। ପାଲ ତଳେ ଛୁଆପିଲାଙ୍କୁ ଧରି ସାପ-ବେଙ୍ଗଙ୍କ ମେଳରେ ଶୋଉଛୁ। ଆମକୁ ତୁରନ୍ତ ରାସନ କାର୍ଡ, ପାନୀୟ ଜଳ ଓ ଘରଟିଏ ଯୋଗାଇ ଦିଆଯାଉ।' ସ୍ଥାନୀୟ ଜନପ୍ରତିନିଧି ଓ ଭଦ୍ରକ ଜିଲ୍ଲା ପ୍ରଶାସନ ତୁରନ୍ତ ପଳସା ଜେନା ସାହିର ଏହି ସମ୍ବେଦନଶୀଳ ସ୍ଥିତିର କ୍ଷେତ୍ର ପରିଦର୍ଶନ କରି ସମ୍ପୃକ୍ତ ୧୦ଟି ପରିବାରକୁ ଆବାସ, ରାସନ, ବିଶୁଦ୍ଧ ପାନୀୟ ଜଳ ଏବଂ ସାହିକୁ ଭଲ ରାସ୍ତା ଯୋଗାଇ ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି।

## ଆଜି ରଜ ସଜବାଜ: ବଜାରରେ ଆମ୍ବ ପଣସ ଓ ରଜପାନର ସମ୍ଭାର

ବାରିକପୁର,୧୨।୬(ସମିସ): ରବିବାର ପହିଲି ରଜ। ଏଥିପାଇଁ ସଜବାଜ ଆରମ୍ଭ ହୋଇଛି। ବଜାରରେ ଆମ୍ବ ପଣସ ସହିତ ରଜ ଖିଲି ପାନ ପାଇଁ ବିଭିନ୍ନ ସମ୍ଭାର ଦେଖିବାକୁ ମିଳିଲାଣି। ଏହି ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହି କୃଷିଭିତ୍ତିକ ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବ୍ଲକର ପ୍ରମୁଖ ମଞ୍ଜୁରୀ ରୋଡ୍, ମାଳଦା, ବାରିକପୁର, ଆଖୁଆପଦା, ଛତାବର, ସରସଦା, ପଟାପୋଲ, ଧାମନଗର ଛକ, କୁଲଣା, ପରମାନନ୍ଦପୁର, ମଞ୍ଜୁରୀ ପ୍ରମୁଖ ଗ୍ରାମ୍ୟ ବଜାର ଗୁଡ଼ିକରେ ବିଭିନ୍ନ କିସମର ଆମ୍ବ ପଣସ ବିକ୍ରି ହେଉଛି। ଏହାଛଡ଼ା ଅସ୍ଥାୟୀ ସାଧା ମିଠା ଖିଲିପାନ ମସଲା



ଦୋକାନ ମଧ୍ୟ ଖୋଲାଯାଇଛି। ଲୁଗା ଓ ମିଠା ଦୋକାନ ଗୁଡ଼ିକରେ ଭିଡ଼ ଲାଗି ରହିଛି। ବନ୍ଧୁବାନ୍ଧବ ଓ ପରିବାର ବର୍ଗଙ୍କ ପାଇଁ ଲୋକମାନେ ଏବେ ବିଭିନ୍ନ ପ୍ରକାରର ଲୁଗାପଟା ଓ ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରୁଛନ୍ତି। ସଂପ୍ରତି ଚିନ୍ତାର ବିଷୟ ଆଧୁନିକ ଚାକଚକ୍ୟ ଓ ପାଶ୍ଚାତ୍ୟ ଅଭିମୁଖି ଚିନ୍ତା ଧାରା ମଧ୍ୟରେ ସବୁ ପର୍ବପର୍ବାଣୀ ଭଳି ରଜ ଉତ୍ସବ କେତେକାଂଶରେ ତା'ର ମହାନତା ହରାଇଛି ସତ କିନ୍ତୁ ଜନସାଧାରଣଙ୍କ ଭାବ ଉଦ୍ଦୀପନା ପର୍ବ ସହିତ ଯୋଡି ହୋଇ ଯାଇଛି। ସହର ଠାରୁ ଗାଁ ଯାଏଁ ସବୁଠି ଆବାଳ ବୃଦ୍ଧବନିତା ରଜ ଉତ୍ସବକୁ ପାଳନ କରୁଛନ୍ତି। ଉତ୍ସବର ପରମ୍ପରା ଅନୁଯାୟୀ ସାଙ୍ଗସାଥୀ ହୋଇ ପରସ୍ପର ଘରକୁ ଯାଇ ପିଠା, ମିଠା ଓ ପାନ ଖାଇବା ପ୍ରଥା ଏବେ ବି ବଜାୟ ରହିଛି। ପର୍ବର ମୁଖ୍ୟ ଆକର୍ଷଣ ଗାଁ ତୋଟାରେ ପଟା ଦୋଳି ଓ ବାଗୁଡ଼ି ଖେଳ ହୋଇଥିବାବେଳେ ତାହା କିଛି ମାତ୍ରାରେ ହ୍ରାସ ପାଇଛି। ଏବେ ଗାଁ ଗହଳିରେ ସାମୂହିକ ରଜ ଉତ୍ସବ ପାଳନ ସ୍ଥାନରେ ଆଧୁନିକ ଦୋଳିର ଚାହିଦା ଦେଖାଯାଇଛି। ଆଜି ଠାରୁ ତିନି ଦିନ ପର୍ଯ୍ୟନ୍ତ ରଜ ଉତ୍ସବ ପାଇଁ ସମସ୍ତଙ୍କ ମନରେ ଅବିସ୍ମରଣୀୟ ଭାବାବେଗ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

● ଏମ୍‌ଏସ୍‌ଡିଇର ନ୍ୟାସନାଲ ଗ୍ରେଡିଂ-୨୦୨୬-୨୭

## ସର୍ବଭାରତୀୟ ସ୍ତରରେ ୨ୟ ସ୍ଥାନରେ ଡାଲ୍‌ମିଆ ଆଇଟିଆଇ



ରାଉରକେଲା,୧୨।୬(ସମିସ): ଭାରତର ଅନ୍ୟତମ ପ୍ରମୁଖ ସିମେଣ୍ଟ କମ୍ପାନୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ଦ୍ୱାରା ପରିଚାଳିତ ରାଜଗାଙ୍ଗପୁର ସ୍ଥିତ ଡାଲମିଆ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ (ଆଇଟିଆଇ)କୁ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟୋଗିକତା ମନ୍ତ୍ରଣାଳୟ (ଏମଏସଡିଇ) ପକ୍ଷରୁ ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ପରିଚାଳିତ ଅଲ୍ ଇଣ୍ଡିଆ ଆଇଟିଆଇ ଗ୍ରେଡିଂରେ ଭାରତର ଏକ ନମ୍ବର ବେସରକାରୀ ଆଇଟିଆଇର ମାନ୍ୟତା ଦିଆଯାଇଛି। ଏହି ଶିକ୍ଷାନୁଷ୍ଠାନ ଦେଶର ମୋଟ ୧୪୬୧୭ଟି ସରକାରୀ ଓ ବେସରକାରୀ ଆଇଟିଆଇଗୁଡିକ ମଧ୍ୟରେ ୨ୟ ସ୍ଥାନରେ ରହିବା ସହ ୧୦ରୁ ୯.୭ର ଏକ ଉଲ୍ଲେଖନୀୟ ସ୍କୋର ହାସଲ କରିଛି। ଏହି ନୂତନ ସ୍ୱୀକୃତି ଶିକ୍ଷାନୁଷ୍ଠାନର ଉତ୍କର୍ଷତାର ମଜବୁତ ଟ୍ରାକ ରେକର୍ଡ ଯୋଗୁଁ ସମ୍ଭବ ହୋଇଛି, ଯାହା ପୂର୍ବରୁ ୨୦୨୪-୨୫ଆର୍ଥିକ ବର୍ଷରେ ଭାରତରେ ବେସରକାରୀ ଆଇଟିଆଇଗୁଡିକ ମଧ୍ୟରେ ୨ୟ ସ୍ଥାନରେ ରହିଥିଲା। ଚଳିତ ବର୍ଷ ଶୀର୍ଷ ସ୍ଥାନକୁ ଏହାର ଉତ୍ଥାନ ଗୁଣାତ୍ମକ ତାଲିମ, ଶିଳ୍ପ ପ୍ରାସଙ୍ଗିକତା ଓ ଶିକ୍ଷାର୍ଥୀଙ୍କ ସଫଳତା ଉପରେ ଏକ ସ୍ଥାୟୀ ଗୁରୁତ୍ୱକୁ ପ୍ରତିଫଳନ କରୁଛି। ଏହି ସଫଳତା ନେଇ ଆୟୋଜିତ ଏକ ସମ୍ବର୍ଦ୍ଧନା ସମାରୋହରେ ଡିସିବିଏଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରାଜଗାଙ୍ଗପୁର, ୟୁନିଟ୍ ମୁଖ୍ୟ ଚେତନ ଶ୍ରୀବାସ୍ତବ କହିଛନ୍ତି, ଏହି ସ୍ୱୀକୃତି ଡାଲମିଆ ଭାରତ ପାଇଁ ଏକ ଗୌରବମୟ ସଫଳତା ଏବଂ ଆମର ଛାତ୍ରଛାତ୍ରୀ, ପ୍ରଶିକ୍ଷକ ଓ ଶିଳ୍ପ ସହଯୋଗୀଙ୍କ ଉତ୍ସର୍ଗୀକୃତତାର ଏକ ପ୍ରମାଣ।

## ହାଇୱା ପଛକୁ ପିଟିଲା ବୋଲେରୋ; ଚାଳକ ଗୁରୁତର

ଲହୁଣୀପଡ଼ା,୧୨।୬(ସମିସ): କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର କମାର ଓଭରବ୍ରିଜ୍‌ରେ ଏକ ହାଇୱା ପଛରେ ବୋଲେରୋ ପିଟି ହେବାରୁ ବୋଲୋରୋ ନିଓ ଚାଳକ ଗୁରୁତର ହୋଇଛନ୍ତି। ଚାଳକ ଜଣକ ବଣାଇଁର ବିଶାଳ ନାୟକ (୨୭)। ଗୁରୁବାର ରାତି ପ୍ରାୟ ୯ଟାରେ କୋଇଡ଼ାରୁ ଲହୁଣୀପଡ଼ା ପଟେ ସମାନ ଦିଗରେ ଆସୁଥିବା ବୋଲେରୋ (ନଂ.ଓଡି୧୪ଏଏଫ-୭୬୨୭) ଭାରସାମ୍ୟ ହରାଇ ସାମ୍ନାରେ ଥିବା ହାଇୱା (ନଂ. ଓଡି୧୪ଏଏ-୦୧୫୧)କୁ ପଛରୁ ଜୋର୍‌ରେ ଧକ୍କା ଦେଇବାରୁ ବୋଲେରୋ ଚାଳକ ଗୁରୁତର ହୋଇଥିଲେ। ତାଙ୍କୁ କେ.ବଲାଙ୍ଗ ପୁଲିସ ଉଦ୍ଧାର କରି ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନା ଓ ପରେ ସଂକଟାପନ୍ନ ଅବସ୍ଥାରେ ରାଉରକେଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

ଆରଜିଏଚ୍ ସମ୍ପ୍ରସାରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ

# ଅନ୍ୟ ସଂସ୍ଥାକୁ ଜମି ଦେଇ ଚିନ୍ତାରେ ଆର୍‌ଜିଏଚ୍

ରାଉରକେଲା,୧୨।୬(ସମିସ)

ସୁନ୍ଦରଗଡ଼ ଜିଲ୍ଲାର ଏକମାତ୍ର ବୃହତ୍ ସରକାରୀ ହସ୍ପିଟାଲ ହେଉଛି ରାଉରକେଲା ସରକାରୀ ଡାକ୍ତରଖାନା, ଯାହାର ସଂପ୍ରସାରଣ ସମ୍ପ୍ରତି ଜରୁରୀ ହୋଇପଡିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୩୦ ମେ' ୨୦୨୫ରେ ଆର୍‌ଜିଏଚ୍‌ର ସମ୍ପ୍ରସାରଣ ପାଇଁ ଘୋଷଣା କରିଥିଲେ। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୬୨୭.୧୬ କୋଟି ଟଙ୍କା ମଧ୍ୟ ମଞ୍ଜୁର କରିଛନ୍ତି। କିନ୍ତୁ ଏକ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏହି କାର୍ଯ୍ୟ ଶୁଭାରମ୍ଭର ଫାଇଲ ମଧ୍ୟ ପ୍ରସ୍ତୁତ ହୋଇପାରିନାହିଁ। ଏହାର ଏକମାତ୍ର କାରଣ ଆବଶ୍ୟକ ଜମିର ଘୋର ଅଭାବ। ଜମି ନଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଧୂଆଁବାଣରେ ରହିଯିବ ବୋଲି ଚର୍ଚ୍ଚା ଜୋର ଧରିଛି।

ଉଲ୍ଲେଖଯୋଗ୍ୟ ଯେ, ଗତ କିଛିମାସ ପୂର୍ବେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଆର୍‌ଜିଏଚ୍ ସମ୍ପ୍ରସାରଣ ପାଇଁ ପ୍ରାୟ ୪୦ ଏକର ଜମି ଚିହ୍ନଟ କରିବାକୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ କାର୍ଯ୍ୟାଳୟ ଏ ସମ୍ବନ୍ଧୀୟ ତଥ୍ୟ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍‌ଡିଏ) ପାଖରୁ ମାଗିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ଗତ ୭୦ ଦଶକରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାଶ ଆର୍‌ଜିଏଚ୍ ଏବଂ ପାନପୋଷ ସ୍ଥିତ




ରାଉରକେଲା ସରକାରୀ ମହାବିଦ୍ୟାଳୟ ପାଇଁ ୫୦ ଏକର ଲେଖାଏଁ ଜମି ପ୍ରଦାନ କରିଥିଲେ। ଆର୍‌ଜିଏଚ୍‌ର ୫୦ ଏକର ଜମିରୁ ୧୫ ଏକର ଜମିରେ ହନୁମାନ ବାଟିକା ନିର୍ମାଣ ହୋଇଥିବା ବେଳେ ୧୯ ଏକର ଜମିକୁ ଏକ ଘରୋଇ ମେଡିକାଲକୁ ଦେଇ ଦିଆଗଲା। ଆର୍‌ଜିଏଚ୍‌ର ୩୪ ଏକର ଜମି ଗଲାପରେ ଅବଶିଷ୍ଟ ୧୬ ଏକର ଜମିରୁ ପାଖାପାଖି ୧ ଏକର ଜମି ଏକ ସ୍କୁଲ ଜବରଦଖଲରେ। ବଳକା ୧୫ ଏକର ଜମିରେ ଆର୍‌ଜିଏଚ ଏବେ ଅଣନିଃଶ୍ୱାସୀ। ସମ୍ପ୍ରସାରଣ କରିବାକୁ ଆଉ ଇଞ୍ଚେ ବି ନିଜସ୍ୱ ଜମି ନାହିଁ। ସେପଟେ ବୋଝ ଉପରେ ନଳିତା ବିଡ଼ା ସଦୃଶ ପାନପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଆବାହମାନ କାଳରୁ ଚାଲି ଆସୁଥିବା ଶବ ବ୍ୟବଚ୍ଛେଦ ଗୃହକୁ ଆର୍‌ଜିଏଚ୍ ପରିସରକୁ ସମ୍ପ୍ରତି ସ୍ଥାନାନ୍ତର କରାଯାଇଛି।

ତେବେ ଆର୍‌ଜିଏଚ୍‌ରେ ଆଉଟ୍ ଡୋର ଏବଂ ଇନ୍‌ଡୋର ରୋଗୀଙ୍କୁ ସେବା ଦେବାକୁ ଡାକ୍ତରଙ୍କ ଘୋର ସଂକଟ ରହିଥିବା ବେଳେ ଏବଂ ପାନପୋଷ ଗୋଷ୍ଠୀ ସରକାରୀ ଡାକ୍ତରଖାନାରେ ରୋଗୀ ନଥିବା ସତ୍ତ୍ୱେ ୬ ଜଣ ଡାକ୍ତର ଖାଲି ବସି ବସି ଦରମା ନେଉଥିବା ବେଳେ କାହା ସ୍ୱାର୍ଥରେ ଶବ ବ୍ୟବଚ୍ଛେଦ ଗୃହକୁ ସେଠାରୁ ଆର୍‌ଜିଏଚ୍ ପରିସରକୁ ସ୍ଥାନାନ୍ତର କରାଗଲା ବୋଲି ଏବେ ସନ୍ଦୀହାନରେ ରହିଯାଇଛି।

ସୁତରାଂ ରାଉରକେଲା ସରକାରୀ ଡାକ୍ତରଖାନାର ସଂପ୍ରସାରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କାର୍ଯ୍ୟକାରିତା ନେଇ ଏବେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେପଟେ ଆରଜିଏଚର ସଂପ୍ରସାରଣ ହେଉନଥିବାରୁ ବିଶେଷ କରି ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ରୋଗୀମାନେ ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି। ଏହାର ବିକଳ୍ପ କି ପ୍ରତିକାର ବି ନାହିଁ। କାରଣ ଆର୍‌ଜିଏଚ୍‌ର ଆଉଟ ଡୋର ରୋଗୀ ଦୈନିକ ପ୍ରାୟ ୧୨୦୦ରୁ ୧୫୦୦ ହୋଇଥିବା ବେଳେ ଇନଡୋର ରୋଗୀ ୫୦୦ ହେବେ ବୋଲି କୁହାଯାଉଛି। ସଂପ୍ରତି ଆରଜିଏଚରେ ନିୟମ ମୁତାବକ ୧୨୮ଟି ଶଯ୍ୟା ରହିବା ସ୍ଥଳେ ପ୍ରାୟ ୪୦୦ ଶଯ୍ୟା ରହିଛି। କିନ୍ତୁ ୫୦୦ରୁ ଉର୍ଦ୍ଧ ରୋଗୀ ଦୈନିକ ଆଡମିଟ୍ ହେଉଛନ୍ତି। ଫଳରେ ରୋଗୀମାନେ ବାରଣ୍ଡା ତଥା ଚଟାଣରେ ଶୋଇ ଚିକିତ୍ସିତ ହେବାକୁ ବାଧ୍ୟ ହେଉଛନ୍ତି।

ସେହିପରି ଆରଜିଏଚରେ ଡାକ୍ତରଙ୍କ ମରୁଡି ବି ରୋଗୀ ସେବାରେ ବାଧା ସୃଷ୍ଟି ହେଉଛି। ବିଭିନ୍ନ ବିଭାଗର ମୋଟ ମଂଜୁର ଡାକ୍ତରଙ୍କ ସଂଖ୍ୟା ୧୩୪ ରହିଥିବା ବେଳେ ଏବେ ଏଠାରେ ଅଛନ୍ତି ମାତ୍ର ୪୩ ଜଣ ଡାକ୍ତର। ସେମାନଙ୍କ ମଧ୍ୟରୁ ଅଧିକାଂଶ ଡାକ୍ତର କେବଳ ଦିନରାତି ରୋଗୀ ଚିକିତ୍ସା କରିବା ପରିବର୍ତ୍ତେ ଶବ ବ୍ୟବଚ୍ଛେଦ କରିବାରେ ବ୍ୟସ୍ତ ରହୁଛନ୍ତି।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଯଦି କାର୍ଯ୍ୟକାରୀ ହେବ ତେବେ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ରାଉରକେଲାବାସୀଙ୍କୁ ଏକ ସୁପର ସ୍ପେଶାଲିଟି ହସ୍ପିଟାଲ ଓ କଲେଜ ପାଇଁ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ଫଳବତୀ ହୋଇ ପାରିଥାନ୍ତା ବୋଲି କୁହାଯାଉଛି। ସେପଟେ ରାଉରକେଲାରେ ଏକ ସୁପର ସ୍ପେଶାଲିଟି ହସ୍ପିଟାଲ ଓ କଲେଜ ପାଇଁ ଆର୍‌ଏସପି ପରିଚାଳିତ ଆଇଜିଏଚ୍ ପରିସରରେ ୩୮୦ କୋଟି ବ୍ୟୟରେ ଏନବିସିସି ଦ୍ୱାରା ଯେଉଁ ବିଶାଳ ହସ୍‌ପିଟାଲ ନିର୍ମାଣ କରାଯାଇଥିଲା, ତାକୁ ଏକ ଘରୋଇ ହସ୍ପିଟାଲ ହାତରେ ଟେକି ଦିଆଗଲା। ରାଉରକେଲା ଓଡ଼ିଶାର ଏକ ପ୍ରମୁଖ ଶିଳ୍ପ ଏବଂ ଶିକ୍ଷା ହବ୍ ହୋଇଥିବାରୁ ଏଠାରେ ଏମ୍ସ ପରି ଏକ ସୁପର ସ୍ପେଶାଲିଟି ହସ୍ପିଟାଲ ଓ କଲେଜ ସ୍ଥାପନ ହେବାର ଜରୁରୀ ହୋଇପଡ଼ିଛି। ଏହି ଅଞ୍ଚଳର ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଚାହିଦା ସତ୍ତ୍ୱେ, ରୋଗୀମାନେ ପ୍ରାୟତଃ ଉନ୍ନତ ଚିକିତ୍ସା ଏବଂ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ପାଇଁ ଭୁବନେଶ୍ୱର, କଟକ କିମ୍ବା ଅନ୍ୟାନ୍ୟ ସହରକୁ ଯାଉଛନ୍ତି।

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପରି ଆର୍‌ଜିଏଚ୍‌କୁ ଏକ ସୁପର ସ୍ପେଶାଲିଟି ହସ୍ପିଟାଲ୍ ଭାବେ ଉନ୍ନୀତ କରାଗଲେ ଅନେକ ସୁଫଳ ମିଳିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏଥିରେ ରୋଗୀମାନଙ୍କ ନିକଟରେ ଉନ୍ନତ ଏବଂ ବିଶେଷଜ୍ଞ ଚିକିତ୍ସା ସେବା ଉପଲବ୍ଧ ହେବା, ଭୁବନେଶ୍ୱର ଏବଂ କଟକର ମାତ୍ରାଧିକ ରୋଗୀଙ୍କ ଭିଡ଼ ହ୍ରାସ ପାଇବା, ପଶ୍ଚିମ ଓଡ଼ିଶାର ଶିଳ୍ପାଞ୍ଚଳ ପାଇଁ ଜରୁରୀକାଳୀନ ଏବଂ ଗୁରୁତର ଚିକିତ୍ସା ସୁବିଧାରେ ଉନ୍ନତି ହେବା। ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବା ସହଜଲବ୍ଧ ହେବା ସହ ଏହି ଅଞ୍ଚଳରେ ଚିକିତ୍ସା ଶିକ୍ଷା (ସ୍ନାତକୋତ୍ତର ପାଠ୍ୟକ୍ରମ), ଗବେଷଣା ଏବଂ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ।

'ଅଭିଯାନ' ପକ୍ଷରୁ ରଜ ମହୋତ୍ସବ

## ପୋଡ଼ପିଠା ଓ ରଜପାନ ସହ ନୃତ୍ୟରେ ଝୁମିଲେ ଦର୍ଶକ




ରାଉରକେଲା,୧୨।୬(ସମିସ): ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ସାମାଜିକ ସଂଗଠନ 'ଅଭିଯାନ' ପକ୍ଷରୁ ଗୁରୁବାର ସନ୍ଧ୍ୟାରେ 'ରଜ ମହୋତ୍ସବ' ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ସମସ୍ତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କିଛି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିଜ ଅଭିଭାଷଣରେ ଅଭିଯାନ ସଂଗଠନ ପକ୍ଷରୁ ଓଡ଼ିଶାର ଗଣପର୍ବ ରଜ ପାଳନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ସେଫ୍ଟି ଓ ଫାୟାର ସର୍ଭିସେସର ସିଜିଏମ୍ ହିରାଲାଲ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ପୋଡ଼ ପିଠା, ପାନ ସଜ୍ଜା, ଅଳତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ବିଭିନ୍ନ ନୃତ୍ୟ ସଂଗଠନ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ପୂର୍ବରୁ ଗତ ୭ ତାରିଖ ଦିନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ସେକ୍ଟର - ୧୫ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ମଧ୍ୟରେ ଜୀ ସାର୍ଥକରେ ପ୍ରସାରିତ 'ଦେବଦାସୀ' ସିଜନ୍-୪ର ବିଜେତା ସାଇନି ସିଲ୍‌କି, ସିଙ୍ଗର ଉର୍ମିଳା ମାହାତୋ, ଓଲିଉଡ ଅଭିନେତ୍ରୀ ରୋନୀ କୌର ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିତ୍ୱ ମଧ୍ୟରେ ଆଇଜିଏଚ୍ ଶିଶୁ ବିଭାଗର ଅତିରିକ୍ତ ସିଏମ୍‌ଓ ଡା ଅର୍ଚ୍ଚନା ବେହେରା, ମମତାଞ୍ଜଳୀ ଦାସ, ରଞ୍ଜିତା ବେହେରା, ୱାଟରକ୍ରାଫ୍ଟର ନିର୍ଦ୍ଦେଶିକା ନିହାରିକା ବସ୍ତିଆ, ସାମାଜିକ କର୍ମୀ ସବିତା ମାହାନ୍ତି, ଜୟଶ୍ରୀ ପାଣିଗ୍ରାହୀ ଓ କ୍ଲିନ୍ ଏଣ୍ଡ ଗ୍ରୀନ୍‌ର ପ୍ରଦୀପ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ନୃତ୍ୟଗୁରୁ ସୁବ୍ରତ ଭୂୟାଁ, ନୃତ୍ୟଗୁରୁ ଶ୍ୱେତାଂଶୁ ଶେଖର ଷଡ଼ଙ୍ଗୀ, ବିଜୟା ଡ୍ୟାନ୍ସ ଗ୍ରୁପ୍‌ର ଗୁରୁ ବିଜୟ ସାମଲ, ନୃତ୍ୟଗୁରୁ ଦେବସ୍ମିତା ମାହାନ୍ତି, ନୃତ୍ୟଗୁରୁ ସ୍ୱଦେଷ୍ଣା ରାଉତ, ନୃତ୍ୟଗୁରୁ ପ୍ରିୟା, ନୃତ୍ୟ ଗୁରୁ ବାବୁଲୀ ହରିପାଲଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବଂଶୀ ବାଦକ ସୌରଭ ମିଶ୍ରଙ୍କ ଦ୍ୱାରା ବଂଶୀ ବାଦନ ଆକର୍ଷଣୀୟ ହୋଇଥିଲା। କାର୍ଯ୍ୟକ୍ରମକୁ ଉଦ୍‌ଘୋଷିକା ମୋନାଲିସା ସାହୁ ପରିଚାଳନା କରିଥିଲେ। ସଂଗଠନର ଆବାହକ ମୁକ୍ତିକାନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁଗ୍ମ ଆବାହକ ଲୁସି ଦାସ, ସଭାପତି ଦୀପିକା ମାହାନ୍ତି, ସାଧାରଣ ସମ୍ପାଦିକା ଅମ୍ରିତ ନୀଲମ, କାର୍ଯ୍ୟକାରୀ ସଭାପତି କଳ୍ପନା ଭଞ୍ଜ, ସାଂସ୍କୃତିକ ସମ୍ପାଦକ ମୈତ୍ରୀ ପାଢ଼ୀଙ୍କ ସମେତ ସୁମିତ୍ରା ସ୍ୱାଇଁ, ଟୁନା ପାଢ଼ୀ, ଦେବେନ୍ଦ୍ର ପଲେଇ, ପ୍ରଶାନ୍ତ ନାୟକ, କାର୍ତ୍ତିକ ଖଣ୍ଡୁଆଲ, ସତ୍ୟ ପ୍ରଧାନ, ବିଶ୍ୱଜିତ ମଲ୍ଲିକ, ପ୍ରଦୋଷ ସାହୁ, ପ୍ରଦୀପ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ



ବଣାଇଁ,୧୨।୬(ସମିସ): ବଣାଇଁ ସିଭିଲ କୋର୍ଟ ସଭାଗୃହଠାରେ ବଣାଇଁ ତାଲୁକ ଆଇନ ସେବା ସମିତି ଓ ବଣାଇଁ ଶ୍ରମ ବିଭାଗ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ତାଲୁକ ଆଇନ୍ ସହାୟତା ସମିତି ଅଧ୍ୟକ୍ଷ ଆଶୁତୋଷ ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏସ୍‌ଡ଼ିଜିଏମ୍ ଅଭିନନ୍ଦନ ନନ୍ଦ, ସହକାରୀ ଶ୍ରମ ଅଧିକାରୀ ନାରାୟଣ ମେହେର, ଗୁରୁଣ୍ଡିଆ ସହକାରୀ ଶ୍ରମ ଅଧିକାରୀ ଚିନ୍ମୟ କୃଷ୍ଣ ପଣ୍ଡା, ମଣ୍ଡଳ ପରିଦର୍ଶିକା ଅରୁଣା ବାଳା ମିଶ୍ର ଯୋଗଦେଇ ଶିଶୁ ଶ୍ରମିକ ନିରୋଧ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ, ଶ୍ରମିକ, ଅଙ୍ଗନବାଡ଼ି ସହାୟିକା ଓ କର୍ମୀମାନଙ୍କୁ ସଚେତନତା କରିଥିଲେ। ବିଶ୍ୱ ବ୍ୟାପି ଶିଶୁ ଶ୍ରମ ପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ ଲକ୍ଷ୍ୟରେ ୨୦୦୨ ମସିହା ଠାରୁ ଏହି ଦିବସ ପାଳନର ପରିକଳ୍ପନା କରାଯାଇଥିବା କହିଥିଲେ।

ଏହିକାର୍ଯ୍ୟକ୍ରମରେ ଏପିପି ବିଜନ କୁମାର ସେନ, ଆଇନଜୀବୀ ମାନସ ରଞ୍ଜନ ପତି, ଝାଡ଼େଶ୍ୱର ବେହେରା ଅଙ୍ଗନବାଡ଼ି କର୍ମୀ, ସହାୟିକା, ଶ୍ରମିକମାନେ ଉପସ୍ଥିତ ଥିଲେ। ସିଭିଲ କୋର୍ଟ କର୍ମଚାରୀ ବ୍ରିଜେଶ କୁମାର ସାହୁ, ଅନ୍ତର୍ଯ୍ୟାମୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

## ସୁନ୍ଦରଗଡ଼ର ୧୪.୫୬ ଲକ୍ଷ ଉର୍ଦ୍ଧ୍ୱ ହିତାଧିକାରୀ ହେବେ ଉପକୃତ

ରାଉରକେଲା,୧୨।୬(ସମିସ): ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆଜି ସାରା ଓଡ଼ିଶାରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରୁ ଭର୍ଚୁଆଲ୍ ମାଧ୍ୟମରେ କରିଛନ୍ତି। ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ବିକାଶ ଭବନ ସଭାଗୃହରେ ଆୟୋଜିତ ହୋଇଥିଲା। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀମାନଙ୍କୁ କାର୍ଡ ବିତରଣ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି କହିଥିଲେ। ସୁନ୍ଦରଗଡ଼ ଜିଲ୍ଲାରେ ବର୍ତ୍ତମାନ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ମୋଟ ୪,୪୪,୨୧୯ କାର୍ଡଧାରୀଙ୍କ ୧୪,୫୬,୨୨୪ ଜଣ ହିତାଧିକାରୀ ଏହି ଯୋଜନାରୁ ଉପକୃତ ହେବେ ବୋଲି ସୂଚନା ମିଳିଛି।



କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ, ଟିଏସସିସି ସଦସ୍ୟା କୁସୁମ ଟେଟେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ, ସଦର ଉପ-ଜିଲ୍ଲାପାଳ ତେଜସ୍ୱିନୀ ବେହେରା, ସାଂସଦ ପ୍ରତିନିଧି ରଞ୍ଜିତ କୁମାର ନାୟକ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଅଜୟ କୁମାର ରଥ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସଞ୍ଜୟ ପ୍ରଧାନ, ସହକାରୀ ଯୋଗାଣ ଅଧିକାରୀ ଲକ୍ଷ୍ମଣ ମାଝୀ ଓ ମନୋଜ କୁମାର ରଥଙ୍କ ସମେତ ବହୁ ହିତାଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ଅଜୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ତୁରନ୍ତ ଏନ୍‌ଜେସିଏସ୍ ଚୁକ୍ତିନାମା ସହ ଏରିଅର ଦାବିରେ ସିଆଇଟିୟୁର ବିକ୍ଷୋଭ

ରାଉରକେଲା,୧୨।୬(ସମିସ)

୩୯ ମାସର ଏରିଅର ସହ ଏନଜେସିଏସ୍ ଚୁକ୍ତିନାମା ତୁରନ୍ତ କରିବା, ଠିକା ଶ୍ରମିକଙ୍କୁ କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ମଜୁରୀ ପ୍ରଦାନ, ୧୨ ଘଣ୍ଟିଆ କାର୍ଯ୍ୟ ବନ୍ଦ କରିବା, ଚାକିରୀ ନିରାପତ୍ତା ପ୍ରଦାନ, ୪୦% ଠିକା ଶ୍ରମିକ ଛଟେଇ ନିର୍ଦ୍ଦେଶ ପ୍ରତ୍ୟାହାର କରିବା, ପୂର୍ବର ସ୍ପେଶାଲ ଆଲାଉନ୍ସ ପ୍ରଦାନ କରିବା, ଲାଇସେନ୍ସଧାରୀ କ୍ୱାର୍ଟର୍ସ ଓ ୨ୟ ୟୁନିଟ୍ ଘର ପ୍ରତ୍ୟାହାର ନିର୍ଦ୍ଦେଶ ବାତିଲ ଓ ସ୍ଥାୟୀ ସମାଧାନ କରିବା, ସେଲର ଘରୋଇକରଣ ବନ୍ଦ ପ୍ରମୁଖ ଦାବିରେ ସିଆଇଟିୟୁ ସାଧାରଣ ସମ୍ପାଦକ ବସନ୍ତ ନାୟକ ଓ ଆର୍‌ସିଡବ୍ଲ୍ୟୁର ବିମାନ ମାଇତିଙ୍କ ନେତୃତ୍ୱରେ ବିଶ୍ରାଛକଠାରେ ବିକ୍ଷୋଭ କରାଯାଇଥିଲା। ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ବି. ପି. ମହାପାତ୍ର, ଯଜ୍ଞେଶ୍ୱର ସାହୁ, ରତ୍ନାକର ନାୟକ, ଲକ୍ଷ୍ମୀଧର ନାୟକ, ଅଜୟ ଶର୍ମା, ରାଜକିଶୋର ପ୍ରଧାନ, ଦିବାକର ମହାରଣା, ଏନ.ଏନ୍. ପାଣିଗ୍ରାହି, ଅରୁ ଦାସ, ଜୀବନ ବାରିହା ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

ସେଲ୍ ଏହି ଆର୍ଥିକ ବର୍ଷର ୧ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ କାରବାର ସହ ପ୍ରାୟ ୫ ବର୍ଷ ଧରି ବ୍ୟାପକ ଉତ୍ପାଦକ ଓ ରେକର୍ଡ ଲାଭ କରି ଚାଲିଛି। ଅପରନ୍ତୁ ଏମଓୟୁ ଆଧାରରେ ଏପର୍ଯ୍ୟନ୍ତ ୩୬ ମାସର ଏରିଅର ପ୍ରଦାନ




କରାଗଲାନାହିଁ କି ନୂତନ ଏନ୍‌ଜେସିଏସ୍ ଚୁକ୍ତିନାମା ହୋଇପାରିଲା ନାହିଁ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ସେଲ୍ କର୍ତ୍ତୃପକ୍ଷ ତାର ପୂର୍ବର ନବରତ୍ନ କମ୍ପାନୀ ଆଧାରରେ ସ୍ୱାଧୀନ ଭାବରେ କାମକରିବା କ୍ଷମତା ହରାଇଛି ଓ କର୍ତ୍ତୃପକ୍ଷ ସ୍ୱେଚ୍ଛାଚାରିତା କାର୍ଯ୍ୟକଳାପ ଚାଲିଛି। ସମସ୍ତ ଦ୍ୱିପକ୍ଷିକ ଏନଜେସିଏସ୍ ଚୁକ୍ତିନାମା ଓ ଆଇନ ବ୍ୟବସ୍ଥାକୁ ଅବମାନନା କରାଯାଉଛି। ବ୍ୟାପକ ସ୍ଥାୟୀ ଶ୍ରମିକ ଛଟେଇ ପରେ ନୂତନ ନୀତି ନାହିଁ, ଠିକା ଶ୍ରମିକଙ୍କୁ ଅତ୍ୟନ୍ତ ସମ୍ବେଦନଶୀଳ ଓ ବିପଦମୟ ସ୍ଥାନର କାମ କରାଯାଇ ବ୍ୟାପକ ଧନ ଓ ଜୀବନ କ୍ଷତି ହେଉଛି। ଭାଇଜାଗର ଦୁର୍ଘଟଣାରେ ମୃତ ୧୦ ଜଣ ମଧ୍ୟରୁ ଅଧିକାଂଶ ଠିକା ଶ୍ରମିକ। ପ୍ରାୟ ଉତ୍ପାଦନ କ୍ଷେତ୍ରର ଠିକା ଶ୍ରମିକମାନଙ୍କୁ କାର୍ଯ୍ୟ କରାଯାଉଛି ଏବଂ ମନଇଚ୍ଛା ଛଟେଇ କରାଯାଉଛି।

ଆର୍‌ଏସ୍‌ପିର ବିଭିନ୍ନ ବିଭାଗ ଓ ଟାଉନସିପ୍‌ର ଘରୋଇକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଟାଉନସିପ୍‌ର ଶ୍ରମିକମାନଙ୍କୁ ରାତିଅଧିଆ ପ୍ଲାଣ୍ଟ ଭିତରକୁ ବଦଳି କରାଯାଉଛି। ଏହା ଦ୍ୱାରା ଟାଉନସିପ୍‌ର ସମସ୍ୟା ଆହୁରି ବଢ଼ିବ। ଭଙ୍ଗାଘରକୁ ଲାଇସେନ୍ସରେ ଦେବାପରେ ଏହାକୁ ରହିବା ଉପଯୋଗୀ କରିବା ଦ୍ୱାରା ସେକ୍ଟର ଅଂଚଳରେ ପୂର୍ବର ସୁନ୍ଦର ପରିବେଶ ହେବାକୁ ଯାଉଛି। ଶ୍ରମିକ ମାନେ ୧୦ ଲକ୍ଷରୁ ୪୦ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ବିନା ସୁଧରେ ଜମା କରିବା ସହ ପ୍ରତିମାସ ଭଡ଼ା, ବିଦ୍ୟୁତ ଦେୟ, ପାଣି କର ଦେଇଥାନ୍ତି। ଏହା ଦ୍ୱାରା ଆରଏସପି କର୍ତ୍ତୃପକ୍ଷ ବହୁତ ଲାଭବାନ ହେଉଛନ୍ତି। ଏହି ସମୟରେ କର୍ତ୍ତୃପକ୍ଷ ହଠାତ୍ ସର୍କୁଲାର କରି ବାସ ଉପଯୋଗୀ କରିଥିବା କ୍ୱାର୍ଟର୍ସକୁ ତୁରନ୍ତ ଭାଙ୍ଗିବା ନିର୍ଦ୍ଦେଶ ଦେବା ସହିତ ଏହା ନକଲେ କ୍ୱାର୍ଟର୍ସ କ୍ୟାନସଲ କରିବା ସହ ଜମା କରିଥିବା ଟଙ୍କା ବାଜ୍ୟାପ୍ତ ନିର୍ଦ୍ଦେଶନାମା ଦ୍ୱାରା ସମସ୍ତ ଅବସର ଶ୍ରମିକ ଓ ତାଙ୍କ ପରିବାର ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସିଆଇଟିୟୁ ତରଫରୁ ଏହାର ପ୍ରତିବାଦ ସହ ତୁରନ୍ତ ଆଲୋଚନା କରି ଏହାର ସମାଧାନ ଦାବି କରାଯାଇଛି।

କାର୍ଯ୍ୟକ୍ରମରେ ସଂଗ୍ରାମ ସାମଲ, ପ୍ରଦୋଷ ପରିଡା, ବିନୟ ବେହୁରିଆ, ପି କେ ଷଡ଼ଙ୍ଗୀ, ବିଶ୍ୱଜିତ ମାଝି, ଅଶୋକ ଦାସ, ଚନ୍ଦ୍ରଭାନୁ ଦାସ, ପ୍ରଭାତ ମହାନ୍ତି, ଉପେନ୍ଦ୍ର ତ୍ରିପାଠୀ, ବଛିରାମ ବେହେରା, ପ୍ରମୋଦ ପରିଡା ଏବଂ ସୁରେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଆର୍‌ଏସ୍‌ପି ମୋବାଇଲ୍ ମେଡିକାଲ୍ ୟୁନିଟ୍ ଦ୍ୱାରା ସ୍ୱାସ୍ଥ୍ୟସେବା

ରାଉରକେଲା,୧୨।୬(ସମିସ): ରାଉରକେଲା ଇସ୍ପାତ କାରଖାନା ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ



(ସିଏସ୍‌ଆର) ପଦକ୍ଷେପ ମାଧ୍ୟମରେ ନିଜର ମୋବାଇଲ୍ ମେଡିକାଲ୍ ୟୁନିଟ୍ ଦ୍ୱାରା ରାଉରକେଲା ଷ୍ଟିଲ୍ ଟାଉନସିପ୍‌ର ବସ୍ତି ବାସିନ୍ଦାମାନଙ୍କୁ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଆସୁଛି। ଏହି ମୋବାଇଲ୍ ମେଡିକାଲ୍ ୟୁନିଟ୍ ସପ୍ତାହକୁ ୬ ଦିନ ନିୟମିତ ଭାବେ କାର୍ଯ୍ୟ କରେ। ଏଥିରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ ଏବଂ ଜଣେ ଲାବ୍ ଟେକ୍ନିସିଆନ ନିୟୋଜିତ ଅଛନ୍ତି। ଏହାସହ ଏଥିରେ ଡାକ୍ତରୀ ପରାମର୍ଶ, ରକ୍ତଚାପ ଯାଞ୍ଚ, ମଧୁମେହ ପାଇଁ ରକ୍ତ ଶର୍କରା ପରୀକ୍ଷା, ପ୍ରାଥମିକ ରୋଗ ନିରୂପଣ ସେବା ଏବଂ ସାଧାରଣ ରୋଗର ଚିକିତ୍ସା ପାଇଁ ଆବଶ୍ୟକୀୟ ସୁବିଧା ରହିଛି। ହିତାଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଔଷଧ ଯୋଗାଇ ଦିଆଯାଉଛି। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସମୟୋଚିତ ଡାକ୍ତରୀ ଚିକିତ୍ସା ଦ୍ୱାରା ସାଧାରଣ ରୋଗ ସହିତ ଜୀବନଶୈଳୀ ଜନିତ ରୋଗଗୁଡ଼ିକର ପ୍ରାଥମିକ ଚିହ୍ନଟ ଏବଂ ନିରାକରଣରେ ସହାୟତା ମିଳିପାରିଛି। ସିଧାସଳଖ ସମୁଦାୟ ପାଖରେ ଜରୁରୀକାଳୀନ ଚିକିତ୍ସା ସେବା ପହଞ୍ଚାଇ, ରାଉରକେଲା ଇସ୍ପାତ କାରଖାନା ପ୍ରତିଷେଧକ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବାରେ ଏବଂ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଆଶା, ସେବା ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଆଶ୍ୱାସନା ଆଣି ସେମାନଙ୍କ କଲ୍ୟାଣ ପାଇଁ ଏକ ସକ୍ରିୟ ଭୂମିକା ଗ୍ରହଣ କରିବା ଜାରି ରଖିଛି।